ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ଅକ୍ଟୋବର ୫/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, October 5/2025 Page 14 ₹ 7.00
୫୧ଶ ଭାଗ ୩୦୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 309 ମୂଲ୍ୟ ₹୭/-




Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND®
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ
DHARITRI
ଧରିତ୍ରୀ 51 Years






# ଫିଟୁଛି ଗୁମର, ବଢୁଛି ସନ୍ଦେହ

ଓଡ଼ିଶା ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତିର ଗୁମର ଧୀରେ ଧୀରେ ଫିଟିବାରେ ଲାଗିଛି। ଏଥିରେ ଅନେକ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ(ଓପିଆର୍‌ବି) ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ପରୀକ୍ଷାର ପରିଚାଳନା ଦାୟିତ୍ୱ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆଇଟିଆଇ ଲିମିଟେଡ୍‌କୁ ଦିଆଯାଇଥିଲା। ହେଲେ ଆଇଟିଆଇ ଏହାକୁ ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍‌କଣ୍ଟ୍ରାକ୍ଟ ଦେଇଥିଲା। କେଉଁ ଉଦ୍ଦେଶ୍ୟରେ ଘରୋଇ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଗଲା, ଏଥିରେ ଓପିଆର୍‌ବିର କେଉଁ ଅଧିକାରୀଙ୍କ ସମ୍ପୃକ୍ତି ରହିଛି, ତାକୁ ନେଇ ଏବେ ସନ୍ଦେହ ବଢ଼ିବାରେ ଲାଗିଛି। ଅପରପକ୍ଷରେ ଏହି ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମ୍ ବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କୁ ଦିଆଯାଇଥିବାବେଳେ ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥ ଶନିବାର ଜରୁରୀ ବୈଠକ କରିଛନ୍ତି। ସେପଟେ ଏହି ଘଟଣାର ଅନ୍ୟତମ ମଧ୍ୟସ୍ଥ କଟକ ବାରଙ୍ଗ ଥାନା ଅନ୍ତର୍ଗତ ବିଦ୍ୟାଧରପୁରର ବିଶ୍ୱରଞ୍ଜନ ବେହେରା(୨୯)ଙ୍କୁ ଗିରଫ ପରେ ବ୍ରହ୍ମପୁର ଜେଏମ୍ଏଫ୍‌ସି(ରୁରାଲ୍) କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଶ୍ୱରଞ୍ଜନଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଗିରଫଦାରି ସଂଖ୍ୟା ୧୧୮ରେ ପହଞ୍ଚିଛି। ବିଶ୍ୱରଞ୍ଜନ ଆଶାୟୀ ପ୍ରାର୍ଥୀଙ୍କ ସହ ନିୟମିତ ଯୋଗାଯୋଗରେ ରହୁଥିଲେ। ଏପରି କି ସେ ପ୍ରାର୍ଥୀଙ୍କଠାରୁ ସେମାନଙ୍କ ଓରିଜିନାଲ୍ ଶିକ୍ଷାଗତ ପ୍ରମାଣପତ୍ର ଏବଂ ବ୍ଲାଙ୍କ୍ ଚେକ୍ ସଂଗ୍ରହ କରିଥିଲେ ବୋଲି ଜଣାପଡ଼ିଛି। ଏହି ପ୍ରସଙ୍ଗରେ ଏବେ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘେରିଛନ୍ତି।

## ଏସ୍ଆଇ ପରୀକ୍ଷା ଜାଲିଆତି

- କ୍ରାଇମବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭାଙ୍କୁ ତଦନ୍ତ ଦାୟିତ୍ୱ
- ଓପିଆର୍‌ବି ଅଧ୍ୟକ୍ଷ ଡାକିଲେ ଜରୁରୀ ବୈଠକ
- ବନ୍ଧାହେଲେ ମଧ୍ୟସ୍ଥ ବିଶ୍ୱରଞ୍ଜନ

**ଭୁବନେଶ୍ୱର/କଟକ/ବ୍ରହ୍ମପୁର, ୪।୧୦(ସତ୍ୟଜିତ ରାଉତ/ କାର୍ତ୍ତିକ ସାହୁ/ସୁବାସ ଚନ୍ଦ୍ର ପାଢ଼ୀ)**

ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣା ଜଣାପଡ଼ିବାର ୪ ଦିନ ପରେ ଶନିବାର ଓପିଆର୍‌ବି ପକ୍ଷରୁ ବୈଠକ ଡକାଯାଇ ତନାଘନା ଆରମ୍ଭ ହୋଇଛି। ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥଙ୍କ ଅଧ୍ୟକ୍ଷତାରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ବୋର୍ଡର ଅନ୍ୟାନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ରାୟ ୨ ଘଣ୍ଟାର ବୈଠକ ପରେ ଓପିଆର୍‌ବି ଅଧ୍ୟକ୍ଷ ନାଥ ଗଣମାଧ୍ୟମକୁ କହିଛନ୍ତି, ଯାହା ଘଟଣା ଘଟିଛି ତାହା କ୍ରାଇମବ୍ରାଞ୍ଚକୁ ଲିଖିତ ଭାବେ ଜଣାଇଛୁ। ସେମାନେ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। ଏହାର ଫଳାଫଳକୁ ଆମେ ଅପେକ୍ଷା କରିଛୁ। ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହେବ। ଠିକ୍ ସମୟରେ ସ୍ୱଚ୍ଛ ଓ ଭଲ ଭାବେ ପରୀକ୍ଷା ହେବ ବୋଲି ସୁଶାନ୍ତ କହିଛନ୍ତି। ଏସ୍ଆଇ ଆଶାୟୀମାନଙ୍କୁ ବ୍ୟସ୍ତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ସେପଟେ କ୍ରାଇମବ୍ରାଞ୍ଚ ଏହି ଘଟଣାରେ ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ଦେଇଛି। ଏଥିସହ ସୁପରଭାଇଜିଂ ଅଫିସର ଭାବେ କ୍ରାଇମବ୍ରାଞ୍ଚ ଏସ୍‌ପି ଅନୀଲ ବେଉରିଆଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି।

ଅନ୍ୟପକ୍ଷରେ ଏହି ମାମଲାରେ କ୍ରାଇମବ୍ରାଞ୍ଚ ଆଉ ଜଣେ ମଧ୍ୟସ୍ଥ ବିଶ୍ୱରଞ୍ଜନଙ୍କୁ ଶୁକ୍ରବାର ଗିରଫ ପରେ ବ୍ରହ୍ମପୁର ଜେଏମ୍ଏଫ୍‌ସି(ଆର୍) କୋର୍ଟକୁ ଚାଲାଣ କରାଯାଇଥିଲା।


ବିଶ୍ୱରଞ୍ଜନ ବେହେରା

କ୍ରାଇମବ୍ରାଞ୍ଚର ସୂଚନା ଅନୁଯାୟୀ, ବିଶ୍ୱରଞ୍ଜନ ଏହି ଘଟଣାରେ ମଧ୍ୟସ୍ଥ ଭାବରେ କାମ କରିବା ସହ ତାଙ୍କର ସକ୍ରିୟ ଭୂମିକା ରହିଥିଲା। ସିଣ୍ଡିକେଟର ମୁଖ୍ୟଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ ଆଶାୟୀ ପ୍ରାର୍ଥୀଙ୍କ ସହ ନିୟମିତ ଯୋଗାଯୋଗରେ ରହିଥିଲେ। ପ୍ରଶ୍ନପତ୍ର ଯୋଗାଇବାକୁ କହି ଆଶାୟୀ ପ୍ରାର୍ଥୀଙ୍କ ଠାରୁ ବିଶ୍ୱରଞ୍ଜନ ଅରିଜିନାଲ୍ ସାର୍ଟିଫିକେଟ୍ ଏବଂ ବ୍ଲାଙ୍କ୍ ଚେକ୍ ନେଉଥିଲେ। ଆଶାୟୀମାନଙ୍କ ଠାରୁ ନେଉଥିବା କାଗଜପତ୍ରଗୁଡ଼ିକୁ ସେ ସିଣ୍ଡିକେଟର ଅନ୍ୟ ସଦସ୍ୟଙ୍କୁ ଦେଉଥିଲେ। ଏହି ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଚଢ଼ାଉ ଜାରି ରହିଥିବା କ୍ରାଇମବ୍ରାଞ୍ଚ କହିଛି। ତେବେ ଶୁକ୍ରବାର ☞ପୃଷ୍ଠା-୨

## ବାତିଲ ସବୁ ପରୀକ୍ଷାର ରିପୋର୍ଟ ମାଗିଲେ ରାଜ୍ୟ ସରକାର

**ଭୁବନେଶ୍ୱର,୪।୧୦ (ସୁନିତ୍ ମିଶ୍ର)**

୨୦୨୪ ଜୁନ୍‌ରୁ ଅଦ୍ୟାବଧି ବାତିଲ ହୋଇଥିବା ସମସ୍ତ ନିଯୁକ୍ତି ପରୀକ୍ଷାର ବିସ୍ତୃତ ରିପୋର୍ଟ ରାଜ୍ୟ ସରକାର ଲୋଡ଼ିଛନ୍ତି। ଏନେଇ ସମସ୍ତ ବୋର୍ଡ ଓ ଆୟୋଗଙ୍କୁ ରିପୋର୍ଟ ତଲବ କରାଯାଇଛି। ଏଥିସହ ରିପୋର୍ଟକୁ ଅତି ଗମ୍ଭୀରତାର ସହ ଗ୍ରହଣ କରି ଅକ୍ଟୋବର ୪ ରାତି ସୁଦ୍ଧା ମେଲ୍ ଜରିଆରେ ପ୍ରେରଣ କରିବାକୁ ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବ ଦେବବ୍ରତ ମଲ୍ଲିକ ପତ୍ରରେ ଉଲ୍ଲେଖ କରିଛନ୍ତି। ସମ୍ପ୍ରତି ରାଜ୍ୟରେ ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ପୂର୍ବରୁ ଧରାପଡ଼ିଥିବା ଜାଲିଆତି ଘଟଣାରେ ସରକାରଙ୍କୁ ବିରୋଧୀ ଟାର୍ଗେଟ କରିଛନ୍ତି। ତେଣୁ ଏହାକୁ ଗୁରୁତ୍ୱର ସହ ନେଇ ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ, ଓଡ଼ିଶା ପୋଲିସ ଷ୍ଟେଟ୍ ସିଲେକ୍ସନ ବୋର୍ଡ, ଓଡ଼ିଶା ପୋଲିସ ମିନିଷ୍ଟେରିଆଲ ଷ୍ଟାଫ୍ ସିଲେକ୍ସନ ବୋର୍ଡ ଏବଂ ସିଲେକ୍ସନ ବୋର୍ଡ(ପୋଲିସ)ର ଅଧ୍ୟକ୍ଷଙ୍କୁ ନୋଟିସ ଦିଆଯାଇଛି। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ସ୍କୁଲ ଏଜୁକେଶନ୍ ପ୍ରୋଗ୍ରାମ୍ ଅଥରିଟି, ଓପିଏସ୍‌ସି, ଓଏସ୍ଏସ୍‌ସି, ଓଏସ୍ଏସ୍ଏସ୍‌ସି ଏବଂ ଏସ୍ଏସ୍‌ବି (ଉଚ୍ଚଶିକ୍ଷା)ର ସଚିବମାନଙ୍କୁ ଏହି ନୋଟିସ ପଠାଯାଇଛି।

## ୩ ଦିନର ଶିଶୁକନ୍ୟା ବିକ୍ରି

### ମା' ବାପା ଫେରାର

**ବାସୁଦେବପୁର, ୪।୧୦ (ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଖରିଦା ବିନାୟକପୁର ପଞ୍ଚାୟତର ବଡ଼ମଲିକସାହି ଗ୍ରାମରେ ଏକ ୩ ଦିନର ଶିଶୁକନ୍ୟାଙ୍କୁ ତାଙ୍କ ବାପା ବିକ୍ରି କରିଦେଇଥିବା କୁହାଯାଉଛି। ଶନିବାର ଜିଲା ଶିଶୁ ସୁରକ୍ଷା ବିଭାଗ ଓ ଚାଇଲ୍ଡ ଲାଇନ କର୍ମଚାରୀ ବଡ଼ମଲିକସାହିରେ ଏହାର ତଦନ୍ତ କରିଛନ୍ତି। ☞ପୃଷ୍ଠା-୨




No.T-

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା06.10.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0196/2526

## ଗିଲ୍ ଦିନକିଆ କ୍ରିକେଟ ଅଧିନାୟକ

**ଅହମଦାବାଦ,୪।୧୦(ପି.ଟି.)**

ଆସନ୍ତା ୧୯ରୁ ଆରମ୍ଭ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଦିନକିଆ କ୍ରିକେଟ ସିରିଜ୍ ଲାଗି ଶନିବାର ଘୋଷିତ ଭାରତୀୟ ଦଳରେ ବଡ଼ ଧରଣର ପରିବର୍ତ୍ତନ କରାଯାଇଛି। ଭାରତୀୟ ଚୟନକର୍ତ୍ତା ଭେଟେରାନ ଓପନର ରୋହିତ ଶର୍ମାଙ୍କ ବଦଳରେ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଦଳର ନେତୃତ୍ୱ ଦାୟିତ୍ୱ ଦେଇଛନ୍ତି। ମହେନ୍ଦ୍ର ସିଂ ଧୋନୀଙ୍କ ପରେ ରୋହିତ ଦ୍ୱିତୀୟ ଅଧିନାୟକ ଭାବେ ୩ ଆଇସିସି ହ୍ୱାଇଟ୍ ବଲ କ୍ରିକେଟ୍ ଟୁର୍ନାମେଣ୍ଟ ଫାଇନାଲରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ରୋହିତଙ୍କ ନେତୃତ୍ୱରେ ଦଳ ଗତ ବର୍ଷ ଟି୨୦ ବିଶ୍ୱକପ୍ ଓ ଚଳିତ ବର୍ଷ ମାର୍ଚ୍ଚରେ ଚାମ୍ପିୟନ୍ସ ଟ୍ରଫି ଜିତିବା ସହ ୨୦୨୩ ଦିନିକିଆ ବିଶ୍ୱକପ୍‌ରେ ରନର୍ସଅପ୍ ହୋଇଥିଲା। ରୋହିତଙ୍କ ନେତୃତ୍ୱରେ ଭାରତୀୟ ଦିନିକିଆ ଦଳ ୫୬ରୁ ୪୨ ମ୍ୟାଚ୍ ଜିତିଥିଲା। ଏହାର ଅର୍ଥ ତାଙ୍କ ନେତୃତ୍ୱରେ ଦଳର ବିଜୟ ହାର ୭୬ ପ୍ରତିଶତ ଥିଲା, ଯାହାକି ଭାରତୀୟ ଅଧିନାୟକଙ୍କ ମଧ୍ୟରେ ସର୍ବାଧିକ। ତେବେ ଘୋଷିତ ୧୫ ଜଣିଆ ଦଳରେ ରୋହିତ ସ୍ଥାନ ପାଇଛନ୍ତି।


ଶୁବମନ ଗିଲ୍

## ଜୀବନ ନେଉଛି କଫ୍ ସିରପ୍

### କେନ୍ଦ୍ରୀୟ ଡ୍ରଗ୍ସ ନିୟନ୍ତ୍ରକଙ୍କ ତଦନ୍ତ ଆରମ୍ଭ

**ନୂଆଦିଲ୍ଲୀ/ଭୋପାଳ/ଭୁବନେଶ୍ୱର, ୪।୧୦(ପି.ଟି./ରଏଟର୍ସ/ସୁନିତ୍ ମିଶ୍ର)**

ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ନକଲି କଫ୍ ସିରପ୍ ପିଇ ଅନ୍ୟୂନ ୧୦ ଶିଶୁଙ୍କ ମୃତ୍ୟୁ ଘଟିବା ପରେ କେନ୍ଦ୍ରୀୟ ଡ୍ରଗ୍ସ ନିୟନ୍ତ୍ରକଙ୍କ ଚେତା ପଶିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆଡ୍‌ଭାଇଜରି ଜାରି କରିବା ପରେ ୬ ରାଜ୍ୟର ୧୯ଟି କଫ୍ ସିରପ୍ ମାନୁଫାକ୍ଚରିଂ ୟୁନିଟ୍ ଉପରେ ଚଢ଼ାଉକରି ତଦନ୍ତ ଆରମ୍ଭ କରିଥିବା ଶନିବାର ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ୍ (ସିଡିଏସ୍‌ସିଓ) ପକ୍ଷରୁ ସୂଚନା ଦିଆଯାଇଛି। କଫ୍ ସିରପ୍ ନମୁନା ପରୀକ୍ଷାରୁ ସେଥିରେ ବିପଜ୍ଜନକ ମାତ୍ରାରେ ଡାଇଇଥାଇଲିନ୍ ଗ୍ଲାଇକୋଲ (ଡିଇଜି) ଥିବା ଜଣାପଡ଼ିଛି। ଏହି ରାସାୟନିକ ପଦାର୍ଥ ଅନୁମୋଦିତ ମାତ୍ରାରୁ ଅଧିକ ପରିମାଣରେ ରହିଲେ ତାହା ଛୋଟପିଲାଙ୍କ କିଡ୍‌ନୀ ସଂକ୍ରମଣର କାରଣ ସାଜୁଥିବା କୁହାଯାଉଛି। ଇତିମଧ୍ୟରେ ମଧ୍ୟପ୍ରଦେଶ ସରକାର ରାଜ୍ୟରେ କୋଲ୍ଡରିଫ୍ ସିରଫ୍ ବିକ୍ରି ଉପରେ ନିଷେଧାଦେଶ ଜାରି କରିଛନ୍ତି। ଓଡ଼ିଶାରେ ମଧ୍ୟ ନକଲି କଫ୍ ସିରପ୍ ବିକ୍ରି ଉପରେ କଡ଼ା ନଜର ରଖାଯାଇଥିବା ରାଜ୍ୟ ଡ୍ରଗ୍ସ ନିୟନ୍ତ୍ରକ ମାମିନା ପଟ୍ଟନାୟକ ଶନିବାର ସୂଚନା ଦେଇଛନ୍ତି। ବିଶେଷକରି ବରଗଡ଼ ଜିଲାକୁ ଗତ ଅଗଷ୍ଟରେ ପଠାଯାଇଥିବା ୧୩୦ ବୋତଲ କଫ୍ ସିରପ୍‌କୁ ଜବତ କରାଯାଇଛି। ସେଗୁଡ଼ିକ ବ୍ୟବହାର ହୋଇ ନ ଥିଲା ବୋଲି ସେ କହିଛନ୍ତି। ☞ପୃଷ୍ଠା-୨




**ଆଜିର ସମ୍ପାଦକୀୟ**

ମାନବାଧିକାର କ୍ଷୁଣ୍ଣ

## ନିର୍ମାଣ ହେବ ଅତ୍ୟାଧୁନିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ

**ଭୁବନେଶ୍ୱର, ୪।୧୦(ସୁନିତ୍ ମିଶ୍ର)**

ଭୁବନେଶ୍ୱରଠାରେ ଏକ ଅତ୍ୟାଧୁନିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ ଖୋଲାଯିବା ନେଇ ନିଷ୍ପତ୍ତି ହୋଇଛି। ଏହା ଲୋକସେବା ଭବନ ପାଖପାଖି ସ୍ଥାନରେ ଖୋଲିବାକୁ ଯାଉଛି। ଏଥିପାଇଁ ସ୍ଥାନ ନିରୂପଣ ସରିଥିବା ବେଳେ ସଫେଇ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଗଲାଣି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ରାଜସ୍ୱ ବିଭାଗ ପକ୍ଷରୁ ୨୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ଶନିବାର ସୂଚନା ଦେଇ ମନ୍ତ୍ରୀ ପୂଜାରୀ କହିଛନ୍ତି, ଭୁବନେଶ୍ୱର ମଧ୍ୟ ଭୂକମ୍ପ ପ୍ରବଣ ଅଞ୍ଚଳ। ☞ପୃଷ୍ଠା-୨

# ମଦ ଉପରେ ୨୦% ଗୋ ଶୁଳ୍କ

**ଯୋଧପୁର, ୪।୧୦**

ରାଜସ୍ଥାନର ଯୋଧପୁରସ୍ଥିତ ପାର୍କ ପ୍ଲାଜା ହୋଟେଲ ଜିଓଫ୍ରେ ବାର୍‌ର ଏକ ବିଲ୍ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ବିଲ୍‌ରେ ମଦ ପାଇଁ ଗୁଡ୍ସ ଆଣ୍ଡ୍ ସର୍ଭିସେସ୍ ଟାକ୍ସ (ଜିଏସ୍‌ଟି) ଏବଂ ଭାଲ୍ୟୁ ଆଡେଡ୍ ଟାକ୍ସ (ଭାଟ) ବ୍ୟତୀତ ୨୦% ଅତିରିକ୍ତ କାଓ ସେସ୍ ବା ଗୋ ଶୁଳ୍କ ଆଦାୟ କରାଯାଇଛି। ଗୋ ସୁରକ୍ଷା ଏବଂ ଗୋ ଆଶ୍ରୟସ୍ଥଳଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ କାଓ ସେସ୍ କଷାଯାଇଛି। ଗତ ସେପ୍ଟେମ୍ବର ୩୦ରେ ଜିଓଫ୍ରେ ବାର୍‌ରେ ଜଣେ ଗ୍ରାହକ କିଛି ଆମେରିକାନ୍ କର୍ନ ଫ୍ରିଟର୍ସ ଏବଂ ୬ଟି ବିଅର ଅର୍ଡର କରିଥିଲେ। ଗ୍ରାହକଙ୍କୁ ୨,୬୫୦ ଟଙ୍କାର ବିଲ୍ ଆସିଥିବାବେଳେ ଜିଏସ୍‌ଟି, ଭାଟ୍ ଏବଂ କାଓ ସେସ୍ ବାବଦକୁ ତାଙ୍କୁ ସମୁଦାୟ ୩,୨୬୨ ଟଙ୍କା ପୈଠ କରିବାକୁ ପଡ଼ିଥିଲା। ଏହି ବିଲ୍ ଭାଇରାଲ ହେବା ପରେ ସୋସିଆଲ ମିଡିଆରେ ଏହାକୁ ନେଇ ବିତର୍କ ସୃଷ୍ଟି ହୋଇଛି। ଘଟଣାକୁ ନେଇ ପାର୍କ ପ୍ଲାଜାର ମ୍ୟାନେଜର ନିଖିଲ ପ୍ରେମ କହିଛନ୍ତି, ରାଜସ୍ଥାନ ସରକାରଙ୍କ ଆଇନ ଅନୁଯାୟୀ ମଦ ବିକ୍ରୟ ପାଇଁ ଏହି ସେସ୍ ଲାଗୁ କରିବାକୁ ରାଜ୍ୟର ସମସ୍ତ ହୋଟେଲ ଏବଂ ବାର୍ ବାଧ୍ୟ। ୨୦୧୮ରେ ତତ୍କାଳୀନ ବସୁନ୍ଧରା ରାଜେ ସରକାର ପକ୍ଷରୁ ମଦ ବିକ୍ରି ଉପରେ କାଓ ସେସ୍ ଲଗାଇବା ପାଇଁ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା। ତେଣୁ ମଦ ଉପରେ କାଓ ସେସ୍ ଲଗାଯିବା ଘଟଣାରେ କୌଣସି ନୂତନତ୍ୱ ନାହିଁ। ଆଇନ ଅନୁଯାୟୀ, ଭାଟ ପରିମାଣ ଉପରେ ୨୦% କାଓ ସେସ୍ ଲାଗୁ ହୋଇଥାଏ। ହୋଟେଲଗୁଡ଼ିକ ପକ୍ଷରୁ ଏହି ଅତିରିକ୍ତ ଟଙ୍କାକୁ ଗୋ ସୁରକ୍ଷା ଓ ସଂରକ୍ଷଣ ପାଇଁ ପ୍ରୋତ୍ସାହନ ସେସ୍ ଭାବରେ ସରକାରୀ ପୋର୍ଟାଲରେ ଅନ୍‌ଲାଇନରେ ଜମା କରାଯାଇଥାଏ। ଅନେକ ହୋଟେଲ ସେମାନଙ୍କ ବିଲ୍‌ରେ କେବଳ ସର୍‌ଚାର୍ଜ ଲେଖି ଶୁଳ୍କ ଆଦାୟ କରୁଥିବାବେଳେ ପାର୍କ ପ୍ଲାଜା ପକ୍ଷରୁ ଦିଆଯାଉଥିବା ବିଲ୍‌ରେ ଉକ୍ତ ଶୁଳ୍କକୁ କାଓ ସେସ୍ ରୂପେ ସ୍ପଷ୍ଟ ଉଲ୍ଲେଖ କରାଯାଉଥିବା ସେ କହିଛନ୍ତି।


Park Plaza
JODHPUR
(A Unit of Shaina Builders Pvt Ltd.)
Jhalamand House, Airport Road,Ratanada,Jodhpur (Raj.)342011
Tel:-0291-2510500 Email :ppj@sarovarhotels.com
www.sarovarhotels.com
GSTIN :-08AABCS6751Q1ZO, CIN: U45201RJ1991PTC006133,
VAT NO : 08622652240, FSSAI NO. 12217032000338
GeoffreyS
GST INVOICE

Bill No. : 3084 | Table : 3A
Date&Time : 30/09/25 22:52 | Kot Nos : 2903
Steward : Ajay | Covers : 2

| Item Name | Qty | Rate | Value |
|---|---|---|---|
| AMERICAN CORN FRITTERS | 1 | 400.00 | 400.00 |
| BUDWISER BUDW 330ML | 4 | 400.00 | 1200.00 |
| CARLSBERG 330 / 650ML CARLSB 650 | 2 | 525.00 | 1050.00 |
| Sub Total | | | 2650.00 |
| CGST @ 9.00% | | | 36.00 |
| COW CESS @ 20.00% | | | 90.00 |
| SGST @ 9.00% | | | 36.00 |
| VAT @ 20.00% | | | 450.00 |
| Sub Total | | | 0.00 |
| Net Amount | | ₹ | 3262.00 |

GUEST SIGNATURE | User ID: AJAYN | Cashier Signature
Room No :
GSTN Gst. Name :

ବିଲ୍‌ରେ ଉଲ୍ଲେଖ ଥିବା ଗୋ ଶୁଳ୍କ।



# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଅକ୍ଟୋବର ୫/୨୦୨୫ | Bhubaneswar, Sunday, October 5/2025 | ପୃଷ୍ଠା-୧







# ଫିଟୁଛି ଗୁମର, ବଢୁଛି ସନ୍ଦେହ

ଓଡ଼ିଶା ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଜାଲିଆତିର ଗୁମର ଧୀରେ ଧୀରେ ଫିଟିବାରେ ଲାଗିଛି। ଏଥିରେ ଅନେକ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ(ଓପିଆର୍‌ବି) ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ପରୀକ୍ଷାର ପରିଚାଳନା ଦାୟିତ୍ୱ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆଇଟିଆଇ ଲିମିଟେଡ୍‌କୁ ଦିଆଯାଇଥିଲା। ହେଲେ ଆଇଟିଆଇ ଏହାକୁ ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍‌କଣ୍ଟ୍ରାକ୍ଟ ଦେଇଥିଲା। କେଉଁ ଉଦ୍ଦେଶ୍ୟରେ ଘରୋଇ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଗଲା, ଏଥିରେ ଓପିଆର୍‌ବିର କେଉଁ ଅଧିକାରୀଙ୍କ ସମ୍ପୃକ୍ତି ରହିଛି, ତାକୁ ନେଇ ଏବେ ସନ୍ଦେହ ବଢ଼ିବାରେ ଲାଗିଛି। ଅପରପକ୍ଷରେ ଏହି ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମ୍ ବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କୁ ଦିଆଯାଇଥିବାବେଳେ ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥ ଶନିବାର ଜରୁରୀ ବୈଠକ କରିଛନ୍ତି। ସେପଟେ ଏହି ଘଟଣାର ଅନ୍ୟତମ ମଧ୍ୟସ୍ଥ କଟକ ବାରଙ୍ଗ ଥାନା ଅନ୍ତର୍ଗତ ବିଦ୍ୟାଧରପୁରର ବିଶ୍ୱରଞ୍ଜନ ବେହେରା(୨୯)ଙ୍କୁ ଗିରଫ ପରେ ବ୍ରହ୍ମପୁର ଜେଏମ୍‌ଏଫ୍‌ସି(ରୁରାଲ୍) କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଶ୍ୱରଞ୍ଜନଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଗିରଫଦାରି ସଂଖ୍ୟା ୧୧୮ରେ ପହଞ୍ଚିଛି। ବିଶ୍ୱରଞ୍ଜନ ଆଶାୟୀ ପ୍ରାର୍ଥୀଙ୍କ ସହ ନିୟମିତ ଯୋଗାଯୋଗରେ ରହୁଥିଲେ। ଏପରି କି ସେ ପ୍ରାର୍ଥୀଙ୍କଠାରୁ ସେମାନଙ୍କ ଓରିଜିନାଲ୍ ଶିକ୍ଷାଗତ ପ୍ରମାଣପତ୍ର ଏବଂ ବ୍ଲାଙ୍କ୍ ଚେକ୍ ସଂଗ୍ରହ କରିଥିଲେ ବୋଲି ଜଣାପଡ଼ିଛି। ଏହି ପ୍ରସଙ୍ଗରେ ଏବେ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘେରିଛନ୍ତି।

## ଏସ୍‌ଆଇ ପରୀକ୍ଷା ଜାଲିଆତି

- କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭାଙ୍କୁ ତଦନ୍ତ ଦାୟିତ୍ୱ
- ଓପିଆର୍‌ବି ଅଧ୍ୟକ୍ଷ ଡାକିଲେ ଜରୁରୀ ବୈଠକ
- ବନ୍ଦୀହେଲେ ମଧ୍ୟସ୍ଥ ବିଶ୍ୱରଞ୍ଜନ

ଭୁବନେଶ୍ୱର/କଟକ/ବ୍ରହ୍ମପୁର, ୪।୧୦(ସତ୍ୟଜିତ ରାଉତ/କାର୍ତ୍ତିକ ସାହୁ/ସୁବାସ ଚନ୍ଦ୍ର ପାଢ଼ୀ)

ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣା ଜଣାପଡ଼ିବାର ୪ ଦିନ ପରେ ଶନିବାର ଓପିଆର୍‌ବି ପକ୍ଷରୁ ବୈଠକ ଡକାଯାଇ ତନାଘନା ଆରମ୍ଭ ହୋଇଛି। ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥଙ୍କ ଅଧ୍ୟକ୍ଷତାରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ବୋର୍ଡର ଅନ୍ୟାନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ରାୟ ୨ ଘଣ୍ଟାର ବୈଠକ ପରେ ଓପିଆର୍‌ବି ଅଧ୍ୟକ୍ଷ ନାଥ ଗଣମାଧ୍ୟମକୁ କହିଛନ୍ତି, ଯାହା ଘଟଣା ଘଟିଛି ତାହା କ୍ରାଇମବ୍ରାଞ୍ଚକୁ ଲିଖିତ ଭାବେ ଜଣାଇଛୁ। ସେମାନେ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। ଏହାର ଫଳାଫଳକୁ ଆମେ ଅପେକ୍ଷା କରିଛୁ। ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହେବ। ଠିକ୍ ସମୟରେ ସ୍ୱଚ୍ଛ ଓ ଭଲ ଭାବେ ପରୀକ୍ଷା ହେବ ବୋଲି ସୁଶାନ୍ତ କହିଛନ୍ତି। ଏସ୍‌ଆଇ ଆଶାୟୀମାନଙ୍କୁ ବ୍ୟସ୍ତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ସେପଟେ କ୍ରାଇମବ୍ରାଞ୍ଚ ଏହି ଘଟଣାରେ ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ଦେଇଛି। ଏଥିସହ ସୁପରଭାଇଜିଂ ଅଫିସର ଭାବେ କ୍ରାଇମବ୍ରାଞ୍ଚ ଏସ୍‌ପି ଅନୀଲ ବେଉରିଆଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି।

ଅନ୍ୟପକ୍ଷରେ ଏହି ମାମଲାରେ କ୍ରାଇମବ୍ରାଞ୍ଚ ଆଉ ଜଣେ ମଧ୍ୟସ୍ଥ ବିଶ୍ୱରଞ୍ଜନଙ୍କୁ ଶୁକ୍ରବାର ଗିରଫ ପରେ ବ୍ରହ୍ମପୁର ଜେଏମ୍‌ଏଫ୍‌ସି(ଆର୍) କୋର୍ଟକୁ ଚାଲାଣ କରାଯାଇଥିଲା।


ବିଶ୍ୱରଞ୍ଜନ ବେହେରା

କ୍ରାଇମବ୍ରାଞ୍ଚର ସୂଚନା ଅନୁଯାୟୀ, ବିଶ୍ୱରଞ୍ଜନ ଏହି ଘଟଣାରେ ମଧ୍ୟସ୍ଥ ଭାବରେ କାମ କରିବା ସହ ତାଙ୍କର ସକ୍ରିୟ ଭୂମିକା ରହିଥିଲା। ସିଣ୍ଡିକେଟର ମୁଖ୍ୟଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ ଆଶାୟୀ ପ୍ରାର୍ଥୀଙ୍କ ସହ ନିୟମିତ ଯୋଗାଯୋଗରେ ରହିଥିଲେ। ପ୍ରଶ୍ନପତ୍ର ଯୋଗାଇବାକୁ କହି ଆଶାୟୀ ପ୍ରାର୍ଥୀଙ୍କ ଠାରୁ ବିଶ୍ୱରଞ୍ଜନ ଅରିଜିନାଲ୍ ସାର୍ଟିଫିକେଟ୍ ଏବଂ ବ୍ଲାଙ୍କ୍ ଚେକ୍ ନେଉଥିଲେ। ଆଶାୟୀମାନଙ୍କ ଠାରୁ ନେଉଥିବା କାଗଜପତ୍ରଗୁଡ଼ିକୁ ସେ ସିଣ୍ଡିକେଟର ଅନ୍ୟ ସଦସ୍ୟଙ୍କୁ ଦେଉଥିଲେ। ଏହି ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଚଢ଼ାଉ ଜାରି ରହିଥିବା କ୍ରାଇମବ୍ରାଞ୍ଚ କହିଛି। ତେବେ ଶୁକ୍ରବାର ☞ପୃଷ୍ଠା-୨

## ବାତିଲ ସବୁ ପରୀକ୍ଷାର ରିପୋର୍ଟ ମାଗିଲେ ରାଜ୍ୟ ସରକାର

ଭୁବନେଶ୍ୱର,୪।୧୦ (ସୁନିତ୍ ମିଶ୍ର)

୨୦୨୪ ଜୁନ୍‌ରୁ ଅଦ୍ୟାବଧି ବାତିଲ ହୋଇଥିବା ସମସ୍ତ ନିଯୁକ୍ତି ପରୀକ୍ଷାର ବିସ୍ତୃତ ରିପୋର୍ଟ ରାଜ୍ୟ ସରକାର ଲୋଡ଼ିଛନ୍ତି। ଏନେଇ ସମସ୍ତ ବୋର୍ଡ ଓ ଆୟୋଗଙ୍କୁ ରିପୋର୍ଟ ତଲବ କରାଯାଇଛି। ଏଥିସହ ରିପୋର୍ଟକୁ ଅତି ଗମ୍ଭୀରତାର ସହ ଗ୍ରହଣ କରି ଅକ୍ଟୋବର ୪ ରାତି ସୁଦ୍ଧା ମେଲ୍ ଜରିଆରେ ପ୍ରେରଣ କରିବାକୁ ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବ ଦେବବ୍ରତ ମଲ୍ଲିକ ପତ୍ରରେ ଉଲ୍ଲେଖ କରିଛନ୍ତି। ସମ୍ପ୍ରତି ରାଜ୍ୟରେ ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ପୂର୍ବରୁ ଧରାପଡ଼ିଥିବା ଜାଲିଆତି ଘଟଣାରେ ସରକାରଙ୍କୁ ବିରୋଧୀ ଟାର୍ଗେଟ କରିଛନ୍ତି। ତେଣୁ ଏହାକୁ ଗୁରୁତ୍ୱର ସହ ନେଇ ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ, ଓଡ଼ିଶା ପୋଲିସ ଷ୍ଟେଟ୍ ସିଲେକ୍ସନ ବୋର୍ଡ, ଓଡ଼ିଶା ପୋଲିସ ମିନିଷ୍ଟେରିଆଲ ଷ୍ଟାଫ୍ ସିଲେକ୍ସନ ବୋର୍ଡ ଏବଂ ସିଲେକ୍ସନ ବୋର୍ଡ(ପୋଲିସ)ର ଅଧ୍ୟକ୍ଷଙ୍କୁ ନୋଟିସ ଦିଆଯାଇଛି। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ସ୍କୁଲ ଏଜୁକେଶନ୍ ପ୍ରୋଗ୍ରାମ୍ ଅଥରିଟି, ଓପିଏସ୍‌ସି, ଓଏସ୍‌ଏସ୍‌ସି, ଓଏସ୍‌ଏସ୍‌ଏସ୍‌ସି ଏବଂ ଏସ୍‌ଏସ୍‌ବି (ଉଚ୍ଚଶିକ୍ଷା)ର ସଚିବମାନଙ୍କୁ ଏହି ନୋଟିସ ପଠାଯାଇଛି।

## ୩ ଦିନର ଶିଶୁକନ୍ୟା ବିକ୍ରି

ବାସୁଦେବପୁର, ୪।୧୦ (ନାରାୟଣ ପ୍ରସାଦ ବାରିକ୍)

**ମା' ବାପା ଫେରାର**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଖରିଦା ବିନାୟକପୁର ପଞ୍ଚାୟତର ବଡ଼ମଲିକସାହି ଗ୍ରାମରେ ଏକ ୩ ଦିନର ଶିଶୁକନ୍ୟାଙ୍କୁ ତାଙ୍କ ବାପା ବିକ୍ରି କରିଦେଇଥିବା କୁହାଯାଉଛି। ଶନିବାର ଜିଲା ଶିଶୁ ସୁରକ୍ଷା ବିଭାଗ ଓ ଚାଇଲ୍ଡ ଲାଇନ କର୍ମଚାରୀ ବଡ଼ମଲିକସାହିରେ ଏହାର ତଦନ୍ତ କରିଛନ୍ତି। ☞ପୃଷ୍ଠା-୨







No.T-

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା06.10.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0196/2526


## ଗିଲ୍ ଦିନିକିଆ କ୍ରିକେଟ ଅଧିନାୟକ

ଅହମଦାବାଦ,୪।୧୦(ପି.ଟି.)

ଆସନ୍ତା ୧୯ରୁ ଆରମ୍ଭ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ କ୍ରିକେଟ ସିରିଜ୍ ଲାଗି ଶନିବାର ଘୋଷିତ ଭାରତୀୟ ଦଳରେ ବଡ଼ ଧରଣର ପରିବର୍ତ୍ତନ କରାଯାଇଛି। ଭାରତୀୟ ଚୟନକର୍ତ୍ତା ଭେରୋସା ଓପରେ ରୋହିତ ଶର୍ମାଙ୍କ ବଦଳରେ ଟେଷ୍ଟ ଅଧିନାୟକ ଶୁବମନ ଗିଲଙ୍କୁ ଦଳର ନେତୃତ୍ୱ ଦାୟିତ୍ୱ ଦେଇଛନ୍ତି। ମହେନ୍ଦ୍ର ସିଂ ଧୋନିଙ୍କ ପରେ ରୋହିତ ଦ୍ୱିତୀୟ ଅଧିନାୟକ ଭାବେ ୩ ଆଇସିସି ହ୍ୱାଇଟ୍ ବଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ରୋହିତଙ୍କ ନେତୃତ୍ୱରେ ଦଳ ଗତ ବର୍ଷ ଟି୨୦ ବିଶ୍ୱକପ୍ ଓ ଚଳିତ ବର୍ଷ ମାର୍ଚ୍ଚରେ ଚାମ୍ପିୟନ୍ସ ଟ୍ରଫି ଜିତିବା ସହ ୨୦୨୩ ଦିନିକିଆ ବିଶ୍ୱକପରେ ରନର୍ସଅପ୍ ହୋଇଥିଲା। ରୋହିତଙ୍କ ନେତୃତ୍ୱରେ ଭାରତୀୟ ଦିନିକିଆ ଦଳ ୫୬ରୁ ୪୨ ମ୍ୟାଚ୍ ଜିତିଥିଲା। ଏହାର ଅର୍ଥ ତାଙ୍କ ନେତୃତ୍ୱରେ ଦଳର ବିଜୟ ହାର ୭୫ ପ୍ରତିଶତ ଥିଲା, ଯାହାକି ଭାରତୀୟ ଅଧିନାୟକଙ୍କ ମଧ୍ୟରେ ସର୍ବାଧିକ। ତେବେ ଘୋଷିତ ୧୫ ଜଣିଆ ଦଳରେ ରୋହିତ ସ୍ଥାନ ପାଇଛନ୍ତି।


ଶୁବମନ ଗିଲ୍

## ଜୀବନ ନେଉଛି କଫ୍ ସିରପ୍

**କେନ୍ଦ୍ରୀୟ ଡ୍ରଗ୍ସ ନିୟନ୍ତ୍ରକଙ୍କ ତଦନ୍ତ ଆରମ୍ଭ**

ନୂଆଦିଲ୍ଲୀ/ଭୋପାଳ/ଭୁବନେଶ୍ୱର, ୪।୧୦(ପି.ଟି./ଏଜେନ୍ସି/ସୁନିତ୍ ମିଶ୍ର)

ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ନକଲି କଫ୍ ସିରପ୍ ପିଇ ଅନ୍ୟୂନ ୧୦ ଶିଶୁଙ୍କ ମୃତ୍ୟୁ ଘଟିବା ପରେ କେନ୍ଦ୍ରୀୟ ଡ୍ରଗ୍ସ ନିୟନ୍ତ୍ରକଙ୍କ ଟେଣା ପଶିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆଡ୍‌ଭାଇଜରି ଜାରି କରିବା ପରେ ୬ ରାଜ୍ୟର ୧୯ଟି କଫ୍ ସିରପ୍ ମାନୁଫାକ୍ଚରିଂ ୟୁନିଟ୍ ଉପରେ ତଡ଼ାଭଙ୍ଗ ତଦନ୍ତ ଆରମ୍ଭ କରିଥିବା ଶନିବାର ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ୍ (ସିଡିଏସ୍‌ସିଓ) ପକ୍ଷରୁ ସୂଚନା ଦିଆଯାଇଛି। ଶିଶୁଙ୍କ ଜୀବନ ନେଇଥିବା କଫ୍ ସିରପ୍ ନମୁନା ପରୀକ୍ଷାରୁ ସେଥିରେ ବିପଜ୍ଜନକ ମାତ୍ରାରେ ଡାଇଇଥାଇଲିନ୍ ଗ୍ଲାଇକୋଲ (ଡିଇଜି) ଥିବା ଜଣାପଡ଼ିଛି। ଏହି ରାସାୟନିକ ପଦାର୍ଥ ଅନୁମୋଦିତ ମାତ୍ରାରୁ ଅଧିକ ପରିମାଣରେ ରହିଲେ ତାହା ଛୋଟପିଲାଙ୍କ କିଡ୍ନୀ ସଂକ୍ରମଣର କାରଣ ସାଜୁଥିବା କୁହାଯାଉଛି। ଇତିମଧ୍ୟରେ ମଧ୍ୟପ୍ରଦେଶ ସରକାର ରାଜ୍ୟରେ କୋଲ୍ଡ୍ରିଫ୍ ସିରପ୍ ବିକ୍ରି ଉପରେ ନିଷେଧାଦେଶ ଜାରି କରିଛନ୍ତି। ଓଡ଼ିଶାରେ ମଧ୍ୟ ନକଲି କଫ୍ ସିରପ୍ ବିକ୍ରି ଉପରେ କଡ଼ା ନଜର ରଖାଯାଇଥିବା ରାଜ୍ୟ ଡ୍ରଗ୍ସ ନିୟନ୍ତ୍ରକ ମାମିନା ପଟ୍ଟନାୟକ ଶନିବାର ସୂଚନା ଦେଇଛନ୍ତି। ବିଶେଷକରି ବରଗଡ଼ ଜିଲ୍ଲାକୁ ଗତ ଅକ୍ଟୋବରରେ ପଠାଯାଇଥିବା ୧୩୦ ବୋତଲ କଫ୍ ସିରପ୍‌କୁ ଜବତ କରାଯାଇଛି। ସେଗୁଡ଼ିକ ବ୍ୟବହାର ହୋଇ ନ ଥିଲା ବୋଲି ସେ କହିଛନ୍ତି। ☞ପୃଷ୍ଠା-୨



**ଆଜିର ସମ୍ପାଦକୀୟ**
ମାନବାଧିକାର କ୍ଷୁଣ୍ଣ

## ନିର୍ମାଣ ହେବ ଅତ୍ୟାଧୁନିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ

ଭୁବନେଶ୍ୱର, ୪।୧୦(ସୁନିତ୍ ମିଶ୍ର)

ଭୁବନେଶ୍ୱରଠାରେ ଏକ ଅତ୍ୟାଧୁନିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ ଖୋଲାଯିବା ନେଇ ନିଷ୍ପତ୍ତି ହୋଇଛି। ଏହା ଲୋକସେବା ଭବନ ପାଖାପାଖି ସ୍ଥାନରେ ଖୋଲିବାକୁ ଯାଉଛି। ଏଥିପାଇଁ ସ୍ଥାନ ନିରୂପଣ କରିଥିବା ବେଳେ ସେଠାରେ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇସାରିଲାଣି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ରାଜସ୍ୱ ବିଭାଗ ପକ୍ଷରୁ ୨୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ଶନିବାର ସୂଚନା ଦେଇ ମନ୍ତ୍ରୀ ପୂଜାରୀ କହିଛନ୍ତି, ଭୁବନେଶ୍ୱର ମଧ୍ୟ ଭୂକମ୍ପ ପ୍ରବଣ ଅଞ୍ଚଳ। ☞ପୃଷ୍ଠା-୨

## ମଦ ଉପରେ ୨୦% ଗୋ ଶୁଳ୍କ

ଯୋଧପୁର, ୪।୧୦

ରାଜସ୍ଥାନର ଯୋଧପୁରସ୍ଥିତ ପାର୍କ ପ୍ଲାଜା ହୋଟେଲ ଜିଓଫ୍ରେ ବାର୍‌ର ଏକ ବିଲ୍ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ବିଲ୍‌ରେ ମଦ ପାଇଁ ଗୁଡ୍ସ ଆଣ୍ଡ ସର୍ଭିସେସ୍ ଟାକ୍ସ (ଜିଏସ୍‌ଟି) ଏବଂ ଭାଲ୍ୟୁ ଆଡେଡ୍ ଟାକ୍ସ (ଭାଟ୍) ବ୍ୟତୀତ ୨୦% ଅତିରିକ୍ତ କାଉ ସେସ୍ ବା ଗୋ ଶୁଳ୍କ ଆଦାୟ କରାଯାଇଛି। ଗୋ ସୁରକ୍ଷା ଏବଂ ଗୋ ଆଶ୍ରୟସ୍ଥଳଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ କାଉ ସେସ୍ କଷାଯାଇଛି। ଗତ ସେପ୍ଟେମ୍ବର ୩୦ରେ ଜିଓଫ୍ରେ ବାର୍‌ରେ ଜଣେ ଗ୍ରାହକ କିଛି ଆମେରିକାନ୍ କର୍ଣ୍ଣ ଫ୍ରିଟର୍ସ ଏବଂ ୬ଟି ବିଅର ଅର୍ଡର କରିଥିଲେ। ଗ୍ରାହକଙ୍କୁ ୨,୬୫୦ ଟଙ୍କାର ବିଲ୍ ଆସିଥିବାବେଳେ ଜିଏସ୍‌ଟି, ଭାଟ୍ ଏବଂ କାଉ ସେସ୍ ବାବଦକୁ ତାଙ୍କୁ ସମୁଦାୟ ୩,୬୬୨ ଟଙ୍କା ପୈଠ କରିବାକୁ ପଡ଼ିଥିଲା। ଏହି ବିଲ୍ ଭାଇରାଲ ହେବା ପରେ ସୋସିଆଲ ମିଡିଆରେ ଏହାକୁ ନେଇ ବିତର୍କ ସୃଷ୍ଟି ହୋଇଛି। ଘଟଣାକୁ ନେଇ ପାର୍କ ପ୍ଲାଜାର ମ୍ୟାନେଜର ନିଖିଲ ପ୍ରେମ କହିଛନ୍ତି, ରାଜସ୍ଥାନ ସରକାରଙ୍କ ଆଇନ ଅନୁଯାୟୀ ମଦ ବିକ୍ରୟ ପାଇଁ ଏହି ସେସ୍ ଲାଗୁ କରିବାକୁ ରାଜ୍ୟର ସମସ୍ତ ହୋଟେଲ ଏବଂ ବାର୍ ବାଧ୍ୟ। ୨୦୧୮ରେ ତତ୍କାଳୀନ ବସୁନ୍ଧରା ରାଜେ ସରକାର ପକ୍ଷରୁ ମଦ ବିକ୍ରି ଉପରେ କାଉ ସେସ୍ ଲଗାଇବା ପାଇଁ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା। ତେଣୁ ମଦ ଉପରେ କାଉ ସେସ୍ ଲଗାଯିବା ଘଟଣାରେ କୌଣସି ନୂତନତ୍ୱ ନାହିଁ। ଆଇନ ଅନୁଯାୟୀ, ଭାଟ ପରିମାଣ ଉପରେ ୨୦% କାଉ ସେସ୍ ଲାଗୁ ହୋଇଥାଏ। ହୋଟେଲଗୁଡ଼ିକ ପକ୍ଷରୁ ଏହି ଅତିରିକ୍ତ ଟଙ୍କାକୁ ଗୋ ସୁରକ୍ଷା ଓ ସଂରକ୍ଷଣ ପାଇଁ ପ୍ରୋତ୍ସାହନ ସେସ୍ ଭାବରେ ସରକାରୀ ପୋର୍ଟାଲରେ ଅନ୍‌ଲାଇନରେ ଜମା କରାଯାଇଥାଏ। ଅନେକ ହୋଟେଲ ସେମାନଙ୍କ ବିଲ୍‌ରେ କେବଳ ସରଚାର୍ଜ ଲେଖି ଶୁଳ୍କ ଆଦାୟ କରୁଥିବାବେଳେ ପାର୍କ ପ୍ଲାଜା ହୋଟେଲ ପକ୍ଷରୁ ବିଲ୍‌ରେ ଉକ୍ତ ଶୁଳ୍କକୁ କାଉ ସେସ୍ ରୂପେ ସ୍ପଷ୍ଟ ଉଲ୍ଲେଖ କରାଯାଉଥିବା ସେ କହିଛନ୍ତି।


Park Plaza
GST INVOICE
Sub Total
Net Amount

ବିଲ୍‌ରେ ଉଲ୍ଲେଖ ଥିବା ଗୋ ଶୁଳ୍କ।




**ଆଜିର ମନ୍ତବ୍ୟ**

ଆର୍‌ଜେଡି ଶାସନ କାଳରେ ବିହାର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା । ବହୁ ସଂଖ୍ୟାରେ ବିହାରୀ ଯୁବକ ବାହାର ରାଜ୍ୟକୁ ଚାଲିଯିବାର ଏହା ମୁଖ୍ୟ କାରଣ ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶହୀଦ ବାଜି ରାଉତଙ୍କ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବିଧାନସଭା ୧ ନଂ ଗେଟ୍, ସମୟ: ପୂର୍ବାହ୍ନ ୧୦ଟା ୧୦ ।
- ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ, ସ୍ଥାନ: ରମାଦେବୀ ବିଶ୍ୱବିଦ୍ୟାଳୟ , ସମୟ: ପୂର୍ବାହ୍ନ ୧୦ଟା ।
- ଆର୍ଟ ଅଫ୍ ପିସ୍ ପକ୍ଷରୁ ଆଲୋଚନା ଚକ୍ର ( ଶାନ୍ତି ଓ ସମାଜ ସେବା), ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ପ୍ରାଣନାଥ ପଟ୍ଟନାୟକଙ୍କ ୫୫ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ସ୍ଥାନ: ଭଗବତୀ ଭବନ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ଟା ।
- ଭିଙ୍ଗାରପୁର ଅଞ୍ଚଳରେ ନିର୍ମିତ ମେଢ଼ ସମୂହର ଭସାଣି ଉତ୍ସବ, ସ୍ଥାନ: ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ବଜାର ଛକସ୍ଥିତ ମା' ଦୁର୍ଗାଙ୍କ ମଣ୍ଡପ ସମ୍ମୁଖ, ସମୟ: ଅପରାହ୍ନ ୩ଟା ।
- ଉତ୍କଳ ଡ୍ୟାନ୍ସ ଆଣ୍ଡ ରିସର୍ଚ୍ଚ ଏକାଡେମୀ ପକ୍ଷରୁ ୨୨ତମ କୁମାର ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ।
- ସାହିଭାଇ ପକ୍ଷରୁ ସେବା ନିର୍ଝରଣୀର ଉଦ୍‌ଘାଟନ, ସ୍ଥାନ: ରୋଟାରୀ କ୍ଲବ, ଗୋପାଳ ବଲ୍ଲଭ ରୋଡ୍, ସମୟ: ଅପରାହ୍ନ ୪ଟା ।

## କଟକ

- ରେଭେନ୍‌ଶା କଲିଜିଏଟ୍ ସ୍କୁଲ ୨୦୦୦ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଶ୍ୱ ଶିକ୍ଷକ ଦିବସ ପାଳନ, ସ୍ଥାନ: ନେତାଜୀ ଅଡିଟୋରିୟମ, ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।

## ପୁରୀ

- ରାଜ୍ୟସ୍ତରୀୟ ସାରସ୍ୱତ ଆଲୋଚନାଚକ୍ର, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ପୂର୍ବାହ୍ନ ୧୦ଟା ।
- ନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମାସିକ ଆଲୋଚନାଚକ୍ର, ସ୍ଥାନ: ଜଗନ୍ନାଥବଲ୍ଲଭ ମଠ, ସମୟ: ପୂର୍ବାହ୍ନ ୧୧ଟା ।
- କଂଗ୍ରେସ ପକ୍ଷରୁ ବୈଠକ, ସ୍ଥାନ: ଇନ୍ଦିରା ଭବନ, କଂଗ୍ରେସ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦ ।

## ଖୋର୍ଦ୍ଧା

- ପ୍ରାଣନାଥ ସ୍ମୃତିସଂସଦ ପକ୍ଷରୁ ପ୍ରାଣନାଥ ପଟ୍ଟନାୟକଙ୍କ ୫୫ତମ ଜୟନ୍ତୀ ଉତ୍ସବ ଏବଂ ପୁଷ୍ପମାଲ୍ୟାର୍ପଣ, ସ୍ଥାନ: ସମବାୟ ଛକ, ସମୟ: ସକାଳ ୯ଟା ।

## ବାଲେଶ୍ୱର

- 'ମୋ ଅନୁଷ୍ଠାନ ସାହିତ୍ୟ ସଂସଦ ପକ୍ଷରୁ ଅସହାୟଙ୍କୁ କମ୍ବଳ ବଣ୍ଟନ, ସ୍ଥାନ: ଖଇରା ଶିକ୍ଷକ ଭବନ, ସମୟ: ସକାଳ ୯ଟା ।
- ସହାୟକ'ର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ଆତିଥ୍ୟ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଖବରଦାତା ସମ୍ମିଳନୀ ଓ ବାଲେଶ୍ୱର ମହାମଣ୍ଡଳ ବୈଠକ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ସମୟ: ପୂର୍ବାହ୍ନ ୧୧ଟା ।
- ନାରୀ ନିର୍ଯାତନା ଓ ନିରାକରଣ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଚନ୍ଦନେଶ୍ୱର ପବ୍ଲିକ ଲାଇବ୍ରେରୀ ହଲ, ଭୋଗରାଇ, ସମୟ: ଅପରାହ୍ନ ୪ଟା ।
- ଅଲ ଓଡ଼ିଶା ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଦିବସ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ।

## ଭଦ୍ରକ

- ଗୁରୁ ସମ୍ମାନ ଓ ବନ୍ଧୁମିଳନ ଉତ୍ସବ, ସ୍ଥାନ: ମତୋ କଲ୍ୟାଣ ମଣ୍ଡପ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା ।
- ବିଶିଷ୍ଟ ସାହିତ୍ୟିକ ନରହରି ବେହେରା ଟ୍ରଷ୍ଟ ପକ୍ଷରୁ ୫ମ ବାର୍ଷିକ ଉତ୍ସବ, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୪ଟା ।

## କେନ୍ଦୁଝର

- ସାଂସଦ କ୍ରୀଡା ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ପାଟଣା ବ୍ଲକ କେନ୍ଦେଇପଶି ଷ୍ଟାଡିୟମ ସମୟ: ପୂର୍ବାହ୍ନ ୧୦ଟା ।

## ମୟୂରଭଞ୍ଜ

- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା ।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ତାଳପଦା ଦୁର୍ଗାପୂଜା ମଣ୍ଡପ, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା ।
- ଡ୍ୟାନ୍ସ ଆଣ୍ଡ୍ ମେଲୋଡ଼ି ନାଇଟ୍ସ, ସ୍ଥାନ: ତୁଳସୀଚଉରା ଦୁର୍ଗାପୂଜା ମଣ୍ଡପ, ବାରିପଦା, ସମୟ: ସନ୍ଧ୍ୟା ୭ଟା ।

## ଗଞ୍ଜାମ

- ଇସ୍କଅଫ ଗଞ୍ଜାମ ଜିଲା ସମ୍ମିଳନୀ, ସ୍ଥାନ: ଛତ୍ରପୁର ପବ୍ଲିକ୍ ସ୍କୁଲ, ସମୟ: ପୂର୍ବାହ୍ନ ୧୦ ଟା ।

## କନ୍ଧମାଳ

- ଆରଏସଏସ ପକ୍ଷରୁ ବିଜୟା ଦଶମୀ ପାଳନ ଉତ୍ସବ, ସ୍ଥାନ: ସିମନବାଡି ଶିବମନ୍ଦିର ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୦ ଟା ।

## ଢେଙ୍କାନାଳ

- ଶହୀଦ ବାଜି ରାଉତଙ୍କ ଶତବାର୍ଷିକ ଜୟନ୍ତୀ ଅବସରରେ ଶୋଭାଯାତ୍ରା, ସ୍ଥାନ: ବୁଢ଼େଶ୍ୱର ମନ୍ଦିର, ଭୁବନ, ସମୟ: ସକାଳ ୬ଟା ୪୫ ।
- ଶହୀଦ ବାଜି ରାଉତ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ: ନୀଳକଣ୍ଠପୁର, ଭୁବନ, ସମୟ: ପୂର୍ବାହ୍ନ ୧୧ଟା୩୦ ।

## ଅନୁଗୋଳ

- ଗାନ୍ଧୀ ପଥେ ଓଡ଼ିଶା କ୍ରମେ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ଶୈଳଶ୍ରୀକ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ ଘଟିକା ।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା ।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଓସ୍ତପୁର, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।

## ନୟାଗଡ଼

- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ ସହର ଓ ନୟାଗଡ ବ୍ଲକ କଇଥଗାଡିଆ ଗାଁ, ସମୟ: ସକାଳ ୮ଟାରୁ ରାତି ୯ଟା ୩୦ ।
- ୩୭ତମ ବାର୍ଷିକ ଚାଲେଞ୍ଜ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଖୋର୍ଦ୍ଧା ପଙ୍ଗାରସିଂହ ବନାମ ଭୁବନେଶ୍ୱର ତମାଣ୍ଡୋ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ହାଇସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୧ଟା ।

## ରାୟଗଡ଼ା

- ଦୁର୍ଗା ପୂଜା ଭସାଣି ଉତ୍ସବ, ସ୍ଥାନ: ଗୁଡାରି, ସମୟ: ସନ୍ଧ୍ୟା ୬ଟା ।

## ନବରଙ୍ଗପୁର

- ମାଁ ଦୁର୍ଗାଙ୍କ ଭସାଣି, ସ୍ଥାନ: ଡାବୁଗାଁ, ସମୟ: ଅପରାହ୍ନ ୫ଟା ।
- କାଳୀପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଉମରକୋଟ ଡିଏନ୍‌କେ କାଳିବାଡ଼ି, ସମୟ: ସନ୍ଧ୍ୟା ୭ଟା ।

## ମାଲକାନଗିରି

- ବନ ବିଭାଗର ଏକ ଦିବସୀୟ ତାଲିମ, ସ୍ଥାନ: ଚିତ୍ରକୋଣ୍ଡା ଡ୍ୟାମ ଘାଟ, ସମୟ: ପୂର୍ବାହ୍ନ ୧୧ଟା ।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ ପରିସର, ସମୟ: ସକାଳ ୬ଟା ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ବୈଠକ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ପୂର୍ବାହ୍ନ ୧୦ଟା ।
- ବରିଷ୍ଠ ବୁଦ୍ଧିଜୀବୀ ପକ୍ଷରୁ ସମ୍ବଲପୁରୀ ସମଲେଇ ସଂସ୍କୃତିର ବିକାଶ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ସର୍କିଟ ହାଉସ ସଭାକକ୍ଷ, ସମୟ: ଅପରାହ୍ନ ୧ଟା ।

## ବଲାଙ୍ଗୀର

- ୮୧ତମ ଶ୍ରୀମଦ୍ ଭାଗବତ କଥାମୃତ ମହୋତ୍ସବ ଦ୍ୱିତୀୟ ଦିବସ, ସ୍ଥାନ: ଜଗନ୍ନାଥ ମନ୍ଦିର ଯୋଗୀସର୍ଡା, ଲୋଇସିଂହା ବ୍ଲକ, ସମୟ: ସକାଳ ୯ଟା ।
- ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ, ସ୍ଥାନ: ଯାଦବ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ନଅଗାଁ(ଖ)ଆଗଲପୁର ବ୍ଲକ, ସମୟ : ଅପରାହ୍ନ ୨ଟା ୩୦ ।

## ରାଉରକେଲା

- ଦେଶପ୍ରେମୀ ସଙ୍ଗଠନ ପକ୍ଷରୁ ବୃକ୍ଷରୋପଣ, ସ୍ଥାନ: କାଳୀ ମନ୍ଦିର ପଡିଆ, ବାସନ୍ତୀ କଲୋନି, ସମୟ: ସକାଳ ୭ଟା ୩୦ ।
- ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଦଯାତ୍ରା, ସ୍ଥାନ:ସିଭିଲଟାଉନ୍‌ସିପ୍, ସମୟ: ସକାଳ ୮ଟା ୩୦ ।
- ଦୁର୍ଗାପୂଜା ଭସାଣି ଉତ୍ସବ, ସ୍ଥାନ: ସେକ୍ଟର-୧, ସମୟ: ଅପରାହ୍ନ ୫ଟା ।
- ଇସ୍ପାତ ସାହିତ୍ୟ ସଂସଦର ୫୫ତମ ବାର୍ଷିକୋତ୍ସବର ଉଦ୍‌ଯାପନୀ ସମାରୋହ, ସ୍ଥାନ: ସେକ୍ଟର-୭ ଅନୁଷ୍ଠାନ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା ।
- ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କ ୧୦୩ତମ ଜୟନ୍ତୀ, ସ୍ଥାନ: ସେକ୍ଟର-୭ ପ୍ରଗତି ଉତ୍କଳ ସଂଘ, ସମୟ: ସନ୍ଧ୍ୟା ୬ଟା ୪୫ ।
- ଲକ୍ଷ୍ମୀପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୭ ମାର୍କେଟ କମିଟି, ସମୟ: ସନ୍ଧ୍ୟା ୭ଟା ।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ବନ୍ୟପ୍ରାଣୀ ସପ୍ତାହ ପାଳନ, ସ୍ଥାନ: ତିଲଡେଗା, ବାଲିଶଙ୍କରା, ସମୟ: ପୂର୍ବାହ୍ନ ୧୧ଟା ।

## ବରଗଡ଼

- ଆନିମିଆ ଓ କ୍ୟାନସର ଚିହ୍ନଟ ଶିବିର,ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼,ସମୟ: ସକାଳ ୯ଟା ।
- ସୁପ୍ରିୟା ସ୍ମାରକୀ ଫୁଟବଲ,ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ:ଅପରାହ୍ନ ୨ଟା ।

## କଳାହାଣ୍ଡି

- ମା'ଲଙ୍କେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ଜୁନାଗଡ଼ ବ୍ଲକ ପିଲିକିଆ ଗ୍ରାମ, ସମୟ: ସକାଳ ୯ଟା ।
- ଜାତୀୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ।

## ଦେବଗଡ଼

- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ବିଜେଡ଼ି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସେବା ପ୍ରଦାନ ଦାବି ପ୍ରସଙ୍ଗ ନେଇ ଆଗାମୀ କାର୍ଯ୍ୟପନ୍ଥା ସକାଶେ ଆଲୋଚନା, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା ।

## ସୁବର୍ଣ୍ଣପୁର

- ବ୍ଲକ ଛକ ଦୁର୍ଗା ମୂର୍ତ୍ତିଙ୍କ ଭସାଣି ଉତ୍ସବ ରାଲି, ସ୍ଥାନ: ସୋନପୁର ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୧ଟା ।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ବିଜୟା ଦଶମୀ ଉତ୍ସବ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୫ଟା ।

## ନୂଆପଡ଼ା

- ବଞ୍ଜରୀ ଦେବୀ ଶାରଦୀୟ ଦ୍ୱିତୀୟ ଦିବସ ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ପଞ୍ଚାୟତ ବଞ୍ଜରି ମନ୍ଦିର, ସମୟ: ସକାଳ ୮ଟା ।
- ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ ଧାରଣା ଏକାଦଶ ଦିବସ, ସ୍ଥାନ: ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା ।
- ସାର୍ବଜନୀନ ଲକ୍ଷ୍ମୀପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ମାନିଗୁଡ଼ା ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୭ ।
- ମା' ସୁନାଦେଈଙ୍କ ନୂତନ ମନ୍ଦିର (ଗୁଡ଼ି) ଉଦ୍‌ଘାଟନ, ସ୍ଥାନ: କୋମନା ବ୍ଲକ ସୁନାବେଡ଼ା ପୁରୁଣା ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା ୪୫ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଭାଗ୍ୟାଧିପତି ଭାଗ୍ୟସ୍ଥାନକୁ ଦେଖୁଥିବାରୁ କୌଣସି କାମରେ ପଛକୁ ଫେରିବେ ନାହିଁ । କିନ୍ତୁ ଚତୁର୍ଥାଧିପତି ପାପାକ୍ରାନ୍ତ ଯୋଗୁ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହି ନ ପାରେ । ସାମାଜିକ ଜୀବନରେ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ । ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ ଓ ଆର୍ଥିକ ଉନ୍ନତି ଘଟିବାର ଆଶା ରହିଛି ।

**ବୃଷ** ପରିବାରରେ ମତଭେଦ କିମ୍ବା ଅସୁସ୍ଥତା ଭଳି ସମସ୍ୟାର ସମ୍ମୁଖୀନ ହେବେ । ବ୍ୟବସାୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତିରେ ବିଶେଷ ଖର୍ଚ୍ଚାନ୍ତ ହୋଇପାରନ୍ତି । ଘରକୁ ବହୁତ ଦିନରୁ ଇଚ୍ଛା କରି ମଧ୍ୟ ଆଣି ପାରି ନଥିବା ଜିନିଷଟି ଆଜି ଆଣିବେ । ଦୀର୍ଘଦିନରୁ ରହିଥିବା ବ୍ୟାଙ୍କ କିମ୍ବା ସୋସାଇଟିର ଋଣ ପରିଶୋଧ କରିବାରେ ସଫଳ ହେବେ ।

**ମିଥୁନ** ଆଜି ପରିସ୍ଥିତିବଶତଃ ଆପଣଙ୍କୁ ନିଜର ଘର କାମ ସାଙ୍ଗକୁ ବନ୍ଧୁଙ୍କ କାମକୁ ମଧ୍ୟ ଅଗ୍ରାଧିକାର ଦେବେ । ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶ ଗ୍ରହଣ କରିପାରନ୍ତି । ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ, କିନ୍ତୁ ବିଭିନ୍ନ ସମସ୍ୟା ଦେଇ ଯିବାକୁ ହେବ । ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ନେବେ ।

**କର୍କଟ** କାର୍ଯ୍ୟଭାରର ବୋଝ ଆପଣଙ୍କୁ ଅତିଷ୍ଠ କରିପାରେ । ନୂତନ ସ୍ଥାନ, ନୂଆ କାମ, ଅଜଣା ଲୋକଙ୍କ ସଂସ୍ପର୍ଶରେ ଆସି ନିଜକୁ ସାମାନ୍ୟ ସଂକୁଚିତ ବୋଧ କରିପାରନ୍ତି । କର୍ମକ୍ଷେତ୍ରରେ ଫାଇଲ୍ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଂ ପ୍ରଭୃତିରେ ଜଞ୍ଜାଳ ବୃଦ୍ଧି ପାଇବ । ପରିବାର ପ୍ରତି ବିମୁଖ କିମ୍ବା ଉଦାସୀନତା ଯୋଗୁ ବିତର୍କର ଆଶଙ୍କା ରହିଛି ।

**ସିଂହ** ଈର୍ଷା ଓ ଅସୂୟାଜନିତ ଅନ୍ୟମାନେ ପଛରେ ସମାଲୋଚନା କରିପାରନ୍ତି । କେତେକ ପରିସ୍ଥିତିରେ ମନ କଥା ଅପ୍ରକାଶ୍ୟ ରହିଯାଇପାରେ । ନିଜର ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଆବଶ୍ୟକ ସମୟରେ ନ ପାଇବାରୁ କ୍ଷୋଭ ପ୍ରକାଶ କରିବେ । ନିର୍ମାଣାଧୀନ କାର୍ଯ୍ୟ, ପ୍ରତିଯୋଗିତା, ଆନୁଷ୍ଠାନିକ କାମରେ ପ୍ରଶଂସା ସାଉଁଟିବେ ।

**କନ୍ୟା** କାର୍ଯ୍ୟଦକ୍ଷତା ସାଙ୍ଗକୁ ଶାଳୀନତାପୂର୍ଣ୍ଣ ବ୍ୟବହାର ଯୋଗୁ ସାମାଜିକ ପ୍ରତିଷ୍ଠା ଲାଭ କରିବେ । ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦେଖାଦେବ । ଯାହା ବିଷୟରେ ଆଲୋଚନା କରୁଥିବେ, ତାହାକୁ ନିକଟରେ ଦେଖି ହଡ଼ବଡ଼େଇ ଯିବେ । ଆଜିର ଯାତ୍ରା, ସଭାସମିତି, ପ୍ରଶାସନ ଓ ରାଜନୈତିକ ସ୍ଥିତି ସନ୍ତୋଷଜନକ ରହିବ ।

**ତୁଳା** କର୍ମକ୍ଷେତ୍ରରେ ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ନିଜ ଆଡ଼କୁ ଅଙ୍ଗୁଳି ଉଠାଇପାରେ । ଆର୍ଥିକ ଅଭାବ ଇଚ୍ଛା ପୂରଣରେ ବାଧା ସୃଷ୍ଟି କରିବାର ସୂଚନା ରହିଛି । ରାଜନୀତି, ନିର୍ମାଣ ଓ ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିବେ । ଆଲୋଚନାରେ, ସଭାସମିତିରେ କିମ୍ବା ଆନୁଷ୍ଠାନିକ କାମ ସକାଶେ କୌଣସି ଅସୁବିଧା ରହିବ ନାହିଁ ।

**ବିଛା** ଆଜିର କର୍ମକ୍ଷେତ୍ର, ଆର୍ଥିକ ସ୍ଥିତି, ସଭାସମିତି, ପ୍ରଶାସନ ଓ ଜମିଜମା କାରବାର ପାଇଁ ଦିନଟି ଭଲ । ଭଲ ପଡୁନଥିବା ନିଜ ପରିସରର ଲୋକ ଅପଯଶ ଗାଇ ବୁଲିପାରନ୍ତି । କେତେକ କ୍ଷେତ୍ରରେ ଶୀଘ୍ର ନିଷ୍ପତ୍ତି ନେବାକୁ ବାଧ ହୋଇ ଦ୍ୱନ୍ଦ୍ୱରେ ପଡ଼ିବେ । ଅବଶ୍ୟ ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ଏକ ପ୍ରକାର ଖୁସି ରହିବ ।

**ଧନୁ** ଆର୍ଥିକ ସ୍ଥିତି ମଜଭୁତ ରହିବ । ଦୁଃସାହସିକ ପଦକ୍ଷେପ କର୍ମକ୍ଷେତ୍ରର ପ୍ରତିବନ୍ଧକକୁ ହଟାଇଦେବ । ଆଗାମୀ ଦିନର ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି । ମାଲି ମକଦ୍ଦମାରେ ବିଳମ୍ବଜନିତ ମାନସିକ ଅସ୍ଥିରତା ବୃଦ୍ଧି ପାଇବ । କଚେରି ମାମଲାରେ ଅଦାଲତର ରାୟ ଆପଣଙ୍କ ସପକ୍ଷରେ ଯିବାର ସୂଚନା ରହିଛି ।

**ମକର** କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ବନ୍ଧୁଙ୍କର ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହେବେ । ବନ୍ଧୁମାନଙ୍କ ସହ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି । ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ଖର୍ଚ୍ଚଭାର ବୃଦ୍ଧି ମାନସିକ ଅଶାନ୍ତିର କାରଣ ହୋଇପାରେ । ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦେଖାଦେଇପାରେ ।

**କୁମ୍ଭ** ଆଜି ସମସ୍ୟାର ସମାଧାନ ସାଙ୍ଗକୁ ଋଣ ପରିଶୋଧ କରି ଆଶ୍ୱସ୍ତି ଲାଭ କରିବେ । ପାରସ୍ପରିକ ଆଲୋଚନାରେ ବିବାଦୀୟ ଘଟଣା ଅମୀମାଂସିତ ରହିଯାଇପାରେ । ଶିଳ୍ପ, ବାଣିଜ୍ୟ, ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂର ହେବାର ପୂର୍ଣ୍ଣ ସୂଚନା ରହିଛି । ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିବେ ।

**ମୀନ** କର୍ମକ୍ଷେତ୍ରରେ ସମସ୍ୟା ଆପଣାଛାଏଁ ସୁଧୁରି ଯିବାରୁ ଆଶ୍ୱସ୍ତି ଲାଭ କରିବେ । ପ୍ରତ୍ୟେକ କ୍ଷେତ୍ରରେ କୌଶଳ ପ୍ରୟୋଗ କରି ଅନ୍ୟମାନଙ୍କ ମନକୁ ମନେଇ କିମ୍ବା ପିଠି ଥାପୁଡ଼େଇ କାମ ହାସଲ କରିବେ । ସାହିତ୍ୟ ପ୍ରତି ଅନୁରାଗ ବଢ଼ିବ ଓ ପ୍ରଶଂସିତ ମଧ୍ୟ ହେବେ । କିନ୍ତୁ ବନ୍ଧୁଙ୍କ ସହାୟତାରେ ପାଇଥିବା ସୁଯୋଗର ସଦ୍‌ବ୍ୟବହାର କରିପାରିବେ ନାହିଁ ।

ଆଜି ଅକ୍ଟୋବର ୫ ତାରିଖ, ବିଶ୍ୱ ଶିକ୍ଷକ ଦିବସ, ଆଶ୍ୱିନ ଶୁକ୍ଳପକ୍ଷର ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ରବିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରାଶିନକ୍ଷତ୍ର-ଦିବା ଘ.୦୮।୦୦ମି. ଗତେ ପୂର୍ବଭାଦ୍ର/କୁମ୍ଭ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୯ ଗତେ ଘ.୦୮।୫୦ ମଧ୍ୟେ ଘ.୦୧।୦୩ ଗତେ ଘ.୦୩।୦୬ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୩।୫୯ ଗତେ ଘ.୦୫।୨୭ ମଧ୍ୟେ ରାହୁକାଳ ॥

## ଜୀବନ ନେଉଛି କଫ୍ ...

ସେପ୍ଟେମ୍ବର ୭ରୁ ଅଦ୍ୟାବଧି ନକଲି କଫ୍ ସିରପ୍ ସେବନକରି ମଧ୍ୟପ୍ରଦେଶର ଛିନ୍ଦ୍‌ୱାଡ଼ାରେ ୭ ଶିଶୁଙ୍କ ମୃତ୍ୟୁ ଘଟିଥିବାବେଳେ ରାଜସ୍ଥାନରେ ୩ ପିଲା ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି । ସେହିପରି ଅନ୍ୟ କେତେକ ରାଜ୍ୟରେ ମଧ୍ୟ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି । ଅଭିଯୋଗ ଆସିବା ପରେ ପ୍ରଥମେ ରାଜ୍ୟଗୁଡ଼ିକର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଥିଲା । ତେବେ ତାମିଲନାଡୁର ସ୍ରେସାନ୍ ଫାର୍ମା ପକ୍ଷରୁ ପ୍ରସ୍ତୁତ କୋଲ୍ଡରିଫ୍ ସିରପ୍‌ରେ ଡିଇଜି ମାତ୍ରା ଅତ୍ୟଧିକ ରହିଥିବା ଯାଞ୍ଚରୁ ଜଣାପଡ଼ିଥିବା ବିଷୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଶନିବାର ସ୍ପଷ୍ଟ କରିଛି । ଡିଇଜି ହେଉଛି ଏଭଳି ଏକ ବିଷାକ୍ତ ଉପାଦାନ, ଯାହାକୁ ଶିଳ୍ପ ଉତ୍ପାଦ ରୂପେ ବ୍ୟବହାର କରାଯାଇଥାଏ । ମଧ୍ୟପ୍ରଦେଶରେ ଉପଲବ୍ଧ କଫ୍ ସିରପ୍‌ରେ ଡିଇଜିର ମାତ୍ରା ଯାଞ୍ଚ କରିବା ପାଇଁ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି, ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ, ନ୍ୟାଶନାଲ ଏନ୍‌ଭାଇରନ୍‌ମେଣ୍ଟାଲ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍, ସିଡିଏସ୍‌ସିଓ ଏବଂ ଏମ୍ସ ନାଗପୁରର ଅଧିକାରୀମାନଙ୍କୁ ନେଇ ଗଠିତ ଏକ ଟିମ୍ ଛିନ୍ଦ୍‌ୱାଡ଼ା ଶିଶୁ ମୃତ୍ୟୁର ତଦନ୍ତ ଚଳାଇଛି । ଉଲ୍ଲେଖଯୋଗ୍ୟ, ଭାରତୀୟ କଫ୍ ସିରପ୍ ଏହା ପୂର୍ବରୁ ମଧ୍ୟ ସନ୍ଦେହ ଘେରକୁ ଆସିଥିଲା । ୨୦୨୨ରେ ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆରେ ଡିଇଜି ମାତ୍ରା ଅଧିକ ଥିବା ଭାରତୀୟ କଫ୍ ସିରପ୍ ସେବନକରି ୭୦ ପିଲାଙ୍କ ମୃତ୍ୟୁ ଘଟିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ସ୍ପଷ୍ଟ କରିଥିଲା । ଅନ୍ୟପକ୍ଷେ ନୂଆଦିଲ୍ଲୀ ଏହି ଅଭିଯୋଗକୁ ସେତେବେଳେ ଖଣ୍ଡନ କରିଥିଲା ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରକ୍ଷ ରକ୍ଷକ ପତିତ ପାବନ**
**ଅନ୍ଧର ରକ୍ଷକ ବାଡ଼ି**
**ଶୀତକୁ ରକ୍ଷକ ବହଳ କମ୍ବଳ,**
**ଘରକୁ ରକ୍ଷକ ବୁଢ଼ୀ।**

ଅସହାୟ ବ୍ୟକ୍ତିର ହରି ରକ୍ଷକ ହୋଇଥାନ୍ତି । ଅନ୍ଧ ବ୍ୟକ୍ତିଙ୍କର ଚଳପ୍ରଚଳରେ ବାଡ଼ି ସୁରକ୍ଷା ଯୋଗାଇଦେଇଥାଏ । ଶୀତର ଦାଉରୁ ରକ୍ଷା ପାଇବା ପାଇଁ କମ୍ବଳର ଆବଶ୍ୟକତା ପଡ଼ିଥାଏ । ସେହିପରି ସାଂସାରିକ ଅଭିଜ୍ଞତା ଦୃଷ୍ଟିରୁ ଘରର ରକ୍ଷକ ପୁରୁଖା ଲୋକ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଅନ୍ଧାର ରାତି**
**କେହି ନ ଜାଣନ୍ତି କାହାର ଜାତି ।**

ଅନ୍ଧକାରରେ ଆଖିକୁ କିଛି ସ୍ପଷ୍ଟ ଦିଶି ନ ଥାଏ । ଅନ୍ଧାରରେ ଯେମିତି ଜଣେ ଅନ୍ୟ ଜଣକୁ ଜାଣିବା ମୁସ୍କିଲ, ଉପର ଠାଉରିଆ ଭାବେ ସେମିତି ଜଣେ ଅନ୍ୟର ସ୍ୱଭାବ ଅବା ମନୋଭାବ ଠିକ ଭାବେ କଳନା କରିବା କଷ୍ଟକର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଫିଟୁଛି ଗୁମର, ...

ଭୁବନେଶ୍ୱରସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ସମ୍ମୁଖରେ ଏସ୍‌ଆଇ ଆଶାୟୀମାନେ ପ୍ରତିବାଦ କରିଥିବା ବେଳେ ଶନିବାର କଟକ ବିଶ୍ୱନାଥ ପଣ୍ଡିତ ପାଠାଗାର ସମ୍ମୁଖରେ ବହୁ ଆଶାୟୀ ଧାରଣା ଦେଇଥିଲେ । ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଶୀଘ୍ର ପରୀକ୍ଷା କରାଯାଉ ବୋଲି ସେମାନେ ଦାବି କରିଛନ୍ତି । ଏହି ଘଟଣାରେ ଓପିଆର୍‌ବି ଅଧିକାରୀଙ୍କ ହାତ ଥିବା ଅଭିଯୋଗ ଆସୁଥିବାବେଳେ କ୍ରାଇମ୍‌ବ୍ରାଞ୍ଚ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବ କି ନାହିଁ ପ୍ରଶ୍ନ ଉଠିଛି । ଏସ୍‌ଆଇ ପରୀକ୍ଷାର ପ୍ରଥମେ ଲିଖିତ, ଦ୍ୱିତୀୟ ପର୍ଯ୍ୟାୟରେ ଶାରୀରିକ ଏବଂ ଶେଷରେ ମୌଖିକ ପରୀକ୍ଷା ହୋଇଥାନ୍ତା । ଲିଖିତ ପରୀକ୍ଷା କରିବାକୁ ଘରୋଇ ସଂସ୍ଥାକୁ ଟେଣ୍ଡର ଦିଆଯାଇଥିବାବେଳେ ଓପିଆର୍‌ବି ଶାରୀରିକ ଓ ମୌଖିକ ପରୀକ୍ଷା କରିଥାନ୍ତା । ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଇବାକୁ ୨୫ ଲକ୍ଷର ଡିଲ୍ ହୋଇଥିବା କୁହାଯାଉଥିବାବେଳେ ଏଥିରେ କାହାର ଭାଗ କେତେ ସେନେଇ ଚର୍ଚ୍ଚା ହେଉଛି । ଏହି ଘଟଣାରେ ବଡ଼ ପୋଲିସ ଅଧିକାରୀଙ୍କ ହାତ ଥିବା ଚର୍ଚ୍ଚା ହେଉଥିବା ବେଳେ କ୍ରାଇମବ୍ରାଞ୍ଚ ସେମାନଙ୍କୁ ଜେରା କରିବ କି ନାହିଁ ପ୍ରଶ୍ନ ଉଠିଛି । ତେବେ ଏହି ଜାଲିଆତି ଘଟଣାରେ ବ୍ରହ୍ମପୁରସ୍ଥିତ ପଞ୍ଚସଫ୍ଟ ସଂସ୍ଥାର ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ଏହାର ମୁଖ୍ୟ ଶଙ୍କର ପୃଷ୍ଟି ଫେରାର ଅଛନ୍ତି ।

### ୩ ଦିନର ଶିଶୁକନ୍ୟା ...

ଏହି ଟିମ୍ ପହଞ୍ଚିବା ପୂର୍ବରୁ ଶିଶୁକନ୍ୟାଙ୍କ ବାପା ଫେରାର ହୋଇଯାଇଥିବା ବେଳେ ମା' ତାଙ୍କ ବାପଘର ଚାନ୍ଦବାଲି ବ୍ଲକ ତେନ୍ତୁଲିଡିହ ଗ୍ରାମକୁ ପଳାଇ ଯାଇଥିବା ଜଣାପଡ଼ିଛି । ଜଣେ ବ୍ୟକ୍ତିଙ୍କ ପୂର୍ବରୁ ଏକ କନ୍ୟା ସନ୍ତାନ ଥିଲା । ଗତ ୩୦ରେ ଆଉ ଏକ କନ୍ୟା ସନ୍ତାନ ବାସୁଦେବପୁର ଡାକ୍ତରଖାନାରେ ଜନ୍ମ ନେଇଥିଲା । ଏହା ପରେ ବ୍ୟକ୍ତିଜଣକ ତାଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେଇଥିଲେ । ଏହାସହ ସେହି ଶିଶୁକନ୍ୟାଙ୍କୁ କାହାକୁ ଦେଇଦେବା ପାଇଁ ଯୋଜନା କରିଥିଲେ । ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇ ମହିଳାଜଣକ ଘରକୁ ଆସିବା ପରେ ଶନିବାର ଶିଶୁକନ୍ୟାଙ୍କୁ ତିହିଡ଼ି ବ୍ଲକ ପୀରହାଟ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ବେଆଇନ ଭାବେ ହସ୍ତାନ୍ତର କରିଥିବା ଜଣାପଡ଼ିଛି । ଏ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ରାଜ୍ୟ ଶିଶୁ ସୁରକ୍ଷା ଡେସ୍କର ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ବିଭାଗ ଖୋଳତାଡ଼ କରିଛି । ତଦନ୍ତ ବେଳେ ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କ କହିବା ଅନୁଯାୟୀ, ନବଜାତ ଶିଶୁର ପ୍ରାଥମିକ ସ୍ୱାସ୍ଥ୍ୟପରୀକ୍ଷା ପାଇଁ ଶନିବାର ତାଙ୍କ ଘରକୁ ଯାଇଥିଲେ । ହେଲେ ଶିଶୁକନ୍ୟା ଓ ତାଙ୍କ ମା' ଘରେ ନ ଥିଲେ । ଏଣୁ ତାଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଓ କେତେ ଟଙ୍କାରେ ଶିଶୁକନ୍ୟାଙ୍କୁ ବିକ୍ରି କରାଯାଇଛି ସେନେଇ ଶିଶୁ ସୁରକ୍ଷା ବିଭାଗ ତଦନ୍ତ ଆରମ୍ଭ କରିଛି । ବିଭାଗର ବାହ୍ୟ କର୍ମୀ ଦମୟନ୍ତୀ ଦାସ, ମାମଲା କର୍ମୀ ଚନ୍ଦ୍ରକାନ୍ତ ଗୋଚ୍ଛାୟତ, ସୁପରଭାଇଜର ଦିଗ୍‌ବିଜୟ ମହାନ୍ତି, ପରାମର୍ଶଦାତା ଲକ୍ଷ୍ମଣ କୁମାର ଜେନା ଅନୁସନ୍ଧାନ କରିଛନ୍ତି । ଶିଶୁକନ୍ୟାଙ୍କ ମା' ବାପା ଅନୁପସ୍ଥିତ ଥିବାରୁ ଘଟଣାର ତଦନ୍ତ ଆଗେଇ ପାରି ନ ଥିବାବେଳେ ସମସ୍ତ ଦିଗକୁ ଗୁରୁତ୍ୱ ଦିଆଯିବ ବୋଲି ଜିଲା ଶିଶୁ ସୁରକ୍ଷା ବିଭାଗର ବାହ୍ୟ କର୍ମୀ ଦାସ କହିଛନ୍ତି ।

# ସରକାରଙ୍କୁ ଟାର୍ଗେଟ କଲେ ବିରୋଧୀ

- ସିବିଆଇ ତଦନ୍ତ ଦାବିରେ ୬ରେ ଧାରଣା ଦେବ ଯୁବଛାତ୍ର ବିଜେଡି
- ଏସ୍‌ଆଇ ନିଯୁକ୍ତିରେ ଦୁର୍ନୀତି ଯୁବଶକ୍ତିର ଆସ୍ଥା ଭାଙ୍ଗିଦେଇଛି: କଂଗ୍ରେସ

ଭୁବନେଶ୍ୱର, ୪।୧୦ (ସୁନିତ୍ ମିଶ୍ର)

ଓଡ଼ିଶା ପୋଲିସ ସବ୍‌ଇନ୍ସପେକ୍ଟର (ଏସ୍‌ଆଇ) ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ସାମ୍ନାକୁ ଆସିବା ପରେ ବିରୋଧୀ ଦଳଗୁଡ଼ିକ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି । ପୋଲିସ ବିଭାଗରେ ଏହି ଦୁର୍ନୀତି ହୋଇଛି । ତେଣୁ ପୋଲିସ ବିଭାଗର ଏକ ଅଂଶ କ୍ରାଇମବ୍ରାଞ୍ଚ ଦ୍ୱାରା ଏହି ଦୁର୍ନୀତିର ତଦନ୍ତ କରାଯିବା ଗ୍ରହଣୀୟ ନୁହେଁ ବୋଲି ବିଜେଡି କହିଛି । ଶଙ୍ଖ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ କହିଛନ୍ତି, କେଳେଙ୍କାରୀରେ ରାଜ୍ୟ ସରକାରଙ୍କ ଭୂମିକା ପ୍ରଶ୍ନବାଚୀ ହୋଇଛି । ନିଯୁକ୍ତି ପରୀକ୍ଷା କରିବା ପାଇଁ ପ୍ରାଥମିକ ଭାବେ ଭାରତ ସରକାରଙ୍କ ସଂସ୍ଥା ଆଇଟିଆଇକୁ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ଦୁଇ ଦୁଇଟି ସଂସ୍ଥାକୁ ଆଉଟ୍‌ସୋର୍ସିଂ କରାଯାଇଥିଲା । ଏହି ଆଉଟ୍‌ସୋର୍ସିଂ ମାଧ୍ୟମରେ ଦୁର୍ନୀତି କରିବା ପାଇଁ ସରକାର ବାଟ ତିଆରି କରିଥିଲେ । ଘଟଣାରେ ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି)ର ଅଧ୍ୟକ୍ଷ ଓ ରାଜ୍ୟ ଗୃହ ବିଭାଗ ସଚିବ ତଦନ୍ତ ପରିସରଭୁକ୍ତ ହେବା ଦରକାର । ରାଜ୍ୟର ବହୁ ହଜାର ଚାକିରି ଆଶାୟୀ ଘଟଣାରେ ହତାଶ ହୋଇଛନ୍ତି । ଆସନ୍ତା ୬ ତାରିଖରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଭୁବନେଶ୍ୱରରେ ଧାରଣା ଦିଆଯିବ ବୋଲି ଚିନ୍ମୟ କହିଛନ୍ତି ।

ସେହିପରି କଂଗ୍ରେସ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ନେତା ଦେବାଶିଷ ନାୟକ କହିଛନ୍ତି, ଏସ୍‌ଆଇ ନିଯୁକ୍ତି ପରୀକ୍ଷାରେ ଯେଉଁଭଳି ଅନିୟମିତତା ଦେଖାଦେଇଛି, ତାହା ରାଜ୍ୟ ଯୁବଶକ୍ତିର ଆସ୍ଥାକୁ ଭାଙ୍ଗିଦେଇଛି । ବର୍ଷ ବର୍ଷ ଧରି ପରିଶ୍ରମ କରୁଥିବା ଯୁବକମାନେ ବର୍ତ୍ତମାନ ଅନ୍ୟାୟରେ ଅଭିଯୁକ୍ତ ହୋଇଛନ୍ତି । କିନ୍ତୁ ମୁଖ୍ୟ ଦୁର୍ନୀତିକାରୀମାନେ ଖୋଲା ବୁଲୁଛନ୍ତି । ଏହା ୨୫ ଲକ୍ଷ ଟଙ୍କାର ଡିଲ୍ । ଏହା ଆମେ କହୁନୁ, ପୋଲିସ କହୁଛି । ଗରିବ ମା' ଓ ବାପା ସେମାନଙ୍କ ପିଲାର ଭବିଷ୍ୟତ ଲାଗି ଝିଅ ବାହାଘର ପାଇଁ ରଖିଥିବା ଟଙ୍କାକୁ ଦଲାଲଙ୍କୁ ଦେଇଦେଲେ । ଏହା କେବଳ ଭାଜପା ସରକାରରେ ଚାଲୁଛି ତାହା ନୁହେଁ, ବିଜେଡି ସରକାରରେ ମଧ୍ୟ ଚାଲୁଥିଲା । ବିଜେଡି ଯେପରି ଆଉଟ୍‌ସୋର୍ସିଂ କରି ଚାନ୍ଦା ଆଦାୟ କରିଥିଲା, ଭାଜପା ମଧ୍ୟ ସେଇଆ କରୁଛି ବୋଲି ସେ କହିଛନ୍ତି । ପିସିସି ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ରାଜ୍ୟରେ ୧୫ ମାସର ସରକାରରେ ୧୫ ଥର ପ୍ରଶ୍ନପତ୍ର ଲିକ୍‌ହେବା ଦର୍ଶାଉଛି, ସରକାର ମେଧାବୀ ଗରିବ ଯୁବକଙ୍କଠାରୁ ପରୀକ୍ଷା ଫି' ବାବଦ ବହୁ କୋଟି ଟଙ୍କା ଆତ୍ମସାତ୍ କରୁଛନ୍ତି । ଓଟିଇଟି ପରୀକ୍ଷା ୪ ଥର( ୨୦୨୪ରେ ୨ ଏବଂ ୨୦୨୫ ରେ ୨ ଥର), ଆର୍‌ଆଇ, ଅମିନ ପରୀକ୍ଷା ୨ ଥର, ଯାହାକି ୨ୟ ଥର ଜଣେ ଭାଜପା ନେତାଙ୍କ ଇଣ୍ଟରନେଟ୍ କାଫେରୁ ଲିକ୍ ହୋଇଛି । ଓଜେଏସ୍ ପରୀକ୍ଷା ବାତିଲ ହୋଇଥିଲା । ପ୍ରଶ୍ନପତ୍ର ଲିକ୍ ପାଇଁ ପାଖାପାଖି ୨୫୦୦ ପିଲା ଓଜେଏସ୍ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ । ସେହିପରି ଛାତ୍ରନେତା ବିଭୂତି ଭୂଷଣ ମହାପାତ୍ର କହିଛନ୍ତି, ରାଜ୍ୟରେ ନିଯୁକ୍ତି ଦୁର୍ନୀତି ଏକ ବ୍ୟବସାୟ ହୋଇଯାଇଛି । ଏହି ବ୍ୟବସାୟୀମାନଙ୍କୁ ସରକାର ପ୍ରୋତ୍ସାହନ ଦେଉଛନ୍ତି ବୋଲି ସେ କହିଛନ୍ତି ।

### ନିର୍ମାଣ ହେବ ଅତ୍ୟାଧୁନିକ ...

- ୨ ବର୍ଷରେ ସରିବ କାର୍ଯ୍ୟ, ପ୍ରଥମ ପର୍ଯ୍ୟାୟରେ ୨୦୦ କୋଟି ମଞ୍ଜୁର
- ବିପର୍ଯ୍ୟୟ ମୁକାବିଲା କରୁଥିବା ସବୁ କାର୍ଯ୍ୟାଳୟ ଗୋଟିଏ ଜାଗାରେ ରହିବ
- ଲୋକସେବା ଭବନ ପାଖରେ ହେବ ଏବି ମଲ୍ଟି ଷ୍ଟୋରିଏଡ୍ , ଭୂତଳ ବିଲ୍ଡିଂ

କିଛି ଯଦି ହୋଇଯାଏ ତେବେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି କାର୍ଯ୍ୟରତ ସଂସ୍ଥାଗୁଡିକ ପ୍ରଭାବିତ ହେବେ । ତେଣୁ ସେସବୁକୁ ଦୃଷ୍ଟିରେ ରଖି ରାଜ୍ୟରେ ଏକ ଅତ୍ୟାଧୁନିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ହୋଇଛି । ନୂଆ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ ମଲ୍ଟି ଷ୍ଟୋରିଏଡ୍ ଏବଂ ଭୂତଳ ବିଲ୍ଡିଂ ହେବ । ଯଦି ଭୁବନେଶ୍ୱରରେ କେବେ ବିପର୍ଯ୍ୟୟ ଆସେ ତାକୁ କଣ୍ଟ୍ରୋଲ କଲାଭଳି ଦପ୍ତର, କଣ୍ଟ୍ରୋଲ ରୁମ୍ ରହିବ । ବିପର୍ଯ୍ୟୟ ମୁକାବିଲା ଲାଗି ଯେଉଁସବୁ ସଂସ୍ଥା କାର୍ଯ୍ୟ କରୁଛନ୍ତି ସେଗୁଡିକ ଭିନ୍ନ ଭିନ୍ନ ସ୍ଥାନରେ ରହିଛନ୍ତି । ବିପର୍ଯ୍ୟୟ ପରିଚାଳନା ବିଭାଗ ଲୋକସେବା ଭବନ ଭିତରେ ରହିଛି । ଅଗ୍ନିଶମ ବିଭାଗ ଲୋକସେବା ଭବନଠାରୁ ୫ କି.ମି. ଆଗକୁ ପୁରୀ ରୋଡ୍‌ରେ ରହିଛି । ସେହିପରି ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ଜଙ୍ଗଲ ବିଭାଗ, ପାଣିପାଗ ବିଭାଗ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ମୂଳଦୁଆ କାମ କରିଥାଆନ୍ତି । ସେହିସବୁ ବିଭାଗକୁ ସମାହିତ କରି ଗୋଟିଏ ସ୍ଥାନରେ କାର୍ଯ୍ୟ କରାଯିବ । ସେସବୁ ସଂସ୍ଥାର କାର୍ଯ୍ୟ ଗୋଟିଏ ଦପ୍ତରରେ ଚାଲିବ । ସେହିସବୁ ସଂସ୍ଥାର କର୍ମଚାରୀମାନଙ୍କୁ ଯୋଡ଼ିବା ଲାଗି ଆଧୁନିକ କାରିଗରିର ବ୍ୟବସ୍ଥା ରହିବ । ଜିଲାପାଳମାନଙ୍କ ସହ ବିଜୁଳି ଏବଂ ଟେଲିକମ୍ୟୁନିକେଶନ ବ୍ୟବସ୍ଥା ପ୍ରଭାବିତ ହେଲେ ମଧ୍ୟ ସେମାନଙ୍କ ସହ ଯୋଡ଼ିହେବା ଲାଗି ଆଧୁନିକ ବ୍ୟବସ୍ଥା କରାଯିବ । ସେମାନଙ୍କଠାରୁ ସବିଶେଷ ବିବରଣୀ ନିଆଯିବ ଏବଂ ସେମାନଙ୍କୁ ନିର୍ଦ୍ଦେଶ ଦେଲାଭଳି କାର୍ଯ୍ୟାଳୟ ହେବାକୁ ଯାଉଛି । ସେହି କାର୍ଯ୍ୟାଳୟର କାମ ଶେଷ ହେବା ପାଇଁ ୨ ବର୍ଷ ସମୟ ଲାଗିବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି ।

## ବିଜେଡି ଛାଡ଼ିଲେ ଅନ୍ତର୍ଯ୍ୟାମୀ ଗମାଙ୍ଗ



ପାରଳାଖେମୁଣ୍ଡି,୪।୧୦(ଗିରିଧାରୀ ପରିଚ୍ଛା): ୨୦୨୪ ସାଧାରଣ ନିର୍ବାଚନରେ ମୋହନାର ବିଜେଡି ବିଧାୟକ ପ୍ରାର୍ଥୀ ହୋଇଥିବା ଅନ୍ତର୍ଯ୍ୟାମୀ ଗମାଙ୍ଗ ଶନିବାର ବିଜେଡି ଛାଡ଼ିଛନ୍ତି। ସେ ନିଜ ବ୍ୟକ୍ତିଗତ କାରଣ ପାଇଁ ଇସ୍ତଫା ଦେଇଥିବା ପ୍ରଦତ୍ତ ଇସ୍ତଫା ପତ୍ରରେ ଉଲ୍ଲେଖ କରିଥିବା ବେଳେ ବିଜେଡିରେ ବିଶୃଙ୍ଖଳା ଯୋଗୁ ଦଳରୁ ଇସ୍ତଫା ଦେବାକୁ ପଡିଲା ବୋଲି କହିଛନ୍ତି। ଅନ୍ତର୍ଯ୍ୟାମୀ ୨୦୦୯ରେ ଭାଜପାରୁ ମୋହନା ନିର୍ବାଚନମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ। ମାତ୍ର ୨୦୧୪ରେ ସେ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ତାଙ୍କ ଯୋଗଦାନ ପରେ ମୋହନାରେ ବିଜେଡି ସଶକ୍ତ ହୋଇଥିଲା। ତାଙ୍କ ସ୍ତ୍ରୀ ପୂର୍ଣ୍ଣବାସୀ ନାୟକଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ୨୦୨୪ରେ ଅନ୍ତର୍ଯ୍ୟାମୀ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ। ମାତ୍ର ସେ ଜିତି ପାରି ନ ଥିଲେ। ସେ ୨୦୧୭ରୁ ୨୦୧୯ ଯାଏ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଜିଲା ଅଧ୍ୟକ୍ଷ ଥିଲେ।





ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

# ନଡ୍ଡା, ରାଧାକ୍ରିଷ୍ଣନ୍‌ଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୧୦(ସୁନିତ୍ ମିଶ୍ର)

**ସାଙ୍ଗଠନିକ ବିଷୟ ଓ ରାଜନୈତିକ ସ୍ଥିତି ଉପରେ ଆଲୋଚନା ହୋଇଥିବା କହିଲେ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ତାଙ୍କର ଦିନିକିଆ ନୂଆଦିଲ୍ଲୀ ଗସ୍ତ ଶେଷକରି ସନ୍ଧ୍ୟା ସୁଦ୍ଧା ଓଡ଼ିଶା ଫେରି ଆସିଛନ୍ତି। ପୂର୍ବରୁ ତାଙ୍କର ୨ ଦିନିଆ ନୂଆଦିଲ୍ଲୀ ଗସ୍ତ କାର୍ଯ୍ୟକ୍ରମ ଥିବାବେଳେ ପରବର୍ତ୍ତୀ ସମୟରେ ଏଥିରେ ପରିବର୍ତ୍ତନ କରାଯାଇଥିଲା। ଏହି ଅବସରରେ ସେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ଭେଟି ତାଙ୍କ ସହ ଆଲୋଚନା କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସରେ ପୋଷ୍ଟକରି କହିଛନ୍ତି, ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବାର ସୁଯୋଗ ପ୍ରାପ୍ତ ହେଲା। ଏହି ସମୟରେ ବିଭିନ୍ନ ସାଙ୍ଗଠନିକ ବିଷୟ, ରାଜନୈତିକ ପରିସ୍ଥିତି ଏବଂ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଦୃଷ୍ଟିଭଙ୍ଗୀ ଓ ପରାମର୍ଶ ଆଗକୁ ଅଧିକ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ପ୍ରେରିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ସହ ଏହି ଅବସରରେ ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ଉପସ୍ଥିତ ଥିଲେ। କିଛିଦିନ ହେବ ଦଳର ସାଙ୍ଗଠନିକ ନିଯୁକ୍ତି, ବୋର୍ଡ ଓ ନିଗମରେ ନିଯୁକ୍ତି, ଏହା ସହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଚର୍ଚ୍ଚା ହୋଇଆସୁଛି। ତେଣୁ ଏହିସବୁ କାର୍ଯ୍ୟ କରିବା ଉପରେ କିଛି ଆଲୋଚନା ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି। ସେହିପରି ମୁଖ୍ୟମନ୍ତ୍ରୀ ଏହି ଦିନିକିଆ ଗସ୍ତ ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍‌ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେ ରାଜ୍ୟର ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣକାରୀ ଯୋଜନା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଛନ୍ତି। ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ସମ୍ପର୍କିତ ବହି ପ୍ରଦାନ କରି ଦୀର୍ଘମିଆଦୀ ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଥିବା କଥା କହିଛନ୍ତି। ଉପରାଷ୍ଟ୍ରପତିଙ୍କ ପ୍ରେରଣା ଓ ମାର୍ଗଦର୍ଶିକା ପାଇଁ କୃତଜ୍ଞ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମଧ୍ୟ ବିଜୟପାଲ ସାଙ୍ଗରେ ଯାଇଥିଲେ।

## ଜାନୁଆରୀ ୨୨ରୁ 'କୃଷି ଓଡ଼ିଶା'

ଭୁବନେଶ୍ୱର,୪।୧୦(ସୁନିତ୍ ମିଶ୍ର)

କୃଷି ଓଡ଼ିଶା ୨୦୨୫-୨୬ ନିମନ୍ତେ ପ୍ରସ୍ତୁତି ବୈଠକ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୨୨ରୁ ୨୪ ପର୍ଯ୍ୟନ୍ତ କୃଷି ଓଡ଼ିଶା ସମାବେଶ ପାଳନ କରାଯିବ। ବୈଠକର ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷଠାରୁ ପ୍ରତିବର୍ଷ ଜାନୁଆରୀର ଏହିଦିନରେ ହିଁ କୃଷି ଓଡ଼ିଶା ସମାବେଶର ଆୟୋଜନ କରାଯିବ। ଦେଶ ତଥା ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ବୁଦ୍ଧିଜୀବୀ, ସଫଳ ଚାଷୀ, ବୈଜ୍ଞାନିକ, କୃଷି ଉତ୍ପାଦକମାନେ ଯୋଗଦେବେ। କୃଷି ଉଦ୍ୟୋଗୀ, ସ୍ୱୟଂ ସହାୟିକା ଗୋଷ୍ଠୀ, ମିଶନ ଶକ୍ତି ସଦସ୍ୟସଦସ୍ୟାଙ୍କ ଦ୍ୱାରା ୨୫୦ରୁ ଊର୍ଦ୍ଧ୍ୱଷ୍ଟଲ୍‌ର ପ୍ରଦର୍ଶନ କରାଯିବ। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ସମାବେଶ ହେବ। କୃଷି ଯାନ୍ତ୍ରିକୀକରଣ ତଥା ଅତ୍ୟାଧୁନିକ ଯନ୍ତ୍ରପାତିର ସ୍ୱତନ୍ତ୍ର ପ୍ରଦର୍ଶନ କରାଯିବା ଯୋଜନା ମଧ୍ୟ ରହିଛି। ଦୂରଦୂରାନ୍ତରୁ ଆସୁଥିବା ଚାଷୀଙ୍କ ରହିବା ତଥା ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଏହି ପ୍ରସ୍ତୁତି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଆଲୋଚନା କରିଛନ୍ତି।

# 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ'ରେ ଓଡ଼ିଶା ଅଗ୍ରଣୀ

ଭୁବନେଶ୍ୱର,୪।୧୦(ବନ୍ଦନା ସେଠୀ)

- ୧ କୋଟିରୁ ଅଧିକ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଦେଶରେ ଦ୍ୱିତୀୟ ସର୍ବାଧିକ
- ୮୫ହଜାରରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଚତୁର୍ଥ ସ୍ଥାନ ହାସଲ

'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନରେ ଜାତୀୟସ୍ତରରେ ଓଡ଼ିଶା ଅଗ୍ରଣୀ ରହିବା ସହ ବହୁବିଧ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରଶଂସା ହାସଲ କରିଛି। ମହିଳାଙ୍କ ସ୍ୱାସ୍ଥ୍ୟ ମାଧ୍ୟମରେ ପରିବାରକୁ ସଶକ୍ତ କରିବା ଲକ୍ଷ୍ୟରେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଯାଏ ଚାଲିଥିବା ଏହି ଅଭିଯାନ ଅଂଶଗ୍ରହଣ, ସ୍କ୍ରିନିଂ ଏବଂ ଗୋଷ୍ଠୀ ସମ୍ପୃକ୍ତିରେ ମାନଦଣ୍ଡ ସ୍ଥାପନ କରିଛି। ସମସ୍ତ ଗ୍ରାମୀଣ ଓ ସହରାଞ୍ଚଳରେ ଆରୋଗ୍ୟ ମନ୍ଦିର, ପ୍ରାଥମିକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୮୫ ହଜାରରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏ କ୍ଷେତ୍ରରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି। ଏହି ସମୟ ମଧ୍ୟରେ ପ୍ରାୟ ୧କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି, ଯାହା ଦେଶରେ ଦ୍ୱିତୀୟ ସର୍ବାଧିକ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଆୟୋଜିତ ଏକ ସ୍ୱାସ୍ଥ୍ୟ ଶିବିରରେ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷାଗୁଡ଼ିକରେ ୧୨ଲକ୍ଷ ରକ୍ତଚାପ ସ୍କ୍ରିନିଂ, ୧୨.୨ ଲକ୍ଷ ମଧୁମେହ ସ୍କ୍ରିନିଂ, ୩.୨ଲକ୍ଷ ମୁଖ କର୍କଟ ସ୍କ୍ରିନିଂ, ୩.୩ଲକ୍ଷ ସ୍ତନକର୍କଟ ସ୍କ୍ରିନିଂ, ୪୦ହଜାର ଗର୍ଭାଶୟ କର୍କଟ ସ୍କ୍ରିନିଂ, ୬.୫ଲକ୍ଷ କିଶୋରୀ ଝିଅଙ୍କ ମାସିକଧର୍ମ ସ୍ୱଚ୍ଛତା ସ୍କ୍ରିନିଂ ଉପରେ ପରାମର୍ଶ ଅନ୍ତର୍ଭୁକ୍ତ ଥିଲା। ଏହାବ୍ୟତୀତ ବିଭିନ୍ନ ଜିଲାରେ ଆୟୋଜିତ ୫୨୩ ସ୍ୱେଚ୍ଛାସେବୀ ରକ୍ତଦାନ ଶିବିର ମାଧ୍ୟମରେ ୩୨,୮୬୫ ରକ୍ତ ୟୁନିଟ ସଂଗ୍ରହ କରାଯାଇଛି। ଜାତୀୟ ଡାଟା ପୋର୍ଟାଲ ଅନୁଯାୟୀ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ରାଜସ୍ଥାନ ଭଳି ଉଚ୍ଚ ପ୍ରଦର୍ଶନକାରୀ ରାଜ୍ୟ ସହିତ ଓଡ଼ିଶାର ସଫଳତା ଉଚ୍ଚ ରହିଛି। ମୋଟ ଶିବିର ଓ ସ୍କ୍ରିନିଂରେ ମଧ୍ୟପ୍ରଦେଶ ଆଗରେ ଥିବାବେଳେ ଓଡ଼ିଶା ଲିଙ୍ଗ-ସମ୍ବେଦନଶୀଳ ପ୍ରସାର ଏବଂ କିଶୋର ସ୍ୱାସ୍ଥ୍ୟ ପଦକ୍ଷେପରେ ଭଲ ପ୍ରଦର୍ଶନ କରିଛି। କର୍କଟ ସ୍କ୍ରିନିଂ ଏବଂ ମାସିକ ଋତୁସ୍ରାବ ପରିଚ୍ଛନ୍ନତା ପରାମର୍ଶରେ ସଫଳତା ଓଡ଼ିଶାକୁ ଅନେକ ବଡ଼ ରାଜ୍ୟ ତୁଳନାରେ ଆଗରେ ରଖିଥିବା ନେଇ ସୂଚନା ରହିଛି।

# ସହଯୋଗକୁ ଗୁରୁତ୍ୱ




ଶିକ୍ଷକମାନଙ୍କର ସମାଜ ପ୍ରତି ରହିଛି ଗୁରୁତ୍ୱପୂର୍ଣ୍ଣ ଅବଦାନ। ଏଥିସକାଶେ ସେମାନଙ୍କୁ ସମ୍ମାନିତ କରିବା ପାଇଁ ୧୯୯୪ରେ ଅକ୍ଟୋବର ୫ତାରିଖକୁ ବିଶ୍ୱ ଶିକ୍ଷକ ଦିବସ ଭାବରେ ପାଳନ ଲାଗି ୟୁନେସ୍କୋ ଘୋଷଣା କରିଥିଲା। ପୃଥିବୀର ୧୦୦ ରୁ ଅଧିକ ଦେଶ ଉକ୍ତ ଦିନ ବିଶ୍ୱ ଶିକ୍ଷକ ଦିବସ ପାଳନ କରିଆସୁଛନ୍ତି। ଆମ ଦେଶରେ ମହାନ୍ ଶିକ୍ଷକ ତଥା ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିନ (ସେପ୍ଟେମ୍ବର ୫)କୁ ଗୁରୁ ଦିବସ ଭାବରେ ପାଳନ କରାଯାଉଛି। ତେବେ ଚଳିତ ବର୍ଷ ବିଶ୍ୱ ଶିକ୍ଷକ ଦିବସ ଲାଗି ବିଷୟବସ୍ତୁ ରହିଛି 'ଶିକ୍ଷାଦାନକୁ ଏକ ସହଯୋଗୀ ବୃତ୍ତି ଭାବରେ ପୁନଃ ସ୍ଥାପନ କରିବା'। ଏହା ଶିକ୍ଷକ, ଛାତ୍ର, ସମ୍ପ୍ରଦାୟ ଓ ନୀତି ନିର୍ଦ୍ଧାରକଙ୍କ ମଧ୍ୟରେ ଦଳଗତ କାର୍ଯ୍ୟ ଏବଂ ସହଯୋଗର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଏ, ଯାହାଦ୍ୱାରା ବୃତ୍ତିଗତ ଅଭିବୃଦ୍ଧି ଓ ଶିକ୍ଷାଗତ ଫଳାଫଳକୁ ଉନ୍ନତ କରାଯାଇପାରିବ।

## ୫୫ ଦାଦନ ଶ୍ରମିକ ଉଦ୍ଧାର

କଣ୍ଟାବାଞ୍ଜି,୪।୧୦(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ଧୋବାପଡ଼ା ନିବାସୀ ଜଣେ ଦାଦନ ସର୍ଦ୍ଦାରଙ୍କ ଘରୁ ଅନ୍ୟ ରାଜ୍ୟକୁ ଚାଲାଣ ହେବାକୁ ଥିବା ୫୫ ଦାଦନ ଶ୍ରମିକଙ୍କୁ ପୋଲିସ ଶନିବାର ଉଦ୍ଧାର କରିଛି। ଦାଦନ ସର୍ଦ୍ଦାରଙ୍କ ଘରୁ ୧ଲକ୍ଷ ୬୭ ହଜାର ଟଙ୍କା ଜବତ ହୋଇଛି। ଶୁକ୍ରବାର ରାତିରେ ସର୍ଦ୍ଦାର ଜଣକ ଦାଦନ ଶ୍ରମିକମାନଙ୍କୁ ନିଜ ଘରେ ଲୁଚାଇ ରଖିଥିବାବେଳେ ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ଶ୍ରମିକଙ୍କ ମଧ୍ୟରେ ୨୫ ପୁରୁଷ,୧୬ ମହିଳା ଓ ୧୪ ନାବାଳକ ଥିବା ଜାଣିବାକୁ ମିଳିଛି। ଚାଲାଣ ହେବାକୁ ଥିବା ଦାଦନ ଶ୍ରମିକମାନେ ନୂଆପଡା ଜିଲା ଏବଂ ତୁରେକେଲା ଥାନା ଅଞ୍ଚଳର ବୋଲି ଜଣାପଡିଛି। ତେବେ ଦାଦନ ସର୍ଦ୍ଦାରଙ୍କ କାଗଜପତ୍ର ଯାଞ୍ଚ ପରେ ଉଦ୍ଧାର ଶ୍ରମିକମାନଙ୍କୁ ନିଜ ନିଜ ଗାଁକୁ ପୋଲିସ ସହାୟତାରେ ପଠାଇ ଦିଆଯାଇଛି।

## ଆଜିଠୁ ୧୯ ଯାଏ ବାଚସ୍ପତିଙ୍କ ବିଦେଶ ଗସ୍ତ

ଭୁବନେଶ୍ୱର,୪।୧୦(ସୁନିତ୍ ମିଶ୍ର)

ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ୬୮ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀ ଓ ନବମ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବା ପାଇଁ ରବିବାରଠାରୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ବିଦେଶ ଗସ୍ତରେ ଯିବେ। ଶନିବାର ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ବାଚସ୍ପତି କହିଛନ୍ତି, ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘରେ ଭାରତ ସମେତ ୫୬ ସଦସ୍ୟ ରାଷ୍ଟ୍ର ରହିଛନ୍ତି। ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନେତୃତ୍ୱରେ ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ, ପାର୍ଲାମେଣ୍ଟ ସଦସ୍ୟ, ୨୨ଟି ରାଜ୍ୟର ବାଚସ୍ପତି, ଉପବାଚସ୍ପତି ଓ ସଚିବ ଏହି ସମ୍ମିଳନୀରେ ଯୋଗଦେବେ। ବାଚସ୍ପତି ରବିବାର ଭୁବନେଶ୍ୱରରୁ ଦିଲ୍ଲୀ ଅଭିମୁଖେ ଯାତ୍ରାକରି ଲଣ୍ଡନ ଦେଇ ସୋମବାର ବାର୍ବାଡୋସ୍‌ରେ ପହଞ୍ଚିବେ। ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ସେଠାରେ ଅବସ୍ଥାନ କରିବା ସହ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀ ଓ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ସେ ବକ୍ତବ୍ୟ ରଖିବେ। ୭ରେ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ସମ୍ମିଳନୀ ଓ ନବମ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀର ପୂର୍ଣ୍ଣ ଅଧିବେଶନରେ ଯୋଗଦେବେ। ସେ ଲଣ୍ଡନରେ ପ୍ରବାସୀ ଓଡ଼ିଆମାନଙ୍କ ସହିତ ସମ୍ମିଳନୀର ବାର୍ତ୍ତା ଓ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ।

# ନିର୍ବାହୀ ଅଧିକାରୀଙ୍କୁ ପ୍ରମୁଖ ଶାସନ ସଚିବଙ୍କ ପ୍ରଶଂସାପତ୍ର

ଅନୁଗୋଳ,୪।୧୦(ଦିବ୍ୟଶାନ୍ତନୁ ନାଥ)

ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅନୁଗୋଳ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀଙ୍କୁ ପ୍ରଶଂସା କରାଯାଇଛି। ଅନୁଗୋଳ ପୌରପାଳିକାର ସଫେଇ କର୍ମଚାରୀ ଲକ୍ଷ୍ମଣ ଗୋଚ୍ଛାୟତଙ୍କ ଅବସର ଦିବସକୁ ନିର୍ବାହୀ ଅଧିକାରୀ ଏକ ସ୍ନେହ, ସମ୍ମାନ ଓ ଗରିମାର ସ୍ପର୍ଶ ଦେଇ ସ୍ମୃତିମୟ ଅନୁଭବରେ ପରିଣତ କରିଥିବାରୁ ବିଭାଗ ପକ୍ଷରୁ ଏହି ପ୍ରଶଂସାପତ୍ର ଜାରି କରାଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଗତ ୩ ତାରିଖରେ ଏହି ପ୍ରଶଂସାପତ୍ର ଜାରି କରିବା ସହ ସେଥିରେ ଲେଖିଛନ୍ତି, ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶଙ୍କ ଏପରି ଉଦ୍ୟମ କେବଳ ଏକ ଔପଚାରିକତା ନୁହେଁ; ଏହା ଦୟା, ସମାନତା ଓ ମାନବିକ ଶାସନର ପ୍ରତୀକ। ଏହା ସମସ୍ତ ସହରର ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ଏକ ପ୍ରେରଣାର ସୂତ୍ର। ଏହି ଘଟଣା ମାନବିକତା ଓ ସେବାଭାବ ଆଧାରିତ ଶାସନର ଏକ ଉଦାହରଣ ହୋଇ ସରକାରୀ ଅଧିକାରୀମାନଙ୍କ ମଧ୍ୟରେ ସେବା ଓ ସମ୍ମାନର ମୂଲ୍ୟବୋଧକୁ ଅଧିକ ସୁଦୃଢ଼ କରିବ। ସୂଚନାଯୋଗ୍ୟ, ଦୀର୍ଘ ୩୧ ବର୍ଷ ଧରି ଅନୁଗୋଳ ପୌରପାଳିକାରେ ନିଷ୍ଠାପର ଭାବେ ସେବା କରିଥିବା ସଫେଇ କର୍ମଚାରୀ ଲକ୍ଷ୍ମଣଙ୍କୁ ଗତ ୩୦ ତାରିଖରେ ଏକ ନିଆରା ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ନିର୍ବାହୀ ଅଧିକାରୀ ତ୍ରିପାଠୀ ଏହାର ଆୟୋଜନ ସହ ବ୍ୟକ୍ତିଗତ ଭାବେ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ଆଗାମୀ ଦିନରେ ପୁନଃ ନିଯୁକ୍ତି ଦିଗରେ ଉଦ୍ୟମ କରିବାକୁ ଆଶ୍ୱାସନା ଦେଇଥିଲେ। ଏପରି କି ଲକ୍ଷ୍ମଣଙ୍କ ଇଚ୍ଛା ପଚାରି ତାଙ୍କୁ କାର୍‌ରେ ନେଇ ଏକ ଷ୍ଟାର ହୋଟେଲରେ ଖୁଆଇବା ସହ ଘରେ ଛାଡ଼ିଥିଲେ।

**ଅନୁଗୋଳ ପୌର ସଫେଇ କର୍ମଚାରୀଙ୍କୁ ନିଆରା ଅବସର ସମ୍ବର୍ଦ୍ଧନା ଘଟଣା**



Usha Padhee, IAS

Housing and Urban Development Department
Government of Odisha

COMMENDATION

The Department proudly acknowledges the noble gesture of Shri Satya Prakash Tripathy, Executive Officer, Angul Municipality, who, on the occasion of the retirement of Sri Laxman Gochhayat, Safai Karmachari, infused the moment with warmth, dignity, and respect-transforming a routine farewell into a cherished memory.

Such an act is more than ceremonial; it is a testament to the values of compassion, inclusiveness, and humane governance. By honouring a frontline worker with genuine empathy, Shri Tripathy has reaffirmed that true leadership is reflected not only in policy and delivery, but also in the ability to recognise and celebrate human dignity at every level.

The Department commends this inspiring display of sensitivity and values-driven leadership and believes it will serve as a guiding light for officers across Urban Local Bodies-strengthening the spirit of service, humanity, and respect that defines good governance in a progressive Odisha.

Best wishes,

(Usha Padhee) 3/10/2025

3rd Floor, Kharavel Bhavan, Bhubaneswar, Odisha

ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ପ୍ରଶଂସାପତ୍ର।

# ପୁରାତନ ଛାତ୍ରୀଛାତ୍ରଙ୍କ ଯୋଗଦାନକୁ ଅଧିକ ବ୍ୟାପକ କରାଯିବ: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୪।୧୦(ସୁନିତ୍ ମିଶ୍ର)

ପୁରାତନ ଛାତ୍ରୀଛାତ୍ରଙ୍କ ଅବଦାନ ଅତୁଳନୀୟ। ସେମାନଙ୍କ ସହଯୋଗ ଓ ସହଭାଗିତାରେ ବିଦ୍ୟାଳୟର ସମୃଦ୍ଧି ହେଉଛି। ସ୍କୁଲର ଭିତ୍ତିଭୂମି ଓ ଗୁଣାତ୍ମକ ଶିକ୍ଷାଦାନରେ ପରିବର୍ତ୍ତନ ଆସିଛି। ସେମାନଙ୍କ ଏହି ନିଷ୍ଠାପର ସହଯୋଗ ଓ ତ୍ୟାଗ ବିଦ୍ୟାଳୟକୁ ଅଗ୍ରଗତି ଆଡ଼କୁ ନେଉଛି। ଆଗକୁ ଅଧିକ ପୁରାତନ ଛାତ୍ରୀଛାତ୍ର ନିଜ ବିଦ୍ୟାଳୟ ସହ ଯୋଡ଼ିହୋଇ ଏହାର ବିକାଶରେ ଯେପରି ନିଜକୁ ସାମିଲକରିବେ ସେ ଦିଗରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଶନିବାର ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନର ପ୍ରଥମ ପରିଚାଳନା ପରିଷଦ ବୈଠକରେ ପରିଷଦ ଅଧ୍ୟକ୍ଷ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏହା ଉଲ୍ଲେଖ କରିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସଙ୍ଗଠନର ପ୍ରଥମ ଓ ଦ୍ୱିତୀୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଛି। ୨ଟି ବୈଠକରେ ୨୫ ଜିଲାର ବିଭିନ୍ନ ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରୀଛାତ୍ରଙ୍କ ଆର୍ଥିକ ଅନୁଦାନ ସହ ସରକାରଙ୍କ ୨ଗୁଣା ଅନୁଦାନ ରାଶିକୁ ମିଶାଇ ମୋଟ ୨୬ କୋଟିଟଙ୍କାରେ ୧୫୬୯ଟି ପ୍ରକଳ୍ପକୁ ମଞ୍ଜୁର ଦିଆଯାଇଥିଲା। ବୈଠକରେ ଆହୁଜା ସଙ୍ଗଠନ ଅଧୀନରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରଶଂସା କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପିଏମଶ୍ରୀ ବିଦ୍ୟାଳୟ ଗୁଡ଼ିକରେ ୬ଷ୍ଠରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ଆର୍ଥିକ ସାକ୍ଷରତା ଉପରେ ଶିକ୍ଷା ଦିଆଯିବ। ଏଥିପାଇଁ ଜାତୀୟ ଆର୍ଥିକ ଶିକ୍ଷା କେନ୍ଦ୍ର(ଏନ୍‌ସିଏଫ୍‌ଇ) ସହ ପିଏସ୍‌ଏସ୍ ଚୁକ୍ତି କରିବ। ଐତିହ୍ୟ ବିଦ୍ୟାଳୟ ଅଧୀନରେ ରାଜ୍ୟର ୫୧ଟି ସବୁଠାରୁ ପୁରାତନ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶକୁ ଅନୁମୋଦନ ଦିଆଯାଇଛି। ଏହା ସହ ରାଜ୍ୟରେ ଚିହ୍ନଟ କରାଯାଇଥିବା କିଛି ସ୍କୁଲରେ ସିଏସ୍‌ଆର୍ ଅର୍ଥରେ ମଧ୍ୟାହ୍ନଭୋଜନ ହଲ୍ ନିର୍ମାଣ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି। ପରିଚାଳନା ପରିଷଦ ସଙ୍ଗଠନର ବାର୍ଷିକ ବ୍ୟୟକୁ ଅନୁମୋଦନ ଦେବା ସହ ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା ଓ ଅଟକଳ ବ୍ୟୟକୁ ମଞ୍ଜୁରି ଦେଇଛି।

DADLS-52

ଶହୀଦ ବାଜି ରାଉତଙ୍କ
ରାଜ୍ୟସ୍ତରୀୟ ଶତବାର୍ଷିକୀ ଜୟନ୍ତୀ ସମାରୋହ
ନୀଳକଣ୍ଠପୁର, ଭୁବନ, ଢେଙ୍କାନାଳ
୫ ଅକ୍ଟୋବର, ୨୦୨୫ | ଅପରାହ୍ନ ଘ. ୧୨.୦୫ ମିନିଟ୍

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗରିମାମୟ ଉପସ୍ଥିତି
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା
ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ପାତ୍ର
ମନ୍ତ୍ରୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ଓଡ଼ିଶା
ଶ୍ରୀଯୁକ୍ତ ରୁଦ୍ର ନାରାୟଣ ପାଣି
ସାଂସଦ, ଢେଙ୍କାନାଳ
ଶ୍ରୀଯୁକ୍ତ ଶତ୍ରୁଘ୍ନ ଜେନା
ବିଧାୟକ, କାମାକ୍ଷାନଗର
ଶ୍ରୀମତୀ ସୀମାରାଣୀ ନାୟକ
ବିଧାୟିକା, ହିନ୍ଦୋଳ
ଶ୍ରୀଯୁକ୍ତ ବିଭୂତି ଭୂଷଣ ପ୍ରଧାନ
ବିଧାୟକ, ପର୍ଜଙ୍ଗ

ଓଡ଼ିଶା ବିଧାନ ସଭା ପାର୍ଶ୍ୱ ସ୍ଥିତ
ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ
ସକାଳ ଘ. ୧୦.୧୦ ମିନିଟ୍‌ରେ
ମୁଖ୍ୟମନ୍ତ୍ରୀ, ବାଚସ୍ପତି, ବିଧାୟକ (ଏକାମ୍ର ଭୁବନେଶ୍ୱର)
ତଥା ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ଆୟୋଜକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନ, ଢେଙ୍କାନାଳ

ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

– ସୌଜନ୍ୟ –
ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/1209/2526

ପ୍ରତି ମୁହୂର୍ତ୍ତରେ ଭଗବାନଙ୍କ ଉପସ୍ଥିତି ଭିତରେ ବଞ୍ଚି ରହ। ପ୍ରତି ମୁହୂର୍ତ୍ତରେ ଏହି କ ଦିମ ଅଚେତନା ଭିତରୁ ମୁକ୍ତି ପାଇ ଏକ ଗତିଶୀଳ ଚେତନା ଭିତରକୁ ପ୍ରବେଶ କରିବାକୁ ଚାହୁଁଥାଅ– ତା'ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା– ଏବଂ ସବୁଠାରୁ ବଡ କଥା ମଧ୍ୟ ହେଲା – ତୁମର ଚରମ ନିଷ୍ଠାପରତା। –ଶ୍ରୀମା



# ମାନବାଧିକାର କ୍ଷୁଣ୍ଣ



ଆକାର ପଟେଲ

ମୁଁ ପ୍ରତିନିଧିତ୍ୱ କରୁଥିବା ସଙ୍ଗଠନ ପକ୍ଷରୁ ଭାରତରେ ମାନବ ଅଧିକାର ଉପରେ ପ୍ରସ୍ତୁତ ଏକ ରିପୋର୍ଟ ପ୍ରତିବର୍ଷ ଶେଷ ଆଡ଼କୁ ପ୍ରକାଶ ପାଇଥାଏ। ଏହି ରିପୋର୍ଟ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲର ବୈଶ୍ୱିକ ଆକଳନର ଏକ ଅଂଶ। ଏହି ଆକଳନ ବିଶ୍ୱର ଦେଶଗୁଡ଼ିକରେ ହେଉଥିବା ମାନବ ଅଧିକାର ଉଲ୍ଲଂଘନ ଉପରେ ଧ୍ୟାନ ଦେଇଥାଏ। ଚଳିତବର୍ଷ ସେପ୍ଟେମ୍ବରରେ ପ୍ରକାଶିତ ରିପୋର୍ଟରୁ ପାଠକମାନେ ଦେଶର ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ଆଗ୍ରହୀ ହେବେ। ଜାନୁଆରୀରେ ଉତ୍ତରାଖଣ୍ଡ ଆଇନଗୁଡ଼ିକ ପାସ୍ କରିଥିଲା, ଯାହା କପଟତାପୂର୍ଣ୍ଣ ବିବାହ ମାଧ୍ୟମରେ ହେଉଥିବା ଧର୍ମାନ୍ତରୀକରଣକୁ ରୋକିବା ପାଇଁ ଲିଭ୍-ଇନ୍-ରିଲେଶନଶିପ୍ ପଞ୍ଜୀକରଣକୁ ବାଧ୍ୟତାମୂଳକ କରିଛି। ଆଇନଗତ ଭାବେ ସରକାରଙ୍କ ଦ୍ୱାରା ନିଯୁକ୍ତ ୯ ସଦସ୍ୟ ବିଶିଷ୍ଟ କମିଟିର ରିପୋର୍ଟକୁ ବିଚାରକୁ ନ ନିଆଯାଇ ଏହିସବୁ ନିୟମ ପାସ୍ କରାଯାଇଥିଲା। ଫେବୃଆରୀରେ ଧର୍ମାନ୍ତରୀକରଣ ସହ ଜଡ଼ିତ ତଥା ସହମତିଭିତ୍ତିରେ ହେଉଥିବା ଆନ୍ତଃଧର୍ମୀୟ ବିବାହର ଅପରାଧୀକରଣ କରି ରାଜସ୍ଥାନ ଏକ ବିଲ୍ ପାସ୍ କରିଥିଲା। ମହାରାଷ୍ଟ୍ର ମଧ୍ୟ ଆନ୍ତଃଧର୍ମୀୟ ବିବାହକୁ ରୋକିବା ଲାଗି ଏକ ପ୍ରସ୍ତାବ ପାସ୍ କରିଥିଲା ଏବଂ ସେହି ଏକା ମାସରେ ମାଲଭାନ ମ୍ୟୁନିସିପାଲ କର୍ପୋରେଶନ ଜଣେ ନାବାଳକର ବାପାଙ୍କ ସ୍କ୍ରାପ୍ ଦୋକାନକୁ ଭାଙ୍ଗି ଦେଇଥିଲା। କାରଣ ସେହି ବାଳକ ଚାମ୍ପିୟନ୍‌ସ ଟ୍ରଫି କ୍ରିକେଟରେ ପାକିସ୍ତାନ ବିରୋଧରେ ଭାରତର ବିଜୟ ପରେ କିଛି କହିଥିବାର ଅଭିଯୋଗ ହୋଇଥିଲା। ମାର୍ଚ୍ଚରେ 'ନୂଆ ଭାରତ'କୁ ନେଇ ପ୍ରଦର୍ଶନ କରିଥିବା କମେଡ଼ି ଶୋ ସହିତ ଜଡ଼ିତ ଥିବା କୁନାଲ କାମରାଙ୍କ ବିରୋଧରେ ମହାରାଷ୍ଟ୍ର ପୋଲିସ ଏକ ଏଫ୍‌ଆଇଆର୍ ଦାଏର କରିଥିଲା, ଯାହା ଅଭିବ୍ୟକ୍ତିର ସ୍ୱାଧୀନତା, ଏକ ମୌଳିକ ଅଧିକାର ଉପରେ ଆକ୍ରମଣକୁ ଦର୍ଶାଇଥିଲା। ଏହାର ପୂର୍ବ ମାସରେ ଦିଲ୍ଲୀ ପୋଲିସ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟର ୧୨ ଜଣ ଛାତ୍ରଙ୍କୁ ଅଟକ ରଖିଥିଲା। ୨୦୧୪ରେ ବିନା ଅନୁମତିରେ କିମ୍ବା ବିଶ୍ୱବିଦ୍ୟାଳୟ ଅଧିକାରୀଙ୍କୁ ନ ଜଣାଇ ସ୍ଲୋଗାନ ଦେଉଥିବା ଦୁଇଜଣ ପିଏଚ୍‌ଡି ଛାତ୍ରଙ୍କୁ ଜାରି କରାଯାଇଥିବା କାରଣ ଦର୍ଶାଅ ନୋଟିସ ବିରୋଧରେ ଏହି ଛାତ୍ରମାନେ ପ୍ରତିବାଦ କରୁଥିଲେ। ମାର୍ଚ୍ଚ ମାସରେ ମଧ୍ୟ ଆସାମ ସରକାରଙ୍କ ଦ୍ୱାରା ପରିଚାଳିତ ଏକ ବ୍ୟାଙ୍କରେ ଆର୍ଥିକ ଅନିୟମିତତାକୁ ନେଇ ହୋଇଥିବା ଏକ ଆନ୍ଦୋଳନ ଉପରେ ଖବର ପ୍ରକାଶ କରିଥିବାରୁ ସାମ୍ବାଦିକ ଦିଲୱାର ହୁସେନ ମଜୁମଦାରଙ୍କୁ ଆସାମ ପୋଲିସ ଗିରଫ କରିଥିଲା। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଉପରେ ମନ୍ତବ୍ୟ ଦେଇ ଲୋକଗୀତ ଗାୟିକା ନେହା ସିଂ ରାଥୋରଙ୍କ ବିରୋଧରେ ଲକ୍ଷ୍ନୌରେ ଏକ ଏଫ୍‌ଆଇଆର୍ ଦାଏର କରାଯାଇଥିଲା। ମେ'ରେ ଫାଇଜ ଅହମ୍ମଦ ଫଇଜଙ୍କ 'ହମ ଦେଖେଙ୍ଗେ' କବିତାକୁ ଆବୃତ୍ତି କରିଥିବା ଆକ୍ଟିଭିଷ୍ଟ ବୀର ସାଥୀଦାରଙ୍କ ସ୍ତ୍ରୀ ପୁଷ୍ପା ସାଥୀଦାରଙ୍କ ସମେତ ତିନି ଜଣଙ୍କ ବିରୋଧରେ ନାଗପୁର ପୋଲିସ ଏକ ଏଫ୍‌ଆଇଆର୍ ଦାଏର କରିଥିଲା। ଅପରେଶନ ସିନ୍ଦୂର ସମ୍ପର୍କରେ ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିବା ଅଶୋକା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଅଲି ଖାନ ମାମୁଦାବାଦଙ୍କ ବିରୋଧରେ ହରିୟାଣା ପୋଲିସ ପକ୍ଷରୁ ଦୁଇଟି ଏଫ୍‌ଆଇଆର୍ କରାଯାଇଥିଲା। ନାଗପୁର ପୋଲିସ ଅପରେଶନ ସିନ୍ଦୂରକୁ ଇନ୍‌ଷ୍ଟାଗ୍ରାମରେ ଅପମାନିତ କରିଥିବା ଅଭିଯୋଗରେ ୨୬ ବର୍ଷ ବୟସ୍କ ରେଜାଜ୍ ଏମ୍ ସିଦ୍ଦିକଙ୍କୁ ଗିରଫ କରିଥିଲା। ତାଙ୍କ ବିରୋଧରେ ଅନ୍ ଲ'ଫୁଲ ଆକ୍ଟିଭିଟିଜ(ପ୍ରିଭେନସନ) ଆକ୍ଟ ବା ବେଆଇନ କାର୍ଯ୍ୟକଳାପ(ନିରୋଧୀ) ଆଇନ ଲାଗୁ କରାଯାଇଥିଲା।

ପହଲଗାମ୍ ଆକ୍ରମଣ ପରେ ୨୨ ଏପ୍ରିଲରୁ ୮ ମେ' ମଧ୍ୟରେ ନାଗରିକ ଅଧିକାର ସୁରକ୍ଷା ସଙ୍ଗଠନ ମୁସଲମାନଙ୍କ ବିରୋଧରେ ଘଟିଥିବା ୧୮୪ଟି ଅପରାଧର ତାଲିକା ପ୍ରସ୍ତୁତ କରିଥିଲା। ଜୁନ୍‌ରେ ପାଲେଷ୍ଟାଇନ ସପକ୍ଷରେ ରାଲି କରିବାକୁ ଆଜାଦ ମଇଦାନରେ ଏକାଠି ହୋଇଥିବା ୧୯ ଜଣଙ୍କୁ ମୁମ୍ବାଇ ପୋଲିସ ଅଟକ ରଖିଥିଲା। ଜୁଲାଇରେ ଟ୍ୱିଟର ନ୍ୟୁଜର ଦୁଇଟି ଆକାଉଣ୍ଟ ସମେତ ୨୦୦୦ ଆକାଉଣ୍ଟକୁ ବନ୍ଦ କରିବା ପାଇଁ ଏକ୍ସ (ପୂର୍ବରୁ ଟୁଇଟର ଥିଲା)କୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଅଗଷ୍ଟରେ ସାମ୍ବାଦିକ, ଐତିହାସିକ ଓ ମହିଳା ଅଧିକାର ପାଇଁ ଲଢୁଥିବା ବ୍ୟକ୍ତି ତଥା ଗବେଷକଙ୍କ ଦ୍ୱାରା ଲିଖିତ ୨୫ଟି ବହି ଉପରେ କଶ୍ମୀର ସରକାର ପ୍ରତିବନ୍ଧକ ଲଗାଇଥିଲେ। ଅଗଷ୍ଟରେ ଦେଶଦ୍ରୋହ ଅଭିଯୋଗରେ ଗୁଆହାଟି ପୋଲିସ ସାମ୍ବାଦିକ ସିଦ୍ଧାର୍ଥ ବର୍ଦ୍ଧରାଜନ ଓ କରନ ଥାପାରଙ୍କୁ ଗିରଫ କରିଥିଲା। ତା'ପର ମାସ ଅର୍ଥାତ୍ ସେପ୍ଟେମ୍ବରରେ ଗାନ୍ଧୀନଗରର ଏକ କୋର୍ଟ ସାମ୍ବାଦିକ ଅଭିସାର ଶର୍ମା ଓ ରାଜୁ ପାରୁଲେକରଙ୍କୁ ନୋଟିସ୍ ଜାରି କରିଥିଲା। ଆସାମରେ ଖୁବ୍ କମ୍ ମୂଲ୍ୟରେ ବିରାଟ ଜମିକୁ ଆଦାନୀ ଗ୍ରୁପ୍‌କୁ ବିକ୍ରି କରାଯାଇଛି ବୋଲି ଏମାନେ ରିପୋର୍ଟିଂ କରିଥିଲେ। ଜୁଲାଇ ପ୍ରଥମାର୍ଦ୍ଧରେ ଗୋଆଲପଡ଼ାରେ ଆସାମ ସରକାର ଉଚ୍ଛେଦ ଅଭିଯାନ ଆରମ୍ଭ କରିବା ପରେ ପାଖାପାଖି ୧୮୦୦ ପରିବାର ଗୃହହୀନ ହୋଇଯାଇଥିଲେ, ଯେଉଁଥିରେ ଅଧିକାଂଶ ମୁସଲମାନ ପ୍ରଭାବିତ ହୋଇଥିଲେ। ଜୁଲାଇ ଦ୍ୱିତୀୟାର୍ଦ୍ଧରେ ଆସାମର ମୁସଲମାନ ବହୁଳ ଉରିୟାମଘାଟରେ ବ୍ୟାପକ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ହେଲେ ସୁପ୍ରିମକୋର୍ଟ ଏହି ଅଭିଯାନ ଉପରେ ପ୍ରତିବନ୍ଧକ ଲଗାଇଥିଲେ। ସେପ୍ଟେମ୍ବରରେ ଭାରତ ସରକାର ପୂର୍ବରୁ ଆଣିଥିବା ୪ଟି ଆଇନକୁ ରଦ୍ଦ କରି ଏବେ ଶରଣାର୍ଥୀଙ୍କୁ 'ଅବୈଧ ପ୍ରବାସୀ' ଭାବେ ବର୍ଗୀକୃତ କରିଛି। ଅକ୍ଟୋବରରେ ଆହୁରି ଅଧିକ ପଦକ୍ଷେପ ସାମ୍ନାକୁ ଆସିବ। ଅବଶ୍ୟ ଫେବୃଆରୀ ୨୦୨୦ରେ ଉତ୍ତରପୂର୍ବ ଦିଲ୍ଲୀରେ ଘଟିଥିବା ହିଂସାରେ ଜଡ଼ିତ ଥିବା ଅଭିଯୋଗରେ ଉମର ଖଲିଦ ଓ ଅନ୍ୟ ମୁସଲମାନ ଛାତ୍ର ଆକ୍ଟିଭିଷ୍ଟମାନେ ଏବେ ଜେଲରେ ରହିଛନ୍ତି।

ଜାତିସଂଘ ମାନବ ଅଧିକାର ଉଚ୍ଚାୟୁକ୍ତ ମଧ୍ୟ ତାଙ୍କ ରିପୋର୍ଟରେ କହିଛନ୍ତି ଯେ, ପ୍ରତିବନ୍ଧାତ୍ମକ ଆଇନଗୁଡ଼ିକର ବ୍ୟବହାର ଏବଂ ମାନବ ଅଧିକାର ପାଇଁ ଲଢୁଥିବା କର୍ମୀ ଓ ସ୍ୱାଧୀନ ଭାବେ କାମ କରୁଥିବା ସାମ୍ବାଦିକଙ୍କ ଉପରେ ହେଉଥିବା ନିର୍ଯାତନାକୁ ନେଇ ଚିନ୍ତିତ। କଶ୍ମୀର ସମେତ ବିଭିନ୍ନ ରାଜ୍ୟରେ ଲୋକଙ୍କୁ ମନଇଚ୍ଛା ଅଟକ ରଖାଯିବା ସହ ନାଗରିକ ଅଧିକାରକୁ କ୍ଷୁଣ୍ଣ କରୁଛି। ସେ ମଧ୍ୟ ହିଂସା ଓ ମଣିପୁରରେ ବିସ୍ଥାପନକୁ ଶାନ୍ତି ଆଲୋଚନା ଓ ମାନବ ଅଧିକାର ଆଧାରରେ ସମାଧାନ କରିବାକୁ ପଦକ୍ଷେପ ନେବା ଲାଗି ଆହ୍ୱାନ ଦେଇଛନ୍ତି। ଏଭଳି ଚିନ୍ତା ବା ମନ୍ତବ୍ୟର ପ୍ରତିକ୍ରିୟାରେ ଦୂରଦର୍ଶନରେ ଏକ ତଥ୍ୟ ପ୍ରକାଶ କରିଥିଲା, ଯାହାର ଶୀର୍ଷକ ଥିଲା 'ଜାତିସଂଘ ମାନବ ଅଧିକାରର କଶ୍ମୀର ଓ ମଣିପୁର ଉପରେ ବ୍ୟର୍ଥ ଏବଂ ନିରାଧାର ମନ୍ତବ୍ୟକୁ ଭାରତ ନିନ୍ଦା କରେ'।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | | | | | 1 |
| | 9 | 2 | | | | | | |
| | | | 4 | 2 | 3 | | | |
| | 3 | | | | | | 5 | |
| | | | | | | 3 | | 2 |
| | | 6 | 1 | | | | | 7 |
| | 6 | 7 | | | | | | 4 |
| | | 9 | 5 | | | | | 6 |
| 8 | 2 | | 7 | | | | 1 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 7 | 8 | 6 | 3 | 5 | 1 | 9 |
| 8 | 9 | 3 | 4 | 5 | 1 | 2 | 7 | 6 |
| 1 | 6 | 5 | 2 | 9 | 7 | 3 | 4 | 8 |
| 3 | 7 | 6 | 5 | 1 | 4 | 8 | 9 | 2 |
| 9 | 8 | 1 | 3 | 7 | 2 | 6 | 5 | 4 |
| 2 | 5 | 4 | 6 | 8 | 9 | 1 | 3 | 7 |
| 7 | 3 | 9 | 1 | 2 | 8 | 4 | 6 | 5 |
| 5 | 1 | 8 | 9 | 4 | 6 | 7 | 2 | 3 |
| 6 | 4 | 2 | 7 | 3 | 5 | 9 | 8 | 1 |

ଗତକାଲିର ଉତ୍ତର

# ଦୟା ଅସ୍ତ୍ରଧାରୀ ଦାନବ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ସ୍ୱାର୍ଥସିଦ୍ଧିର ସଡ଼କରେ ପରସ୍ପରର ପ୍ରତିଯୋଗୀ ସାଜି ମଣିଷ ଯେତେ ଦ୍ରୁତଗତିରେ ଦୌଡ଼ିଲେ ବି ବେଳେବେଳେ ଏକ ଦିବ୍ୟ ମାନବୀୟ ଆହ୍ୱାନରେ ଆକର୍ଷିତ ହୋଇ ତା'ର ଗତି ଶିଥିଳ ହୋଇପଡ଼େ। କେଇ ମୁହୂର୍ତ୍ତ ପାଇଁ ପରାର୍ଥପ୍ରାଣତାର ଆତ୍ମିକ ଆକର୍ଷଣ ତା'ର ବ୍ୟକ୍ତି ସତ୍ତାକୁ କବଳିତ କରିନିଏ। କାହାର ଦୁଃଖପୂର୍ଣ୍ଣ ଦୁଃସ୍ଥିତି ତାକୁ ଦୁର୍ବଳ କରିଦିଏ ଓ ତା' ଭିତରେ ସୃଷ୍ଟିହୁଏ କେହି ଜଣେ ଅସହାୟ ସହଯାତ୍ରୀର ହାତଧରି ଆଗକୁ ବଢ଼ାଇ ନେବାର ଏକ ପ୍ରବଣତା। ସହଯାତ୍ରୀର ବିଷଣ୍ଣ ବଦନ ତାକୁ ଏମିତି ବ୍ୟତିବ୍ୟସ୍ତ କରିଦିଏ ଯେ, ତାହା ବାସ୍ତବ ବିଷଣ୍ଣତା କି ମଞ୍ଚର ପ୍ରଲେପମଖା ମୁହଁର ଅଭିନୟ, ତାହା ନିରେଖିବାକୁ ସେ ସମୟର ଅପଚୟ ଓ ମାନବତାର ଅପମାନ ବୋଲି ମନେକରେ। ବାସ୍, କେବଳ ତାହାର କିଛି କାମରେ ଆସିବାର ଏକ ମୁଗ୍ଧ ଅନୁଭବ ହିଁ ସେତେବେଳେ ଥାଏ ତା' ନିଷ୍ପତ୍ତିର ନିର୍ଣ୍ଣାୟକ। ପରିଣାମ ହୁଏ ଅତ୍ୟନ୍ତ ପ୍ରତ୍ୟାଶିତ, ଯେତେବେଳେ ଅଚିହ୍ନା ଅଜଣା କେହି ଦୁଃଖୀଜନର ମୁହଁରେ ହସ ଦେଖି ତା' ନିଜ ଓଠ କଡ଼ରୁ ଉକୁଟି ଆସେ ଏକ ସ୍ୱର୍ଗୀୟ ପରିତୃପ୍ତିର ହସଧାର।

ମାତ୍ର ଅସହାୟଙ୍କ ପ୍ରତି କୃପା, କରୁଣା ବା ଦୟା ସବୁବେଳେ ମାନବତାର ଆଧାର ହୋଇ ନ ଥାଏ। ଦୟା ମାଗୁଥିବା ଲୋକଟି ବି ଅଭିନୟ କରିପାରେ ଭିକ୍ଷୁ ବେଶଧାରୀ ରାବଣର ଅଭିନୟ ପରି। ନିଜର ଦୁଇଟିଯାକ ଅଚଳ ଗୋଡ଼କୁ ବଡ଼ କଷ୍ଟରେ ଘୋଷାଡ଼ି ଘୋଷାଡ଼ି ହାତରେ ଝାଡୁଟିଏ ଧରି ଡବାର ରେଳଯାତ୍ରୀମାନଙ୍କୁ ପରିଚ୍ଛନ୍ନ ପରିବେଶଟିଏ ଯୋଗାଇ ଦେଉଥିଲା ପନ୍ଦର ଷୋହଳ ବର୍ଷର ଭିନ୍ନକ୍ଷମ ତରୁଣଟିଏ। ବଗିଟିଯାକ ଝାଡୁ ମାରି ସାରି ସେଇମିତି ଘୋଷାଡ଼ି ହୋଇ ଯାତ୍ରୀଙ୍କ ପାଖରେ ହାତ ପାତୁଥାଏ ନିଜ କଷ୍ଟସାଧ୍ୟ ଶ୍ରମର ମୂଲ ମାଗି ମାଗି। କିଏ ଟଙ୍କେ ଦୁଇଟଙ୍କା ଟେକି ଦେଉଥା'ନ୍ତି ତ ଆଉ କିଏ 'ଖୁଚୁରା ନାହିଁ' କହି ମୁହଁ ଫେରାଇ ନେଉଥା'ନ୍ତି। ସେଇ ବଗିରେ ଯାତ୍ରା କରୁଥିବା ଜଣେ ପରାର୍ଥପ୍ରାଣ ଯାତ୍ରୀ ମନ୍ତବ୍ୟ ଦେଲେ– ''ଏଇ ବୟସର ମୋ ପୁଅ ନୂଆ ନୂଆ କଲେଜରେ ପାଦ ଦେଇଛି। ଏବେ ବିନା ବାଇକ୍‌ରେ କଲେଜ ଯିବ ନାହିଁ ବୋଲି ଅଡ଼ି ବସିଲାଣି। ଅଥଚ ଏଇ ପିଲାଟି ଦିବ୍ୟାଙ୍ଗ ହୋଇ ବଞ୍ଚିବା ପାଇଁ କେତେ କଷ୍ଟ ନ କରୁଛି ସତେ!'' ପକେଟରୁ ପଚାଶ ଟଙ୍କା କାଢ଼ି ସେ ପିଲାଟିକୁ ଦେଲେ। ଏତେ ମୋଟା ଅଙ୍କର ଅର୍ଥ ଅର୍ଜନ କରି ଖୁସିରେ କୁରୁଳି ଉଠିଲା ପିଲାଟି। ସେମିତି ଗୁରୁଣ୍ଡି ଗୁରୁଣ୍ଡି ଅନ୍ୟ ବଗି ଉଦ୍ଦେଶ୍ୟରେ ନିଷ୍କ୍ରାନ୍ତ ହୋଇଗଲା। ତା'ର ଏହି ଦୟନୀୟ ଦୁଃସ୍ଥିତି ଦେଖି ଦୟାରେ ବିଚଳିତ ହୋଇଥିବା ଏ ଲେଖକର ଆଖି ସେଦିନ ଆଶ୍ଚର୍ଯ୍ୟରେ ଖୋସି ହୋଇ ଯାଇଥିଲା, ଯେତେବେଳେ ସେ ଦେଖିଲା ଏକ ଅଭିଶପ୍ତ ଅଥର୍ବ ରୂପରେ ରେଳଯାତ୍ରୀଙ୍କଠୁଁ ସାହାଯ୍ୟ ସହ ସମବେଦନା ଗୋଟାଇଥିବା ପିଲାଟି ବଗିରୁ ଓହ୍ଲାଇ ଦୌଡ଼ି ଦୌଡ଼ି ପ୍ଲାଟଫର୍ମରେ ହଜି ଯାଇଥିଲା। ସତ ସମ୍ବେଦନା ଓ ମିଥ୍ୟା କାରୁଣ୍ୟ ଉପରୁ ପରଦା ହଟିଯାଇଥିଲା।

ଅନ୍ୟର ଦୟା ଅର୍ଜନ କରି ତାଙ୍କୁ ଲୁଟିବାର ଭିନ୍ନ ଏକ ଦୃଶ୍ୟପଟ। ରାସ୍ତାକଡ଼ରେ ଜଣେ ଦୃଷ୍ଟିହୀନ ଯୁବକ ଅସହାୟ ଭାବେ ଅନ୍ୟ କାହାର ଉଦାର ହାତର ସାହାଯ୍ୟକୁ ଅପେକ୍ଷା ରଖୁଥିଲା ବେଳେ ପରାର୍ଥପ୍ରାଣ ପ୍ରୌଢ଼ ଜଣେ ନିଜ ସ୍କୁଟରରୁ ଓହ୍ଲାଇ ତାକୁ କିଛି ସାହାଯ୍ୟ ଦେବାକୁ ନିଜ ପର୍ସ ଖୋଲୁଛନ୍ତି, ଅଚାନକ ଜଣେ ଦୁର୍ବୃତ୍ତ ତାଙ୍କ ପର୍ସଟିକୁ ଝାମ୍ପିନେଇ ଦୌଡ଼ିବାକୁ ଆରମ୍ଭ କଲା। ସ୍କୁଟରଚାଳକ ତା' ପଛେ ପଛେ ଦୌଡ଼ିବାର ଉପକ୍ରମ କରନ୍ତେ ସେଇ ତଥାକଥିତ ଦୃଷ୍ଟିହୀନ ଭିକାରି ନିମିଷକ ମଧ୍ୟରେ ତା' ଭିକ୍ଷାଥାଳ ଫିଙ୍ଗିଦେଇ ସ୍କୁଟରଟି ନେଇ ଉଭାନ୍ ହୋଇଗଲା। ଆମ ରାଜଧାନୀ ନଗରୀରେ ସଂଘଟିତ ଏହି ଦୁର୍ଭାଗ୍ୟପୂର୍ଣ୍ଣ ଦୃଶ୍ୟପଟର ନାୟକ, ଉଦାର ମାନବୀୟ ସଂସ୍କୃତିରେ ଅଭିମନ୍ତ୍ରିତ ସେଇ ହତଭାଗ୍ୟ ଦୟାଶୀଳ ଭଦ୍ରବ୍ୟକ୍ତି ଏକା ଏକା ରାସ୍ତା ଉପରେ ଛିଡ଼ାହୋଇ ରହିଥିଲେ।

ତୃତୀୟ ଘଟଣାଟି ଏ ଲେଖକର ଅଙ୍ଗେନିଭା ଅନୁଭୂତି। ପ୍ରାୟ ତିନିବର୍ଷ ତଳେ ଫୋନ୍ କଲ୍‌ଟିଏ ଆସିଲା ଗୋଟିଏ ଅଜଣା ନମ୍ବରରୁ। ସେପଟରୁ ଭାସି ଆସିଲା କାରୁଣ୍ୟର କୋହଭରା କଣ୍ଠର ଏକ ବିକଳଭାବ। ସେ କହୁଥିଲେ– ''ଆଜ୍ଞା, ଛଅମାସ ହେଲା ଭୟଙ୍କର ରକ୍ତ କର୍କଟରେ ପୀଡ଼ିତ ମୋର ଛଅବର୍ଷର ପୁଅକୁ ନେଇ କଟକର ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ପଡ଼ିଛି। ତା' ଚିକିତ୍ସାରେ ଜମିବାଡ଼ି ସବୁ ବିକିସାରି ଏବେ ମୁଁ କାଙ୍ଗାଳ। କାଲି ନେବାକୁ ଥିବା କେମୋ ପାଇଁ ମୋ ପାଖରେ ସମ୍ବଳ ନାହିଁ। କିଛି ସାହାଯ୍ୟ କଲେ ପୁଅ ମୋର ବଞ୍ଚିଯାଆନ୍ତା। ମୋ ଆକାଉଣ୍ଟ ନମ୍ବର ଆପଣଙ୍କୁ ମେସେଜ୍ କରିଦେବି।'' ନିମ୍ନତମ ମାନବିକତାର ଉତ୍ତାଳ ସମ୍ବେଦନାରେ ପ୍ରଭାବିତ ହୋଇ ତାଙ୍କୁ ପଚାରିଲି– ''ଆପଣ ମୋତେ ଜାଣିଲେ କିପରି? ମୋ ଫୋନ୍ ନମ୍ବର ପାଇଲେ କେଉଁଠୁ?'' ନିଜକୁ ସୁକାନ୍ତ ପୁହାଣ ବୋଲି ପରିଚୟ ଦେଇ ସେଇ ହତଭାଗ୍ୟ ଦରିଦ୍ର ବାପା ଜଣକ ଉତ୍ତରଦେଲେ– ''ଆଜି ଖବରକାଗଜରେ ପ୍ରକାଶ ପାଇଥିବା ଆପଣଙ୍କ ଲେଖା ତଳେ ଫୋନ୍ ନମ୍ବରଟି ପାଇ ଫୋନ୍ କରୁଛି।'' ପରେ ପରେ ଆଉ ଥରେ କାକୁସ୍ଥ କଣ୍ଠରେ କରୁଣ ଅନୁନୟ। ବିଶ୍ୱସ୍ତ ପ୍ରମାଣିତ ନ ହେବାଯାଏଁ ଅବିଶ୍ୱାସ କରି ଚାଲିବା ବା ଅବିଶ୍ୱସ୍ତ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ବିଶ୍ୱାସ କରି ଚାଲିବା ଭଳି ଦୁଇଟି ବିକଳ୍ପ ମଧ୍ୟରୁ ଦ୍ୱିତୀୟଟିକୁ ଗ୍ରହଣ କରିନେଇ ସେଦିନ ଏ ଲେଖକ ତା' ଆକାଉଣ୍ଟରେ କିଛି ଟଙ୍କା ଜମା କରି ନିଜ ମାନବୀୟ ଦାୟିତ୍ୱ ସମ୍ପନ୍ନ କରିଥିଲା।



ପରବର୍ତ୍ତୀ ପର୍ଯ୍ୟାୟରେ ସୁକାନ୍ତଙ୍କ ଅସୁସ୍ଥ ପୁଅର ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ଫୋନ୍ କରି ଏ ଲେଖକ ନିରାଶ ହୋଇଛି। ତାଙ୍କ ମୋବାଇଲରେ ଧ୍ୱନି ସୃଷ୍ଟି ହୁଏ ସିନା, ତାଙ୍କ ସ୍ୱର ଶବ୍ଦ ଶୁଣିବାକୁ ମିଳେନା। ବୋଧହୁଏ ହତଭାଗ୍ୟ ଶିଶୁଟିର ଚିକିତ୍ସା ବିଫଳ ହୋଇଗଲା ଓ ସେଇ ଦୁଃଖରେ ସୁକାନ୍ତ ନିରବି ଯାଇଛନ୍ତି ଭାବି ଏ ଲେଖକ କଥାଟିକୁ ବିସ୍ମୃତିରେ ହଜାଇ ଦେଉଥିବା ବେଳେ ଦିନେ ଜଣେ ଲେଖକ ବନ୍ଧୁଙ୍କଠାରୁ ତାଙ୍କ ସମ୍ପର୍କରେ ଏକ ରୋଚକ ତଥ୍ୟ ଉପଲବ୍ଧ ହୋଇ ଚେତନାରେ ଭାବାନ୍ତର ସୃଷ୍ଟି ହୋଇଥିଲା। କ୍ୟାନ୍‌ସର ଆକ୍ରାନ୍ତ ପୁଅ କଥା କହି ମୁଖ୍ୟତଃ ଲେଖକମାନଙ୍କୁ ଟାର୍ଗେଟ କରୁଥିବା ସୁକାନ୍ତ ବାସ୍ତବରେ ବାହା ହୋଇଥିଲା କି ନାହିଁ ସନ୍ଦେହ। ଲେଖକମାନେ ବେଶି ଭାବ ଓ ଆବେଗରେ ବଞ୍ଚନ୍ତି ବୋଲି ଜାଣି ସେ ସେମାନଙ୍କ ଫୋନ୍ ନମ୍ବର ବିଭିନ୍ନ ସମ୍ବାଦପତ୍ର ଓ ପତ୍ରପତ୍ରିକାରୁ ସଂଗ୍ରହ କରୁଥିଲା ଓ କରୁଣ ସଂଳାପ କରି ସେମାନଙ୍କ ସୂକ୍ଷ୍ମ ତନ୍ତ୍ରୀକୁ ଦୋହଲାଇ ଦେଉଥିଲା। ଯେଉଁମାନେ ଥରକରେ ଦୋହଲୁ ନ ଥିଲେ, ସେମାନଙ୍କୁ ବାରମ୍ବାର ଫୋନ୍ କରୁଥିଲା ସୁକାନ୍ତ। ବେଳେବେଳେ ଏମିତି ବି କହୁଥିଲା– ବିନା ଚିକିତ୍ସାରେ ପୁଅଟି ଏବେ ଚାଲିଗଲା ଆଜ୍ଞା। ତା' ମୃତ ଶରୀରକୁ ଶେଷଥର ପାଇଁ ତା' ମାଆକୁ ଦେଖାଇବାକୁ ଗାଁକୁ ନେବା ପାଇଁ ମୋ ପାଖରେ ସମ୍ବଳ ନାହିଁ। କିଛି ସାହାଯ୍ୟ ନ କଲେ ତା' ଶବକୁ ଏଇଠି ଦାହ କରି ଗାଁକୁ ଫେରିଯିବି। ଆବେଗରେ ବଞ୍ଚୁଥିବା ଲେଖକମାନେ ଆଉ କେତେ ନିର୍ମମ ହୋଇପାରନ୍ତେ! ପ୍ରବଞ୍ଚନା ଓ ପ୍ରତାରଣାର ଭାଷା ଗୋଟିଏ ଦୟାଶୀଳ ହୃଦୟକୁ ସାଧାରଣ ହୃଦୟ ଅପେକ୍ଷା ଅଧିକ ସହଜରେ ବିଦ୍ଧ କରିବାର ସାମର୍ଥ୍ୟ ରଖିଥାଏ ପରା!

ଜଣେ ସନ୍ନ୍ୟାସୀ ଜମିଦାରଙ୍କଠାରୁ ଦାନସୂତ୍ରରେ ପାଇଥିବା ଏକ ଘୋଡ଼ା ଉପରେ ବସି ନିଜ ଆଶ୍ରମକୁ ଫେରୁଥିବା ବେଳେ ବାଟରେ ଜଣେ ଭିନ୍ନକ୍ଷମ ଭିକାରି ତାଙ୍କୁ କିଛି ସାହାଯ୍ୟ ମାଗିଲା। ଘୋଡ଼ାରୁ ଓହ୍ଲାଇ ଦୟାଶୀଳ ସାଧୁ ତା' ପାଖକୁ ଯିବାକୁ ବାହାରିଛନ୍ତି, ଅଚାନକ ଭିକ୍ଷୁକ ବେଶଧାରୀ ଦୁର୍ଦ୍ଦାନ୍ତ ଦସ୍ୟୁ ତାଙ୍କୁ ଧକ୍କା ମାରି ତଳେ ପକାଇଦେଲା ଓ ଘୋଡ଼ାଟି ଉପରେ ବସି ପଳାଇଯିବାକୁ ବସିଲା। ସନ୍ନ୍ୟାସୀ ଝାଡ଼ିଝୁଡ଼ି ହୋଇ ଉଠିଲେ ଓ କେବଳ ଏତିକି କହିଲେ– ''ମୋ' ଅପେକ୍ଷା ଏହି ଘୋଡ଼ାଟି ତୁମର ଅଧିକ କାମରେ ଆସିବ। ନେଇଯାଅ, ମନା ନାହିଁ। କିନ୍ତୁ କେବେ କାହା ପାଖରେ କହିବନି ଯେ ତୁମେ ଭିକ୍ଷୁକ ବେଶରେ ଏଇଟିକୁ ମୋଠୁଁ ଛଡ଼ାଇ ନେଇଛ। ସେଭଳି ହେଲେ ଏ ସଂସାରରେ କେହି କେବେ ଆଉ କୌଣସି ଭିକାରିଙ୍କୁ ଦୟା କରିବେ ନାହିଁ।'' ସେ ସୁକାନ୍ତ ପୁହାଣ ହୁଅନ୍ତୁ କି ଅନ୍ଧ ଭିକାରି ବେଶରେ ରାସ୍ତାଧାରରେ ବସି ବାଇକ୍ ଲୁଟୁଥିବା ସେ ଡକାୟତ; ଅବା ପୁଣି ହୋଇପାରେ ନିଜକୁ ପଙ୍ଗୁ ସଜାଇ ରେଳଡବା ଓଳାଉଥିବା ସେଇ ଠକ ତରୁଣ; କୃପା କରୁଣା ଦୟା ଓ ସମ୍ବେଦନା ଆଦି ମଣିଷର ଅନ୍ତର୍ନିହିତ ଦିବ୍ୟ ଗୁଣରାଜିକୁ ଅସ୍ତ୍ର କରି ମଣିଷକୁ ଶୋଷଣ କରିବା ଯେ ମାନବିକତା ବିରୋଧରେ ଏକ ବୀଭତ୍ସ ବିଦ୍ରୋହ। ଏ ସତ୍ୟକୁ କେବେ ବୁଝିବେ କେଜାଣି!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର-୧୦
ମୋ: ୮୮୯୫୬୭୨୪୧୦୫

# ଜାପାନ ନେତ୍ରୀ

ବ୍ୟକ୍ତିତ୍ୱ



ସାନେ ତାକାଇଚି

ପୂର୍ବ ଏସିଆର ଦୀପ ଦେଶ ଜାପାନ ଗତ କିଛି ବର୍ଷ ହେବ ରାଜନୈତିକ ଅସ୍ଥିରତା ଦେଇ ଗତି କରୁଛି। ଶିଗେରୁ ଇଶିବା ପ୍ରଧାନମନ୍ତ୍ରୀ ପଦବୀରୁ ଇସ୍ତଫା ଦେବା ପରେ ସେଠାରେ ରାଜନୈତିକ ସଙ୍କଟ ଦେଖା ଦେଇଥିଲା। ୧୮ ସେପ୍ଟେମ୍ବର ୨୦୨୫ରେ ଶାସକ ଦଳ ଲିବେରାଲ ଡେମୋକ୍ରାଟିକ ପାର୍ଟି (ଏଲ୍‌ଡିପି)ର ସଭାପତି ପଦ ଲାଗି ରାଜନେତ୍ରୀ ସାନେ ତାକାଇଚି ତାଙ୍କ ପ୍ରାର୍ଥିତ୍ୱ ଘୋଷଣା କରିଥିଲେ। ହେଲେ ତାଙ୍କ ସହ ଲଢ଼ିବା ଲାଗି ଆଗେଇ ଆସିଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଜୁନିଚିରୋ କୋଇଜୁମିଙ୍କ ପୁଅ ତଥା କୃଷି ମନ୍ତ୍ରୀ ଶିଞ୍ଜିରୋ କୋଇଜୁମି। ୪ ଅକ୍ଟୋବରରେ ନିର୍ବାଚନ ହୋଇ ଫଳାଫଳ ଆସିବା ପରେ ତାକାଇଚି ଏଲ୍‌ଡିପିର ସଭାପତି ନିର୍ବାଚିତ ହୋଇଛନ୍ତି ଓ ପ୍ରଥମ ମହିଳା ଭାବେ ଏଭଳି ପଦବୀ ପାଇ ଇତିହାସ ରଚିଛନ୍ତି। ଶାସକ ଦଳର ନେତ୍ରୀ ହେବା ପରେ ସେ ଜାପାନର ପ୍ରଧାନମନ୍ତ୍ରୀ ହେବା ଆଶାକରାଯାଉଛି। ଏଥିସହିତ ସେ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଥିବାରୁ ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ଜାଣିବା ଲାଗି ଆଗ୍ରହ ରହିବା ସ୍ୱାଭାବିକ।

ତାକାଇଚି ନାରା ସହରରେ ୭ ମାର୍ଚ୍ଚ ୧୯୬୧ରେ ଜନ୍ମଗ୍ରହଣ କରିଥିଲେ। ଟୟୋଟା ସହ ଅନୁବନ୍ଧିତ ଏକ ଅଟୋମୋବାଇଲ କମ୍ପାନୀରେ ତାଙ୍କ ପିତା କାର୍ଯ୍ୟ କରୁଥିଲେ ଓ ମାତା ନାରା ପ୍ରିଫେକ୍‌ଚୁରାଲ ପୋଲିସରେ ଥିଲେ ଜଣେ ଅଫିସର। ତାକାଇଚି କୋବେ ୟୁନିଭର୍ସିଟି ଅଧୀନ ଉନେବି ସିନିୟର ହାଇସ୍କୁଲରୁ ସ୍ନାତକ ଡିଗ୍ରୀ ଅର୍ଜନ କରିବା ସହ ମାତ୍‌ସୁଶିତା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗଭର୍ନମେଣ୍ଟ ଆଣ୍ଡ୍ ମ୍ୟାନେଜମେଣ୍ଟରୁ ଉଚ୍ଚ ଶିକ୍ଷା ଲାଭ କରିଥିଲେ। ୧୯୮୭ରେ ମାତ୍‌ସୁଶିତା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗଭର୍ନମେଣ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ତାଙ୍କୁ ଆମେରିକାର ଡେମୋକ୍ରାଟିକ୍ ପାର୍ଟିର ନେତ୍ରୀ ପାଟ୍ ଶ୍ରେଏଡେରଙ୍କ ନିକଟରେ କାମ କରିବା ଲାଗି ପଠାଇଥିଲା। ରାଜନୀତିରେ ଅଭିଜ୍ଞତା ଅର୍ଜନ କରି ୧୯୮୯ରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ତାଙ୍କ ପ୍ରତିଭା ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲା। ଆମେରିକା ରାଜନୀତି ଉପରେ ଜ୍ଞାନ ହାସଲ କରି ଲେଜିସଲେଟିଭ୍ ଆନାଲିଷ୍ଟ ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ଅଭିଜ୍ଞତାକୁ ନେଇ ସେ ଲେଖିଲେ ଅନେକ ପୁସ୍ତକ। ୧୯୮୯ ମାର୍ଚ୍ଚରେ ଟେଲିଭିଜନ ଉପସ୍ଥାପିକା ଭାବେ ସେ ମଧ୍ୟ ଲୋକପ୍ରିୟତା ଅର୍ଜନ କରିଥିଲେ। ଲଲାଟରେ ଷଠୀ ଯାହା ଲେଖିଦେଇଥିବେ ତାହାକୁ ଲିଭାଇବାର ବଳ କାହା ପାଖରେ ନ ଥାଏ ବୋଲି କୁହାଯାଇଥାଏ। ତାକାଇଚି ୧୯୯୩ରେ ରାଜନୀତିକୁ କ୍ୟାରିୟର କରିବାକୁ ଆଗେଇ ଆସିଲେ। ସେହି ବର୍ଷ ସେ ଜାପାନ ସାଧାରଣ ନିର୍ବାଚନରେ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟ ଲାଭ କରିଥିଲେ। ତା' ପରେ ତାଙ୍କ ବିଜୟ ଜାରି ରହିଥିଲା। ୨୦୦୩ରେ ସାଧାରଣ ନିର୍ବାଚନରେ ପରାଜିତ ହେବା ପରେ ସେଠାକାର ସଂସଦ (ଡାଏଟ୍) ବାହାରେ ରହିଥିଲେ। ଦୃଢ଼ମନା ତାକାଇଚି ପରେ କିନ୍‌କି ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ବିଭାଗର ଫାକଲ୍ଟି ହୋଇଥିଲେ। ସେ ପୁନଶ୍ଚ ସଂସଦକୁ ନିର୍ବାଚିତ ହୋଇ ବିଜ୍ଞାନ ଓ ପ୍ରଯୁକ୍ତି ନୀତି, ଯୁବ ବ୍ୟାପାର ଓ ଲିଙ୍ଗ ସମାନତାଠାରୁ ଆରମ୍ଭ କରି ଦୁଇଥର ଆଭ୍ୟନ୍ତରୀଣ ବ୍ୟାପାର ଓ ଯୋଗାଯୋଗ ଏବଂ ଅର୍ଥନୈତିକ ସୁରକ୍ଷା ମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ। ଦକ୍ଷିଣପନ୍ଥୀ ଚିନ୍ତାଧାରା ପାଇଁ ଜଣାଶୁଣା ହେଲେ ମଧ୍ୟ ସେ ଜଣେ ଉତ୍ତମ ନୀତି ପ୍ରଣେତା ଭାବେ ପରିଚିତ। ଜାପାନର ଅର୍ଥନୀତି ଓ ପ୍ରତିରକ୍ଷା ରଣନୀତିରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କର ରାଜନୈତିକ ପରିଚୟ ପାରମ୍ପରିକ ମୂଲ୍ୟବୋଧ ଏବଂ ବୈଷୟିକ ଉତ୍କର୍ଷର ଏକ ମିଶ୍ରଣ ବୋଲି କୁହାଯାଉଛି। ନିଜର ସ୍ପଷ୍ଟ ମତ ପ୍ରକାଶ କରୁଥିବାରୁ ସେ ଉଭୟ ଖାଣ୍ଟି ସମର୍ଥକ ଏବଂ ସମାଲୋଚକ ସୃଷ୍ଟି କରିଛନ୍ତି। ତାକାଇଚି ଦଶନ୍ଧି ଧରି କ୍ଷମତା ପାଇଁ ନିଜକୁ ପ୍ରସ୍ତୁତ କରିପାରିଥିବାରୁ ଆଜି ନିଜକୁ ଦକ୍ଷ ବୋଲି ପ୍ରମାଣିତ କରିଛନ୍ତି। କଠିନ ପରିଶ୍ରମ କରି ଏଲ୍‌ଡିପିରେ ସେ ଉଚ୍ଚ ପଦବୀ ଅର୍ଜନ କରିବା ସହ ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କର ଘନିଷ୍ଠ ସହଯୋଗୀ ହୋଇଥିଲେ। ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ମାର୍ଗାରେଟ୍ ଥାଚରଙ୍କ ସେ ଜଣେ ପ୍ରଶଂସିକା। ସହଯୋଗୀମାନେ ତାଙ୍କ ବ୍ୟକ୍ତିତ୍ୱକୁ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି ଯେ, ତାକାଇଚି କୌଣସି କାର୍ଯ୍ୟ କରିବା ପୂର୍ବରୁ ପ୍ରତିଟି କାଗଜପତ୍ରକୁ ପଢ଼ିଥାଆନ୍ତି ଓ ବୈଠକରେ ଯୋଗ ଦେବା ପୂର୍ବରୁ ପୂର୍ଣ୍ଣ ତଥ୍ୟ ଧାରଣ କରି ଉପସ୍ଥିତ ହୁଅନ୍ତି। ସ୍ୱୟଂ-ପ୍ରତିରକ୍ଷା ବାହିନୀର ଭୂମିକା ଓ ନାମକୁ ଶକ୍ତିଶାଳୀ କରି ଜାପାନର ଶାନ୍ତିବାଦୀ ସମ୍ବିଧାନର ଅନୁଚ୍ଛେଦ ୯କୁ ସଂଶୋଧନ କରିବା, ଗଣମାଧ୍ୟମର ନିରପେକ୍ଷତା ଉପରେ ସେ ଜୋର ଦେବା ତାଙ୍କ ଲକ୍ଷ୍ୟ ରହିଛି। ଏକ ସାକ୍ଷାତ୍‌କାରରେ ସେ ଟ୍ରମ୍ପ ଯୁଗର ଟାରିଫ୍‌କୁ ଜାପାନ ପାଇଁ 'ମଡର୍ନ ବ୍ଲାକ ଶିପ୍ ମୋମେଣ୍ଟ' ଭାବେ ଅଭିହିତ କରି ଏଭଳି ଆର୍ଥିକ କଟକଣା ଏକ ବାହ୍ୟ ଆଘାତ ହୋଇଥିଲେ ହେଁ ଆଭ୍ୟନ୍ତରୀଣ ସଂସ୍କାରର ଅପେକ୍ଷା ରଖେ ବୋଲି କହିଛନ୍ତି। ତାକାଇଚିଙ୍କ ବ୍ୟକ୍ତିତ୍ୱକୁ ଆହୁରି ତର୍ଜମା କଲେ ସେ ଜଣେ ଦକ୍ଷ ସମ୍ପର୍କ ସ୍ଥାପନକାରୀ ହୋଇଥିବାରୁ ସୋସିଆଲ ମିଡିଆ ଓ ଏପରିକି ୟୁଟ୍ୟୁବ୍ ମାଧ୍ୟମରେ ଜନସାଧାରଣଙ୍କୁ ସିଧାସଳଖ ନୀତି ବିଷୟରେ ବୁଝାଇଥାଆନ୍ତି। ଏହାସତ୍ତ୍ୱେ ଜାପାନ ରାଜନୀତି ଏବେ ଯେଉଁ ସଙ୍କଟରେ ଛିଡ଼ା ହୋଇଛି, ତାହାକୁ ସେ କିଭଳି ପରିଚାଳନା କରିବେ ଦାୟିତ୍ୱ ନେବା ପରେ ଜଣାପଡ଼ିବ।

ତାକାଇଚିଙ୍କ ବ୍ୟକ୍ତିଗତ ଜୀବନ କହିଲେ ପ୍ରତିନିଧି ସଭାର ସଦସ୍ୟ ଥିବା ଟାକୁ ୟାମାମୋଟୋଙ୍କୁ ସେ ୨୦୦୪ରେ ବିବାହ କରିଥିଲେ। ଉଭୟଙ୍କର କୌଣସି ପିଲା ନ ଥିଲା। ତାଙ୍କ ସ୍ୱାମୀଙ୍କ ପୂର୍ବ ବିବାହରୁ ଜନ୍ମିତ ୩ ସନ୍ତାନକୁ ସେ ପୌଷ୍ୟ କରି ଆଣିଥିଲେ। ୨୦୧୭ରେ ଉଭୟ ବିବାହ ବିଚ୍ଛେଦ କରିବାକୁ ରାଜି ହୋଇଥିଲେ। ରାଜନୈତିକ ମତାଦର୍ଶ ଏହି ବିଚ୍ଛେଦର କାରଣ ବୋଲି ସେ ଦର୍ଶାଇଥାଆନ୍ତି। କୌତୂହଳ କ୍ରମେ ୨୦୨୧ରେ ଉଭୟେ ପୁଣି ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଉତ୍ତରାଖଣ୍ଡର ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଅନେକ ପିଲା ଶିକ୍ଷାରୁ ଦୂରେଇ ରହୁଥିବାବେଳେ ଏଭଳି ସ୍ଥିତିରେ ପରିବର୍ତ୍ତନ ଆଣିବା ଲାଗି ଚେଷ୍ଟା କରୁଛନ୍ତି ଶ୍ରେୟ ଏବଂ ଜ୍ୟୋତି ରାଓ୍ୱତ। ସେମାନେ ମୁକ୍ତାକାଶ ସ୍କୁଲରେ ପିଲାମାନଙ୍କୁ ପଢ଼ାଉଛନ୍ତି। ଏକ ବିକଳ୍ପ ସ୍କୁଲ ଅଭିଯାନ 'ସୁର' ଆରମ୍ଭ କରି ଏବେ ପିଲାଙ୍କୁ ପଢ଼ାଉଛନ୍ତି। ସ୍କୁଲର ନାଁ ରଖିଛନ୍ତି ଓଲଟା ପୁଲଟା। ଏହାର କାନ୍ଥ କହିଲେ ପାହାଡ଼ କଡ଼ ଓ ଆକାଶ ହେଉଛି ଛାତ। ଡେରାଡୁନର କାଟପାଥର ଗାଁରେ ଏହି ସ୍କୁଲ ଚାଲିଛି। ଏଠାରେ ଏବେ ୭୦ ଜଣ ପିଲା ନର୍ସରିରୁ ୫ ଶ୍ରେଣୀ ଯାଏ ପଢ଼ୁଛନ୍ତି। ସେମାନେ ପୁସ୍ତକଗତ ଶିକ୍ଷା ପାଇବା ସହ ନାଟକ, କୃଷି ଓ ଜଙ୍ଗଲରେ ଭ୍ରମଣ କରି ଅନେକ ବିଷୟରେ ଶିକ୍ଷା ଲାଭ କରୁଛନ୍ତି। ଏହି ଦମ୍ପତି ପିଲାମାନଙ୍କୁ ଅଧିକ ବାସ୍ତବବାଦୀ କରୁଛନ୍ତି। ଶ୍ରେୟଙ୍କ ବୟସ ୩୫ ହୋଇଥିବାବେଳେ ଜ୍ୟୋତିଙ୍କ ବୟସ ଏବେ ୩୧। ଶ୍ରେୟଙ୍କ ଜେଜେବାପା ସୁରେନ୍ଦ୍ର ସିଂ ରାଓ୍ୱତ ଜଣେ ସମାଜସେବୀ ଥିଲେ। ତାଙ୍କୁ ଶ୍ରଦ୍ଧାରେ ଲୋକେ ସୁର ଜୀ ଡାକୁଥିଲେ। ଏଣୁ ଶ୍ରେୟ ତାଙ୍କ ନାମରେ ଏହି ବିକଳ୍ପ ସ୍କୁଲ ଶିକ୍ଷା ଅଭିଯାନ ଆରମ୍ଭ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୫ ଅକ୍ଟୋବର ୧୯୭୬

- ପଶ୍ଚିମ ଜର୍ମାନୀର ସାଧାରଣ ନିର୍ବାଚନରେ ବାମପନ୍ଥୀ ଓ ଉଦାରପନ୍ଥୀ ମିଳିତ ଦଳର ସଂଖ୍ୟାଗରିଷ୍ଠତା ବଜାୟ ରହିବା ଯୋଗୁ ପୁନଃ କ୍ଷମତାସୀନ।
- ଜମି ପାଉଥିବା ଭୂମିହୀନଙ୍କୁ ଆର୍ଥିକ ସାହାଯ୍ୟ ନିମନ୍ତେ କେନ୍ଦ୍ର କୃଷି ଓ ଜଳସେଚନ ମନ୍ତ୍ରଣାଳୟ ପକ୍ଷରୁ ୮୯ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର।
- କେନ୍ଦ୍ର ସରକାରଙ୍କ ସ୍ୱେଚ୍ଛାମୂଳକ ଯୋଜନା ଅଧୀନରେ ରାଜ୍ୟର ୬୫ କଳକାରଖାନା ସମେତ ଦେଶର ୧୫ଶହ ଶିଳ୍ପ ସଂସ୍ଥାର ପରିଚାଳନାରେ ଶ୍ରମିକ ପ୍ରତିନିଧିଙ୍କୁ ସମ୍ପୃକ୍ତ କରାଯାଇଛି।

## ଚିରନ୍ତନୀ

ଚଳ ଅପାଙ୍ଗେ ଚାହିଁଦିଅ ଫେରି
ଚମକାଇ ଚଉଦିଶ
ଅମୃତ କର ଏ ଜୀବନେ ମମ
ଜମିଅଛି ଯେତେ ବିଷ !
–(ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ରାସ୍ତା ମରାମତି ଦାୟିତ୍ୱ କାହାର

ମହାଶୟ,

ଭୁବନେଶ୍ୱର ରେଳ ଷ୍ଟେଶନ ନିକଟ ମାଷ୍ଟରକ୍ୟାଣ୍ଟିନ ବସ୍‌ଷ୍ଟାଣ୍ଡର ପ୍ରବେଶ ପଥ ରାସ୍ତା ଖାଲଢିପ ହୋଇଯାଇଛି। ବିପଦପୂର୍ଣ୍ଣ ଯାତାୟାତର ବହୁ ପୁରୁଣା ଦିନର କଥା ମନେ ପଡ଼ିଯାଉଛି। । ଏବେ ବସ୍‌ଯାତ୍ରୀମାନେ ବଡ଼ କଷ୍ଟରେ ବର୍ଷାଦିନେ କାଦୁଅରେ ଯିବାଆସିବା କରୁଛନ୍ତି। ଏ କଥା ଖବର କାଗଜରେ ପ୍ରକାଶିତ ହୋଇଥିଲେ ବି କେହି ଏହାକୁ ଗୁରୁତ୍ୱର ସହ ନେଉ ନାହାନ୍ତି। ଏହି ରାସ୍ତା କିଏ ମରାମତି କରିବେ ସେ କଥା ସମସ୍ତଙ୍କୁ ଆନ୍ଦୋଳିତ କରୁଛି। ଉକ୍ତ ରାସ୍ତା ମରାମତି ନ ହେଲେ ଯାତ୍ରୀ ପରିବହନ ସମୟରେ ଦୁର୍ଘଟଣା ଯେ ନ ଘଟିବ ସେ ଆଶଙ୍କା ଏଡ଼ାଇ ଦିଆଯାଇ ନ ପାରେ। ସମ୍ପୃକ୍ତ ଅଞ୍ଚଳର ବିଧାୟକ, ମେୟର, ରେଳପଥ କର୍ତ୍ତୃପକ୍ଷ ଏବଂ ସାଂସଦ ଏହି ସମସ୍ୟା ପ୍ରତି ଦୃଷ୍ଟି ଦିଅନ୍ତୁ।

– ଶ୍ରୀରାମଚନ୍ଦ୍ର ଦାସ, ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଶିବଶଙ୍କର


@ କଳିଙ୍ଗ


@ କାହ୍ନା


@ ଅନନ୍ୟା


@ ଶିବପ୍ରସାଦ


@ ରୁଦ୍ରପ୍ରସାଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କଟକ ଦୁର୍ଗାପୂଜା ଭସାଣିରେ ଉତ୍ତେଜନା ଘଟଣା

# ୬ ଗିରଫ, ସ୍ଥିତି ସ୍ୱାଭାବିକ ପରେ ବିସର୍ଜନ

କଟକ,୪।୧୦(ଶିଳ୍ପା ପ୍ରିୟଦର୍ଶିନୀ)

କଟକରେ ଦଶହରା ଭସାଣି ସମୟରେ ଶୁକ୍ରବାର ବିଳମ୍ବିତ ରାତିରେ ଉତ୍ତେଜନା ଦେଖାଦେବା ସହ ପଥର, ଢେଲା ଓ କାଚବୋତଲ ମାଡ଼ ଘଟଣାରେ ୨ ପୂଜା କମିଟିର ପ୍ରାୟ ୧୫ଜଣ ଗୁରୁତର ଆହତ ହୋଇଥିବାବେଳେ କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ମଧ୍ୟ ଆହତ ହୋଇଛନ୍ତି। ସ୍ଥିତିଅଣାୟତ୍ତ ହେବାରୁ କମିଶନରେଟ ପୋଲିସ ପକ୍ଷରୁ ୧୬୩ ଧାରା ଜାରି କରାଯିବା ସହ ଲାଠି ଚାର୍ଜ କରାଯାଇଥିଲା। ଉତ୍ତେଜନା ଯୋଗୁ ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ଧରି ଭସାଣି ମଧ୍ୟ ବନ୍ଦ କରାଯାଇଥିଲା। ବୁଝାଶୁଝା କରିବା ପରେ ପୂଜା କମିଟି କର୍ମକର୍ତ୍ତା ଧାରଣା ପ୍ରତ୍ୟାହୃତ କରିଥିଲେ। ଅନ୍ୟପଟେ ଏହି ଘଟଣାରେ ୬ଜଣଙ୍କୁ କମିଶନରେଟ ପୋଲିସ ଗିରଫ କରିଛି। ୧୦୯ଟି ମେଢ଼ ଶନିବାର ଭୋର ସମୟରେ ଦେବୀଗଡ଼ାରେ ବିସର୍ଜନ ହୋଇଥିଲା। ପରେ ଆଉ ପ୍ରାୟ ୨୦ଟି ମେଢ଼ ଦେବୀଗଡ଼ାରେ ବିସର୍ଜନ କରାଯାଇଛି। ତେବେ ବିଶୃଙ୍ଖଳା ଯୋଗୁ ପ୍ରାୟ ୧୦ଟି ମେଢ଼ ଦେବୀଗଡ଼ା ନ ଆସି ଅନ୍ୟାନ୍ୟ ସ୍ଥାନରେ ବିସର୍ଜନ କରାଯାଇଥିବା ଦେଖିବାକୁ ମିଳିଥିଲା।

ଘଟଣା ସମ୍ପର୍କରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି, କଟକରେ ଭସାଣି ଯାତ୍ରା ଠିକ୍ ଭାବେ ଚାଲିଥିଲା। ହେଲେ ଗଣ୍ଡଗୋଳ ହେବାରୁ ସ୍ଥିତି ସଙ୍ଗିନ ହୋଇଥିଲା। ଭସାଣି ଯାତ୍ରାରେ ଲାଗିଥିବା ଡ୍ରୋନ କ୍ୟାମେରା ଓ ସିସିଟିଭି ଆଧାରରେ ୬ଜଣଙ୍କୁ ଗିରଫ କରାଯାଇଛି। ଘଟଣାରେ ଉଭୟ ପକ୍ଷ ନୁହେଁ ବରଂ ଗୋଟିଏ ପକ୍ଷରୁ ପଥର ପକାଯାଇଥିଲା। ଘଟଣା ନେଇ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି, ଘଟଣାର ତଦନ୍ତ ଜାରି ରହିଛି ବୋଲି ସିଂ କହିଛନ୍ତି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଛନ୍ତି, ଏବେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି। କଟକ ମହାନଗର ଶାନ୍ତି କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଇଛି। ଯେଉଁ ବ୍ୟକ୍ତି ଏଥିରେ ଆହତ ହୋଇଛନ୍ତି ତାଙ୍କର ଦାୟିତ୍ୱ ପ୍ରଶାସନ ନେବ ଏବଂ ଆଗାମୀ ଦିନରେ ଏହି ଘଟଣା ନେଇ କଟକ ମହାନଗର ଶାନ୍ତି କମିଟି ସହ ବୈଠକରେ ଆଲୋଚନା କରାଯିବ ବୋଲି ଜିଲାପାଳ କହିଛନ୍ତି।

ସୂଚନା ଅନୁଯାୟୀ, ଶୁକ୍ରବାର ଭସାଣି ବେଶ୍ ଧୁମଧାମରେ ଚାଲିଥିଲା। ବିଳମ୍ବିତ ରାତି ପ୍ରାୟ ୨ଟାରେ ଭାଗବତ ପୂଜା କମିଟି ଝାଞ୍ଜିରୀମଙ୍ଗଳା ମେଢ଼ କଟକ ହାତିପୋଖରୀ ପଟୁ ଦରଘାବଜାର ଦେଇ ଦେବୀଗଡ଼ା ଯାଉଥିବାବେଳେ ଏକ ନିର୍ଦ୍ଦିଷ୍ଟ ଦିଗରୁ ହଠାତ୍ ଢେଲା, ପଥର କାଚବୋତଲ ମାଡ଼ ହୋଇଥିଲା। କିଛି ବୁଝିବା ପୂର୍ବରୁ ଗୋଟିଏ ପରେ ଗୋଟିଏ ପଥର ମାଡ଼ ହେବାରୁ ପରିସ୍ଥିତି ତୀବ୍ର ରୂପ ନେଇଥିଲା। ପରେ ଉକ୍ତ ପୂଜା କମିଟି ପଛରେ ଥିବା ରାଉସାପାଟଣା ପୂଜା କମିଟି ମେଢ଼ ସହ ଥିବା ଲାଇଟ, ଶ୍ରୀରାମଙ୍କ ମୂର୍ତ୍ତିକୁ ସେଠାକାର ଲୋକେ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ସ୍ଥିତି ଏପରି ଥିଲା ଯେ ଏହି ଆକ୍ରମଣ ଯୋଗୁ ଦୁଇ ପୂଜା କମିଟିର ପ୍ରାୟ ୧୫ଜଣ ଆହତ ହୋଇଥିବାବେଳେ ୪ଜଣ ଗୁରୁତର ହୋଇଥିଲେ। ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସ୍ଥିତି ଆୟତ୍ତକୁ ନ ଆସିବାରୁ କଟକ ଡିସିପି ଖିଲାରୀ ୧୬୩ ଧାରା ଜାରି କରିବା ସହ ଲାଠି ଚାର୍ଜ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆକ୍ରମଣର ଶିକାର ହେବାରୁ ରାଉସାପାଟଣା ପୂଜା କମିଟି ସଦସ୍ୟମାନେ ରାସ୍ତାରେ ଧାରଣାରେ ବସି ରହିବାରୁ ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ଧରି ସମସ୍ତ ମେଢ଼ ଅଟକି ରହିଥିଲା। ପରେ ପୋଲିସ ସିପି ଏସ୍. ଦେବଦତ୍ତ ସିଂ, ଅତିରିକ୍ତ ସିପି ନରସିଂହ ଭୋଳ, କଟକ ଡିସିପି ଖିଲାରୀ, ଜିଲାପାଳ ଶିନ୍ଦେ, କଟକ ମହାନଗର ଶାନ୍ତି କମିଟି ସଭାପତି ଓ ସମ୍ପାଦକ ପହଞ୍ଚି ବୁଝାଶୁଝା କରିବାରୁ ଶନିବାର ଭୋର ପ୍ରାୟ ୫ଟା ୩୦ରେ ମେଢ଼ ଦେବୀଗଡ଼ା ଅଭିମୁଖେ ଯାଇଥିଲା। ହେଲେ ଚାଉଳିଆଗଞ୍ଜ, ଯୋବ୍ରା, କଲେଜଛକ, ରାଣୀହାଟ, ମଧୁପାଟଣା, ବିଦ୍ୟାଧରପୁର ଆଦି ମେଢ଼ଗୁଡ଼ିକ ତାଳଦଣ୍ଡା କେନାଲରେ ବିସର୍ଜନ କରାଯାଇଥିବା ଜଣାପଡ଼ିଛି।



ଭସାଣି ଉତ୍ସବରେ ଦୁଇଗୋଷ୍ଠୀ ଗଣ୍ଡଗୋଳବେଳେ କଟକ ଗୌରୀଶଙ୍କର ପାର୍କ ନିକଟରେ ଠେଲାଦୋକାନ ଭଙ୍ଗାରୁଜା ହୋଇଛି। ପୋଲିସ ମେଢ଼ଗୁଡ଼ିକୁ ସୁରକ୍ଷାବଳୟରେ ଭସାଣି ପାଇଁ ନେଉଛି।

- ୧୦ ମେଢ଼ ଗଲାନି ଦେବୀଗଡ଼ା, ତାଳଦଣ୍ଡାରେ ବିସର୍ଜନ
- ୨ ପୂଜା କମିଟିର ପ୍ରାୟ ୧୫ ଗୁରୁତର

# ରାଜ୍ୟର ୧୦୮୫ ଦୁର୍ଗାମେଢ଼କୁ ୭ କୋଟି ୧ ଲକ୍ଷ ୪୦ ହଜାର ଟଙ୍କା ଅନୁଦାନ ମିଳିବ

ଭୁବନେଶ୍ୱର, ୪।୧୦ (ସୌମ୍ୟରଞ୍ଜନ ରାଉତ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଚଳିତବର୍ଷ ପ୍ରଥମଥର ପାଇଁ ରାଜ୍ୟର ଦଶହରା ଦୁର୍ଗାମେଢ଼ଗୁଡ଼ିକୁ ଆର୍ଥିକ ଅନୁଦାନ ଦିଆଯିବ। ଏଥିପାଇଁ ୧ହଜାର ୮୫ଟି ଦୁର୍ଗାମେଢ଼ ଯୋଗ୍ୟ ବିବେଚିତ ହୋଇଥିବାବେଳେ ଏ ବାବଦକୁ ମୋଟ ୭ କୋଟି ୧ ଲକ୍ଷ ୪୦ ହଜାର ଟଙ୍କା ଅନୁଦାନ ରାଶି ପ୍ରଦାନ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ଦୁର୍ଗାମେଢ଼ଗୁଡ଼ିକୁ ୩ ବର୍ଗରେ ବିଭକ୍ତ କରାଯାଇ ଏହି ଆର୍ଥିକ ସହାୟତା ପ୍ରଦାନ କରାଯିବ। 'କ' ବର୍ଗରେ ଥିବା ଐତିହ୍ୟସମ୍ପନ୍ନ ୨୧୫ଟି ଦୁର୍ଗାମେଢ଼କୁ ୧ ଲକ୍ଷ ୧ ହଜାର ଟଙ୍କା ଲେଖାଏ ମୋଟ ୨ କୋଟି ୧୭ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। 'ଖ' ବର୍ଗରେ ଥିବା ୭୫ ବର୍ଷ ପୁରୁଣା ୧୯୭ଟି ମେଢ଼କୁ ୭୫ହଜାର ଟଙ୍କା ଲେଖାଏ ମୋଟ ୧ କୋଟି ୪୭ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯିବ। 'ଗ' ବର୍ଗରେ ଥିବା ୫୦ ବର୍ଷ ପୁରୁଣା ୬୭୩ଟି ମେଢ଼କୁ ୫୦ହଜାର ଟଙ୍କା ଲେଖାଏ ମୋଟ ୩ କୋଟି ୩୬ ଲକ୍ଷ ୫୦ହଜାର ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯିବ।

# ୧୫୨ ସ୍ପେଶାଲ ସ୍କୁଲର ୮୪୫୯ ପିଲାଙ୍କ ଆଖି ପରୀକ୍ଷା ନିର୍ଦ୍ଦେଶ

ଭୁବନେଶ୍ୱର,୪।୧୦(ସୁଚିସ୍ମିତା ସାହୁ)

ରାଜ୍ୟ ସରକାର ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ମାଧ୍ୟମରେ ସ୍ପେଶାଲ ସ୍କୁଲ ପିଲାଙ୍କ ଆଖିର ସୁରକ୍ଷା ପାଇଁ ପଦକ୍ଷେପ ନେଉଛନ୍ତି। ଏହିକ୍ରମରେ ବିଭିନ୍ନ ବିଭାଗର ମିଳିତ ସହଯୋଗରେ ଚଳିତବର୍ଷ ମୋଟ ୧୫୨ଟି ସ୍ପେଶାଲ ସ୍କୁଲରେ ପଢୁଥିବା ମୋଟ ୮୪୫୯ଜଣ ପିଲାଙ୍କ ଆଖି ପରୀକ୍ଷା କରାଯିବ। ଅକ୍ଟୋବରରୁ ସମ୍ପୃକ୍ତ ସ୍ପେଶାଲ ସ୍କୁଲଗୁଡ଼ିକରେ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇ ଛାତ୍ରୀଛାତ୍ରଙ୍କ ଆଖି ପରୀକ୍ଷା କରାଯିବା ସହିତ ଆସନ୍ତା ଫେବୃଆରୀ ସୁଦ୍ଧା ଚଷମା ବଣ୍ଟନ କରାଯିବାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସମେତ ବିଭିନ୍ନ ବିଭାଗ ଏବଂ ଓସେପା କର୍ତ୍ତୃପକ୍ଷଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶ ଦେଇଛି।

ପ୍ରତିବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ପିଲାଙ୍କ ଆଖି ପରୀକ୍ଷା କରିବା ପାଇଁ ସ୍ୱତନ୍ତ୍ର କ୍ୟାମ୍ପର ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ୩୦ ଜିଲାର ୧୦୩ ସ୍ପେଶାଲ ସ୍କୁଲ୍‌ର ୬୦୮୯ଜଣ ଏବଂ ୪୯ଟି ଆବାସିକ ସ୍ପେଶାଲ ସ୍କୁଲ୍‌ର ୨୩୭୦ଜଣ ପିଲାଙ୍କ ଚକ୍ଷୁ ପରୀକ୍ଷା କରାଯିବ। ଖୋର୍ଦ୍ଧା ଜିଲାର ସର୍ବାଧିକ ୧୯ଟି ସ୍କୁଲ ରହିଛି। ସେହିପରି ସର୍ବନିମ୍ନ ଭାବେ ନବରଙ୍ଗପୁର, ନୂଆପଡ଼ା ଏବଂ ସୋନପୁରରେ ଗୋଟିଏ ଲେଖାଏ ସ୍କୁଲରେ ଆଖି ପରୀକ୍ଷା କରାଯିବ। ଖୋର୍ଦ୍ଧା ଜିଲାର ସର୍ବାଧିକ ୧୧୩୧ ଜଣ ପିଲା ରହିଥିବାବେଳେ ସୋନପୁରରେ ସର୍ବନିମ୍ନ ୩୦ଜଣ ପିଲା ରହିଛନ୍ତି। ଗୋଟିଏ କ୍ୟାମ୍ପରେ ୫୦ଜଣ ପିଲାଙ୍କ ପରୀକ୍ଷା କରାଯିବ। ପିଲାଙ୍କ ସଂଖ୍ୟାକୁ ଦେଖି ଅଧିକ ସଂଖ୍ୟକ କ୍ୟାମ୍ପ କରାଯିବାର ଯୋଜନା ରହିଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବିଧାନସଭା ପରିସରରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୪।୧୦(ସୁଚିସ୍ମିତା ସାହୁ)

**'ଗାନ୍ଧିଜୀ ଓ ଓଡ଼ିଶା' ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ**

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଧାନସଭା ପରିସରରେ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅରବିନ୍ଦ ଢାଲି ଓ ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଗୁର୍‌ବୀର ସିଂ ପ୍ରମୁଖ ଉପସ୍ଥିତ ରହି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେବା ସହ ବାପୁଜୀଙ୍କ ପ୍ରିୟ ଆଶ୍ରମ ଭଜନ ଓ ରାମଧୂନ ପରିବେଷିତ ହୋଇଥିଲା। ବିଭାଗ ପକ୍ଷରୁ ଆୟୋଜିତ 'ଗାନ୍ଧିଜୀ ଓ ଓଡ଼ିଶା' ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମକୁ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶନୀ ପରିଚାଳନା କରିଥିଲେ।



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବାଚସ୍ପତି ସୁରମା ପାଢ଼ୀ ବିଧାନସଭା ପରିସରରେ 'ଗାନ୍ଧିଜୀ ଓ ଓଡ଼ିଶା' ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି।


**GOVERNMENT OF ODISHA** e-mail: eerw_sunabeda@yahoo.co.in

**OFFICE OF THE SUPERINTENDING ENGINEER, RURAL WORKS DIVISION, SUNABEDA**

No. O-934
Letter No. 3691

**e-Procurement Notice for Road Works**
**Identification No. Online Tender/05/RWD-SBD/2025-26**

Date: 26.09.2025

1. Name of the Work : Road Work, Lamtaput, Pottangi Block
2. Total Number of Works : 03 Nos. Works
3. Estimated Cost : 60.00 to 90.00 lakhs
4. Class of Contractor : "B" Class
5. Period of Completion : 02 Months
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E., .R.W. Division, Sunabeda | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Sunabeda | Online Tender/05/RWD-SBD/2025-26 | Date: 06.10.2025 at 11.00 A.M. | Date: 22.10.2025 upto 5.00 P.M. | Date: 20.10.2025 upto 5.00 P.M. | Date: 23.10.2025 at 11.00 A.M. | Will be intimated later |

Further details can be seen from the website: **www.tendersorissa.gov.in**.

OIPR-25059/11/0022/2526 Sd./- Superintending Engineer, Rural Works Division, Sunabeda



**OFFICE OF THE BHAWANIPATNA MUNICIPALITY, DIST.: KALAHANDI**

No. 2972/BPM Date: 03.10.2025

**TENDER CALL NOTICE**

No. C-1203: Sealed Tender Call Notice are invited from the **Authorised Supplier/Firm/Manufacturer/Agency** for supply of **50 pices of 80×2 Litre dual stand mounted plastic dustbins (Green & Blue) coloured** under Bhawanipatna Municipality.

The bidders should submit their tender in their **official letter head** as per the prescribed format (Annexure - II) and send it by **Registered Post/Speed Post** addressed to **The Executive Officer, Bhawanipatna Municipality, Bhawanipatna,** super scribing on the envelope *"Tender for Supply of Litter Bins"*. The tender paper must reach this office on or before **13.10.2025 by 1.00 P.M.** "The tender will be opened on the same day at 3.00 P.M. in the presence of the bidders or their authorized representatives".

**Terms & Conditions:**

1. The tender paper must be accompanied by the following documents:
   - Self-attested photocopy of valid **GST Registration Certificate**.
   - Self-attested photocopy of **PAN Card**.
   - **Paper Cost of Rs.4,000/-** (Non-refundable) in shape of Demand Draft in favour of **Executive Officer, Bhawanipatna Municipality**, payable at Bhawanipatna.
   - **Security Deposit of Rs.20,000/-** (refundable) in shape of Demand Draft in favour of **Executive Officer, Bhawanipatna Municipality**, payable at Bhawanipatna.
2. The bidders must also submit **brand details and illustrative design** of the item along with the **Technical Bid**.
3. Bidders must quote the product strictly as per the **specification provided in the NIT**.
4. The **quoted rate shall remain valid for one year**.
5. The selected agency must **supply and install all items within 07 (Seven) days** from the date of issue of the Supply Order.
6. The **quantity of items may vary** (increase or decrease upto 25%) at the time of placing the order.
7. The complete quotation document may be downloaded from the Municipality website: **www.bhawanipatnamunicipality.in** & Kalahandi District website **www.kalahandi.odisha.gov.in**.
8. The authority reserves the right to **accept or reject any or all quotations** and/or negotiate with more than one agency without assigning any reason thereof.
9. The bidder must supply/fulfil complete order, partial bid is not allowed.

OIPR-13100/11/0018/2526
Sd./- Executive Officer
Bhawanipatna Municipality



**ODISHA SCHOOL EDUCATION PROGRAMME AUTHORITY**

**"SHIKSHA SOUDHA", UNIT-V, BHUBANESWAR-751001**

**Notice Inviting RFP**

**No. 10773/Ped/25** **Date : 04/10/2025**

**Selection of Agency for Implementation of Reading Promotion Program for PM SHRI Schools (Grades 1-10)**

**No.n-** : Odisha School Education Programme Authority (OSEPA), under the administrative control of the School & Mass Education Department, Government of Odisha, invites sealed proposals from eligible bidders for the **implementation of a Reading Promotion Program across 462 PMSHRI Schools in the state for Grades 1 to 10** during the Financial Year 2025-26.

The objective of the program is to strengthen reading comprehension, fluency and literary engagement among students in Primary, Upper Primary and Secondary Grades, through structured interventions, capacity building of teachers and ongoing monitoring and evaluation. The RFP document will be available on the OSEPA website at osepa.odisha.gov.in. Bidders meeting the eligibility criteria as prescribed in the RFP can access and download the complete RFP and apply accordingly.

The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of availability of RFP document in OSEPA website | 04/10/2025 |
| 2 | Last Date for Submission of Bid | By 5:00 PM of 24/10/2025 |
| 3 | Date of Opening of Technical Bid | At 11:00 AM of 27/10/2025 |
| 4 | Date of Opening of Financial Bid | Date will be communicated to the technically qualified bidder/s through e mail. |

The proposal complete in all respects must reach the undersigned by **Speed Post/ Registered Post/ Courier** only latest by **5:00 PM of 24/10/2025** in a sealed envelope super scribed as **"REQUEST FOR PROPOSAL - Selection of Agency for implementation of Reading Promotion Program in PM SHRI Schools (Grades 1-10)"**. The proposals received beyond the last date and time will be rejected. The Tender Inviting Authority i.e. OSEPA reserves the right to accept / reject any/all BIDS / cancel the entire selection process at any stage without assigning any reason thereof

Address for Submission of Proposal:

**State Project Director,**
**Odisha School Education Programme Authority (OSEPA) "Shiksha Soudha", Unit-V, Bhubaneswar, Odisha-751001**

**OIPR-27068/11/0073/2526** **Sd./- State Project Director**

# କପିଳେନ୍ଦ୍ରଦେବଙ୍କ ଶାସନକାଳର ଶିଳାଲିପି ପୁନଃ ଆବିଷ୍କୃତ

## ଆନ୍ଧ୍ରପ୍ରଦେଶର ଚିନ୍ତାପଲ୍ଲୀପାଡୁ ଗ୍ରାମରୁ ମିଳିଲା

ଭୁବନେଶ୍ୱର, ୪।୧୦(ସୌମ୍ୟରଞ୍ଜନ ରାଉତ)

ଗଜପତି ମହାରାଜା କପିଳେନ୍ଦ୍ରଦେବଙ୍କ ଶାସନକାଳ ୧୫ଶହ ଶତାବ୍ଦୀର ଗୋଟିଏ ଶିଳାଲିପି ଶୁକ୍ରବାର ଲୋକଲୋଚନକୁ ଆସିଛି। ରିଡସ୍କଭର ଲଷ୍ଟ ହେରିଟେଜ୍ ଗ୍ରୁପ୍ ପକ୍ଷରୁ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲା ଭଙ୍ଗିଚେରୁକୁରୁ ମଣ୍ଡଳ ଅନ୍ତର୍ଗତ ଚିନ୍ତାପଲ୍ଲୀପାଡୁ ଗ୍ରାମରୁ ଏହାର ପୁନଃ ଆବିଷ୍କାର ହୋଇଛି। ଏହି ପ୍ରତ୍ନତାତ୍ତ୍ୱିକ ଶିଳାଲିପିଟି ଗଜପତି କପିଳେନ୍ଦ୍ରଙ୍କ ଆତ୍ମୀୟ ତଥା କୋଣ୍ଡବିଡୁର ପ୍ରାଦେଶିକ ଶାସକ ଗଣଦେବ ରାଉତରାୟ ମହାପାତ୍ରଙ୍କ ସମ୍ବନ୍ଧୀୟ ବୋଲି ଜଣାପଡିଛି। ହେରିଟେଜ ଗ୍ରୁପ୍‌ର ୩ ସଦସ୍ୟ ଦୀପକ କୁମାର ନାୟକ, ରବୀନ୍ଦ୍ର କୁମାର ରଣା ଓ ବିକ୍ରମ କୁମାର ନାୟକ ଏହି ଐତିହ୍ୟ ଅନୁସନ୍ଧାନ କାର୍ଯ୍ୟରେ ସାମିଲ ଥିଲେ। ସର୍ଭେ ଟିମ୍ ସଦସ୍ୟ ରବୀନ୍ଦ୍ର କହିଛନ୍ତି, ଏହି ଶିଳାଲିପିର ସୂଚନା ପ୍ରଥମେ ୧୯୧୭ ମସିହାର 'ଆନୁଆଲ୍ ରିପୋର୍ଟ ଅନ୍ ସାଉଥ୍ ଇଣ୍ଡିଆନ୍ ଇପିଗ୍ରାଫି'ରେ ପ୍ରକାଶିତ ହୋଇଥିଲା। ଗଜପତି କପିଳେନ୍ଦ୍ର ଦେବଙ୍କ ଶାସନ କାଳ ଶକାବ୍ଦ ୧୩୭୬ ବା ଖ୍ରୀଷ୍ଟାବ୍ଦ ୧୪୫୪ରେ ଏକ ହନୁମାନ ସ୍ତମ୍ଭରେ ଏହା ସଂସ୍କୃତ ଭାଷା ଓ ତେଲୁଗୁ ଲିପିରେ ଉତ୍କୀର୍ଣ୍ଣ କରାଯାଇଥିଲା। ଶିଳାଲିପିଯୁକ୍ତ ହନୁମାନ ସ୍ତମ୍ଭଟି ପରବର୍ତ୍ତୀ ସମୟରେ ଚିନ୍ତାପଲ୍ଲିପାଡୁ ଗ୍ରାମର ରାମ ମନ୍ଦିର ସମ୍ମୁଖରେ ସ୍ଥାପିତ ହୋଇଥିବା ଦେଖାଯାଇଛି। ୧୯୧୭ର ବାର୍ଷିକ ରିପୋର୍ଟରୁ ଶିଳାଲେଖଟିରେ ଗଣଦେବ ରାଉତରାୟଙ୍କ ନାମ ଉଲ୍ଲେଖ ଥିବା ସ୍ପଷ୍ଟ ହୋଇଛି। ସ୍ତମ୍ଭର ଅଧିକାଂଶ ଅଂଶ ସିମେଣ୍ଟ ତଳେ ପୋତି ହୋଇ ରହିଥିବାରୁ କେବଳ କିଛି ଧାଡି କ୍ଷୟପ୍ରାପ୍ତ ଅକ୍ଷର ବର୍ତ୍ତମାନ ଦୃଶ୍ୟମାନ ହେଉଛି। ସ୍ତମ୍ଭରେ ହନୁମାନ, ଗରୁଡ଼ ଏବଂ ସୂର୍ଯ୍ୟ-ଚନ୍ଦ୍ରଙ୍କ ଚିହ୍ନ ଖୋଦିତ ହୋଇଛି ବୋଲି ସେ କହିଛନ୍ତି। ଐତିହ୍ୟ ଗବେଷକ ଦୀପକ କହିଛନ୍ତି, ଶାସକ ଗଣଦେବଙ୍କ ନାମ ୧୪୫୫ ମସିହାର କୋଣ୍ଡବିଡୁର ଏକ ତାମ୍ରଶାସନରେ ମଧ୍ୟ ଉଲ୍ଲେଖିତ। ୧୪୫୩ ଖ୍ରୀଷ୍ଟାବ୍ଦ ଅଗଷ୍ଟ ପରେ କପିଳେନ୍ଦ୍ର ଦେବଙ୍କ ଓଡ଼ିଆ ସେନାବାହିନୀ କୃଷ୍ଣା ନଦୀ ଅତିକ୍ରମ କରି କୋଣ୍ଡବିଡୁ ଦୁର୍ଗକୁ ଜୟ କରିଥିଲେ। ଗଜପତି କପିଳେନ୍ଦ୍ରଙ୍କ ସେନାରେ ସାମିଲ ଥିବା ଗଣଦେବ ସୂର୍ଯ୍ୟବଂଶୀ ପରିବାରର ଥିଲେ ଏବଂ ଗୁହିଦେବ ପାତ୍ରଙ୍କ ପୁତ୍ର ଥିଲେ। ଯୁଦ୍ଧ କରିବା ସମୟରେ ସେ ଦୁଇଜଣ ତୁରନ୍ଧ ରାଜପୁତ୍ରଙ୍କୁ ପରାଜିତ କରିଥିଲେ ବୋଲି ଦୀପକ କହିଛନ୍ତି। ଗ୍ରୁପର ପ୍ରତିଷ୍ଠାତା ସଦସ୍ୟ ବିକାଶ କହିଛନ୍ତି, ଏହି ପୁନଃଆବିଷ୍କାର ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ଉଭୟ ରାଜ୍ୟର ପାରସ୍ପରିକ ଇତିହାସ ପାଇଁ ଅମୂଲ୍ୟ। ଆମର ସର୍ଭେ ଟିମ୍ ଦକ୍ଷିଣ ଭାରତରେ ପ୍ରାଚୀନ କଳିଙ୍ଗ ଇତିହାସ ସହ ସମ୍ପୃକ୍ତ ଐତିହାସିକ କୀର୍ତ୍ତିରାଜିର ସନ୍ଧାନ ନିମନ୍ତେ ଅବିରତ ପ୍ରୟାସ କରିଆସୁଛି ଓ ଖୁବ୍‌ଶୀଘ୍ର ଏହି ଅମୂଲ୍ୟ ତଥ୍ୟଗୁଡ଼ିକ ଉପରେ ପର୍ଯ୍ୟବସିତ ଗୋଟିଏ ପୁସ୍ତକ ପ୍ରକାଶ କରାଯିବାକୁ ଆମେ ଯୋଜନା କରୁଛୁ ବୋଲି ସେ ସୂଚନା ଦେଇଛନ୍ତି।



ଆନ୍ଧ୍ରପ୍ରଦେଶର ଚିନ୍ତାପଲ୍ଲୀପାଡୁ ଗ୍ରାମରୁ ପୁନଃ ଆବିଷ୍କୃତ ହୋଇଥିବା ୧୫ଶହ ଶତାବ୍ଦୀର ଶିଳାଲିପି ସହ ରିଡସ୍କଭର ଲଷ୍ଟ ହେରିଟେଜ୍ ଗ୍ରୁପ୍ ଟିମ୍।

# ପୁରୁଷ ବନ୍ଧୁଙ୍କୁ ଆକ୍ରମଣ କରି ଯୁବତୀଙ୍କୁ ଅପହରଣ

## ବଳାତ୍କାର ପରେ ହତ୍ୟା ଅଭିଯୋଗ ଆଣିଲେ ଯୁବକ

ତ୍ରିଶୂଳିଆ, ୪।୧୦(ତୁଷାର କାନ୍ତ ବେହେରା)

କଟକ ଜିଲା ନରାଜ ବ୍ୟାରେଜ ନିକଟରେ ଶୁକ୍ରବାର କେତେଜଣ ଦୁର୍ବୃତ୍ତ ସଂଘବଦ୍ଧ ଆକ୍ରମଣ କରି ଜଣେ ଯୁବତୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ପାଖରୁ ଛଡ଼ାଇ ନେଇଛନ୍ତି। ଏପରି କି ଉକ୍ତ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରି ନଦୀରେ ଫିଙ୍ଗି ଦେଇଥିବା ନେଇ ପୁରୁଷ ବନ୍ଧୁ ଅଭିଯୋଗ ଆଣିଛନ୍ତି। ବ୍ୟାରେଜ ଛକରେ ଏକ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜରେ ଜଣେ ଯୁବକ ରକ୍ତ ଜୁଡୁବୁଡୁ ଉଲଗ୍ନ ଅବସ୍ଥାରେ ବାଟରେ ଯାଉଥିବା ଲୋକଙ୍କୁ ସାହାଯ୍ୟ ମାଗୁଥିବା ଦେଖିବାକୁ ମିଳିଛି। ଏହି ଘଟଣା ପ୍ରଚାରିତ ହେବା ପରେ ଗୁରୁତର ଯୁବକଙ୍କୁ ପୋଲିସ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ଥାନାର ଉଭୟ ପାର୍ଶ୍ୱରେ ଥିବା ଗୋଡ଼ିସାହି ଫାଣ୍ଡି କିମ୍ବା ସିଡିଏ ସେକ୍ଟର ପୋଲିସ ନିକଟରେ କୌଣସି ଠିକ୍ ତଥ୍ୟ ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଜଣେ ଯୁବକ ତାଙ୍କ ବାନ୍ଧବୀଙ୍କ ସହ ଏକ ବାଇକ୍‌ରେ ନରାଜ ବ୍ୟାରେଜ ନିକଟକୁ ଆସିଥିଲେ। ସେଠାରେ ଉଭୟେ କଥା ହେଉଥିବାବେଳେ କେତେଜଣ ଦୁର୍ବୃତ୍ତ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ସହ ତାଙ୍କ ନିକଟରୁ ବାନ୍ଧବୀଙ୍କୁ ଛଡ଼ାଇ ନେଇଥିଲେ। ଯୁବକଜଣକ ନରାଜ ବ୍ୟାରେଜ ଛକ ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଲୋକମାନଙ୍କୁ ସାହାଯ୍ୟ ମାଗୁଥିବା ସିସିଟିଭିରେ ଦେଖିବାକୁ ମିଳୁଛି। ତେବେ ଉକ୍ତ ଯୁବକଙ୍କ କଥାରେ ତାଳମେଳ ରହୁ ନ ଥିବା ମଧ୍ୟ ଦେଖିବାକୁ ମିଳିଛି। କେତେବେଳେ ତାଙ୍କ ବାନ୍ଧବୀଙ୍କୁ ଦୁର୍ବୃତ୍ତମାନେ ଛଡ଼ାଇ ନେଇ ଅପହରଣ କରିଥିବା କହୁଥିବାବେଳେ ଆଉ କେତେବେଳେ ବାନ୍ଧବୀ ଅନ୍ୟମାନଙ୍କ ସହ ମିଶି ତାଙ୍କୁ ଆକ୍ରମଣ କରିଥିବା ମଧ୍ୟ କହୁଛନ୍ତି। ଯୁବକଙ୍କ ମାନସିକ ଅବସ୍ଥା ଠିକ୍ ନ ଥିବାରୁ ପୋଲିସ କୌଣସି ତଥ୍ୟ ଉପରେ ଭରସା କରିପାରୁ ନାହିଁ। ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଗୋଡ଼ିସାହି ଫାଣ୍ଡି ପୋଲିସ କହିଛି।

# ନନ୍ଦନକାନନରେ ବନ୍ୟପ୍ରାଣୀ ସପ୍ତାହ

ତ୍ରିଶୂଳିଆ,୪।୧୦
(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ୭୧ତମ ବନ୍ୟପ୍ରାଣୀ ସପ୍ତାହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଦ୍ୟାନରେ ପ୍ଲାଷ୍ଟିକ୍‌ନିରୋଧୀ ଅଭିଯାନ ସମ୍ପର୍କରେ ସଚେତନତା କରାଯିବା ସହ ଗପ ଓ ଅନ୍‌ଲାଇନରେ କୁଇଜ୍ ପ୍ରତିଯୋଗିତା କରାଯାଇଛି। ଏଥିରେ ନନ୍ଦନକାନନ କର୍ମଚାରୀ, ବନରକ୍ଷୀ, ବନପାଳ ଓ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ।

ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ରାଜ୍ୟ ଉଦ୍ଭିଦ ଉଦ୍ୟାନ ସହକାରୀ ବନସଂରକ୍ଷକ କ୍ଷୀରାବ୍ଧି ପ୍ରଧାନ, ଏସିଏଫ୍ ନୂତନ ହେମ୍ବ୍ରମ, ରାଜ୍ୟ ଉଦ୍ଭିଦ ଉଦ୍ୟାନ ରେଞ୍ଜର ଖେଳପ୍ରିୟ ସାହୁ, ନିରାପତ୍ତା ରେଞ୍ଜର ଭଗବାନ ବିଶୋଇ, ସ୍ୱତନ୍ତ୍ର ରେଞ୍ଜର ରଞ୍ଜିତା ସାହୁ ପ୍ରମୁଖ ଯୋଗ ଦଇଥିଲେ। ଉତ୍ସବକୁ ନନ୍ଦନକାନନ ଶିକ୍ଷାଧିକାରୀ ମିଳନ ପଣ୍ଡା ପରିଚାଳନା କରିଥିଲେ। ଏହି ବନ୍ୟପ୍ରାଣୀ ସପ୍ତାହ ୨ରୁ ଆରମ୍ଭ ହୋଇ ଆସନ୍ତା ୮ରେ ଶେଷ ହେବ।

# ଖବରକାଗଜ ସମାଜର ଦର୍ପଣ : ମୁଖ୍ୟମନ୍ତ୍ରୀ




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟ ଅତିଥିମାନେ ସମ୍ବାଦର ବାର୍ଷିକ ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୪।୧୦(ବନ୍ଦନା ସେଠୀ)

ଖବରକାଗଜ ହେଉଛି ସମାଜର ଦର୍ପଣ। ଖବରକାଗଜ ମାଧ୍ୟମରେ ହିଁ ଅନେକ କଥା ଜାଣି ହେଉଛି। ଖବରକାଗଜ ପାଠକମାନେ ହିଁ ସମାଜର ସ୍ଥିତି ଜାଣିପାରିଥାନ୍ତି। ଭାରତରେ ପ୍ରଥମେ 'ଦ ବେଙ୍ଗଲ ଗେଜେଟ୍ସ' ଏବଂ ଓଡ଼ିଶାରେ ପ୍ରଥମେ 'ଉତ୍କଳ ଦୀପିକା' ପ୍ରକାଶ ପାଇଥିଲା। ସ୍ୱାଧୀନତା ପୂର୍ବରୁ ଓ ପରେ ମଧ୍ୟ ଦେଶର ବିକାଶରେ ଗଣମାଧ୍ୟମ ବଡ଼ ଭୂମିକା ନେଇଆସିଛି। ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ଯେକୌଣସି ଘଟଣା ବା ସ୍ଥିତିକୁ ସରକାରଙ୍କ ନଜରକୁ ଆଣିବା ହେଉଛି ଗଣମାଧ୍ୟମର କାମ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର 'ସମ୍ବାଦ'ର ୪୧ତମ ଓ 'କନକ ନ୍ୟୁଜ୍'ର ୧୬ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମୟର ପରିଚାଳନା କରି ଖବରକାଗଜ ପ୍ରକାଶ କରିବା କଷ୍ଟକର କାମ ବୋଲି କହିଥିଲେ। ସମ୍ବାଦର ସମ୍ପାଦକ ତନୟା ପଟ୍ଟନାୟକ କହିଲେ, ଆମ ରାଜ୍ୟର ପିଲାମାନେ ଓ ଆମ ରାଜ୍ୟର ଯୁବପିଢ଼ି ନିଶ୍ଚିତ ଭାବେ ଓଡ଼ିଶାର ଭବିଷ୍ୟତ। କିନ୍ତୁ ଯଦି ସେମାନଙ୍କର ନିଜର ମା', ମାଟି ଓ ମାତୃଭାଷା ପ୍ରତି ପ୍ରୀତି ନ ବଢ଼ିବ, ତେବେ ତାଙ୍କର ଭଲ ପାଇବା ବଢ଼ିବ ନାହିଁ, ସମ୍ମାନ ବଢ଼ିବ ନାହିଁ, ଓଡ଼ିଶାର ଭବିଷ୍ୟତ ମଧ୍ୟ ଉଜ୍ଜ୍ୱଳ ହେବନାହିଁ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସମ୍ବାଦର ବାର୍ଷିକ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ସମାରୋହରେ ସମ୍ମାନିତ ଅତିଥି ଭାବେ ହିନ୍ଦୀ ଖବରକାଗଜ 'ଦୈନିକ ଭାସ୍କର'ର ଗ୍ରୁପ୍ ଏଡିଟର ପ୍ରକାଶ ଦୁବେ, ହିନ୍ଦୁ ବିଜ୍‌ନେସ ଲାଇନ୍‌ର ରେସିଡେଣ୍ଟ ଏଡିଟର ପୂର୍ଣ୍ଣିମା ଯୋଶୀ, ସମ୍ବାଦ-କନକ ନ୍ୟୁଜ୍‌ର ବାର୍ତ୍ତା ସମ୍ପାଦକ ଭବାନୀ ଶଙ୍କର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଇ ପଶ୍ଚିମବଙ୍ଗ ଲୁଟେରା ଗିରଫ

## ବରମୁଣ୍ଡା ଦୁର୍ଗା ମଣ୍ଡପ ନିକଟରେ ମୋବାଇଲ ଲୁଟ୍

ଭୁବନେଶ୍ୱର, ୪।୧୦(ସତ୍ୟଜିତ ରାଉତ)

ବରମୁଣ୍ଡା ଦୁର୍ଗା ମଣ୍ଡପ ନିକଟରେ ଜଣେ ଶ୍ରଦ୍ଧାଳୁଙ୍କ ପାଖରୁ ମୋବାଇଲ ଲୁଟ୍ କରିବା ମାମଲାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଖଣ୍ଡଗିରି ଥାନା ପୋଲିସ ଶନିବାର ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ପୁରୁଲିଆ ଜିଲାର ଭାଗୀରଥି ସିଂ (୨୩) ଓ ସୁରଜ ସିଂ (୨୨)। ଅଭିଯୁକ୍ତଦ୍ୱୟଙ୍କ ପାଖରୁ ଲୁଟ୍ ମୋବାଇଲ ଜବତ ହୋଇଛି। ସୂଚନା ଅନୁଯାୟୀ, ଢେଙ୍କାନାଳର ଶୁଭମ ଦାସ ଗୁରୁବାର (ଦଶମୀ) ସନ୍ଧ୍ୟାରେ ବରମୁଣ୍ଡା ପଡିଆରେ ଦୁର୍ଗାପୂଜା ମେଳା ବୁଲୁଥିବା ବେଳେ ଅଭିଯୁକ୍ତଦ୍ୱୟ ତାଙ୍କୁ ଟାର୍ଗେଟ୍ କରିଥିଲେ। ସେମାନେ ଶୁଭମ୍‌ଙ୍କ ହାତରୁ ମୋବାଇଲ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଶୁଭମ ଅଭିଯୁକ୍ତଦ୍ୱୟଙ୍କୁ ଧରିବାକୁ ପିଛା କରି ବିଫଳ ହୋଇଥିଲେ। ଏନେଇ ଏତଲାକ୍ରମେ ଖଣ୍ଡଗିରି ଥାନା ପୋଲିସ ଏକ ମାମଲା (ନଂ.୭୧୬/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ପୋଲିସ ଟିମ୍ ବରମୁଣ୍ଡା ବସଷ୍ଟାଣ୍ଡ ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲା।

# ୧୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷ ସମ୍ବର୍ଦ୍ଧିତ



ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

ଭୁବନେଶ୍ୱର, ୪।୧୦(ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ସମ୍ବର୍ଦ୍ଧନା ସମିତି ପକ୍ଷରୁ ଶୁକ୍ରବାର ସିଆର୍‌ପି ଛକଠାରେ ୨୪ତମ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସେବାକାର୍ଯ୍ୟରେ ସ୍ୱତନ୍ତ୍ର ଅବଦାନ ଲାଗି ୧୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତି ସଭାପତି ଶରତ ରାଉତ, ଖୋର୍ଦ୍ଧା ଜିଲା ଭାଜପା ସଭାପତି ନିରଞ୍ଜନ ମିଶ୍ର, ପ୍ରମେୟ ପ୍ରସାର ବିଭାଗର ଏଜିଏମ୍ ରମାକାନ୍ତ ମଲ୍ଲିକ, ସମ୍ବର୍ଦ୍ଧନା ସମିତିର ସଂପାଦକ ଅଜିତ୍ କୁମାର ପାଢୀ, ଉପସଭାପତି ଦେବାଶିଷ ମହାପାତ୍ର, ସମାଲୋଚନା ଖବରକାଗଜ ଏବଂ ବଡଖବର ଚ୍ୟାନେଲର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ, ରାଜଧାନୀ ମନ୍ଦିର ସୁରକ୍ଷା ଓ ଭସାଣ ସମିତିର ସମ୍ପାଦକ ଦିଲୀପ ମହାନ୍ତି, ଭାଜପା ନେତା ଜଗନ୍ନାଥ ପ୍ରଧାନ ଏବଂ ସମ୍ବର୍ଦ୍ଧନା ସମିତିର ସଦସ୍ୟ ଜ୍ୟୋତି ରଞ୍ଜନ ସାହୁ, ଶରତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଭୁବନେଶ୍ୱରର ୧୮ରୁ ଉର୍ଦ୍ଧ୍ୱ ଦୁର୍ଗାପୂଜା ମେଢ ଓ କମିଟି କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ରାସ୍ତା ପାର୍‌ବେଳେ ଗାଡ଼ି ଧକ୍କାରେ ମହିଳା ମୃତ

ଭୁବନେଶ୍ୱର, ୪।୧୦
(ସତ୍ୟଜିତ ରାଉତ)

ଭୁବନେଶ୍ୱର ଲିଙ୍ଗିପୁର ଟ୍ରାଫିକ ଛକ ନିକଟରେ ଶନିବାର ଅପରାହ୍ନ ପ୍ରାୟ ୩ଟା ବେଳେ ଏକ ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ଦଣ୍ଡାସାହି ଗ୍ରାମର ସଂଯୁକ୍ତା ନାୟକ(୫୦)। ଘଟଣାସ୍ଥଳରୁ ଧଉଳି ପୋଲିସ ସଂଯୁକ୍ତାଙ୍କ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟ ଖରାପ ଥିବାରୁ ସଂଯୁକ୍ତା ଲିଙ୍ଗିପୁର ଟ୍ରାଫିକ୍ ଛକ ନିକଟ ଏକ ଘରୋଇ ହସ୍ପିଟାଲକୁ ଆସିଥିଲେ। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଘରକୁ ଯିବାପାଇଁ ସେ ରାସ୍ତା ପାର ହେଉଥିଲେ। ଏହି ସମୟରେ ପୁରୀ ପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ହିଁ ସଂଯୁକ୍ତାଙ୍କ ମୃତ୍ୟୁ ହୋଇଥିଲା। ମୃତଦେହ ରାସ୍ତାରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାସ୍ଥଳର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଧରିବାକୁ ଚେଷ୍ଟା କରୁଛି।

# ସମାଜକୁ ନୂଆ ବାର୍ତ୍ତା ଦେଲା 'ଦ୍ରୋହ'



ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଥିଲା ନାଟକ 'ଦ୍ରୋହ'ର ଏକ ଦୃଶ୍ୟ।

ଭୁବନେଶ୍ୱର, ୪।୧୦(ସୌମ୍ୟରଞ୍ଜନ ରାଉତ)

ପ୍ରତିଟି ମଣିଷର ଥାଏ ଏକ ଅନ୍ଧାରୀ ଦିଗ। ତା'ର ପ୍ରଭାବରେ ପ୍ରଭାବିତ ସେଇ ମଣିଷଟି ଜାଣତରେ ହେଉ ଅବା ଅଜାଣତରେ କିଛି ଅପରାଧ କରି ବସିଥାଏ, ଯାହା ତା' ଚତୁର୍ପାର୍ଶ୍ୱର ଦୁନିଆକୁ ଆକ୍ରାନ୍ତ କରିଥାଏ, ଏମିତିକି କ୍ଷତି ମଧ୍ୟ ଘଟାଇଥାଏ। ଏହିଭଳି ଏକ ମନସ୍ତାତ୍ତ୍ୱିକ ତଥା ସମ୍ବେଦନଶୀଳ ବିଷୟବସ୍ତୁକୁ ନେଇ ରଙ୍ଗମ୍ ନାଟ୍ୟସଂସ୍ଥା ଦ୍ୱାରା ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଥିଲା ନାଟକ 'ଦ୍ରୋହ'। ଏହା ସମାଜକୁ ନୂଆ ବାର୍ତ୍ତା ଦେଇଥିଲା। ଦର୍ପ ନାରାୟଣ ସେଠୀ ନାଟକ ରଚନା କରିବା ସହ ନିର୍ଦ୍ଦେଶନା ଦେଇଥିଲେ। ବିଭିନ୍ନ ଭୂମିକାରେ ବିଶ୍ୱରଞ୍ଜନ, ମନୋଜ, ସହସ୍ରାକ୍ଷ, ରାଜେଶ, ସୀମାଞ୍ଚଳ, ଲକ୍ଷ୍ମୀକାନ୍ତ, ବିଉଟି ଏବଂ ଯସ୍ମିନ୍ ପ୍ରମୁଖ ନିଖୁଣ ଅଭିନୟ କରିଥିଲେ। ସୌଭାଗ୍ୟରଞ୍ଜନ ସାହୁ ଏବଂ ବିଶ୍ୱନାଥ କରଣ ମଞ୍ଚ ପରିଚାଳନା କରିଥିଲେ।

# ବୃନ୍ଦାବନ ଧାମରେ 'ଶ୍ରୀଜଗନ୍ନାଥ ପାଞ୍ଚରାତ୍ର'

## ଓଡ଼ିଶାରୁ ଯୋଗଦେଲେ ୫୪୦ ଭକ୍ତ

ଭୁବନେଶ୍ୱର, ୪।୧୦(ସୌମ୍ୟରଞ୍ଜନ ରାଉତ)



ପବିତ୍ର ଦଶହରା ଅବସରରେ ଉତ୍ତରପ୍ରଦେଶସ୍ଥିତ ଶ୍ରୀବୃନ୍ଦାବନ ଧାମର ଶ୍ରୀପୁରୁଷୋତ୍ତମ ବାଟିକାଠାରେ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସ୍କନ୍ଦ ପୁରାଣର ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ ପାରାୟଣ ଓ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଧାରାବାହିକ ପ୍ରବକ୍ତା ବାବା ସତ୍ୟାନନ୍ଦ ଦାସ ମହାରାଜ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ, ରୂପ, ସ୍ୱରୂପ, ଲୀଳା ସହିତ ଶ୍ରୀକ୍ଷେତ୍ର ମହିମା ଆଦି ବର୍ଣ୍ଣନା କରିଥିଲେ। ଏଥିରେ ଓଡ଼ିଶାର ୫୪୦ ଭକ୍ତ ଯୋଗଦେଇ କଥା ଶ୍ରବଣ କରିଥିଲେ। ଶ୍ରୀ ରାଧାବଲ୍ଲଭ ମଠ ପୁରୀର ମହନ୍ତ ଶ୍ରୀ ରାମକୃଷ୍ଣ ଦାସ ମହାରାଜ ଏଥିରେ ପୌରୋହିତ୍ୟ କରିଥିଲେ। ପୂଜ୍ୟବାବା ଦୀନବନ୍ଧୁ ଦାସ ମହାରାଜ, ପୂଜ୍ୟବାବା ପରମାନନ୍ଦ ଦାସ, ପୂଜ୍ୟବାବା ଦୟାନିଧି ଦାସ ମହାରାଜ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା, ମଥୁରାନଗର ଅତିରିକ୍ତ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବୃନ୍ଦାବନ ଧାମର ମହାମଣ୍ଡଳେଶ୍ୱର ମହନ୍ତ ସତ୍ୟନାରାୟଣ ମହାରାଜ, ଡ. ରାଧାଚରଣ ମହାରାଜଙ୍କ ସମେତ ୨୭୫ ସାଧୁସନ୍ଥ ଯୋଗଦେଇ ପ୍ରସାଦସେବନ କରିଥିଲେ। କାର୍ଯ୍ୟକ୍ରମକୁ ବିଷ୍ଣୁଚରଣ ସ୍ୱାଇଁ, ଭୁବନାନନ୍ଦ ମହାରଣା, ଗୋପାଳ ଚରଣ ଖଟୁଆ, ସନ୍ତୋଷ କୁମାର ମହାନ୍ତି ପରିଚାଳନା କରିଥିଲେ।

# 'ବଲ୍ଲଭ ନୃତ୍ୟ ମହୋତ୍ସବ'ରେ ଦର୍ଶକ ବିମୁଗ୍ଧ

ଭୁବନେଶ୍ୱର, ୪।୧୦
(ସୌମ୍ୟରଞ୍ଜନ ରାଉତ)

ବଲ୍ଲଭ ଟ୍ରଷ୍ଟର ଚତୁର୍ଥ ବାର୍ଷିକ ଉତ୍ସବ 'ବଲ୍ଲଭ ନୃତ୍ୟ ମହୋତ୍ସବ' ଶନିବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟର ଝଙ୍କାର ସହ ମର୍ଦ୍ଦଳ ଓ ବଂଶୀର ଯୁଗଳବନ୍ଦୀ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ପ୍ରଥମେ ବାଦ୍ୟବାଣୀ ଗୁରୁକୁଳ ଟ୍ରଷ୍ଟ ପକ୍ଷରୁ ଗୁରୁ ଧନେଶ୍ୱର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ରୋହିତ ପ୍ରଧାନ ଓ ସୀତାକାନ୍ତ ଜେନା ମର୍ଦ୍ଦଳ ବାଦନ କରିଥିଲେ। ଗୁରୁ ଶ୍ରୀନିବାସ ଶତପଥୀଙ୍କ ବଂଶୀ ବାଦନ ଓ ସୌଭାଗ୍ୟ ନାରାୟଣ ଛୋଟରାୟଙ୍କ ମଞ୍ଜିରା ବାଦନ ଏହାକୁ ଅଧିକ ଆକର୍ଷଣୀୟ କରିଥିଲା। ପରେ ଅନୁଷ୍ଠାନର କଳାକାରମାନେ ମଙ୍ଗଳାଚରଣ, ବଟୁ ନୃତ୍ୟ, ଶଙ୍କରାଭରଣ ପଲ୍ଲବୀ, ଶିବ ପଞ୍ଚକ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ମମତା ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଓଡ଼ିଶୀ ନୃତ୍ୟ ଗୁରୁ ବିମ୍ବାଧର ଦାସ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଜେନା, ମର୍ଦ୍ଦଳ ବାଦକ ବିଜୟ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।



ବଲ୍ଲଭ ଟ୍ରଷ୍ଟ ପକ୍ଷରୁ ଶନିବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ 'ବଲ୍ଲଭ ନୃତ୍ୟ ମହୋତ୍ସବ'ରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ରାସ୍ତାକଡ଼ରୁ ଶିଶୁକନ୍ୟାଙ୍କ ମୃତଦେହ ଜବତ

ଖୋର୍ଦ୍ଧା,୪।୧୦(ପ୍ରଭାତ ପାଣିଗ୍ରାହୀ)

ସରକାରଙ୍କ ପକ୍ଷରୁ ବେଟୀ ପଢ଼ାଅ, ବେଟୀ ବଚାଅ କାର୍ଯ୍ୟକ୍ରମ କରାଯାଉଛି। ଏଥିସହିତ ବିଭିନ୍ନ ସଚେତନତାମୂଳକ ଯୋଜନା ସତ୍ତ୍ୱେ ଏହାର କୌଣସି ପ୍ରଭାବ ପଡୁନାହିଁ। ଶିଶୁକନ୍ୟା ଜନ୍ମ ହେଲେ ତାହାକୁ ଅଣଦେଖା କରାଯାଉଛି। ନବଜାତ ଶିଶୁକନ୍ୟାଙ୍କୁ ହତ୍ୟା କରି ରାସ୍ତାକଡ଼ରେ ଫିଙ୍ଗି ଦିଆଯାଉଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ହଳଦିପଦା ଓ ପାଟପୁର ରାସ୍ତାରେ ଦେଖିବାକୁ ମିଳିଛି। କେହି ଜଣେ ଏକ ନବଜାତ ଶିଶୁକନ୍ୟାଙ୍କ ମୃତଦେହ କଳା ପଲିଥିନରେ ଗୁଡ଼ାଇ ରାସ୍ତାକଡ଼ରେ ଫିଙ୍ଗି ଦେଇଥିଲା। ଖବରପାଇ ପୋଲିସ ପହଞ୍ଚି ଶିଶୁକନ୍ୟାଙ୍କ ମୃତଦେହ ଜବତ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୨/୨୫) ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ସଞ୍ଜୟ ନାୟକ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

### ବିଭୂତି ଭୂଷଣ ସାମନ୍ତରାୟଙ୍କ ପରଲୋକ

ବାଲୁଗାଁ,୪।୧୦(ସଂଗ୍ରାମ ପାଇକରାୟ)

ବାଲୁଗାଁ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ତଥା ମତ୍ସ୍ୟ ବ୍ୟବସାୟ ସଂଘ ଏବଂ ରାଜମିସ୍ତ୍ରୀ ସଂଘର ପୂର୍ବତନ ସଭାପତି ବିଭୂତି ଭୂଷଣ ସାମନ୍ତରାୟ (୬୫)ଙ୍କ ଶୁକ୍ରବାର ବିଳମ୍ବିତ ରାତ୍ରିରେ ପରଲୋକ ହୋଇଯାଇଛି। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାରଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ସକାଳେ ତାଙ୍କ ମରଶରୀର ବାଲୁଗାଁ ସ୍ଥିତ ସାମନ୍ତରାପୁର ବାସଭବନରେ ପହଞ୍ଚିଥିଲା। ସେ ଜଣେ ମିଷ୍ଟଭାଷୀ ଏବଂ ପରୋପକାରୀ ବ୍ୟକ୍ତି ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତିବିଶେଷ, ଦୁଇ ସଂଘର ସଦସ୍ୟଙ୍କ ସମେତ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପହଞ୍ଚି ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

### ପଲ୍ଲୀ ସଂସ୍କୃତି ପାଳିତ

ଯାଁଳା,୪।୧୦(ବୁଲା ବାରିକ)

ଉତ୍କଳ ସେବା ଅନୁଷ୍ଠାନ ଆନୁକୂଲ୍ୟରେ ଗୁରୁବାର ପଲ୍ଲୀ ସଂସ୍କୃତି ପାଳିତ ହୋଇଯାଇଛି। ସଭାପତି ମୁରଲିଧର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଡ. ତ୍ରିନାଥ ପାଣିଗ୍ରାହୀ, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ପ୍ରଶାସନିକ ଅଧିକାରୀ ସନ୍ତୋଷ କୁମାର ମିଶ୍ର ଯୋଗଦେଇ ପଲ୍ଲୀ ଜୀବନର ବାସ୍ତବତା ଉପରେ ଆଲୋକପାତ କରିଥିଲେ। ସାମାଜିକର୍ମୀ ରମାକାନ୍ତ ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପୂର୍ବତନ ସଭାପତି ଦାତାରାମ ଅଶୋକ କୁମାର ମଙ୍ଗରାଜ କୃଷକଙ୍କ ଲଙ୍ଗଳ ମୁନ, ଯବାନଙ୍କ ବନ୍ଧୁକ ମୁନ ଓ ପ୍ରଶାସନର କଲମ ମୁନର ଗୁରୁତ୍ୱ ଓ ପ୍ରାସଙ୍ଗିକତା ଉପରେ ମତ ରଖିଥିଲେ। ବୀର ପ୍ରଧାନ, ବିକ୍ରମ ମଙ୍ଗରାଜ, ନଳିନି ପଟ୍ଟନାୟକ, ସୁଧୀର ପଟନାୟକ, ସତ୍ୟବ୍ରତ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ବିଷ୍ଣୁ ପ୍ରସାଦ ଦଳେଇ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ୩୨ ମଣ୍ଡପରେ ପୂଜା ପାଇବେ ମା’ ଗଜଲକ୍ଷ୍ମୀ

■ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି କାରିଗର
■ ଶୃଙ୍ଖଳିତ ପୂଜା ଓ ଭସାଣି ଉପରେ ଗୁରୁତ୍ୱ

ଖୋର୍ଦ୍ଧା,୪।୧୦(ପ୍ରଭାତ ପାଣିଗ୍ରାହୀ)

ଆଉ ଦିନକ ପରେ ଧରାବତରଣ କରିବେ ମା’ଗଜଲକ୍ଷ୍ମୀ। ଏଥିପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଖୋର୍ଦ୍ଧା ସହର। ଘଣ୍ଟଘଣ୍ଟା, ଶଙ୍ଖନାଦରେ କମ୍ପିବ ପୂଜାମଣ୍ଡପ। ଆକର୍ଷଣୀୟ ସାଜସଜ୍ଜା ସହ ରଙ୍ଗିନ୍ ଆଲୋକମାଳାରେ ଝଲସିବ ସହର। ଏଥିପାଇଁ ମଣ୍ଡପଗୁଡ଼ିକରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସହରର ୩୨ ମଣ୍ଡପରେ ପୂଜା ପାଇବେ ମା’ ଗଜଲକ୍ଷ୍ମୀ। ସନ୍ଧ୍ୟା ହେଲେ ବିଭିନ୍ନ ପୂଜାମଣ୍ଡପରେ ଭିଡ଼ ଜମିଥାଏ। ପୁରୁଣା ବସ୍‌ଷ୍ଟାଣ୍ଡର ନବଜ୍ୟୋତି ଗଜଲକ୍ଷ୍ମୀ ପୂଜାକମିଟି ହେଉଛି ସର୍ବପୁରାତନ। ପରବର୍ତ୍ତୀ ସମୟରେ ଅନ୍ୟ କମିଟି ପକ୍ଷରୁ ପୂଜା ଆୟୋଜନ କରାଯାଉଛି। ସ୍ନେହ, ସଦ୍‌ଭାବ ଏବଂ ଭାଇଚାରା ବାର୍ତ୍ତା ଦେଇଥାଏ ଗଜଲକ୍ଷ୍ମୀ ପୂଜା। ଆଡ଼ମ୍ବରରେ ଏହି ପୂଜା ପାଳିତ ହୋଇଥାଏ। ଅନ୍ତିମ ଦିବସରେ ସମୂହ ଭସାଣି ଆୟୋଜନ ହୋଇଥାଏ। ଅନ୍ୟପଟେ ଶୃଙ୍ଖଳିତ, ସୁରକ୍ଷିତ ପୂଜା ଆୟୋଜନ ଲାଗି ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏସ୍‌ପି ବିବେକାନନ୍ଦ ଶର୍ମା କହିଛନ୍ତି ଯେ, ଗଜଲକ୍ଷ୍ମୀ ପୂଜା ଏବଂ ଭସାଣି ଉତ୍ସବ ସମୟରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯିବ। ରାତ୍ରିକାଳୀନ ପାଟ୍ରୋଲିଂ ଏବଂ ହାଇୱେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ। ଜିଲାପାଳ ଅମ୍ରିତ ଋତୁରାଜ ଶୃଙ୍ଖଳିତ ପୂଜା ଆୟୋଜନ ଉପରେ ଗୁରୁତ୍ୱ ଦେଇଛନ୍ତି।

ସହରରେ ଭାରିଯାନ ଚଳାଚଳକୁ ବନ୍ଦ କରିବା ଏବଂ ବିଶୃଙ୍ଖଳାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଟାଉନ ଥାନାରେ ଏକ ପୋଲିସ କଣ୍ଟ୍ରୋଲ ରୁମ ଖୋଲାଯିବ। ସମସ୍ତ ପୂଜା କମିଟି କର୍ମକର୍ତ୍ତା କୌଣସି ଘଟଣା ଘଟିଲେ କଣ୍ଟ୍ରୋଲରୁମକୁ ଜଣାଇବେ। ସହରରେ ପାଟ୍ରୋଲିଂ କରୁଥିବା ପିସିଆର ଭ୍ୟାନରେ ଥିବା ଅଧିକାରୀ, ଏସଡିପିଓ(ସଦର), ଟାଉନ, ଶିଳ୍ପାଞ୍ଚଳ ଥାନା ଅଧିକାରୀଙ୍କ ନମ୍ବର ସମସ୍ତ ପୂଜାକମିଟି ନିକଟରେ ରଖିବେ। ସେହିପରି ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା କହିଛନ୍ତି ଯେ, ପୂଜା ସମୟରେ ଡାକବାଜି ଯନ୍ତ୍ରର ବ୍ୟବହାର ଓ ପୂଜା ମଣ୍ଡପ ନିମନ୍ତେ ଆବଶ୍ୟକ ଅନୁମତିପତ୍ର ଭାରପ୍ରାପ୍ତ ଥାନାଧିକାରୀ, ଅଗ୍ନିଶମ ଅଧିକାରୀ, ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କଠାରୁ ଆଣିବା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତି ନେବେ। ଡାକବାଜି ଯନ୍ତ୍ରର ଶବ୍ଦ ୬୫ଡେ.ବିରୁ ଯେପରି ଅଧିକ ନ ହୁଏ। କେବଳ ଭକ୍ତି ସଙ୍ଗୀତ ପରିବେଷଣ କରାଯିବ। ପୂଜା ମଣ୍ଡପରେ ଭିଡ଼ ନିୟନ୍ତ୍ରଣ ଲାଗି କମିଟି ୫ଜଣ ସ୍ୱେଚ୍ଛାସେବୀ ନିଯୁକ୍ତ କରିବେ। ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା କରିବେ। ଯେଉଁମାନେ ରାସ୍ତା ଉପରେ ତୋରଣ କରିବେ, ସେମାନେ ପୌର ପରିଷଦ ଓ ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ବିଦ୍ୟୁତ୍ ବିଭାଗ ଓ ଅଗ୍ନିଶମ ବିଭାଗଠାରୁ ଅନୁମତି ଆଣିବେ। ପୂଜାମଣ୍ଡପରେ ସିସିଟିଭି ଖଞ୍ଜିବା ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଆସନ୍ତା ୧୨ତାରିଖରେ ଭସାଣି ଉତ୍ସବ ହେବ। ସମସ୍ତ ମେଢ଼ ବିଜେବି ହାଇସ୍କୁଲ ପଡିଆ ନିକଟ ରାସ୍ତାରେ ଏକତ୍ରିତ ହେବେ। ସେଠାରୁ କ୍ରମାନ୍ୱୟରେ ଇଗଲ କ୍ଲବ ଛକ-ପେଟ୍ରୋଲ ପମ୍ପ, ପୁରୁଣା ବସଷ୍ଟାଣ୍ଡ, ଟ୍ରାଫିକ ଛକ, ସମବାୟ ଛକ, ଏସ୍‌ବିଆଇ ଛକ, ନୂଆବସଷ୍ଟାଣ୍ଡରୁ ଟିଏଲ୍‌ସି ଦେଇ ପୌର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯିବ।

ଭସାଣି ଉତ୍ସବରେ ଯୋଗଦେଇଥିବା ପୂଜା କମିଟି ମଧ୍ୟରୁ ସର୍ବଶ୍ରେଷ୍ଠ ୩ କମିଟିକୁ ଜିଲା ପ୍ରଶାସନ ପକ୍ଷରୁ ଟ୍ରଫି ପ୍ରଦାନ କରାଯିବ। ଚୟନ ଲାଗି ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ଏସ୍‌ଡିପିଓ, ତହସିଲଦାର, ବିଡିଓ ଏବଂ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ନେଇ କମିଟି ଗଠନ କରାଯାଇଛି। ଏହି କମିଟି ଶ୍ରେଷ୍ଠ ମୃଣ୍ମୟୀ ମୂର୍ତ୍ତି ଓ ସାଜସଜ୍ଜା, ଶ୍ରେଷ୍ଠ ଶୋଭାଯାତ୍ରା ଓ ଶାନ୍ତି ଶୃଙ୍ଖଳାକାରୀ ଦଳକୁ ଚୟନ କରିବେ। ଏଥିଲାଗି ଜୟୀ ରାଜଗୁରୁ ଭବନ(ଟାଉନ ହଲ୍) ଠାରେ ଏକ ମଞ୍ଚର ବ୍ୟବସ୍ଥା କରାଯିବ। ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଶ୍ରେଷ୍ଠ ତିନି ପୂଜା କମିଟିକୁ ପୁରସ୍କୃତ କରାଯିବ।

## ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟ ଅତିଥି।

ବେଗୁନିଆ,୪।୧୦(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡ଼ିହ ଗ୍ରାମରେ ଦୁର୍ଗା ପୂଜା କମିଟି ଓ ହରପାର୍ବତୀ ନାଟ୍ୟ ସଂସଦ ପକ୍ଷରୁ ଗ୍ରାମବାସୀଙ୍କ ସହଯୋଗରେ ଚାଲିଥିବା ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶିକ୍ଷାବିତ୍ ରାମଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷକ ପଠାଣି କୁମାର ସାହୁ ଓ ସାମାଜିକକର୍ମୀ କାର୍ତ୍ତିକ ଜେନାଙ୍କ ଯୁଗ୍ମ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟ ବକ୍ତା, ପୋଡ଼ାଡିହ ସେବା ସମବାୟ ସମିତିର ସଭାପତି ସୁଦର୍ଶନ ମାଣିକ, ସରପଞ୍ଚ ଲତା ସେଠୀ, ସାମାଜିକକର୍ମୀ ମାନସ ବେହେରା, ବାଉରି ଶ୍ରୀଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଯୁବ ସମାଜ ପଥଭ୍ରଷ୍ଟ ନ ହୋଇ ଉଚିତ୍ ମାର୍ଗରେ ଚାଲିବାକୁ ନାଟକ ଶିକ୍ଷା ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ପତନିବର ମା’ବାଉତି ଯୁବ ନାଟ୍ୟ ସଂସଦର ନାଟକ ‘ସ୍ୱାମୀ ପାଇଁ ପଛେ ନର୍କକୁ ଯିବି’ ଏବଂ ଭୁବନେଶ୍ୱର ଘାଟିକିଆ ବାବା ନୀଳ କଣ୍ଠେଶ୍ୱର ନାଟ୍ୟ ସଂସଦର ‘କିଏ ପୋଛିଦେବ ଆଖିର ଲୁହ’ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଉଭୟ ନାଟ୍ୟ ସଂସଦକୁ ୪୦ହଜାର ଏବଂ ୩୦ହଜାର ଟଙ୍କା ପୁରସ୍କାର ରାଶି ଅତିଥିମାନେ ପ୍ରଦାନ କରିଥିଲେ।

## ଡିଏଚ୍‌ଏଚ୍ ପାର୍କିଂସ୍ଥଳରେ ବର୍ଷାଜଳ




ଖୋର୍ଦ୍ଧା,୪।୧୦(ପ୍ରଭାତ ପାଣିଗ୍ରାହୀ)

ଲଘୁଚାପଜନିତ ବର୍ଷା ଯୋଗୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍) ପାର୍କିଂସ୍ଥଳରେ ପାଣି ନିଷ୍କାସନ ହୋଇ ନ ପାରି ଜମି ରହିଛି। ଆଣ୍ଠୁଏ ଉଚ୍ଚରେ ପାଣି ଜମି ରହିଛି। ପାର୍କିଂ ଭିତରେ ଥିବା ଘରୋଇ ଆମ୍ବୁଲାନ୍ସ ବୁଡି ଯାଇଥିଲା। ପାଣି ଜମିଥିବାରୁ ରୋଗୀଙ୍କ ସମ୍ପର୍କୀୟ ଏବଂ ମେଡିକାଲ କର୍ମଚାରୀ, ଡାକ୍ତର ପାର୍କିଂରେ ଯାନବାହନ ରଖିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରିକି ପାର୍କିଂସ୍ଥଳ ପାର୍ଶ୍ୱରେ ଥିବା ଔଷଧ ଦୋକାନକୁ ଯିବା ବାଟରେ ପାଣି ଜମି ରହିଥିବାରୁ ଦୋକାନୀ ଏବଂ ରୋଗୀ ଔଷଧ କିଣିବା ପାଇଁ ପାଣି ଭିତରେ ପଶି ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା। ତେବେ ମେଡ଼ିକାଲ ପରିସରରେ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ହେଲେ ଚାରିଆଡେ ପାଣି ଜମି ରହୁଥିବା ଦେଖିବାକୁ ମିଳିଛି। କେବଳ ପାର୍କିଂସ୍ଥଳ ନୁହଁ, ମେଡିକାଲ ଚାରିପଟେ ସମାନ ଦୃଶ୍ୟ ରହିଥିଲା। ସେହିପରି ଖୋର୍ଦ୍ଧା- ନୟାଗଡ ୫୭ ନମ୍ବର ଜାତୀୟ ରାଜପଥର ସମାନ ଦୃଶ୍ୟ ରହିଥିଲା। ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ଚଣ୍ଡିତୁଆ ଛକ ନିକଟରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଆଣ୍ଠୁଏ ଉଚ୍ଚରେ ଜମି ରହିଥିଲା। ଭୋର ୪ଟାରୁ ଅପରାହ୍ଣ ପର୍ଯ୍ୟନ୍ତ ଏଭଳି ସମସ୍ୟା ଦେଖିବାକୁ ମିଳିଥିଲା। ଯାତାୟାତ ବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ରାସ୍ତା ଦେଇ ଦୈନିକ ଭାରିଯାନ, ଟ୍ରକ୍, ମାଲବାହୀ ଯାନ, ଘରୋଇ ଯାତ୍ରୀବାହୀ ବସ୍, ସ୍କୁଲ ବସ୍, ଦୁଇ ଓ ଚାରି ଚକିଆ ଯାନ ଯାତାୟାତ କରୁଛି। ତେବେ ମେଡିକାଲ, ଚଣ୍ଡିତୁଆ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ରାଜପଥରେ ବଡ଼ ଖାଲଖମା ସୃଷ୍ଟି ହୋଇଛି। ଖାଲରେ ପାଣି ଜମିବା ଯୋଗୁ ଲୋକେ ପଡି ଆହତ ହେଉଛନ୍ତି।

### କ୍ରୀଡ଼ା ଶିକ୍ଷକ ଦୁର୍ଯ୍ୟୋଧନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,୪।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅଧୀନ ଗୋପୀନାଥ ଦେବ ବିଦ୍ୟାପୀଠରେ କ୍ରୀଡ଼ା ଶିକ୍ଷକ ଦୁର୍ଯ୍ୟୋଧନ ନାୟକଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାଧୁ ଚରଣ ମାଝୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ, ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ନବୀନ କୁମାର ଜେନା, ଦାମୋଦର ଜେନା, ବିଷ୍ଣୁ ଚରଣ ବେହେରା, ବରିଷ୍ଠ ଶିକ୍ଷକ ଅକ୍ଷୟ ସାମନ୍ତସିଂହାର, ସିଆର୍‌ସିସି ପ୍ରଦୀପ କୁମାର ପଲେଇ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିବା ବେଳେ ପୂର୍ବତନ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ତନ୍ମୟ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଗାନ୍ଧୀ, ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ



ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥିଙ୍କ ସହ ପିଲାମାନେ।

ଖୋର୍ଦ୍ଧା,୪।୧୦(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ମହାବିଦ୍ୟାଳୟ ପରିସରରେ ଅନ୍ତଃରାଷ୍ଟ୍ରୀୟ ଅହିଂସା ଦିବସ, ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ‘ରଘୁପତି ରାଘବ ରାଜାରାମ’ ଗାନ କରାଯାଇଥିଲା। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଗଦାଧର ସାହୁଙ୍କ ଅଧ୍ୟକ୍ଷତାରେ ମୈତ୍ରୀ ଭବନ ପରିସରରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ହୋଇଥିଲା। ଉକ୍ତ ସମାରୋହରେ ମୌଲବୀ ମୁଫତି ନସାରଉଦ୍ଦିନ କୋରାନ ପାଠ କରିଥିବା ବେଳେ, ଫାଦର ଡା.ସନ୍ତୋଷ କୁମାର ବାଇବେଲ ପାଠ କରିଥିଲେ। ଅଧ୍ୟାପକ ସୁବୋଧ କୁମାର ଜଗଦେବ ଭଗବତ ଗୀତାର ୫ମ ଅଧ୍ୟାୟ (କର୍ମ ସନ୍ନ୍ୟାସ ଯୋଗ) ବ୍ୟାଖ୍ୟା କରି ଗାନ୍ଧିଜୀଙ୍କ ଆଦର୍ଶ ଓ ଗୀତାର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ଗାନ୍ଧିଜୀଙ୍କର ସ୍ୱଦେଶୀ ଓ ସ୍ୱଚ୍ଛତା ବିଚାର ଆଦିମଧ୍ୟ ଜୀବନ ଓ ସମାଜ ପାଇଁ ଆବଶ୍ୟକ ବୋଲି କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ସୁବୋଧ କୁମାର ଜଗଦେବ ବକ୍ତବ୍ୟ ରଖିଥିଲେ। ମହାତ୍ମାଗାନ୍ଧୀ ଓ ଶାସ୍ତ୍ରୀ ଥିଲେ ସତ୍ୟ, ନ୍ୟାୟ ଓ ଅହିଂସାର ପ୍ରତୀକ, ଯାହାଙ୍କ ଜୀବନ ଦର୍ଶନ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି ବୋଲି ସଭାପତିତ୍ୱ ଭାଷଣରେ ପ୍ରଫେସର ସାହୁ ମତବ୍ୟକ୍ତ କରିଥିଲେ। ଅଲେଖ ନାୟକ, ରାଜ କୁମାର ବାହୁବୁର, ଅବିନାଶ, ରଶ୍ମି, ଶୁଭମ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ରେଡକ୍ରସ, ରୋଭର୍ସ ରେଞ୍ଜର୍ସ, ଏନ୍‌ଏସଏସର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। କଲେଜର ଖେଳ ଶିକ୍ଷକ ଶେଖ ସିରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୧କେଜି ମୃଗ ମାଂସ ଜବତ, ଶିକାରୀ ଗିରଫ

ବାଣପୁର,୪।୧୦(ଦିଲୀପ କୁମାର ସ୍ୱାଇଁ)

ବାଲୁଗାଁ ବନାଞ୍ଚଳ ପଦ୍ମପୁର ସେକ୍ସନ ଗମ୍ଭାରୀମୁଣ୍ଡା ଷଣ୍ଢ ଡ୍ୟାମ୍ ନିକଟ ଷଣ୍ଢ ଡିପିଏଫ୍ ଜଙ୍ଗଲରୁ ବନବିଭାଗ ଟିମ୍ ଜଣେ ଶିକାରୀଙ୍କୁ ଗିରଫ କରିବା ସହ ମୃଗ ମାସ, ଛାଲ ଓ କଟାମୁଣ୍ଡ ଜବତ କରିଛି। ଗିରଫ ଶିକାରୀ ହେଲେ ନାରୁଣୀ ଥାନା ଗମ୍ଭାରୀମୁଣ୍ଡା ପଞ୍ଚାୟତ ଅଧୀନ ପଙ୍କାଳ ମହତପଲ୍ଲା ଗ୍ରାମର ରମେଶ ନାୟକ। ଶନିବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଶିକାରୀ ଫେରାର ଥିବା ଜଣାପଡ଼ିଛି। ସୂଚନା ମୁତାବକ, ପଦ୍ମପୁର ବନବିଭାଗ କର୍ମଚାରୀମାନେ ଜଙ୍ଗଲରେ ପାଟ୍ରୋଲିଂ କରୁଥିବା ବେଳେ ଦୁଇ ଜଣ ଯୁବକ ଦୁଇଟି ବ୍ୟାଗ ନେଇଯାଉଥିବା ଦେଖିବାକୁ ପାଇଥିଲେ। ବନ କର୍ମଚାରୀଙ୍କ ସନ୍ଦେହ ହେବାରୁ ସେମାନଙ୍କୁ ଅଟକାଇ ବ୍ୟାଗ୍ ତନଖିବାରୁ ୨୧କେଜି ମାଂସ ଓ ଗୋଟିଏ ମୃଗର କଟାମୁଣ୍ଡ, ଦୁଇଟି କାତି ଓ ଗୋଟିଏ ବଟକରା ଜବତ କରିଥିଲେ। ଏହି ସମୟରେ ଜଣେ ଯୁବକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଶନିବାର ଖୋର୍ଦ୍ଧା ବନଖଣ୍ଡ ସହକାରୀ ବନ ସଂରକ୍ଷକ ସୋନାଲି ସିଓ, ବାଣପୁର ତହସିଲଦାର ଟି.ପଦ୍ମନାଭ ଦୋରା, ବାଲୁଗାଁ ବନାଞ୍ଚଳ ଅଧିକାରୀ ରେଶମା ପରିଡା, ଫରେଷ୍ଟର ଶର୍ମିଷ୍ଠା ରାୟ ଚୌଧୁରୀ, ବନରକ୍ଷୀ ସସ୍ମିତା ମହାନ୍ତି, ରାଜକିଶୋର ବେହେରା ପ୍ରମୁଖ ଅଭିଯୁକ୍ତ ରମେଶଙ୍କୁ ଜଙ୍ଗଲକୁ ନେଇ ତଦନ୍ତ କରିଥିଲେ। ଶିକାରୀମାନେ ଜଙ୍ଗଲରେ ଲୁଚାଇ ରଖିଥିବା ମୃତ ମୃଗର ଛାଲକୁ ଅଧିକାରୀମାନେ ଜବତ କରିଥିବା ବେଳେ ଫାସ ବସାଇ ମୃଗ ଶିକାର କରିବା ସହିତ ତା’ର ମାଂସ ବିକ୍ରି ପାଇଁ ନେଉଥିବା ସ୍ପଷ୍ଟ ହୋଇଥିଲା। ତେବେ ଫେରାର ଶିକାରୀଙ୍କୁ ଗିରଫ କରିବା ପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

### ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦଙ୍କ ପରଲୋକ

ଜଟଣୀ,୪।୧୦(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ହାଟବଜାର ନିବାସୀ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ସଦାନନ୍ଦ ବେହେରାଙ୍କ ଗତ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୯୧ବର୍ଷ ହୋଇଥିଲ। ସେ ସ୍ଥାନୀୟ ରେଲୱେ ସ୍କୁଲରେ ଶିକ୍ଷକତା କରି ଅବସର ନେଇଥିଲେ। ସେ ଜଣେ ମିଷ୍ଟଭାଷୀ, ସ୍ନେହୀ, ଛାତ୍ରବତ୍ସଳ ଏବଂ ଆଦର୍ଶ ଶିକ୍ଷକ ଭାବେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯଇଥିବା ବେଳେ ବଡ଼ ପୁଅ ଶିବପ୍ରସାଦ ବେହେରା ମୁଖାଗ୍ନି ଦେଇଥିଲେ।

## କ୍ରିକେଟ: ଫାଇନାଲରେ ଯାଁଳା

ଯାଁଳା,୪।୧୦(ବୁଲା ବାରିକ)




ସ୍ଥାନୀୟ ରାଧାମାଧବ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଯାଁଳା କପ୍‌ରେ ଯାଁଳା ଟିମ୍ ଫାଇନାଲରେ ପ୍ରବେଶ କରିଛି। ଶନିବାର ସେମିଫାଇନାଲ ମ୍ୟାଚ୍ ଅରାଙ୍ଗ ଏବଂ ଯାଁଳା ଟିମ୍ ମଧ୍ୟରେ ହୋଇଥିଲା। ଯାଁଳା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୬ ଉଇକେଟ ବିନିମୟରେ ୧୧୩ ରନ ସଂଗ୍ରହ କରିଥିଲା। ଜବାବରେ ଅରାଙ୍ଗ ଟିମ୍ ୧୦୯ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଯାଁଳା ଟିମ୍‌ର ମୃତ୍ୟୁଞ୍ଜୟ ପ୍ରଧାନ ୪ଟି ଉଇକେଟ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅନୀଲ ପରିଡ଼ା, ଦିପକ ହରିଚନ୍ଦନ ଏବଂ ଅମିୟ ରଞ୍ଜନ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ଅତିଥିଭାବେ ସଂଗ୍ରାମ କେଶରୀ ପରିଡା, ସୁବାସ ଚନ୍ଦ୍ର ପ୍ରଧାନ, ଦେବରାଜ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ବାଲୁଗାଁ କଲେଜରେ ପୂଜା ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ




ବାଲୁଗାଁ,୪।୧୦(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଅୟୋଜିତ ସାତଦିନିଆ ପୂଜା ସ୍ୱତନ୍ତ୍ର ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ନିର୍ଦ୍ଦେଶନା ତଥା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ କୈଳାସ ଚନ୍ଦ୍ର ମହାରଣା ଏବଂ ଅଧ୍ୟାପିକା ରୀନା ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିରର ବିଭିନ୍ନ ଦିବସରେ ଯୁକ୍ତ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ, ରେଞ୍ଜ ଅଫିସର ରଶ୍ମିତା ଜେନା, ଫରେଷ୍ଟର ନାରାୟଣ ଆଲତିଆ, ସମାଜସେବୀ ଶ୍ରୀ ସୋମ, ଅନନ୍ୟା ଷଡ଼ଙ୍ଗୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବିକ୍ରମ ବିଶୋୟୀ, ରାଜ୍ୟ ପୁରସ୍କାରପ୍ରାପ୍ତ ସମାଜସେବୀ ବବୁଲ ରଣସିଂହ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ବ୍ୟକ୍ତିତ୍ୱ ବିକାଶ, ନେତୃତ୍ୱ ବିକାଶ, ବୃତ୍ତିଗତ ଜୀବନ ଓ ସମାଜ ସେବା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନେ ଚାରାରୋପଣ, ସ୍ୱଚ୍ଛତା, ବ୍ୟକ୍ତିତ୍ୱ ଓ ନେତୃତ୍ୱ ବିକାଶ ପ୍ରତିଯୋଗିତା, କିଶୋରୀ ପୋଷଣ, ରକ୍ତଦାନ, ଦୁଇଟି ପୋଷ୍ୟଗ୍ରାମରେ ସାମାଜିକ ଅର୍ଥନୈତିକ ସର୍ବେକ୍ଷଣ ଆଦି କାର୍ଯ୍ୟକ୍ରମ କରିବା ସହ ଶିଶୁମାନଙ୍କ ମଧ୍ୟରେ ସଂଗୀତ, ଚିତ୍ରକଳା, ନୃତ୍ୟ ଓ ଖେଳ ପ୍ରତିଯୋଗିତା କରି ପୁରସ୍କାର ବଣ୍ଟନ କରିଥିଲେ। ଅଧ୍ୟକ୍ଷ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଉଚ୍ଚ ଶିକ୍ଷା ବିଭାଗର ଉପଶାସନ ସଚିବ ଡ. ରମେଶ ଚନ୍ଦ୍ର ବେହେରା ଏବଂ ମୁଖ୍ୟ ବକ୍ତାଭାବେ ଖୋର୍ଦ୍ଧା ଜିଲା ଜାତୀୟ ସେବା ଯୋଜନା ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପଞ୍ଚାନନ ମଙ୍ଗରାଜ ଯୋଗଦେଇ ଗୋଷ୍ଠୀସେବା ତଥା ସମାଜସେବା ଦ୍ୱାରା ଶିକ୍ଷାର୍ଥୀଙ୍କର ନେତୃତ୍ୱ ଓ ଶୈକ୍ଷିକ ଉତ୍କର୍ଷର ବିଭିନ୍ନ ଦୃଷ୍ଟାନ୍ତ ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀ ବିଜୟଲକ୍ଷ୍ମୀ ପଣ୍ଡା ମଞ୍ଚ ସଞ୍ଚାଳନ କରିଥିବା ବେଳେ ଜସ୍ମିନ ବେଗମ ଧନ୍ୟବାଦ ଅର୍ପଣ କରିଥିଲେ।

## ‘ବରିଷ୍ଠ ନାଗରିକଙ୍କ ଜ୍ଞାନ, ଅଭିଜ୍ଞତା ସମୃଦ୍ଧ ସମାଜ ସୃଷ୍ଟି କରିପାରିବ’

ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ

ଟାଙ୍ଗୀ,୪।୧୦(ରଘୁନାଥ ସାହୁ)



ସମାରୋହରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ବୋଧନ ଦେଉଛନ୍ତି।

ଏକ ସୁସ୍ଥ ଓ ଉନ୍ନତ ସମାଜ ଗଠନ ପାଇଁ ବରିଷ୍ଠ ନାଗରିକଙ୍କୁ ସମ୍ମାନ, ମର୍ଯ୍ୟାଦା ଏବଂ ସକ୍ରିୟ ଯୋଗଦାନର ସୁଯୋଗ ପ୍ରଦାନ କରିବାକୁ ହେବ। ସେମାନଙ୍କର ଜ୍ଞାନ, ଅଭିଜ୍ଞତାରେ ସମୃଦ୍ଧ ସମାଜ ଗଠନ ହୋଇପାରିବ ବୋଲି ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ତୃତୀୟ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଏହା କହିଛନ୍ତି।

ମୁଖ୍ୟ ବକ୍ତାଭାବେ ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ ପ୍ରତ୍ୟେକ ବୟସ୍କ ନାଗରିକ ଏକ ଜୀବନ୍ତ ଗ୍ରନ୍ଥାଳୟ। ବରିଷ୍ଠ ନାଗରିକମାନେ ଅତୀତର ସାକ୍ଷୀ ନୁହଁନ୍ତି ବରଂ ଜ୍ଞାନର ଜୀବନ୍ତ ଭଣ୍ଡାର, ଅଭିଜ୍ଞତାର ଅମୂଲ୍ୟ ଉତ୍ସ ଏବଂ ସାଂସ୍କୃତିକ ପରମ୍ପରାର ରକ୍ଷକ। ତେଣୁ ବରିଷ୍ଠ ନାଗରିକଙ୍କ ସମସ୍ତ ସମସ୍ୟା ପ୍ରତି ଦୃଷ୍ଟି ଦେଇ ସମାଧାନ କରିବା ପାଇଁ ମନ୍ତବ୍ୟ ରଖିଥିଲେ। ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ସାଧାରଣ ସମ୍ପାଦକ ରାଜକିଶୋର ସାମନ୍ତରାୟ, ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା, ପୂର୍ବତନ ଚିଲିକା ବ୍ଲକ୍ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ବିଜୟ କୁମାର ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ଡ,ଚନ୍ଦ୍ର ଶେଖର ଦାଶ ସ୍ୱାଗତ ଭାଷଣ ଏବଂ ସହ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଟାଙ୍ଗୀ ବ୍ଲକର ନନ୍ଦିତା ବେହେରା, ଶୁଭଶ୍ରୀ ଅଙ୍କିତା ପ୍ରଧାନ, ବିଶ୍ୱରଞ୍ଜନ ତ୍ରିପାଠୀ, ଚିଲିକା ବ୍ଲକର ଦିନେଶ କୁମାର ବିଶ୍ୱାଳଙ୍କ ସମେତ ବିଭିନ୍ନ ପଞ୍ଚାୟତର ୩୫ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

‘ସମାଜରେ ବରିଷ୍ଠ ନାଗରିକଙ୍କ କର୍ତ୍ତବ୍ୟ’ ଶୀର୍ଷକ ଆଲୋଚନାଚକ୍ରରେ ସୁରେନ୍ଦ୍ର କୁମାର ରାଉତ, ରମେଶ କୁମାର ବଳବନ୍ତରାୟ, ଡା.ମଧୁସୂଦନ ସେନାପତି, ଅରୁଣ ରଞ୍ଜନ ମହାନ୍ତି, ଦେବରାଜ ସେନାପତି, ନରେନ୍ଦ୍ର କୁମାର ଦାସ, ରମେଶ ଚନ୍ଦ୍ର ରାଉତ, ଗୋଦାବରୀଶ ସାହୁ, ଭାସ୍କର ଚନ୍ଦ୍ର ପ୍ରଧାନ ପ୍ରମୁଖ ଭାଗ ନେଇଥିଲେ। ବଡ଼ପାରୀ, ସୁନ୍ଦରପୁର, ଚାନ୍ଦପୁର, କନ୍ଧନୟାଗଡ଼, ମୟୂରଝାଲିଆ ପଞ୍ଚାୟତ କମିଟିର ସଭାପତି, ସମ୍ପାଦକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦିଲୀପ କୁମାର ନାଥ, ଉମେଶ ପ୍ରସାଦ ଧଳ, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, ରଘୁନାଥ ସାହୁ, ବିଚ୍ଛେଦ ଜୟସିଂ, ଦୁର୍ଗା ଚରଣ ପାତ୍ର, ତାରା ପ୍ରସାଦ ପଟ୍ଟନାୟକ, ବିଜୟ ପ୍ରଧାନ, ନିମାଇଁ ଚରଣ ସାହୁ, ପ୍ରଭାକର ବିଶ୍ୱାଳ, ପଠାଣି ସୁନ୍ଦରାୟ ପ୍ରମୁଖ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୧୦।୨୦୨୫

| | |
|---|---|
| ୮,୫୯,୨୨୫ ଟଙ୍କା | |
| ସୁନା | ୩୫୦ ମିଲିଗ୍ରାମ୍ |
| ରୁପା | ୧୪ ଗ୍ରାମ୍ |

## ସଂକ୍ଷେପରେ

### ସୂର୍ଯ୍ୟମନ୍ଦିର ବୁଲିବାକୁ ଆସି ପର୍ଯ୍ୟଟକ ନିଖୋଜ

କୋଣାର୍କ,୪।୧୦(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ସୂର୍ଯ୍ୟମନ୍ଦିର ବୁଲିବାକୁ ଆସିଥିବା ନୟାଗଡ଼ ଜିଲା ତେନ୍ତୁଳିଆପଲ୍ଲୀ ଗ୍ରାମର ମହେଶ୍ୱର ଆଚାର୍ଯ୍ୟ କେଉଁଆଡ଼େ ନିଖୋଜ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅନ୍ତର୍ଗତ ତେନ୍ତୁଳିଆପଲ୍ଲୀ ଗ୍ରାମର ମହେଶ୍ୱର ଆଚାର୍ଯ୍ୟ ନିଜ ସମ୍ପର୍କୀୟଙ୍କ ସହିତ ଏକ ବୋଲେରୋ ଯୋଗେ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲିବାକୁ ଆସିଥିଲେ। ମନ୍ଦିର ସମ୍ମୁଖ ଆଇଓସିଏଲ୍ ପାର୍କିଂରେ ଗାଡ଼ି ରଖି ସମ୍ପର୍କୀୟମାନେ ସୂର୍ଯ୍ୟମନ୍ଦିର ବୁଲିବାକୁ ଯାଇଥିବା ବେଳେ ମହେଶ୍ୱରଙ୍କ ମୁଣ୍ଡ ବୁଲାଇବା ଯୋଗୁଁ ପାର୍କିଂରେ ଥିବା ଗାଡ଼ି ନିକଟରେ ବସିଥିଲେ। ତାଙ୍କ ସହିତ ଆସିଥିବା ସମ୍ପର୍କୀୟମାନେ ସୂର୍ଯ୍ୟମନ୍ଦିର ବୁଲି ସାରିବା ପରେ ଗାଡ଼ି ପାଖକୁ ଆସି ମହେଶ୍ୱର ଆଚାର୍ଯ୍ୟ ସେଠାରେ ନ ଥିବା ଦେଖିବାକୁ ପାଇଥିଲେ। ସେମାନେ ବହୁ ଖୋଜାଖୋଜି କରିବା ପରେ ମହେଶ୍ୱରଙ୍କୁ ନ ପାଇ କୋଣାର୍କ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

### ୬୭ ଗିରଫ, ଲକ୍ଷାଧିକ ଟଙ୍କା ଜବତ

ପୁରୀ,୪।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସ ପକ୍ଷରୁ ଜାରି ରହିଥିବା ଅପରେଶନ ଚକ୍ର ଅଭିଯାନରେ ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇଛି। ବିଭିନ୍ନ ଥାନା ଅଞ୍ଚଳର ଜୁଆ ଆଡ୍ଡାରେ ପୋଲିସ ଚଢ଼ାଉ କରି ୬୭ ଜଣଙ୍କୁ ଗିରଫ କରିଛି। ଏଥିସହ ପୋଲିସ ସେମାନଙ୍କ ଠାରୁ ୪ ଲକ୍ଷ ୭୫ ହଜାର ୬୯୦ ଟଙ୍କା ଜବତ କରିଛି। ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ଅପରେଶନ ଚକ୍ର ଅଭିଯାନରେ ଜୁଆ ଆଡ୍ଡା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ପୋଲିସର ସୂଚନା ଅନୁଯାୟୀ, ଚନ୍ଦନପୁର ଥାନା ପୋଲିସ ୫ଜଣ ଜୁଆଡ଼ିଙ୍କୁ ଗିରଫ କରି ୭୫୦ ଟଙ୍କା ଜବତ କରିବା ସହିତ ଖେଳ ସାମଗ୍ରୀ ଜବତ କରିଛି। ସେହିପରି ସତ୍ୟବାଦୀ ଥାନା ପୋଲିସ ମଧ୍ୟ ୨ ଜଣ ଜୁଆଡ଼ିଙ୍କୁ ଗିରଫ କରି ୮,୧୫୦ ଟଙ୍କା ସହ ଜୁଆଖେଳ ସାମଗ୍ରୀ ଜବତ କରିଛି। ପୁରୀ ଜିଲାରେ ଚଳିତବର୍ଷ ମୋଟ ୧୩ଟି ମାମଲା ରୁଜୁ ହୋଇଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ନିଜ ଅଞ୍ଚଳରେ ଜୁଆ ଖେଳ ଚାଲୁଥିବା ଦେଖିଲେ ତୁରନ୍ତ ୧୧୨ ନମ୍ବରରେ କଲ କରନ୍ତୁ କିମ୍ବା ନିକଟସ୍ଥ ଥାନାକୁ ଜଣାନ୍ତୁ ବୋଲି ପୋଲିସ ଅନୁରୋଧ କରିଛି। ପୁରୀ ପୋଲିସ ଅପରାଧ ଦମନ ଓ ସମାଜରେ ଶାନ୍ତି-ଶୃଙ୍ଖଳା ରକ୍ଷା ପାଇଁ ସଦା ପ୍ରତିବଦ୍ଧ ବୋଲି ପୁରୀ ପୋଲିସ ସୂଚନା ଦେଇଛି।

### ସ୍ୱାସ୍ଥ୍ୟକର୍ମୀଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମଗିରି,୪।୧୦(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ଅନ୍ତର୍ଗତ ଗଡ଼ରୋଡ଼ଙ୍ଗ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏନ୍‌କ୍ୟୁଏଏସ୍‌ରେ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡ. ରଜତ ମଞ୍ଜରୀ ପ୍ରଧାନ ଯୋଗଦେଇ ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମୀଙ୍କୁ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କ ଦୃଢ଼ ମନୋବଳ, ଉତ୍ସର୍ଗୀକୃତ ସେବା ଓ ଗ୍ରାମାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ସଫଳ ହୋଇ ରାଜ୍ୟସ୍ତରର ଏହି ସମ୍ମାନ ବ୍ରହ୍ମଗିରି ଅଞ୍ଚଳ ପାଇଁ ଗର୍ବ ଆଣିଛି। ଏଣୁ ବ୍ରହ୍ମଗିରି ଅଞ୍ଚଳରେ ଥିବା ପ୍ରତ୍ୟେକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ସ୍ୱାସ୍ଥ୍ୟ କର୍ମଚାରୀମାନେ ଏହି ଉଦ୍ୟମ କରିବା ପାଇଁ ପରାମର୍ଶ ଦେଇଥିଲେ । ଉକ୍ତ ଉତ୍ସବରେ ଅନ୍ୟାନ୍ୟ ଅତିଥି ଭାବେ ଗଡ଼ରୋଡ଼ଙ୍ଗର ସରପଞ୍ଚ ନମିତା ବଳିୟାରସିଂ, ବ୍ରହ୍ମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜଗଧାତ୍ରୀ ମହାପାତ୍ର, ବିଷ୍ଣୁପ୍ରିୟା ସ୍ୱାଇଁ, ସଂଗ୍ରାମ କେଶରୀ ପଲାଇ ଓ ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୬ରୁ ୪୬ତମ କୁମାର ଉତ୍ସବ

- ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ ଖବରଦାତା ସମ୍ମିଳନୀ
- ପ୍ରଥମ ଦିନ ସ୍ୱାସ୍ଥ୍ୟ ଶିବିର ସହ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା

ପୁରୀ,୪।୧୦(ଅଜିତ୍ କୁମାର ମହାନ୍ତି)

ସାଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନ ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ ୪୬ତମ କୁମାର ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ଆସନ୍ତା ୬ ଓ ୭ ଅକ୍ଟୋବର ୨ଦିନ ଧରି ପୌରସଦନ ଠାରେ ପାଳନ କରିବାକୁ ଯାଉଛି। ଏନେଇ ଅନୁଷ୍ଠାନ ପକ୍ଷରୁ ଶନିବାର ସ୍ଥାନୀୟ ଲାଇଟ୍ ହାଉସ ନିକଟସ୍ଥ ହୋଟେଲ ସାଗରକନ୍ୟା ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି।

ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ବୀରେନ୍ଦ୍ର ନାରାୟଣ ଗୋଛିକାର, ସାଧାରଣ ସମ୍ପାଦକ ସନ୍ତୋଷ ଶତପଥୀ, କୋଷାଧ୍ୟକ୍ଷ ଜିତେନ୍ଦ୍ର ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଶତପଥୀ ଏବଂ ସଭାପତି ଗୋଛିକାର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଥିଲେ, ଆସନ୍ତା ୫, ୬ ଓ ୭ ତାରିଖ ୩ ଦିନ ଧରି ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ୪୬ତମ କୁମାର ଉତ୍ସବ ପାଳନ କରାଯିବ। ୫ ତାରିଖ ରବିବାର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟଠାରେ ଆଗ୍ରୋଟେକ ଚାରିଟେବଲ୍ ଟ୍ରଷ୍ଟ ସହଯୋଗରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରାଯିବା ସହ ପୌରସଦନଠାରେ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୬ ତାରିଖ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନୀ ଉତ୍ସବରେ ପୁରୀ ବିଧାୟକ ସୁନୀଲ ମହାନ୍ତି, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ନାଲ୍‌କୋ ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ତପନ କୁମାର ଚାନ୍ଦ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିବେ। ଏହାପରେ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୂର୍ବରୁ ଅନୁଷ୍ଠିତ ହୋଇଥିବା ଜିଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବ। ପରେ ଅନୁଷ୍ଠାନର ସଦସ୍ୟାସଦସ୍ୟମାନଙ୍କ ଦ୍ୱାରା ନୃତ୍ୟଭିତ୍ତିକ ସମବେତ ସଙ୍ଗୀତ ରୂପକ କୁମାର ପୂର୍ଣ୍ଣିମା ରାତି, ମନେ ଭରିଦିଏ ତାତି ଏହାପରେ ଓଡିଶୀ ନୃତ୍ୟ ନବଦୁର୍ଗା, କ୍ରିଏଟିଭ ଡ୍ୟାନ୍ସ, ନାଚ ବଲିଏ ଆଧୁନିକ ନୃତ୍ୟ ପରିବେଷଣ କରାଯିବ। ଶେଷରେ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯିବ। ୭ ତାରିଖ ଉଦ୍‌ଯାପନୀ ଦିବସରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ପ୍ରତିବର୍ଷ ଭଳି ଅନୁଷ୍ଠାନର ଆକର୍ଷଣୀୟ ପୁରସ୍କାର ଲିଟିଲ ମିସ୍ ଓ ଲିଟିଲ୍ ମାଷ୍ଟର ପୁରସ୍କାର ପ୍ରଦାନ କରାଯିବ। ଏହାପରେ ମାହାରୀ ନୃତ୍ୟ, କୋଲକାତାର ରାଇବଂଶୀ ଗ୍ରୁପ ପକ୍ଷରୁ ବାଲାନ୍ସିଂ ଆକ୍ଟ ପରିବେଷଣ କରାଯିବ। ଶେଷରେ ଓଡ଼ିଆ ଏବଂ ହିନ୍ଦୀ ସିନେ ଜଗତର ନବାଗତ ପ୍ରଚ୍ଛଦପଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଓଲିଉଡ୍ ଓ ବଲିଉଡ୍ ନାଇଟ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି ସମସ୍ତ କାର୍ଯ୍ୟକ୍ରମକୁ ସଞ୍ଜୀବ ଓ ମିସ୍ ଶାଶ୍ୱତୀ ସଂଯୋଜନା କରିବେ। ଉକ୍ତଦିନ ପୂର୍ବାହ୍ନରେ ଦୋଳବେଦୀକୋଣସ୍ଥିତ ସତ୍ୟନାରାୟଣ ମନ୍ଦିରଠାରେ ପ୍ରସାଦ ବଣ୍ଟନ ହେବ ବୋଲି ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭ୍ୟ ରାଜୀବ ଶତପଥୀ, ଅଜିତ୍ କୁମାର ମହାନ୍ତି, ରଞ୍ଜିତ୍ ସିଂ, ବିକ୍ରମ ପରିଡ଼ା, ପି. ଅନିଲ ରାଓ, ଅମୀୟ ପ୍ରସାଦ ନାଗ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ସାଂସ୍କୃତିକ ସଂସଦର ବରିଷ୍ଠ କର୍ମକର୍ତ୍ତାମାନେ ।



ପୁରୀ ଭୋଳାନାଥ ବିଦ୍ୟାପୀଠରେ ଅନୁଷ୍ଠିତ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଅଂଶଗ୍ରହଣ କରିଥିବା ଶିଶୁ କଳାକାରମାନେ ।

## ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

ଅସ୍ତରଙ୍ଗ/କାକଟପୁର/୪।୧୦(ମମତା ଜେନା/ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକର ଅଗ୍ରଣୀ ଅନୁଷ୍ଠାନ ମା' ଲକ୍ଷ୍ମୀ କ୍ଲବ ଆନୁକୂଲ୍ୟରେ ସୋମବାର ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ କ୍ଲବ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ତପନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅସ୍ତରଙ୍ଗ ଥାନା ନିରୀକ୍ଷକ ଦୁର୍ଗାଚରଣ ମହାପାତ୍ର, ଡ. ଦେବପ୍ରସାଦ ପଟ୍ଟନାୟକ, ଅସ୍ତରଙ୍ଗ ତହସିଲର ବରିଷ୍ଠ କିରାଣି ରାଜେନ୍ଦ୍ର ପାତ୍ର, ଉପଦେଷ୍ଟା ପ୍ରଶାନ୍ତ ଭୋଳ, ଚିତ୍ରସେନ ପ୍ରଧାନ, ସମ୍ପାଦକ ପବିତ୍ର କାଣ୍ଡି, ଉପସଭାପତି ହରିହର ମହାନ୍ତି, ନାଟ୍ୟ ସମ୍ପାଦକ ଦେବାଶିଷ ବାରିକ, ନାଟ୍ୟ ପରିଚାଳକ ସମୀର କୁମାର କରଙ୍କ ସମେତ ସମସ୍ତ ସଭ୍ୟ ଯୋଗଦେଇଥିଲେ। ଏଥିସହ ଚଳିତ ବର୍ଷ ପୂଜା ପାଇଁ ବଜେଟ ପ୍ରସ୍ତୁତ କରିବା ଏବଂ ପୂଜା, ସାଜସଜ୍ଜା, ମନୋରଞ୍ଜନ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସଂକ୍ରାନ୍ତରେ ଆଲୋଚନା କରିବା ସହ ସମସ୍ତ ପ୍ରକାର ପ୍ରଶାସନିକ ସହଯୋଗ ଯୋଗାଇଦେବା ପାଇଁ ଉପସ୍ଥିତ ଅଧିକାରୀମାନେ ପ୍ରକାଶ କରିଥିଲେ। ମା' ଙ୍କ ପୂଜା ସମ୍ପୂର୍ଣ୍ଣ ବିଧି ଅନୁଯାୟୀ ପାଳନ କରାଯିବା ସହ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଏକ ଭଜନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସେହିପରି ଅକ୍ଟୋବର ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା କରାଯିବ ବୋଲି ଅନୁଷ୍ଠାନର ନାଟ ସମ୍ପାଦକ ଦେବାଶିଷ ବାରିକ ସୂଚନା ଦେଇଛନ୍ତି। ଚଳିତ ବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ ଓ ଲୋକାଭିମୁଖୀ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିବାବେଳେ ପୂଜା ଦିନ କ୍ଲବର ନୂତନ ଗୃହ ପ୍ରତିଷ୍ଠା ଓ ୨ ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିଛି ବୋଲି ସଭାପତି ସ୍ୱାଇଁ ସୂଚନା ଦେଇଛନ୍ତି।

## ମାଟ୍ରିକ ପାସ୍ ଛାତ୍ରୀଛାତ୍ରଙ୍କ 'ସୁବର୍ଣ୍ଣ ଜୟନ୍ତୀ ଉତ୍ସବ'




ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ ।

ପୁରୀ,୪।୧୦(ଅଜିତ୍ କୁମାର ମହାନ୍ତି)

ଓଡ଼ିଶାର ପୁରାତନ ତଥା ଐତିହ୍ୟସମ୍ପନ୍ନ ବିଦ୍ୟାଳୟ ପୁରୀ ଜିଲା ସ୍କୁଲରୁ ୫୦ବର୍ଷ ତଳେ ୧୯୭୫ ମସିହାରେ ମାଟ୍ରିକ୍ ପାସ କରିଥିବା ଛାତ୍ରୀଛାତ୍ରମାନେ ଶନିବାର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ସ୍କୁଲ୍ ପରିସର ମୁକ୍ତ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରିଥିବା ୪ ପ୍ରାକ୍ତନ ଶିକ୍ଷକ ଓ ଅତିଥିମାନେ ମଞ୍ଚାସୀନ ହେବା ପରେ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବ୍ୟାଚ୍‌ର ଯେଉଁ ସହପାଠୀମାନେ ଇହଲୀଳା ସମ୍ବରଣ କରି ସାରିଛନ୍ତି, ସେମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା ପରେ ଆମର ପ୍ରାଦେଶିକ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ସମବେତ କଣ୍ଠରେ ଗାନ କରିଥିଲେ। ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ ପରେ ଉପସ୍ଥିତ ପ୍ରାକ୍ତନ ଶିକ୍ଷକ ଦିବାକର ମିଶ୍ର, ସୁଧାକର ମହାପାତ୍ର, ଭାବଗ୍ରାହୀ ରାଉତରାୟ ଓ ରମେଶ ଚନ୍ଦ୍ର ମହାପାତ୍ରଙ୍କୁ ମାନପତ୍ର, ଟ୍ରଫି ଓ ସାଲ୍ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ମଞ୍ଚାସୀନ ଅତିଥି ଭାବେ ପୁରୀ ବିଇଓ ତଥା ଜିଲା ସ୍କୁଲ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ପ୍ରମୋଦ କୁମାର କର, ଶିକ୍ଷକ ବିଦ୍ୟାଧର ମିଶ୍ର ଏବଂ ପୁରାତନ ଛାତ୍ର ସଂଘର ଅଧ୍ୟକ୍ଷ ବିଶିଷ୍ଟ ଶିଳ୍ପପତି ରାଜକିଶୋର ପାତ୍ର ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଦୀର୍ଘଦିନ ପରେ ମିଳିତ ହୋଇଥିବା ସାଙ୍ଗମାନେ ଅତି ଆନନ୍ଦରେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ଲକ୍ଷ୍ମୀଧର ପୂଜାପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିମାପଡ଼ା ଛୁରାମାଡ଼ ଘଟଣାରେ ୨ ଯୁବକ ଅଟକ

ନିମାପଡ଼ା,୪।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ନିକଟସ୍ଥ କୁଶଭଦ୍ରା ବ୍ରିଜ ଛକ ଜନଗହଳିପୂର୍ଣ୍ଣ ସ୍ଥାନରେ ଶୁକ୍ରବାର ରାତିରେ ସ୍ଥାନୀୟ ଥାନା ଅନ୍ତର୍ଗତ ବିଷ୍ଣୁପୁର କରଞ୍ଜିସାହି ଗ୍ରାମର ଜଣେ ନାବାଳକଙ୍କୁ ୩ ଯୁବକ ଅତି ନିର୍ମମ ଭାବେ ଛୁରି ଭୁସି ଆକ୍ରମଣ କରିଥିଲେ। ଏହି ଛୁରାମାଡ଼ରେ ନାବାଳକ ଜଣକ ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ନିମାପଡ଼ା ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ, ଏସ୍‌ଆଇ ଦିଲ୍ଲୀପ କୁମାର ପଣ୍ଡା ପ୍ରମୁଖ ବିଶେଷ ସୂତ୍ରରୁ ଖବରପାଇ ଭୁବନେଶ୍ୱର ରସୁଲଗଡ଼ ଅଞ୍ଚଳରେ ଚଢ଼ାଉ କରି ମୁଖ୍ୟ କାର୍ପଟଦାର ୨ ଯୁବକଙ୍କୁ କାବୁ କରିଛନ୍ତି। ସେମାନେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ମହାବୀର କଲୋନିର ବିଶ୍ୱଜିତ ପରିଡ଼ା ଓ ଅଣ୍ଡିଆସାହି ଗ୍ରାମର ଦିବ୍ୟାଂଶୁ ଭୋଇ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାର ଅଛନ୍ତି। ଏ ସମ୍ପର୍କରେ ଆହତ ନାବାଳକଙ୍କ ବାପା ଥାନାରେ ୩ ଯୁବକଙ୍କ ବିରୋଧରେ ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ୩ ଅଭିଯୁକ୍ତଙ୍କ ବିରୋଧରେ କେସ୍ ନମ୍ବର ୩୦୬/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣାର ମୁଖ୍ୟ କାର୍ପଟଦାର ବିଶ୍ୱଜିତ୍ ଓ ଦିବ୍ୟାଂଶୁଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି। ଏଭଳି ଏକ ଅମାନୁଷିକ ସ୍ପର୍ଶକାତର ଘଟଣା ସାରା ନିମାପଡ଼ା ଅଞ୍ଚଳରେ ବେଶ୍ ଚାଞ୍ଚଲ୍ୟ ସୃଷ୍ଟି କରିଛି।

## ବୀରଗୋବିନ୍ଦପୁର କାଳୀ ପୂଜା ପାଇଁ ପ୍ରଶାସନିକ ବୈଠକ



ବୈଠକରେ ଉପଜିଲାପାଳ ରାଜକିଶୋର ଜେନାଙ୍କ ସମେତ ଅନ୍ୟ ଅଧିକାରୀମାନେ ।

ସାକ୍ଷୀଗୋପାଳ,୪।୧୦(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ପୁରୀ ଜିଲାର ପ୍ରସିଦ୍ଧ ତନ୍ତ୍ରପୀଠ ସତ୍ୟବାଦୀ ବ୍ଲକ ବୀରଗୋବିନ୍ଦପୁର ଗ୍ରାମରେ ଆସନ୍ତା ୨୦ ତାରିଖରେ ମା' ଦକ୍ଷିଣକାଳୀଙ୍କର ପୂଜା ଅନୁଷ୍ଠିତ ହେବ। ଚଳିତବର୍ଷ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାବେଶକୁ ଲକ୍ଷ୍ୟ କରି ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶାନ୍ତି ଶୃଙ୍ଖଳାର ସହ ଯାତ୍ରା ପରିଚାଳନା ନିମନ୍ତେ ଶୁକ୍ରବାର ସନ୍ଧ୍ୟାରେ ମା' ଦକ୍ଷିଣକାଳୀଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଦେବନୀତି ସମ୍ପର୍କରେ ଆଲୋଚନା କରାଯାଇଥିଲା। କାଳୀପୂଜା ପୂର୍ବରୁ ରାସ୍ତା ମରାମତି, ଆଲୋକ ବ୍ୟବସ୍ଥା, ପାନୀୟ ଜଳଯୋଗାଣ ଓ ପରିମଳ, ଅଗ୍ନିଶମ, ଆଇନ ଶୃଙ୍ଖଳା ନିୟନ୍ତ୍ରଣ, ଟ୍ରାଫିକ୍ ନିୟନ୍ତ୍ରଣ, ଆମ୍ବୁଲାନ୍ସ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆଶୁଚିକିତ୍ସା କେନ୍ଦ୍ର ଖୋଲାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଉପଜିଲାପାଳ ରାଜକିଶୋର ଜେନା, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ବିଡିଓ ଦେବାଶିଷ ନାୟକ, ସତ୍ୟବାଦୀ ଥାନାଧିକାରୀ ବିଜୟ କେତନ ବେହେରା, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଅଗ୍ନିଶମ ଅଧିକାରୀ, ଚନ୍ଦନପୁର ଥାନାଧିକାରୀ, ୩୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଦୁଗଲ ସରପଞ୍ଚଙ୍କ ସମେତ ଗ୍ରାମ କୋଠ ସଭାପତି ଆଦିତ୍ୟ ନନ୍ଦ, ସମ୍ପାଦକ ଅବିନାଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିବାବେଳେ ସମସ୍ତ ବିଭାଗର ଅଧିକାରୀ ଓ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପସଭାପତି ପ୍ରଦୀପ୍ତ ନନ୍ଦ ଧନ୍ୟବାଦ ଦେଇଥିଲେ।

## କାମ କରୁନି ପୋଲିସ ଜରୁରିକାଳୀନ ସହାୟତା ନମ୍ବର

- ଅଭିଯୋଗର ୩ ଘଣ୍ଟା ପରେ ପହଞ୍ଚିଲା ପୋଲିସ
- ଚୋର ନେଇଗଲେ ସୁନା ଅଳଙ୍କାର ସହ ନଗଦ ଟଙ୍କା

ଗୋପ,୪।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ସରକାର ଲୋକଙ୍କୁ ଜରୁରିକାଳୀନ ସେବା ଯୋଗାଇଦେବା ପାଇଁ ବିଭିନ୍ନ ହେଲ୍ପଲାଇନ୍ ନମ୍ବର କାର୍ଯ୍ୟକାରୀ କରିଥିଲେ ମଧ୍ୟ ବାସ୍ତବରେ ଏହା କାମ କରୁ ନ ଥିବା ଭଳି ଅଭିଯୋଗ ଆସିଛି ଗୋପ ଥାନା ଅନ୍ତର୍ଗତ ଏରବଙ୍ଗ ନାଗସାହି ଗ୍ରାମରୁ। ଘରେ ଚୋର ପଶି ଚୋରି କରୁଥିବା ସମୟରେ ପରିବାର ପକ୍ଷରୁ ଜରୁରିକାଳୀନ ସହାୟତା ଲାଗି ପୋଲିସ ବିଭାଗ ହେଲ୍ପଲାଇନ ନମ୍ବର ୧୧୨କୁ କଲ୍ କରି ସହାୟତା ମାଗିଥିଲେ। ହେଲେ ଏହି ସହାୟତା ପାଇବାରୁ ଗୋପ ଥାନା ଅନ୍ତର୍ଗତ ଏରବଙ୍ଗ ନାଗସାହି ଗ୍ରାମର ସର୍ବେଶ୍ୱର ସେଠୀ ବଞ୍ଚିତ ହୋଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ସମ୍ପୃକ୍ତ ବ୍ୟକ୍ତି ଜଣକ ପରିବାର ସହିତ ଘରେ ଶୋଇଥିବା ବେଳେ ୩/୪ ଚୋର ଘର ଗ୍ରିଲ୍ ଭାଙ୍ଗି ପରିବାର ସଦସ୍ୟଙ୍କୁ ତାଲା ପକାଇ ଚୋରି କରିଥିଲେ। ସମ୍ପୃକ୍ତ ଚୋରମାନେ ଚୋରି କରୁଥିବା ଶବ୍ଦ ଶୁଣି ଘର ମାଲିକ ସର୍ବେଶ୍ୱର ଉଠି ଦୁଆର ଖୋଲିବାରେ ବାହାରୁ ଦୁଆର ଦିଆଯାଇଥିବାରୁ ଘରୁ ବାହାରି ପାରି ନ ଥିଲେ। ରାତି ୨ଟାରେ ସର୍ବେଶ୍ୱର ୧୧୨କୁ ଫୋନ୍ କରିଥିଲେ। କିଛି ମିନିଟ ପରେ ସର୍ବେଶ୍ୱର ସେଠୀଙ୍କ ଟେଲିଫୋନ୍ ନମ୍ବରକୁ ମଧ୍ୟ ମେସେଜ ଆସିଥିଲା ଯେ, ଗୋପ ପୋଲିସକୁ ଅବଗତ କରାଯାଇଛି। ହେଲେ ୩୦/୪୦ ମିନିଟ୍ ମଧ୍ୟରେ ଚୋରମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରୁ ଗୋଟିଏ ସୁନା କାନଫୁଲ, ମଙ୍ଗଳସୂତ୍ର ସହିତ ଆଉ କେତେକ ସୁନା ଅଳଙ୍କାର, ରୁପା ପାଉଁଜି ସହିତ ନଗଦ ୩୩ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇଯାଇଥିବା ବେଳେ ସର୍ବେଶ୍ୱରଙ୍କ ସ୍କୁଟିକୁ ନେଇ ନିକଟସ୍ଥ ପୋଖରୀରେ ପକାଇ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସମ୍ପୃକ୍ତ ଘର ମାଲିକ ଚୋରି ସମ୍ପର୍କରେ ଜରୁରିକାଳୀନ ସହାୟତା ଯୋଗାଇଦେବାକୁ ନିବେଦନ କରିଥିଲେ ମଧ୍ୟ ଗୋପ ପୋଲିସ ଦୀର୍ଘ ୩ ଘଣ୍ଟା ବିଳମ୍ବରେ ଅର୍ଥାତ ଭୋର୍ ୫ଟାରେ ପହଞ୍ଚିଥିବା ଅଭିଯୋଗ ହୋଇଛି। ଏହି ଚୋରି ଘଟଣାକୁ ନେଇ ଏସ୍‌ଆଇ ଦେବସ୍ମିତା ସିଂ କେବଳ ତଦନ୍ତ କରି ଫେରିଥିବା ବେଳେ ଖବର ପଠାଇବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ଗୋପ ଥାନା ଅଞ୍ଚଳରୁ ବାରମ୍ବାର ଚୋରି ଡକାୟତି ହେଉଥିବା ବେଳେ ପୋଲିସ ପାଟ୍ରୋଲିଂ କରିବାକୁ ଦାବି କରାଯାଇଛି। ଅପରପକ୍ଷରେ ଗୋପ ଥାନାକୁ ପୋଲିସ ଅଧିକାରୀଙ୍କ ସହିତ ପୋଲିସ କର୍ମଚାରୀ ଯୋଗାଇଦେବାକୁ ମଧ୍ୟ ଦାବି କରାଯାଇଛି।

## ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ବର୍ଷ ପାଳନ ସମାରୋହ

ନିମାପଡ଼ା,୪।୧୦(ବିଚିତ୍ରାନନ୍ଦ ସାହୁ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ନିମାପଡ଼ା ଖଣ୍ଡ ପକ୍ଷରୁ ଶତାବ୍ଦୀ ବର୍ଷ ଉଦ୍‌ଘାଟନୀ ସମାରୋହ ନିମାପଡ଼ା ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ମହାସମାରୋହରେ ଅନୁଷ୍ଠିତ ହୋଇଛି। ସମାରୋହକୁ ଆର୍‌ଏସ୍‌ଏସ୍ ସଂଘର ପୁରୀ ଜିଲା ବୌଦ୍ଧିକ ପ୍ରମୁଖ ସୁବାସ ମାଣିଆ ଉଦ୍‌ଘାଟନ କରି ସଂଘର ଶତବାର୍ଷିକୀ ସମାରୋହ ଓ ବୌଦ୍ଧିକ, ଶାରୀରିକ ଶିକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅପରାହ୍ନରେ ସ୍ଥାନୀୟ ବାରବାଟୀ ପଡ଼ିଆଠାରେ ସଂଘ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅତିଥି ଭାବେ ବରିଷ୍ଠ ଶିକ୍ଷକ ଦୁର୍ଗା ପ୍ରସାଦ ବାରିକ, ଇଂ. ସୁଦର୍ଶନ ଦାସ, ସଂଘର ପୁରୀ ଜିଲା କାର୍ଯ୍ୟବାହ ସର୍ବେଶ୍ୱର ବିଶୋଇ, ନିମାପଡ଼ା ଖଣ୍ଡର କାର୍ଯ୍ୟବାହ ଭାଗୀରଥି ଓଝା ପ୍ରମୁଖ ଯୋଗଦେଇ ଉତ୍ତମ ରାଷ୍ଟ୍ର ନିର୍ମାଣରେ ସଂଘର ଗୁରୁଦାୟିତ୍ୱ ରହିଥିବା, ଦେଶ ମାତୃକାର ସୁରକ୍ଷା ପାଇଁ ଓ ଦେଶ ପ୍ରେମ ପ୍ରତି ବ୍ରତୀ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସମାଜର ପରିବର୍ତ୍ତନରେ ସଂଘର ଅବଦାନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚି ଥିଲା। ଏହି ସମାରୋହରେ ସଂଘର ୩୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ।



ସାଧାରଣ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ଓ ସଂଘର ସଦସ୍ୟଗଣ।

## ସଦାଶିବ ମିଶ୍ରଙ୍କୁ 'ନୀଳଚକ୍ର ବାନା ସ୍ୱତନ୍ତ୍ର ଲେଖକ ସମ୍ମାନ'

### 'ନୀଳଚକ୍ର ବାନା'ର ୬ଷ୍ଠ ବାର୍ଷିକୀ ଉତ୍ସବ

ପୁରୀ,୪।୧୦(ଅଜିତ୍ କୁମାର ମହାନ୍ତି)

ପୁରୀରୁ ପ୍ରକାଶିତ ଆଧ୍ୟାତ୍ମିକ ପତ୍ରିକା 'ନୀଳଚକ୍ର ବାନା'ର ଷଷ୍ଠ ବାର୍ଷିକ ଉତ୍ସବ ଏବଂ ପତ୍ରିକାର ପ୍ରତିଷ୍ଠାତା ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଡ. କମଳାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନ, ଓଡ଼ିଶାର ପ୍ରଥମ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ସମ୍ମାନିତ ଅତିଥି ଭାବେ ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି କର୍ଣ୍ଣେଲ ପ୍ରଫୁଲ୍ଲ କୁମାର ମହାନ୍ତି, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ପ୍ରିୟପତ୍ରର ସମ୍ପାଦକ ବିପିନ ବିହାରୀ ଦଳାଇ, ବରିଷ୍ଠ ସାହିତ୍ୟିକ ଶିବ ସୁନ୍ଦର ମିଶ୍ର, ବରିଷ୍ଠ ଆଇନଜୀବୀ ଦିଗ୍‌ଦର୍ଶନ ପଟ୍ଟନାୟକ, ପୁରୀ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କର ନିର୍ଦ୍ଦେଶକ ଉମାକାନ୍ତ ନାୟକ ଏବଂ ଭାଜପା ଶରଧାବାଲି ମଣ୍ଡଳର ପୂର୍ବତନ ସଭାପତି ସଞ୍ଜୀବ କୁମାର ମୁଖାର୍ଜୀ ଉପସ୍ଥିତ ରହି ନୀଳଚକ୍ର ବାନାର ସମୟୋପଯୋଗୀ ପ୍ରକାଶନ ଏବଂ ଆଧ୍ୟାତ୍ମିକ ଅନୁଭବର ପ୍ରଚାର ପ୍ରସାର ଦିଗରେ ଭୂମିକାକୁ ପ୍ରଶଂସା କରିବା ସହିତ ଏହି ଉତ୍ତମ ପ୍ରୟାସର ଚିନ୍ତାନାୟକ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ନୀଳଚକ୍ର ବାନାର ସଂଖ୍ୟା ଉନ୍ମୋଚିତ ହୋଇଥିଲା।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ଚଳିତ ବର୍ଷ ସଦାଶିବ ମିଶ୍ରଙ୍କୁ ନୀଳଚକ୍ର ବାନା ସ୍ୱତନ୍ତ୍ର ଲେଖକ ସମ୍ମାନ, କ୍ରିଷ୍ଣା ମହାପାତ୍ରଙ୍କୁ ନୀଳଚକ୍ର ବାନା ସାରସ୍ୱତ ଲେଖିକା ଗୌରବ ସମ୍ମାନ, କର୍ଣ୍ଣେଲ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କୁ ନୀଳଚକ୍ର ବାନା ଲେଖକ ଗୌରବ ସମ୍ମାନ, ଅନ୍ନପୂର୍ଣ୍ଣା ଦେବୀଙ୍କୁ ନୀଳଚକ୍ର ବାନା ସାରସ୍ୱତ କବି ଗୌରବ ସମ୍ମାନ, ସର୍ବେଶର ଷଡ଼ଙ୍ଗୀ ଏବଂ ଝରଣାରାଣୀ ଦାଶଙ୍କୁ ନୀଳଚକ୍ର ବାନା ସାରସ୍ୱତ ଯୁଗଳବନ୍ଦୀ ସମ୍ମାନରେ ସମ୍ମାନିତ କରାଯାଇଛି। ଉତ୍ସବର ପ୍ରାରମ୍ଭରେ ସୁରେଶ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କବିତା ଆସରକୁ ଆଶାଲତା ପ୍ରଧାନ ଓ ପ୍ରବାସିନୀ ମିଶ୍ର ସଂଯୋଜନା କରିଥିଲେ। ଶେଷରେ ପତ୍ରିକାର ପ୍ରକାଶକ ରାଜେଶ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ। ନୀଳଚକ୍ର ବାନା ପତ୍ରିକାର ସମ୍ପାଦିକା ପୌର୍ଣ୍ଣମାସୀ ଦେବୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ସଭାକାର୍ଯ୍ୟ ସଂଯୋଜନା କରିଥିଲେ।

**ଦଶହରା ଗଣ୍ଡଗୋଳ: ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ୮୪ ମଣ୍ଡଳୀର ଦାବି**

କଟକସଦର,(ସୁଶାନ୍ତକୁମାରଜେନା):ଭାଇଚାରାରସହରକଟକସହରରଦଶହରାରେକିଛିମୁଷ୍ଟିମେୟବ୍ୟକ୍ତିବିଶେଷଙ୍କଦ୍ୱାରାସୃଷ୍ଟିହୋଇଥିବାଗଣ୍ଡଗୋଳକୁସାମ୍ପ୍ରଦାୟିକରୂପଦେବାକୁ ଉଦ୍ୟମ କରୁଥିବା ଦଙ୍ଗାକାରୀମାନଙ୍କ ପ୍ରତି ସତର୍କ ରହିବାକୁ କଟକ ସହରର ସମସ୍ତ ପୂଜା କମିଟି କର୍ମକର୍ତ୍ତା ଜନସାଧାରଣ ତଥା ପ୍ରଶାସନିକ ଅଧିକାରୀମାନଙ୍କୁ ୮୪ ମଣ୍ଡଳୀ ମେହେନ୍ତର ସମିତି ପକ୍ଷରୁ ନିବେଦନ କରାଯାଇଛି। ଜାତି, ଧର୍ମ ଦଳ ନିର୍ବିଶେଷରେ ଯିଏ ଦୋଷୀ, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଭାପତି ରାମଚନ୍ଦ୍ର ଗୋଛାୟତ ଓ ସମ୍ପାଦକ ଅନିଲ କୁମାର ନାୟକ ନିବେଦନ କରିଛନ୍ତି। ପ୍ରକାଶ ଥାଉ କି ୮୪ ମଣ୍ଡଳୀ ଅନ୍ତର୍ଗତ ଝାଞ୍ଜିରିମଙ୍ଗଳା ଭାଗବତ ପୂଜା କମିଟି ସମ୍ପାଦକ ପିଣ୍ଟୁ ମାହାର ମଧ ଆହତ ହୋଇ ଚିକିତ୍ସିତ ହେଉଛନ୍ତି।

## ସଂକ୍ଷେପରେ

### ବିଶ୍ୱ ବରିଷ୍ଠ ନାଗରିକ ଦିବସରେ ସ୍ୱାସ୍ଥ୍ୟ ସେବା

ଚୌଦ୍ୱାର,୪।୧୦(ଆଶୁତୋଷ ଦାସ)

ବିଶ୍ୱ ବରିଷ୍ଠ ନାଗରିକ ଦିବସ ଅବସରରେ ହାଉସିଂବୋର୍ଡସ୍ଥିତ ଚୌଦ୍ୱାର ବରିଷ୍ଠ ନାଗରିକ କ୍ଲବ ପକ୍ଷରୁ ବନ୍ଧୁମିଳନ, ସ୍ୱାସ୍ଥ୍ୟସେବା ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରତାପ କିଶୋର ସାମଲଙ୍କ ଅଧ୍ୟକ୍ଷତାରେ କ୍ଲବ୍ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର ପୌର ଉପାଧ୍ୟକ୍ଷା ତଥା ବରିଷ୍ଠ ନାଗରିକ କ୍ଲବ ଉପଦେଷ୍ଟା ଶୁଭେନ୍ଦୁ ସାମଲ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। କ୍ଲବ ସମ୍ପାଦକ ସୁଶାନ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ରୋଟାରିଆନ ଶରତ କୁମାର ଖୁଣ୍ଟିଆ, ଶିଶିର କୁମାର ଶତପଥି, ଅଜୟ କୁମାର ସ୍ୱାଇଁ, ବିଚିତ୍ରାନନ୍ଦ ନାୟକ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସମସ୍ତ ସମସ୍ୟା ସମାଧାନ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଣବ କୁମାର ମହାନ୍ତି, ଦେବରାଜ ମିଶ୍ର, ଗୌରାଙ୍ଗ ଚନ୍ଦ୍ର ଦାସ, ସାମଶନ ରାଉତ, ଗୋକୁଳି ରାଉତ, ପ୍ରମୋଦ କିଶୋର ଜେନା, ନାରାୟଣ ଚନ୍ଦ୍ର ସାହୁ, ଦୁଖୀଶ୍ୟାମ ଶତପଥି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଦସ୍ୟ ମହେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଗୋବିନ୍ଦପୁରରେ ଦଶହରା ପୂଜା ପାଳିତ

ବ୍ରାହ୍ମଣଝରିଲୋ,୪।୧୦

କଟକ ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁରରେ ଦଶହରା ପୂଜା ପାଳିତ ହୋଇଯାଇଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଗୋବିନ୍ଦପୁରର ଗୋଟିଏ ସାହିରେ ତିନିଟି ପୂଜା ଅନୁଷ୍ଠିତ ହେଉଛି। ଯାହା ଭାଇଚାରା ସୃଷ୍ଟି ହେବା ସହ ସମସ୍ତ ପୂଜା କମିଟି କର୍ମକର୍ତ୍ତାମାନେ ମିଳିମିଶି ପୂଜା ପାଳନ କରିଛନ୍ତି। ଅନନ୍ତଶୟନ ପୂଜା କମିଟି, ମା' ଜୀରା ଦେଈ ପୂଜା କମିଟି ଏବଂ ମା' ବାସେଳୀ ପୂଜା କମିଟି ପକ୍ଷରୁ ଚଳିତବର୍ଷ ପୂଜା ସହିତ ବିଶେଷ ଆକର୍ଷଣ ତୋରଣ ଆଦି ସାଜସଜ୍ଜା ଦେଖିବାକୁ ମିଳିଥିଲା। ବିଶେଷ କରି ଅନନ୍ତଶୟନ ପୂଜା କମିଟି ପକ୍ଷରୁ ୧୯୮୦ରୁ ପୂଜା ଅନୁଷ୍ଠିତ ହୋଇଆସୁଛି। ଏହି ପୂଜା କମିଟି ମୁଖ୍ୟ ପୁରୋହିତ ବିଶ୍ୱରଞ୍ଜନ ଦାଶ, ସହକାରୀ ପୁରୋହିତ ରାମପ୍ରସାଦ ପଣ୍ଡା, କର୍ତ୍ତା ସୁଧାଂଶୁଶେଖର ପାଢ଼ୀ ରହିଛନ୍ତି। ସଦସ୍ୟମାନେ ହେଲେ ବିଶ୍ୱରଞ୍ଜନ, ରଜତ, ରାତିରଞ୍ଜନ, ହିମାଂଶୁ, ବିକାଶ, ଶେଷଦେବଙ୍କ ସହିତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଅନନ୍ତଶୟନ ପୂଜା କମିଟି ଚଳିତବର୍ଷେ ପଞ୍ଚାୟତ ଜନପ୍ରତିନିଧି, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଅଞ୍ଚଳର କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବାଲିଯାତ୍ରାର ସମୀକ୍ଷାକଲେ ଉନ୍ନୟନ କମିଶନର

ଭୁବନେଶ୍ୱର,୪।୧୦(ସୁନିତ୍ ମିଶ୍ର)

ଐତିହାସିକ ବାଲିଯାତ୍ରା ୨୦୨୫ ଆସନ୍ତା ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ବାଣିଜ୍ୟିକ ମେଳାର ଆୟୋଜନ ସମ୍ପର୍କରେ ଶନିବାର ଲୋକ ସେବା ଭବନରେ ଏକ ବୈଠକ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବାଲିଯାତ୍ରା ମେଳାର ପ୍ରସ୍ତୁତି ନେଇ ସମୀକ୍ଷା କରାଯାଇଛି। ବୈଠକରେ ଉନ୍ନୟନ କମିଶନର ବାଲିଯାତ୍ରାକୁ ଆସୁଥିବା ଦର୍ଶକମାନଙ୍କ ସୁବିଧା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବା ସହ ସେମାନଙ୍କର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ, କଟକ ମହାନଗର ନିଗମ କମିଶନର କୀରନଦୀପ କୌର ସହୋତା, ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ସମେତ କଟକ ଜିଲା ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ପ୍ରତିବର୍ଷ ପରି ଚଳିତ

**ଦର୍ଶକଙ୍କ ସୁବିଧାକୁ ଯଥେଷ୍ଟ ଧ୍ୟାନଦେବାକୁ ନିର୍ଦ୍ଦେଶ**

ବର୍ଷ ମଧ୍ୟ ବାଲିଯାତ୍ରାରେ ଲକ୍ଷାଧିକ ଜନସମାଗମ ହେବା ଆଶା କରାଯାଇଛି। ଏ ବର୍ଷ ପ୍ରାୟ ୭୦ ଲକ୍ଷ ଲୋକଙ୍କ ସମାଗମ ଆକଳନ କରାଯାଇଛି। ବାଲିଯାତ୍ରା ପ୍ରତି ନିଆରା ଆକର୍ଷଣ ଯୋଗୁ ପ୍ରତିଦିନ ସନ୍ଧ୍ୟାରେ ପ୍ରାୟ ୭ରୁ ୮ ଲକ୍ଷ ଜନସମାଗମ ହେଉଥିବାରୁ ଦର୍ଶକମାନଙ୍କ ସୁବିଧା ପାଇଁ ଯେପରି ଆବଶ୍ୟକ ସମସ୍ତ ପ୍ରକାର ସୁବିଧା କରାଯାଇପାରିବ ସେଥିପ୍ରତି ସମସ୍ତ ଦିଗକୁ ନଜର ରଖି ବାଲିଯାତ୍ରା ଆୟୋଜନ କରିବାକୁ ଉନ୍ନୟନ କମିଶନର ଗୁରୁତ୍ୱ ଦେଇଛନ୍ତି। ଜରୁରୀ ପରିସ୍ଥିତିରେ ଲୋକମାନେ ଯେପରି ବାଲିଯାତ୍ରା ପଡ଼ିଆରୁ ତୁରନ୍ତ ବାହାରିପାରୁଥିବେ ତାକୁ ଦୃଷ୍ଟିରେ ରଖି ପ୍ରବେଶ ରାସ୍ତା ସହ ଅଧିକ ସଂଖ୍ୟକ ପ୍ରସ୍ଥାନ ବ୍ୟବସ୍ଥା ସହ ଏ ସମ୍ପର୍କରେ ଦୃଶ୍ୟମାନ ଅଧିକ ଗ୍ଲୋ ସାଇନବୋର୍ଡ ଲଗାଇବା, ସାଇନେଜ୍ ବ୍ୟବସ୍ଥା କରିବାକୁ ଗୁରୁତ୍ୱ ଦିଆଯାଇଛି। ବାଲିଯାତ୍ରାରେ କେଉଁସବୁ ସ୍ଥାନରେ କ'ଣ ସୁବିଧା ଉପଲବ୍ଧ ଅଛି ଏବଂ ଜରୁରୀ ସହାୟତା ଆବଶ୍ୟକତା ପାଇଁ ଏକ ମୋବାଇଲ ଆପ୍ ବିକଶିତ କରିବାକୁ କଟକ ଜିଲାପାଳଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହ ପୂର୍ବ ଆଲୋଚନା ମୁତାବକ ପୋଲିସ ପ୍ରଶାସନ ସହ ଜରୁରୀ କାର୍ଯ୍ୟ ରହୁଥିବା ବିଭିନ୍ନ ବିଭାଗକୁ ନେଇ ସମନ୍ୱିତ କଣ୍ଟ୍ରୋଲ ରୁମ୍ ସ୍ଥାପନ ପାଇଁ ପରାମର୍ଶ ଦିଆଯାଇଛି।

## ୯ ଯାଏ ପ୍ଲଟ ପଞ୍ଜୀକରଣ

**୧୩ରୁ ନିଲାମ ପ୍ରକ୍ରିୟା ଆରମ୍ଭ**

କଟକ,୪।୧୦(କାର୍ତ୍ତିକ ସାହୁ)

ଚଳିତବର୍ଷ ଐତିହାସିକ କଟକ ବାଲିଯାତ୍ରା ନିମନ୍ତେ ପ୍ଲଟ ପଞ୍ଜୀକରଣ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିସହ ୧୩ ତାରିଖରୁ ନିଲାମ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି।

ସୂଚନାନୁସାରେ, ଐତିହାସିକ ବାଲିଯାତ୍ରା କଟକ ୨୦୨୫ରେ ଷ୍ଟଲ ଖୋଲିବା ନିମନ୍ତେ ପ୍ଲଟ ପଞ୍ଜୀକରଣ ପ୍ରକ୍ରିୟା ଚାଲିଛି। ଉଭୟ ଅନଲାଇନ ଓ ଅଫଲାଇନ ଜରିଆରେ ପଞ୍ଜୀକରଣ କରାଯାଉଛି। ବାରବାଟି ପ୍ୟାଲେସଠାରେ ଦୈନିକ ପୂର୍ବାହ୍ନ ୧୦ଟାଠାରୁ ଅପରାହ୍ନ ୫ଟା ୩୦ ମିନିଟ ମଧ୍ୟରେ ଫର୍ମ ଦାଖଲ ଓ ପଞ୍ଜୀକରଣ କାର୍ଯ୍ୟ ଚାଲୁ ରହିଛି। ଗତ ୨୬ ତାରିଖଠାରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଶନିବାର ସୁଦ୍ଧା ୧୫୦ରୁ ଅଧିକ ପ୍ଲଟ ପାଇଁ ପଞ୍ଜୀକରଣ କରାଯାଇଛି। ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକରଣ ପାଇଁ ଇଚ୍ଛୁକ ବ୍ୟକ୍ତି www.baliyatra.net ୱେବ୍‌ସାଇଟ୍‌ରେ ପଞ୍ଜୀକରଣ କରିପାରିବେ ଏବଂ ଯଥାଶୀଘ୍ର ଆବେଦନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ଲୌହମାନବୀ ସରଳା ଦେବୀଙ୍କ ଶ୍ରାଦ୍ଧବାର୍ଷିକୀ




ମହାନଦୀ ପଠା ଗଡଗଡିଆଠାରେ ସମୂହ ତିଳତର୍ପଣ କରାଯାଉଛି।

କଟକ, ୪।୧୦(କାର୍ତ୍ତିକ ସାହୁ)

ବିଶିଷ୍ଟ ନାରୀ ନେତ୍ରୀ, ସ୍ୱାଧୀନତା ସଂଗ୍ରାମୀ, ସୁସାହିତ୍ୟିକା, ଓଡ଼ିଶାର ପ୍ରଥମ ମହିଳା ବିଧାୟିକା ତଥା ସମାଜ ସଂସ୍କାରୀକା ଏବଂ ଅନେକ କ୍ଷେତ୍ରରେ ପ୍ରଥମ ଓଡ଼ିଆ ମହିଳା ହେବାର ସୌଭାଗ୍ୟ ହାସଲ କରିଥିବା ଲୌହ ମାନବୀ ସରଳା ଦେବୀଙ୍କ ୩୯ତମ ପୁଣ୍ୟ ତିଥିରେ କଟକ ମହାନଦୀ ପଠା ଗଡଗଡିଆଠାରେ ଶନିବାର ସମୂହ ତିଳତର୍ପଣ କରାଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ସରଳା ଦେବୀ–ଭାଗୀରଥି ମହାପାତ୍ର ଟ୍ରଷ୍ଟ ମୁଖ୍ୟ ଉପଦେଷ୍ଟା ବିଜୟ କୁମାର ଦାସ ଏବଂ କ୍ୟାପଟେନ ମନ୍ମଥ କୁମାର ରାଉତରାୟଙ୍କ ସମେତ ସଭାପତି ଆଇନଜୀବୀ ନିରଞ୍ଜନ ପଣ୍ଡା, ସମ୍ପାଦକ ଲକ୍ଷ୍ମୀ ପ୍ରକାଶ ମହାପାତ୍ର, ଆଇନଜୀବୀ ପତିତପାବନ ମହାପାତ୍ର, ଆଇନଜୀବୀ ଶଶୀ ଭୂଷଣ ଦାସ, ଆଇନଜୀବୀ ବିଶଜିତ ପାଣି, ଆଇନଜୀବୀ ଅସ୍ମି କୁମାର ଜେନା, ପ୍ରଭାରାଣୀ ପଣ୍ଡା, ସମାଜସେବୀ ଦେବୀ ପ୍ରସନ୍ନ ମହାପାତ୍ର, ସାହିତ୍ୟିକା ସସ୍ମିତା ପଟ୍ଟନାୟକ ଏବଂ ସମାଜସେବୀ ସୁଶ୍ରୀସଂଗୀତା ରଥ ଙ୍କ ସମେତ ଅନେକ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ସରଳା ଦେବୀଙ୍କ ପ୍ରତି ସ୍ମୃତି ଚାରଣ କରି ତାଙ୍କର ନିଃସାର୍ଥପର ସେବା ସମସ୍ତଙ୍କ ପାଥେୟ ହେଉ ବୋଲି କାମନା କରିଥିଲେ।

# କ୍ୟାଡେଟ୍‌ମାନେ ସୁସ୍ଥ ସମାଜ ଗଠନରେ ବ୍ରତୀ ହୁଅନ୍ତୁ



କଟକ ଏନ୍‌ସିସି ଗ୍ରୁପ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁଙ୍କ ଦ୍ୱାରା ଉଲ୍ଲେଖନୀୟ ସଫଳତା ପାଇଁ ସମ୍ବର୍ଦ୍ଧିତ ଏନ୍‌ସିସି କ୍ୟାଡେଟ୍।

କଟକ,୪।୧୦(କାର୍ତ୍ତିକ ସାହୁ)

ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କଟକ ଏସ୍‌ସିସି ଗ୍ରୁପର ୫ଜଣ କ୍ୟାଡେଟଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଛି। ଗ୍ରୁପ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଟକସ୍ଥିତ ଏନସିସି ଗ୍ରୁପ ମୁଖ୍ୟାଳୟରେ ଶନିବାର ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଯାଇଛି। ଗୌରବ ଆଣିଥିବା କ୍ୟାଡେଟମାନେ ହେଉଛନ୍ତି ଅଲ ଇଣ୍ଡିଆ ୟାଟିଂ ରେଗାଟା ୨୦୨୫ ମସିହାରେ ସ୍ୱର୍ଣ୍ଣ ପଦକ ବିଜେତା ପାରାଦୀପ କଲେଜର ବିଶ୍ୱାଳ ପଲାଇ, ଉପମୁଖ୍ୟ ସେନା କର୍ମଚାରୀ ପ୍ରଶଂସାପତ୍ରରେ ସମ୍ମାନିତ କ୍ୟାଡେଟ ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ

**ଉଲ୍ଲେଖନୀୟ ସଫଳତା ପାଇଁ କଟକ ଗ୍ରୁପ ଏନସିସି କ୍ୟାଡେଟମାନେ ସମ୍ମାନିତ**

ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଆକାଶ କୁମାର ସାହୁ, ସ୍ଥଳ ସେନା ଶିବିରରେ ଆପ୍ଲିକେଶନ ସର୍ଭିସ ସୁଟିଂରେ ୨୦୨୫ ମସିହା ପାଇଁ ସ୍ୱର୍ଣ୍ଣ ପଦକ ବିଜେତା ଏବଂ ୨୦୨୪ ଆଇଡିଏସ୍‌ଏସ୍‌ସିରେ ସ୍ୱର୍ଣ୍ଣ ପଦକ ବିଜେତା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସର୍ଜେଣ୍ଟ ପୁଷ୍ପାଞ୍ଜଳି ମହାପାତ୍ର, ନବମ ପୂର୍ବ ଜୋନ ସୁଟିଂ ପ୍ରତିଯୋଗିତା– ୨୦୨୫ରେ ୪ଟି ସ୍ୱର୍ଣ୍ଣ ପଦକ ବିଜେତା ତଥା କଟକ ଗ୍ରୁପର ଶ୍ରେଷ୍ଠ ପୂର୍ବତନ କ୍ୟାଡେଟ ଭୁବନେଶ୍ୱର ଡିଏଭି ୟୁନିଟ ୮ର ପ୍ରିୟାଂଶା ହୋତା, କୋରୁଆର କାଲୁବାଡ଼ା ସେତୁରେ ବୁଡ଼ି ଯାଉଥିବା ଜଣେ ୭୦ ବର୍ଷୀୟ ବୃଦ୍ଧଙ୍କୁ ଉଦ୍ଧାର କରି ମାନବିକତା ତଥା ସାହସିକତାର ପ୍ରଦର୍ଶନ କରିଥିବା କ୍ୟାଡେଟ କୋରୁଆସ୍ଥିତ ଏଲଏନ ମହାବିଦ୍ୟାଳୟ ରାଜେଶ ଗ୍ରହାଚାର୍ଯ୍ୟ। ଗ୍ରୁପ କମାଣ୍ଡର କର୍ଣ୍ଣେଲ ସ୍ୱାଇଁ କ୍ୟାଡେଟମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରତିବଦ୍ଧତା, ସ୍ଥିରତା, ସଫଳତା ଓ ଏନ୍‌ସିସିର ମୂଲ୍ୟବୋଧକୁ ଦୈନନ୍ଦିନ ଜୀବନରେ ପ୍ରୟୋଗ ପାଇଁ ପ୍ରଶଂସା କରିଥିଲେ। ଏହି କ୍ୟାଡେଟମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ସେମାନଙ୍କ ସହକର୍ମୀଙ୍କ ପାଇଁ ନିଶ୍ଚିତ ଭାବରେ ଉଦାହରଣ ପାଲଟିବ। ଏନ୍‌ସିସିର ଏକତା ଏବଂ ଶୃଙ୍ଖଳାର ମନ୍ତ୍ରକୁ ଆଧାର କରି ଦେଶ ଓ ଜାତିର ସେବାରେ ନିଜକୁ ନିୟୋଜିତ କରି ଏକ ସୁସ୍ଥ ସମାଜ ଗଠନରେ ବ୍ରତୀ ହେବାକୁ କର୍ଣ୍ଣେଲ ସ୍ୱାଇଁ ଉପଦେଶ ଦେଇଛନ୍ତି।

### ମତ୍ସ୍ୟଜୀବୀ ସମବାୟ ସମିତିର ବାର୍ଷିକୋତ୍ସବ

ଚୌଦ୍ୱାର,୪।୧୦(ଆଶୁତୋଷ ଦାସ)

ଚୌଦ୍ୱାର ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର ବାର୍ଷିକୋତ୍ସବ ସମିତିର ତଳବଜାରସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତି କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମତ୍ସ୍ୟ ବିଭାଗ ଅଧିକାରୀ ଅରବିନ୍ଦ ତରାଇ ଓ ବିପିଓ ଲକ୍ଷ୍ମୀ ଦାସ ଅତିଥି ଭାବେ ଯୋଗଦେଇ ଅଞ୍ଚଳର କୈବର୍ତ୍ତ ଗୋଷ୍ଠୀର ବିକାଶ ଓ କଲ୍ୟାଣ ଦିଗରେ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର ପ୍ରୟାସକୁ ପ୍ରଶଂସା କରିବା ସହିତ ମତ୍ସ୍ୟ ସମ୍ପଦର ବିକାଶ ଓ ମତ୍ସ୍ୟଜୀବୀଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରି ଏହାର ସୁଯୋଗ ନେବା ପାଇଁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜଳକ୍ରୀଡ଼ା ପ୍ରତିଯୋଗିତାରେ ଜାତୀୟସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଚୌଦ୍ୱାର ନବଗ୍ରହ ସାହିର ଝିଅ ରଶ୍ମିତା ସାହୁଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚୌଦ୍ୱାର ସମିତି ଉପ ସଭାପତି ଶାନ୍ତି ଦଳେଇ, ଉତ୍ତରେଶ୍ୱର ନିଆଳି କୈବର୍ତ୍ତ ସଂଘର ସଭାପତି ବିଷ୍ଣୁ ବେହେରା, ସମ୍ପାଦକ ଅକ୍ଷୟ ବେହେରା ପ୍ରମୁଖ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସମ୍ପାଦକ ପରମାନନ୍ଦ ସାହୁ, ରାଜ କିଶୋର ବେହେରା, ମୁରଲୀଧର ବେହେରା, ଭୁବନାନନ୍ଦ ସାହୁ, ଧର୍ମାନନ୍ଦ ଦଳେଇ, ଘନଶ୍ୟାମ ବେହେରା, ମଙ୍ଗରାଜ ବେହେରା, ରବୀନ୍ଦ୍ର ଦଳେଇ, ଦିଲୀପ କୁମାର ସାହୁ, ପରମାନନ୍ଦ ବେହେରା, ପରୀକ୍ଷିତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୋମବାର କଟକ ବନ୍ଦ ଡାକରା ଦେଲା ବିଶ୍ୱ ହିନ୍ଦୁ ପରିଷଦ



ଖବରଦାତା ସମ୍ମିଳନୀରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସୂଚନା ଦିଆଯାଉଛି।

କଟକ,୪।୧୦(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଦରଘା ବଜାରରେ ଭସାଣି ବେଳେ ଗୋଷ୍ଠୀ ସଂଘର୍ଷ ଘଟଣା ନେଇ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଆସନ୍ତା ୬ ତାରିଖ (ସୋମବାର) କଟକ ବନ୍ଦ ଡାକରା ଦିଆଯାଇଛି। ଏହାସହ ପୋଲିସ ଓ ଜିଲା ପ୍ରଶାସନର ବିଫଳତାକୁ ଦାୟୀ କରାଯିବା ସହ କଟକ ଜିଲାପାଳ ଓ ଡିସିପିଙ୍କ ବଦଳି ଦାବି କରାଯାଇଥିବା ଯୋବ୍ରାସ୍ଥିତ ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଭାପତି ବାସୁଦେବ ବେହେରା ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଢେଲା, ପଥର, କାଚବୋତଲ ମାଡ଼ ସହ ଖଣ୍ଡା ବୁଲାଉଥିବା ବେଳେ ପୋଲିସ ସେମାନଙ୍କୁ ଗିରଫ ନ କରି ନୀରବଦ୍ରଷ୍ଟା ସାଜି ପୂଜା କମିଟି କର୍ମକର୍ତ୍ତାଙ୍କୁ ମାଡ଼ ମାରିବା ସହ ହିନ୍ଦୁ ସମାଜକୁ ଭ୍ରମିତ କରିଛି। ଏପରିକି ପୋଲିସ ଓ ସରକାରଙ୍କ କାର୍ଯ୍ୟକଳାପ ପ୍ରତି ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ସେହିପରି କିଛିଦିନ ପୂର୍ବରୁ ପାକିସ୍ତାନ ପତାକା ଉଡିବା ଘଟଣାକୁ ମଧ୍ୟ ଏଡାଇ ଦିଆଯାଇଥିଲା। ଏହାସହ ସରକାର ମଧ ହିନ୍ଦୁମାନଙ୍କ ପୂଜାପାର୍ବଣ ଉପରେ ବିଭିନ୍ନ କଟକଣା ଜାରି କରି ଅଶାନ୍ତି ସୃଷ୍ଟି କରିଛନ୍ତି। ତେବେ ଭସାଣି ଶୋଭାଯାତ୍ରାରେ

**କଟକ ଭସାଣିରେ ଉତ୍ତେଜନା ଘଟଣା**

**ଘଟଣା ପାଇଁ ପୋଲିସ, ଜିଲା ପ୍ରଶାସନ ଦାୟୀ**

ଏହି ଘଟଣା ଏକ ଯୋଜନା ବଦ୍ଧ ଆକ୍ରମଣ ଏବଂ ଏହା ପୋଲିସର ଗୋଇନ୍ଦା ବିଫଳତା ପ୍ରମାଣ କରିଛି। ପୋଲିସର ୧୦୦୦ ସିସିଟିଭି ଏବଂ ଡ୍ରୋନ କାହା ସ୍ୱାର୍ଥରେ ବ୍ୟବହାର ହେଉଥିଲା ତାହା ଏବେ ବଡ଼ ପ୍ରଶ୍ନ ପାଲଟିଛି। ପରିଷଦ ପକ୍ଷରୁ ଏହି ଘଟଣାକୁ ଘୋର ନିନ୍ଦା କରାଯାଉଛି ଏବଂ ଆଗାମୀ ଦିନରେ ସରକାର ଏ ଦିଗରେ ଦୃଢ ପଦକ୍ଷେପ ନ ନେଲେ ବିଶ୍ୱ ହିନ୍ଦୁ ପରିଷଦ ଏହାର ମୁକାବିଲା କରିବା ନିମନ୍ତେ ସମାଜକୁ ଜାଗରଣ କରିବାକୁ ବାଧ ହେବ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ଗୌର କୈଳାସ ରାଓ, ସମ୍ପାଦକ ଦେବୀ ପ୍ରସାଦ ମହାପାତ୍ରଙ୍କ ସମେତ ଝାଞ୍ଜିରୀମଙ୍ଗଳା ଓ ରାଉସପାଟଣାର ପୂଜା କମିଟି କର୍ମକର୍ତ୍ତା ଓ ବଜରଙ୍ଗ ଦଳର ଜିଲା ସଂଯୋଜକ ଏବଂ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

# ରାଜନେତାଙ୍କ ପୂଜାମଣ୍ଡପ ପରିଦର୍ଶନ

କଟକ ସଦର,୪।୧୦(ସୁଶାନ୍ତ କୁମାର ଜେନା)

ଚଳିତ ଦୁର୍ଗାପୂଜାରେ କଟକ ସଦର ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଥିଲା। ଶାସକ, ବିରୋଧୀ ଦଳର ନେତାମାନେ ପୂଜା ମଣ୍ଡପ ବୁଲି ଦୁର୍ଗା ଓ ମହାଦେବଙ୍କ ଆଶୀର୍ବାଦ ନେବା ସହ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସୂଚନା ଦେଇଥିଲେ। ଏଥର କଟକ ସଦର ବିଧାନସଭା ଆସନ ସଂରକ୍ଷଣ ବର୍ଗରୁ ଅସଂରକ୍ଷଣ ବର୍ଗକୁ ଯିବ ବୋଲି କଥାରେ ଇସାରା ଦେଇଥିଲେ। ଗତବର୍ଷ କେବଳ

**ସଂରକ୍ଷଣ ବଦଳିବା ନେଇ ଦେଲେ ଇସାରା**

ସଂରକ୍ଷିତ ବର୍ଗର ରାଜନେତାମାନେ ପୂଜା ମଣ୍ଡପ ବୁଲୁଥିଲେ। କିନ୍ତୁ ଏଥର ସାଧାରଣ ବର୍ଗର ନେତା ବୁଲୁଥିବା ଲକ୍ଷ୍ୟ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଆର୍ତ୍ତ ରଞ୍ଜନ ବିଶ୍ୱାଳ, ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ମନୋଜ କୁମାର ନାୟକ, କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟ ଲକ୍ଷ୍ମୀ ରାଉତ ପ୍ରମୁଖ ଥିଲେ। ଆସନ୍ତା ୨୦୨୬ରୁ ୩୩ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ ବୋଲି ପାର୍ଲିଆମେଣ୍ଟରେ ବିଲ ଗୃହୀତ ହୋଇଯାଇଛି। ସାଧାରଣ, ତଫସିଲଭୁକ୍ତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଆମ ଦେଶରେ ସଂରକ୍ଷିତ ଥିବା ଆସନରୁ ୩୩ ପ୍ରତିଶତ ମହିଳାଙ୍କ ଭାଗକୁ ଯିବ। କେଉଁ ଆସନରୁ ମହିଳା ପ୍ରତିନିଧି କରିବେ, ତାର ନିର୍ଣ୍ଣୟ ଦାୟିତ୍ୱ ସରକାରଙ୍କ ଉପରେ ନ୍ୟସ୍ତ ଥିବାରୁ ଏଥିପାଇଁ ଏକ କମିଶନ ଗଠିତ ହେବାର ସମ୍ଭାବନା ରହିଛି। ଏହି କମିଶନ ମହିଳାଙ୍କ ବ୍ୟତୀତ ୧୫ ବର୍ଷଧରି ସଂରକ୍ଷଣ ବର୍ଗ ଆସନକୁ ପରିବର୍ତ୍ତନ କରିବା ପାଇଁ ସରକାରଙ୍କୁ ସୁପାରିଶ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିଦୃଷ୍ଟିରୁ କଟକ ସଦର ବିଧାନସଭା ଆସନ ସଂରକ୍ଷଣ ମୁକ୍ତ ହୋଇପାରେ। କାରଣ ବର୍ତ୍ତମାନ ଆସନ ସଂରକ୍ଷଣ ୨୦୦୧ ଜନଗଣନା ଆଧାରରେ ଚାଲିଛି। ୨୦୨୦ରେ ଜନଗଣନା ହେବାର ଥିଲା। ମାତ୍ର କରୋନା ପାଇଁ ସମ୍ଭବ ହେଲାନାହିଁ। ୨୦୦୯ରେ ଚଳିତ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇଥିବାରୁ ଇତିମଧ୍ୟରେ ୧୫ବର୍ଷ ପୂରି ଗଲାଣି। ତେଣୁ ପରିବର୍ତ୍ତନ ନିଶ୍ଚିତ ହେବ ବୋଲି ଏହି ନେତାମାନେ ଇସାରା ଦେବା ପରେ କଟକ ସଦର ବିଧାନସଭା କ୍ଷେତ୍ରରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି।

# କଟକର ଭାଇଚାରାକୁ ନଷ୍ଟ କରିବାକୁ ପ୍ରୟାସ କରାଯାଉଛି



ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ଜିଲା ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

କଟକ,୪।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଦଶହରା ଭସାଣି ଶୋଭାଯାତ୍ରାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଦ୍ୱାରା ଢେଲାପଥର ମାଡ଼ ହୋଇ ହିଂସାକାଣ୍ଡ ଘଟଣାକୁ କଟକ ଜିଲା ଭାଜପା ନିନ୍ଦା କରିଛି। ନିର୍ଦ୍ଦିଷ୍ଟ ଭାବେ କେତେଜଣ ଅସମାଜିକଙ୍କ ଦ୍ୱାରା ଏଭଳି ହିଂସାକାଣ୍ଡ ଘଟାଇବା ଯୋଜନା ପୂର୍ବ ପ୍ରସ୍ତୁତ ଏବଂ କଟକର ଐତିହ୍ୟ, ଗୌରବ ଓ ଭାଇଚାରାକୁ ନଷ୍ଟ କରିବାର ପ୍ରୟାସ କରାଯାଉଛି ବୋଲି ଭାଜପା ଜିଲା ସଭାପତି ସୁକାନ୍ତ ବିଶ୍ୱାଳ ସର୍କିଟ ହାଉସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ସରକାର ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି।

**ବିଧାୟିକାଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଲା ଭାଜପା**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀରେ ଥାଇ ମଧ ପ୍ରଶାସନ ସହ ସିଧାସଳଖ ଆଲୋଚନା କରିଛନ୍ତି। ନିର୍ଦ୍ଦିଷ୍ଟ କିଛି ଅଞ୍ଚଳରେ ଜବରଦଖଲ କରାଯାଇଥିବା ବ୍ୟବସାୟିକ ଅନୁଷ୍ଠାନକୁ ଜବରଦଖଲମୁକ୍ତ କରାଇବା, ସହରର ଏଭଳି ସମ୍ବେଦନଶୀଳ ଅଞ୍ଚଳ ତଥା ଘଟଣା ଘଟୁଥିବା ଅଞ୍ଚଳର ଘରଗୁଡିକ ଯାଞ୍ଚ କରାଯାଇ ମାରଣାସ୍ତ୍ର ଜବତ କରିବା, ରୋହିଙ୍ଗ୍ୟା ଓ ଅରାଜକତତ୍ତ୍ୱ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ କରିବା ଦିଗରେ ଭାଜପା ରାଜ୍ୟ ସରକାରଙ୍କୁ ଅବଗତ କରାଇବ। ଘଟଣାରେ ସମସ୍ତ ଆହତଙ୍କ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ସେହିପରି ଘଟଣାରେ ବାରବାଟୀ–କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ନୀରବତାକୁ ନେଇ ଭାଜପା ପ୍ରଶ୍ନ ଉଠାଇଛି। ସହରବାସୀ ରାଜ୍ୟ ସରକାରଙ୍କ ଉପରେ ବିଶ୍ୱାସ ବଜାୟ ରଖନ୍ତୁ, ଖୁବ୍‌ଶୀଘ୍ର ଏ ଦିଗରେ ଉଦାହରଣଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଟକ ସହରବାସୀଙ୍କୁ ଆଶ୍ୱାସନା ଦେଇଥିବା ବିଶ୍ୱାଳ କହିଛନ୍ତି। ଖବରଦାତା ସମ୍ମିଳନୀରେ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ପୂର୍ବତନ ଜିଲା ସଭାପତି ଲଲାଟେନ୍ଦୁ ବଡୁ, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭସାଣି ଗଣ୍ଡଗୋଳ ଘଟଣାକୁ ନିନ୍ଦା କଲା ଜିଲା ବିଜେଡି

ଦଶହରା ଭସାଣିରେ ଗଣ୍ଡଗୋଳ ଘଟଣାକୁ ନିନ୍ଦା କରିଛି କଟକ ଜିଲା ବିଜେଡି। ପ୍ରେସ ବିବୃତି ମାଧ୍ୟମରେ ଜିଲା ବିଜେଡି ସଭାପତି ସୂଚନା ଦେଇଛନ୍ତି ଯେ, ଷଡଯନ୍ତ୍ରକାରୀଙ୍କୁ ଆଗୁଆ ଚିହ୍ନଟ କରି ସଂଘର୍ଷକୁ ରୋକିବାରେ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପ୍ରତିବର୍ଷ ଦରଘାବଜାର, କଦମ–ଏ–ରସୁଲ ଅଞ୍ଚଳଠାରେ ଭସାଣି ବେଳେ ଉତ୍ତେଜନା ଦେଖାଯାଇଥାଏ। କିଛିବର୍ଷ ତଳେ ଭସାଣି ଉତ୍ସବ ସମୟରେ କଦମ–ଏ–ରସୁଲଠାରେ ତୁମୂଳକାଣ୍ଡ ଘଟି ସାରା କଟକକୁ ସାମ୍ପ୍ରଦାୟିକ ହିଂସା ବ୍ୟାପିଥିଲା, ଏପରିକି ଅତୀତର ଘଟଣାଗୁଡିକରୁ ପ୍ରଶାସନ କୌଣସି ଶିକ୍ଷା ଲାଭ କଲା ନାହିଁ କିମ୍ବା ସତର୍କତା ଅବଲମ୍ବନ ନ କରିବାରୁ ଶୁକ୍ରବାର ଭଳି ଏକ କଳଙ୍କିତ ଅଧ୍ୟାୟ ପୁଣି ସୃଷ୍ଟି ହୋଇଛି। ଏଭଳି ଘଟଣାକୁ ଏଡ଼ାଇ ଦିଆଯାଇପାରିଥାନ୍ତା କିନ୍ତୁ ଏଭଳି ସମ୍ବେଦନଶୀଳ ଘଟଣାକୁ ଜିଲାପାଳ ସାମାନ୍ୟ ଘଟଣା କହିବା ତାଙ୍କ ଅପାରଗତାକୁ ପଦାରେ ପକାଇଛି। ସେହିପରି ଭାଇଚାରାର ସହର କଟକରେ ଏଭଳି ଅପ୍ରୀତିକର ସ୍ଥିତି ବେଶ ଚିନ୍ତାଜନକ। ଭସାଣି ସମୟରେ ଢେଲାପଥର, ବୋତଲ ମାଡ ପରି ଘଟଣା ଏକ ବଡ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରୁଛି। ଶାନ୍ତିପ୍ରିୟ ଓଡ଼ିଶାରେ ଏଭଳି ଅଶାନ୍ତିର ବାତାବରଣ କଦାପି ଗ୍ରହଣୀୟ ନୁହେଁ। ଏପରି ସ୍ଥିତିକୁ ନିୟନ୍ତ୍ରଣ କରିବା ଆଗରେ ପୋଲିସ ପ୍ରଶାସନ ଯେପରି ସମ୍ପୂର୍ଣ୍ଣ ଅସହାୟ ମନେ ହେଉଛି। ଭାଜପା ସରକାରରେ ପୋଲିସ ଉପରେ ରହୁଥିବା ଦଳୀୟଭିତ୍ତିକ ଚାପ ରାଜ୍ୟରେ ଆଇନଶୃଙ୍ଖଳାକୁ ବିଗାଡି ଦେଇଛି। ସବୁ ସମ୍ପ୍ରଦାୟ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ଓ ସଦ୍‌ଭାବନା ବଜାୟ ରଖିବା ସହ ସମସ୍ତଙ୍କ ପ୍ରଥମ ଲକ୍ଷ୍ୟ ଏବଂ କର୍ତ୍ତବ୍ୟ ହେବା ଉଚିତ୍। କଟକ ସହର ପୂର୍ବପରି ଶାନ୍ତି, ମୈତ୍ରୀ, ଭାଇଚାରାର ବାର୍ତ୍ତାବହ ହେଉ ବୋଲି ସିଂ ପ୍ରେସ ବିବୃତିରେ ଉଲ୍ଲେଖ କରିଛନ୍ତି।

## ସଂକ୍ଷେପରେ

### ରାସ୍ତାକଡ଼ରୁ ଶିଶୁକନ୍ୟାଙ୍କ ମୃତଦେହ ଜବତ

ଖୋର୍ଦ୍ଧା,୪।୧୦(ପ୍ରଭାତ ପାଣିଗ୍ରାହୀ)

ସରକାରଙ୍କ ପକ୍ଷରୁ ବେଟୀ ପଢ଼ାଅ, ବେଟୀ ବଚାଅ କାର୍ଯ୍ୟକ୍ରମ କରାଯାଉଛି। ଏଥିସହିତ ବିଭିନ୍ନ ସଚେତନତାମୂଳକ ଯୋଜନା ସତ୍ତ୍ୱେ ଏହାର କୌଣସି ପ୍ରଭାବ ପଡୁନାହିଁ। ଶିଶୁକନ୍ୟା ଜନ୍ମ ହେଲେ ତାହାକୁ ଅଣଦେଖା କରାଯାଉଛି। ନବଜାତ ଶିଶୁକନ୍ୟାଙ୍କୁ ହତ୍ୟା କରି ରାସ୍ତାକଡ଼ରେ ଫିଙ୍ଗି ଦିଆଯାଉଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ହଳଦିପଦା ଓ ପାଟପୁର ରାସ୍ତାରେ ଦେଖିବାକୁ ମିଳିଛି। କେହି ଜଣେ ଏକ ନବଜାତ ଶିଶୁକନ୍ୟାଙ୍କ ମୃତଦେହ କଳା ପଲିଥିନରେ ଗୁଡ଼ାଇ ରାସ୍ତାକଡ଼ରେ ଫିଙ୍ଗି ଦେଇଥିଲା। ଖବରପାଇ ପୋଲିସ ପହଞ୍ଚି ଶିଶୁକନ୍ୟାଙ୍କ ମୃତଦେହ ଜବତ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୨/୨୫) ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ସଞ୍ଜୟ ନାୟକ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

### ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଜବତ

ବାଲୁଗାଁ,୪।୧୦(ସଂଗ୍ରାମ ପାଇକରାୟ)

ବାଲୁଗାଁ ଚିଲିକା କୂଳ ସ୍ଥିତ ଯାତ୍ରୀନିବାସ ପଛପାର୍ଶ୍ୱରୁ ଶନିବାର ସକାଳେ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରାଯାଇଛି। ବୃଦ୍ଧଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ବାଲୁଗାଁ ପୋଲିସ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତରେ ମୃତଦେହ ଜବତ କରିଥିଲା। ବୃଦ୍ଧଙ୍କ ବୟସ ଆନୁମାନିକ ୭୦ବର୍ଷ ହେବ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୫) ରୁଜୁକରି ତଦନ୍ତ ଚଳାଇଛି।

### ୨୧କେଜି ମୃଗ ମାଂସ ଜବତ, ଶିକାରୀ ଗିରଫ

ବାଣପୁର,୪।୧୦(ଦିଲୀପ କୁମାର ସ୍ୱାଇଁ)

ବାଲୁଗାଁ ବନାଞ୍ଚଳ ପଦ୍ମପୁର ସେକ୍ସନ ଗମ୍ଭାରୀମୁଣ୍ଡା ଷଣ୍ଢ ଡ୍ୟାମ୍ ନିକଟ ଷଣ୍ଢ ଡିପିଏଫ୍ ଜଙ୍ଗଲରୁ ବନବିଭାଗ ଟିମ୍ ଜଣେ ଶିକାରୀଙ୍କୁ ଗିରଫ କରିବା ସହ ମୃଗ ମାସ, ଛାଲ ଓ କଟାମୁଣ୍ଡ ଜବତ କରିଛି। ଗିରଫ ଶିକାରୀ ହେଲେ ନାରୁଣୀ ଥାନା ଗମ୍ଭାରୀମୁଣ୍ଡା ପଞ୍ଚାୟତ ଅଧୀନ ପଙ୍କାଳ ମହତପଲ୍ଲୀ ଗ୍ରାମର ରମେଶ ନାୟକ। ଶନିବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଶିକାରୀ ଫେରାର ଥିବା ଜଣାପଡ଼ିଛି। ସୂଚନା ମୁତାବକ, ପଦ୍ମପୁର ବନବିଭାଗ କର୍ମଚାରୀମାନେ ଜଙ୍ଗଲରେ ପାଟ୍ରୋଲିଂ କରୁଥିବା ବେଳେ ଦୁଇ ଜଣ ଯୁବକ ଦୁଇଟି ବ୍ୟାଗ ନେଇଯାଉଥିବା ଦେଖିବାକୁ ପାଇଥିଲେ। ବନ କର୍ମଚାରୀଙ୍କ ସନ୍ଦେହ ହେବାରୁ ସେମାନଙ୍କୁ ଅଟକାଇ ବ୍ୟାଗ୍ ତନଖିବାରୁ ୨୧କେଜି ମାଂସ ଓ ଗୋଟିଏ ମୃଗର କଟାମୁଣ୍ଡ, ଦୁଇଟି କାତି ଓ ଗୋଟିଏ ବଟକରା ଜବତ କରିଥିଲେ। ଏହି ସମୟରେ ଜଣେ ଯୁବକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଶନିବାର ଖୋର୍ଦ୍ଧା ବନଖଣ୍ଡ ସହକାରୀ ବନ ସଂରକ୍ଷକ ସୋନାଲି ସିଓ, ବାଣପୁର ତହସିଲଦାର ଟି.ପଦ୍ମନାଭ ଦୋରା, ବାଲୁଗାଁ ବନାଞ୍ଚଳ ଅଧିକାରୀ ରେଶମା ପରିଡା, ଫରେଷ୍ଟର ଶର୍ମିଷ୍ଠା ରାୟ ଚୌଧୁରୀ, ବନରକ୍ଷୀ ସସ୍ମିତା ମହାନ୍ତି, ରାଜକିଶୋର ବେହେରା ପ୍ରମୁଖ ଅଭିଯୁକ୍ତ ରମେଶଙ୍କୁ ଜଙ୍ଗଲକୁ ନେଇ ତଦନ୍ତ କରିଥିଲେ। ଶିକାରୀମାନେ ଜଙ୍ଗଲରେ ଲୁଚାଇ ରଖିଥିବା ମୃତ ମୃଗର ଛାଲକୁ ଅଧିକାରୀମାନେ ଜବତ କରିଥିବା ବେଳେ ଫାସ ବସାଇ ମୃଗ ଶିକାର କରିବା ସହିତ ତା'ର ମାଂସ ବିକ୍ରି ପାଇଁ ନେଉଥିବା ସ୍ପଷ୍ଟ ହୋଇଥିଲା। ତେବେ ଫେରାର ଶିକାରୀଙ୍କୁ ଗିରଫ କରିବା ପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

# ଦିନକରେ ସବୁ ପୂଜାମଣ୍ଡପ ସଫାକଲା ବିଏମ୍‌ସି

■ମଣ୍ଡପ ନିକଟରୁ ଉଠିଲା ସମସ୍ତ ଅସ୍ଥାୟୀ ଦୋକାନ
■ତୋରଣ ଭାଙ୍ଗିବା ସମୟରେ ସତର୍କତା ଅବଲମ୍ବନ ନିର୍ଦ୍ଦେଶ

ଭୁବନେଶ୍ୱର, ୪।୧୦ (ବନ୍ଦନା ସେଠୀ)




ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରର ବିଭିନ୍ନ ପୂଜା ମଣ୍ଡପଗୁଡ଼ିକୁ ସଫେଇ କରାଯାଇଛି। ଶନିବାର ସକାଳୁ ବିଏମ୍‌ସିର ୩ଟି ଜୋନ୍‌ରେ ସ୍ୱଚ୍ଛକର୍ମୀମାନେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପୂଜା ମଣ୍ଡପରେ ସଫେଇ କାର୍ଯ୍ୟ କରିଥିଲେ। ସହରକୁ ସ୍ୱଚ୍ଛ ରଖିବା ସହିତ ସ୍ୱଚ୍ଛତା ଧାରା ବଜାୟ ରଖିବାକୁ ଏକ ସମୟରେ ଏହି ଗଣସଫେଇ କରାଯାଇଛି। ଏଥିସହ ସର୍ବସାଧାରଣଙ୍କ ଚଳାଚଳକୁ ସ୍ୱାଭାବିକ କରିବା ପାଇଁ ଡ୍ରେନ, ରାସ୍ତା କିମ୍ବା ମୁଖ୍ୟ ରାସ୍ତା ଉପରେ ପଡିଥିବା ସମସ୍ତ ଅସ୍ଥାୟୀ ଦୋକାନ, ଷ୍ଟଲ, ଟ୍ରଲି, ଠେଲା ଗାଡି ଆଦିକୁ ହଟାଇ ଦିଆଯାଇଛି। ମେୟର ସୁଲୋଚନା ଦାସଙ୍କ ସହ କମିଶନର ଚଞ୍ଚଳ ରାଣାଙ୍କ ସହିତ ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ସାହୁ, ସମସ୍ତ ଜୋନାଲ କମିଶନର, ସହକାରୀ କମିଶନର, ସ୍ଥାନୀୟ କର୍ପୋରେଟର, ଇଞ୍ଜିନିୟର ଏବଂ ବରିଷ୍ଠ ଅଧିକାରୀମାନେ ସକାଳୁ ବିଭିନ୍ନ ପୂଜା ମଣ୍ଡପରେ ପହଞ୍ଚି ସଫେଇ କାର୍ଯ୍ୟର ତଦାରଖ କରିଥିଲେ। ମେୟର କହିଛନ୍ତି, ଚଳିତବର୍ଷ ଭସାଣିର ପରଦିନ ଅର୍ଥାତ୍ ଶନିବାର ସମସ୍ତ ପୂଜା ମଣ୍ଡପକୁ ଗୋଟିଏ ଦିନରେ ହିଁ ସଫେଇ କରାଯାଇଛି। ଏଥିପାଇଁ ଅଧିକ ସଫେଇ କର୍ମୀଙ୍କୁ ସ୍ୱତନ୍ତ୍ର ଭାବେ ନିୟୋଜିତ କରାଯାଇଥିଲା। ଶହୀଦନଗର ପୂଜା ମଣ୍ଡପ ନିକଟରେ ଜବରଦଖଲ କରିଥିବା ଦୁଇଜଣ କବାଡିବାଲାଙ୍କୁ ମଧ୍ୟ ହଟାଯାଇଛି। ପୂଜା ମଣ୍ଡପଗୁଡିକର ତୋରଣଗୁଡ଼ିକୁ ଭାଙ୍ଗିବା ସମୟରେ ସମ୍ପୃକ୍ତ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥାର କର୍ମଚାରୀମାନେ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତୋରଣଗୁଡିକ ଖୋଲିବା ସମୟରେ ଯେପରି କୌଣସି ଦୁର୍ଘଟଣା ନ ଘଟେ, ବିଦ୍ୟୁତ୍ ସରବରାହରେ ଯେପରି ବ୍ୟାଘାତ ସୃଷ୍ଟି ନ ହୁଏ, ସେଥିପ୍ରତି ସତର୍କତା ପୂର୍ବକ କାର୍ଯ୍ୟ କରିବାକୁ କୁହାଯାଇଛି। ଆବଶ୍ୟକସ୍ଥଳେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ସହାୟତା ନେବାକୁ ପରାମର୍ଶ ଦିଆଯାଇଛି।

ଅନ୍ୟପକ୍ଷରେ ମୂର୍ତ୍ତି ବିସର୍ଜନ ପାଇଁ ଖନନ କରାଯାଇଥିବା ଅସ୍ଥାୟୀ ପୁଷ୍କରିଣୀଗୁଡିକୁ ଯଥାଶୀଘ୍ର ସଫା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଶୁକ୍ରବାରଠାରୁ ପ୍ରତ୍ୟେକ ପୁଷ୍କରିଣୀ ନିକଟରେ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ସେଠାରେ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସୂଚାରୁରୂପେ ମୂର୍ତ୍ତିଗୁଡ଼ିକୁ ବିସର୍ଜନ କରାଇଥିଲେ। ବିସର୍ଜନ ପରେ ପୁଷ୍କରିଣୀଗୁଡ଼ିକର ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କାର୍ଯ୍ୟ ଚାଲୁ ରହିଛି। ପରିମଳ ଉପାଯୁକ୍ତ ଏନ. ଗଣେଶ ବାବୁ ଏହି ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ।

## ସୋମବାର କଟକ ବନ୍ଦ ଡାକରା ଦେଲା ବିଶ୍ୱ ହିନ୍ଦୁ ପରିଷଦ

କଟକ,୪।୧୦(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଦରଘା ବଜାରରେ ଭସାଣି ବେଳେ ଗୋଷ୍ଠୀ ସଂଘର୍ଷ ଘଟଣା ନେଇ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଆସନ୍ତା ୬ ତାରିଖ ସୋମବାର କଟକ ବନ୍ଦ ଡାକରା ଦିଆଯାଇଛି । ଏହାସହ ପୋଲିସ ଓ ଜିଲା ପ୍ରଶାସନର ବିଫଳତାକୁ ଦାୟୀ କରାଯିବା ସହ କଟକ ଜିଲାପାଳ ଓ ଡିସିପିଙ୍କ ବଦଳି ଦାବି କରାଯାଇଥିବା ଯୋଗ୍ରାସ୍ଥିତ ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଭାପତି ବାସୁଦେବ ବେହେରା ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଢେଲା, ପଥର, କାଚବୋତଲ ମାଡ଼ ସହ ଖଣ୍ଡା ବୁଲାଉଥିବା ବେଳେ ପୋଲିସ ସେମାନଙ୍କୁ ଗିରଫ ନ କରି ନୀରବଦ୍ରଷ୍ଟା ସାଜି ପୂଜା କମିଟି କର୍ମକର୍ତ୍ତାଙ୍କୁ ମାଡ଼ ମାରିବା ସହ ହିନ୍ଦୁ ସମାଜକୁ ଭ୍ରମିତ କରିଛି। ଏପରିକି ପୋଲିସ ଓ ସରକାରଙ୍କ କାର୍ଯ୍ୟକଳାପ ପ୍ରତି ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ସେହିପରି କିଛିଦିନ ପୂର୍ବରୁ ପାକିସ୍ତାନ ପତାକା ଉଡିବା ଘଟଣାକୁ ମଧ୍ୟ ଏଡାଇ ଦିଆଯାଇଥିଲା। ଏହାସହ ସରକାର ମଧ ହିନ୍ଦୁମାନଙ୍କ ପୂଜାପାର୍ବଣ ଉପରେ ବିଭିନ୍ନ କଟକଣା ଜାରି କରି ଅଶାନ୍ତି ସୃଷ୍ଟି କରିଛନ୍ତି। ତେବେ ଭସାଣି ଶୋଭାଯାତ୍ରାରେ ଏହି ଘଟଣା ଏକ ଯୋଜନା ବଦ୍ଧ ଆକ୍ରମଣ ଏବଂ ଏହା ପୋଲିସର ଗୋଇନ୍ଦା ବିଫଳତା ପ୍ରମାଣ କରିଛି।

## 'ଗରିବ କଲ୍ୟାଣ ଯୋଜନା ସମସ୍ତଙ୍କ ନିକଟରେ ପହଞ୍ଚିବ'



ପୁରୁଣା ଭୁବନେଶ୍ୱର,୪।୧୦(ସୁବାସ ଚନ୍ଦ୍ର ପ୍ରଧାନ)

ଭାରତୀୟ ଜନତା ପାର୍ଟିର ଡବଲ ଇଞ୍ଜିନ ସରକାର ଲୋକଙ୍କ ସରକାର। ରାଜ୍ୟରେ ପ୍ରତି ପଞ୍ଚାୟତସ୍ତରରେ ଲୋକେ ଦଳଗତ ନିର୍ବିଶେଷରେ କିଭଳି ମୁଖ୍ୟସ୍ରୋତରେ ସାମିଲ ହୋଇ ଯୋଜନାଗୁଡ଼ିକର ସୁଫଳ ପାଇବେ ସେଥିପାଇଁ ରାଜ୍ୟ ସରକାର ସର୍ବଦା ତତ୍ପର। ପଞ୍ଚାୟତସ୍ତରରେ ଗରିବ କଲ୍ୟାଣ ଯୋଜନା ପହଞ୍ଚିବା ନେଇ ସରକାର ବଦ୍ଧପରିକର ବୋଲି ଶନିବାର ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତଠାରେ ଆତ୍ମନିର୍ଭର ଭାରତ ସଙ୍କଳ୍ପ ଅଭିଯାନ ଅବସରରେ ପିପିଲି-ଡେଲାଙ୍ଗ ବିଧାୟକ ଆଶ୍ରିତ ପଟ୍ଟନାୟକ କହିଛନ୍ତି। ସେ ଆହୁରି କହିଥିଲେ ଯେ, ଏହି ପଞ୍ଚାୟତ ଖୁବ୍‌ଶୀଘ୍ର କମିଶନରେଟ ପୋଲିସ ଅଧୀନରେ ସାମିଲ ହେବା ସହ ଅଧିକରୁ ଅଧିକ ଯୋଜନାରେ ଲୋକମାନେ ଫଳପ୍ରଦ ହେବେ। କାର୍ଯ୍ୟକ୍ରମରେ କୌଶଲ୍ୟାଗଙ୍ଗର ମଣ୍ଡଳ ସମ୍ପାଦକ ଦୀପକ ସ୍ୱାଇଁ, ଆତ୍ମା ଅଧକ୍ଷ ସୁବୋଧ ମହାନ୍ତି, ଅଭୟ ମିଶ୍ର, ବରିଷ୍ଠ ଭାଜପା ନେତା ରାମଚନ୍ଦ୍ର ବାରିକ, ଶ୍ୟାମ ସୁନ୍ଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ତଥା ପୂର୍ବତନ ମଣ୍ଡଳ ସଭାପତି ଶୁଭାଶିଷ ରଥ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ ଦୃଷ୍ଟିହୀନ ସଂଘର ନୂଆ କାର୍ଯ୍ୟକାରୀ ସମିତି ନିର୍ବାଚନ ପାଇଁ ଗଠନ ହେଲା କମିଟି

ଭୁବନେଶ୍ୱର,୪।୧୦(ସୁଚିସ୍ମିତା ସାହୁ)

ଉତ୍କଳ ଦୃଷ୍ଟିହୀନ ସଂଘ ଉପସଭାପତି ହେମସାଗର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଏକ ଜରୁରୀକାଳୀନ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ପରେ ୬ଜଣ ସଭ୍ୟଙ୍କ ଇସ୍ତଫାକୁ ଗୃହୀତ କରାଯାଇ ସଂଘର କାର୍ଯ୍ୟକାରୀ ସମିତିକୁ ଭଙ୍ଗ କରାଯାଇଥିଲା। ଏଥିସହିତ ନୂତନ କାର୍ଯ୍ୟକାରୀ ସମିତିର ନିର୍ବାଚନ ପରିଚାଳନା ପାଇଁ ଏକ ନିର୍ବାଚନ କମିଟି ଗଠନ କରାଯାଇଛି। କମିଟିର ଅଧକ୍ଷ ଭାବେ ଡ. ପ୍ରଶାନ୍ତ କୁମାର ଭୂୟାଁ, ସଦସ୍ୟ ଭାବେ ଘନଶ୍ୟାମ ମହନ୍ତ, ମନୋରଞ୍ଜନ ସାହୁ, ଶକୁନ୍ତଳା ପୃଷ୍ଟି ଓ ପ୍ରତାପ କୁମାର ପ୍ରଧାନ ରହିଛନ୍ତି। ନିର୍ବାଚନ କମିଟିକୁ ସ୍ୱତନ୍ତ୍ର ଅଧିକାର ଦିଆଯାଇଛି। ସଂଘର ଆବଶ୍ୟକତାକୁ ବିଚାରକୁ ନେଇ କମିଟି ନିର୍ବାଚନ ତାରିଖ ନିର୍ଦ୍ଧାରଣ ସହ ଅନ୍ୟ କାର୍ଯ୍ୟ ସମ୍ପାଦନ କରିବ। ତେବେ ନିର୍ବାଚନ ହେବା ପର୍ଯ୍ୟନ୍ତ ବର୍ତ୍ତମାନର କାର୍ଯ୍ୟକାରୀ ସମିତି ସଂଘ ପରିଚାଳନା କରିବ ବୋଲି ସୂଚନା ଦିଆଯାଇଛି।




ଗାଡ଼କଣସ୍ଥିତ ତାରିଣୀ ବସ୍ତିରେ ଥିବା ସରକାରୀ ଜମିରେ ବେଆଇନ ଭାବେ ନିର୍ମିତ ଘରକୁ ବିଡିଏ ପକ୍ଷରୁ ଭଙ୍ଗାଯାଉଛି।

## ୩ ମାଙ୍କଡ଼ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବାଲିଅନ୍ତା,୪।୧୦ ( ନୀଳମାଧବ ସାହୁ)



ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଜୟନ୍ତୀ ପାଳନ ଅବସରରେ ଗାନ୍ଧୀ ସ୍ମୃତି ପରିଷଦ ପକ୍ଷରୁ ବାଲିଅନ୍ତାସ୍ଥିତ ମହାତ୍ମା ସେତୁ ନିକଟରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଶନିବାର ୩ ମାଙ୍କଡ଼ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଗାନ୍ଧୀଙ୍କ ସତ୍ୟ, ଅହିଂସା ଓ ଶିଷ୍ଟାଚାର ପ୍ରତୀକର ବାର୍ତ୍ତା ପ୍ରଦାନ କରୁଥିବା ଏହି ୩ ମାଙ୍କଡ଼ଙ୍କ ମୂର୍ତ୍ତିକୁ ସ୍ଥାନୀୟ ସରପଞ୍ଚ କୃଷ୍ଣ କେଶବ ଆପଟ, ପୂର୍ବତନ ଜିଲାପରିଷଦ ସଭ୍ୟ ଧୀରେନ କୁମାର କର ଓ ବିଶିଷ୍ଟ ପାଲାକାର ସୁରେନ୍ଦ୍ର ଛୋଟରାୟ ପ୍ରମୁଖ ଯୋଗଦେଇ ଉନ୍ମୋଚନ କରିଛନ୍ତି। ବରିଷ୍ଠ ସଭ୍ୟ ତଥା ଆଡ୍‌ଭୋକେଟ୍ ବିନୋଦ କୁମାର ସାହୁ ଉତ୍ସବରେ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର କୁମାର ଖୁଣ୍ଟିଆ, ପ୍ରଶାନ୍ତ କୁମାର ସାହୁଙ୍କ ସମେତ ବରିଷ୍ଠ ନାଗରିକ ସଂଘର ବହୁ କର୍ମୀ ଯୋଗଦେଇଥିଲେ।

## କ୍ରିକେଟ: ଫାଇନାଲରେ ଝାଁଳା

ଝାଁଳା,୪।୧୦(ବୁଲା ବାରିକ)




ସ୍ଥାନୀୟ ରାଧାମାଧବ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଝାଁଳା କପ୍‌ରେ ଝାଁଳା ଟିମ୍ ଫାଇନାଲରେ ପ୍ରବେଶ କରିଛି। ଶନିବାର ସେମିଫାଇନାଲ ମ୍ୟାଚ୍ ଅରାଙ୍ଗ ଏବଂ ଝାଁଳା ଟିମ୍ ମଧ୍ୟରେ ହୋଇଥିଲା। ଝାଁଳା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୬ ଉଇକେଟ ବିନିମୟରେ ୧୧୩ ରନ ସଂଗ୍ରହ କରିଥିଲା। ଜବାବରେ ଅରାଙ୍ଗ ଟିମ୍ ୧୦୯ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଝାଁଳା ଟିମ୍‌ର ମୃତ୍ୟୁଞ୍ଜୟ ପ୍ରଧାନ ୪ଟି ଉଇକେଟ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅନୀଲ ପରିଡ଼ା, ଦିପକ ହରିଚନ୍ଦନ ଏବଂ ଅମିୟ ରଞ୍ଜନ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ଅତିଥି ଭାବେ ସଂଗ୍ରାମ କେଶରୀ ପରିଡା, ସୁବାସ ଚନ୍ଦ୍ର ପ୍ରଧାନ, ଦେବରାଜ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

No.O-803

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ / ପୋଷ୍ଟ – ଆୟପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/30-2025-26/BPR**

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 30-2025-26/BPR | Road Works under MMSY-IMPROVEMENT TO EXISTING RD ROADS | 13 Nos | From Rs.271.43 Lakhs to Rs.757.15 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/20-2025-26/BPR | 13.10.2025 at 10.00 A.M. | 27.10.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website : www.tendersodisha.gov.in

Sd./- K. Ch. Khatua
Chief Construction Engineer
R.W.Circle, Berhampur

OIPR-25071/11/0137/2526

No.O-839

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNDARGARH**
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com

**No. Tender Online - RWCCESNG - 15 of 2025-26, Letter No. 2251 / Dtd. 23.09.2025**
**e-Procurement NOTICE**

1. Type of the Work : Bridges, 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 15 of 2025-26 | 06.10.2025 11:00 A.M. | 23.10.2025 5:00 P.M. | 22.10.2025 5:00 P.M. | 24.10.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh

OIPR-25133/11/0071/2526

**Govt.of Jharkhand**
**Department of Mines and Geology District- Lohardaga.**

[अल्पकालीन पुर्न निविदा (द्वितीय)]
**Notice Inviting E-Auction for Allocation of Sand ghats**
**(Through E-Procurement mode over https://www.jharkhandtenders.gov.in)**

The Jharkhand Sand Mining Rules, 2025 में उल्लेखित प्रावधानों के तहत Category-2 के बालूघाट / बालूघाटों के समूह की ई–नीलामी निम्न कार्यक्रमानुसार करायी जाएगी :–

1. ई–नीलामी कार्यक्रमः–

| NIT No. MINES/ LOHARDAGA/ SAND | बालूघाट या बालूघाटों के समूह जिसे एक इकाई बालू घाट मानते हुए नीलामी किया जाना है, की विवरणी। | निविदा दस्तावेज बिक्री शुल्क (5,000/–रू0+GST in RCM Mode) जमाकर निविदा दस्तावेज डाउनलोड प्रारंभ करने की तिथि | ई–नीलामी से पूर्व प्री– बीड बैठक एवं प्रशिक्षण का समय एवं स्थान | अग्रधन राशि जमा तथा निविदा दस्तावेज अपलोड करने की अंतिम तिथि एवं समय | तकनीकी निविदा की जिला स्तरीय समिति द्वारा जाँच/मूल्यांकन कर सफल निविदादाताओं की सूची सिस्टम में अपलोड करने तथा प्रारम्भिक वित्तीय प्रस्ताव के मूल्यांकन की तिथि | ई–नीलामी की तिथि एवं समय |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 5/2025 | GROUP-A 1. गितिलगढ–खरता 2. डोबा 3. कोलसिमरी–डोबा 4. लावागाई–नदीनगडा 5. हरमू–भक्सो 6. कैमो–भक्सो 7. बरगांव–कैमो 8. जुरिया–तिगरा | 06.10.2025 | | 07.10.2025 03:00 PM एवं 10.10.2025 01:00 PM | 13.10.2025 5:00 PM | 14.10.2025 को 10:00 बजे पूर्वाहन से 5:00 बजे अपराह्न तक |
| 6/2025 | GROUP-B 1. डांडू–मेढो 2. एकागुडी–मेढो 3. सेन्हा–मेढो 4. जोगना–मेढो 5. उगरा–भड़गांव | | | | | |

2. बालूघाट / बालूघाटों के समूह की विस्तृत विवरणी जिला के वेबसाईट पर उपलब्ध है।
3. बालूघाट / बालूघाटों के समूह की ई–नीलामी प्रक्रिया, ई–प्रोक्योरमेंट पोर्टल www.jharkhandtenders.gov.in से करायी जाएगी।
4. ई–नीलामी में भाग लेने वाले व्यक्तियों / कम्पनी / फर्म / HUF को ई–प्रोक्योरमेंट पोर्टल https://www.jharkhandtend ers.gov.in पर निबंधन कराना अनिवार्य होगा।
5. एतद् संबंधी समस्त सूचना (यथा– नीलामी कार्यक्रम, सुरक्षित जमा राशि, अग्रधन राशि इत्यादि) विस्तृत रूप से जिला के वेबसाईट एवं ई–प्रोक्योरमेंट पोर्टल पर उपलब्ध है।
6. एतद् संबंधी समस्त सूचना हेतु ई–प्रोक्योरमेंट हेल्पडेस्क एवं जिला खनन कार्यालय से सम्पर्क किया जा सकता है।
7. बालू घाट का तात्पर्य है कि The Jharkhand Sand Mining Rules, 2025के नियम–3 के तहत जिला सर्वेक्षण प्रतिवेदन (बालू) में चिन्हित Category-2 Sand ghat/Sand Bearing Land/River Stream होगा।
8. निविदादाता द्वारा ई–पोरक्योमेंट / ई–नीलामी पोर्टल से निविदा दस्तावेज के साथ BoQ Templet (For Intital Price Offer) प्राप्त किया जाएगा। BoQ (.xls) प्रारूप में अपलोड किया जाएगा।
9. एतद संबंधी समस्त सूचना https://www.jharkhandtenders.gov.in एवं जिले के website पर उपलब्ध है।

कार्यपालक अभियंता, लघु सिंचाई प्रमण्डल, लोहरदगा
जिला कोषागार पदाधिकारी, लोहरदगा
जिला खनन पदाधिकारी, लोहरदगा
अपर समाहर्ता लोहरदगा
उप निदेशक, खान दक्षिणी छोटानागपुर अंचल, राँची
उपायुक्त, लोहरदगा

PR.NO.363264 Lohardaga(25-26):D

**ADVERTISEMENT FOR TENDER FOR SUPPLY OF COMPUTER CONSUMABLE ITEMS FOR THE BHIMA BHOI MEDICAL COLLEGE & HOSPITAL, BALANGIR**

No.E-421 : Sealed Tender is invited from organization/ firms/Agencies for **"Supply of Computer Consumable items"** to Bhima Bhoi Medical College & Hospital, Balangir. The Tender Paper completed in all respect should be submitted separately for the services to the undersigned on or before dt.17.10.2025 up to 05.30 P.M. in the office of the Superintendent, BBMC&H, Balangir. The details and terms & condition can be downloaded from http://bbmchbalangir.odisha.gov.in, https://balangir.odisha.gov.in & www.dmetodisha.gov.in

Sd./- Superintendent
Bhima Bhoi Medical College & Hospital, Balangir

OIPR-10141/11/0051/2526

## ବସ୍-ଅଟୋ ମୁହାଁମୁହିଁ ଧକ୍କା: ୨ ଗୁରୁତର

ଆଠଗଡ,(ସତ୍ୟ ପ୍ରସାଦ ରଥ):କଟକ ଜିଲା ଆଠଗଡ଼ ଥାନା କାଇପୁଡିଆ ଗ୍ରାମ ନିକଟରେ ବସ୍ ଓ ଅଟୋ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଅଟୋ ଚାଳକଙ୍କ ସମେତ ସେଥିରେ ଥିବା ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ବାଙ୍କୀ ଥାନା ଅନ୍ତର୍ଗତ ଗୟଳବାଙ୍କ ଗ୍ରାମର ରାମଚନ୍ଦ୍ର ଦଳେଇ (୨୫) ଏବଂ ଅଟୋ ଚାଳକ ଅଜିତ୍ ଜେନା ଓରଫ ଭୁଆଁ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଆଠଗଡ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅଜିତ୍‌ଙ୍କ ଅଟୋରେ ରାମଚନ୍ଦ୍ର ଆଠଗଡ଼ ଆସୁଥିଲେ। ଏହି ସମୟରେ ଆଠଗଡ଼ ଆଡୁ ଆସୁଥିବା ଜୟ ଜଗନ୍ନାଥ ବସ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ବସ୍‌ଟି ଫେରାର ହୋଇଯାଇଛି।

**ସଂକ୍ଷେପରେ**

## କଳାପାଟ ଶିଳ୍ପ ତାଲିମ କେନ୍ଦ୍ରରେ ସମାବର୍ତ୍ତନ ଉତ୍ସବ

**ତିଗିରିଆ,୪।୧୦(ଜାଫର ଖାଁ):**

ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତସ୍ଥିତ ଗୋପୀନାଥପୁର ଶାସନ ଛକ ନିକଟରେ ଅବସ୍ଥିତ କଳାପାଟ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଚଳିତ ଶିକ୍ଷାବର୍ଷର ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷା କଲ୍ୟାଣୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ରାଜକିଶୋର ରାଉତ, ଚନ୍ଦ୍ରଶେଖର ମିଶ୍ର, ମୁଖ୍ୟ ପରିଚାଳକ ମାନସ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ ଗତ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବା ସହ ସମସ୍ତ ଶିକ୍ଷକଙ୍କ ପକ୍ଷରୁ ଉପସ୍ଥିତ ସମସ୍ତ ଛାତ୍ରଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ଅନୁଷ୍ଠାନର ଉତ୍ତୀର୍ଣ୍ଣ ଛାତ୍ରଙ୍କ ମଧ୍ୟରେ ବିକାଶ ସାହୁ, ମହାଦେବ ସାହୁ, କାଳନ୍ଦୀ ପୃଷ୍ଟି, ଜ୍ଞାନରଞ୍ଜନ ସାହୁ, ବିଭୁପ୍ରସାଦ ନାୟକ, ଗଙ୍ଗାଧର ଦତ୍ତ, ଶୁଭ୍ରକାନ୍ତ ସାହୁ, ଓମ୍ ପ୍ରକାଶ ପୃଷ୍ଟି, ସତ୍ୟବ୍ରତ ମଲ୍ଲିକ, ନିଳେଶ ମୁଦୁଲିଙ୍କ ସମେତ ବର୍ତ୍ତମାନ ଦ୍ୱିତୀୟ ବର୍ଷର ଛାତ୍ର ଦିବାକର ସାହୁ, ଜିଲୁ ସାହୁ, ଶୁଭଙ୍କର ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୨୧ ଜନଜାତି ବହୁଳ ଗ୍ରାମର କାର୍ଯ୍ୟଖସଡ଼ା ଅନୁମୋଦିତ

**କଟକ ଜିଲାରେ ଆଦି କର୍ମଯୋଗୀ ଅଭିଯାନ**

**କଟକ,୪।୧୦(କାର୍ତ୍ତିକ ସାହୁ)**

ବିକଶିତ ଭାରତ ଗଠନ ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ଅନୁସୁଚିତ ଜନଜାତି ଗ୍ରାମଗୁଡ଼ିକରେ ସମସ୍ତ ସୁବିଧା ପହଞ୍ଚାଇବା ସହ ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟ ସମ୍ପନ୍ନ କରାଯାଉଛି। ସରକାରୀ କର୍ମଚାରୀଙ୍କ ମଧ୍ୟରେ ସେବା, ସମର୍ପଣ ଓ ସଂକଳ୍ପ ମନୋଭାବ ସୃଷ୍ଟି କରି କର୍ମ ସମ୍ପାଦନ କରିବା ହେଉଛି ଆଦି କର୍ମଯୋଗୀ ଅଭିଯାନର ମୂଳ ଲକ୍ଷ୍ୟ। ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ ଧରତି ଆବା– ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ କଟକ ଜିଲାର ୪ଟି ବ୍ଲକର ମୋଟ ୧୫ଟି ପଞ୍ଚାୟତର ସମୁଦାୟ ୨୧ଟି ଜନଜାତି ବହୁଳ ଗ୍ରାମକୁ ଆଦି କର୍ମଯୋଗୀ ଅଭିଯାନରେ ସାମିଲ କରାଯାଇଛି। ବାରଙ୍ଗ ବ୍ଲକର ଚକ୍ରଧରପୁର, ଆଠଗଡ଼ ବ୍ଲକର ସୌରିଆ, ଗୋବାରା, ଦମ୍ପତିପୁର, ରାହାଙ୍ଗୋଳ, ଖଣ୍ଡୁଆଳି, ରାଧାକୃଷ୍ଣପୁର, ମାଧପୁର, ଟାଙ୍ଗୀ–ଚୌଦ୍ୱାର ବ୍ଲକ କୋଟିଲାନୂଆଗାଁ, ରାମଚନ୍ଦ୍ରପୁର, ଆମ୍ବିଳିଝରି, ବଡ଼କୁସୁନପୁର, କରଞ୍ଜି, ମାଛପଙ୍ଗି, ଚନ୍ଦନପୁର, କୁସପଡ଼ା, ବଡପୋଖରି, ଅଭୟପୁର, ବଡମ୍ବା ବ୍ଲକର ମୁଲିଆବାଙ୍କ, ବୁଢ଼ାପଙ୍କ, ଖଳିବାଟି ଗ୍ରାମଗୁଡ଼ିକ ଏହି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଅଟନ୍ତି। ଆଦି କର୍ମଯୋଗୀ ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ଗ୍ରାମରୁ ଅତି କମ୍‌ରେ ୨୦ଜଣ ଆଦିସାଥୀ ଓ ୧୦ଜଣ ଆଦିସହଯୋଗୀ ଚୟନ କରି ନିଜ ଅଞ୍ଚଳର ବିକାଶର ବାହକ ହେବା ସହ ବିକଶିତ ଭାରତ ଅଂଶିଦାରୀ ହେବାର ଲକ୍ଷ୍ୟ ରଖାଯାଇଥିବା ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଛନ୍ତି। ଧରିତି ଆବା–ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ ଗ୍ରାମର ସାମଗ୍ରିକ ବିକାଶ ନିମନ୍ତେ ସମସ୍ତ ବିଭାଗର ସହମତିରେ ପ୍ରତ୍ୟେକ ଗ୍ରାମ ପାଇଁ ଏକ ଭିଲେଜ ଭିଜନ ପ୍ଲାନ ଓ ଗ୍ରାମ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି କରାଯାଇଛି। ଏଥିସହ ଅକ୍ଟୋବର ୨ରେ ପଞ୍ଚାୟତ ଗ୍ରାମସଭାରେ ଗ୍ରାମର ଗ୍ରାମ କାର୍ଯ୍ୟ ଖସଡ଼ା ଅନୁମୋଦନ କରାଯାଇଛି। ଏହି ଅଭିଯାନ ଅଧୀନରେ ଜାତୀୟ ରକ୍ତହୀନତା ଦୂରୀକରଣ, ବୃତ୍ତି ପ୍ରଦାନ, ପିଏମ କିଷାନ, ପିଏମ୍ ପୋଷଣ ଆଦି ଅନ୍ତର୍ଭୁକ୍ତ। ସେପ୍ଟେମ୍ବର ୧୭ରୁ ୨୭ ପର୍ଯ୍ୟନ୍ତ ଏହି ଗ୍ରାମଗୁଡ଼ିକରେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସଚେତନ କରିବା ସହ ନୂତନ ଆଧାର କାର୍ଡ ତିଆରି କରିବା, ଆଧାର ଅପଡେଟ୍ କରିବା, ବ୍ୟାଙ୍କ ଖାତା ଖୋଲିବା, ଆୟୁଷ୍ମାନ ଭାରତ କାର୍ଡ ଯୋଗାଇ ଦେବା ଆଦି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଆଦି ସେବା ପର୍ବ ପାଳନ କରାଯାଇଥିଲା। ଏଥିସହ ବିଦ୍ୟାଳୟ, ଅଙ୍ଗନୱାଡ଼ି, ଗ୍ରାମପଞ୍ଚାୟତ ତଥା ଗ୍ରାମସ୍ତରରେ ସ୍ୱାସ୍ଥ୍ୟ ଓ ପରିମଳ, ଚିତ୍ରାଙ୍କନ, କୌତୁକ ପୋଷାକ, ବକ୍ତୃତା, ମୃତ୍ତିକା ହସ୍ତ କଳା, ନୃତ୍ୟ ପରିବେଷଣ, ବୃକ୍ଷରୋପଣ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ନଖରା ମହାଦେବ କମିଟି ପକ୍ଷରୁ ରୌପ୍ୟଜୟନ୍ତୀ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ କମିଟି କର୍ମକର୍ତ୍ତାବୃନ୍ଦ।

**ଫୁଲନଖରା,୪।୧୦ (ସତ୍ୟରଞ୍ଜନ ଦାସମହାପାତ୍ର):**

ପାହାଳ ଥାନା ନଖରା ଗ୍ରାମରେ ଅନୁଷ୍ଠିତ ହେଉଥିବା ମହାଦେବ ପୂଜା ଦୀର୍ଘ ୨୫ ବର୍ଷ ଧରି ଶାନ୍ତିଶୃଙ୍ଖଳା ସହିତ ପାଳିତ ହୋଇଆସୁଛି। ଚଳିତବର୍ଷ ରୌପ୍ୟଜୟନ୍ତୀ ପାଳନ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପାହାଳ ଥାନା ଅଧିକାରୀ ଅଶିନୀ କୁମାର ଜେନା ଯୋଗଦେଇ ପୂଜା ମଣ୍ଡପରେ ସ୍ୱତନ୍ତ୍ର କେକ କାଟିବା ସହିତ କମିଟି କର୍ମକର୍ତ୍ତା ଓ ଶ୍ରଦ୍ଧାଳୁମାନଙ୍କୁ ଆଇନ ବିଷୟରେ ସାମ୍ୟକ ସୂଚନା ପ୍ରଦାନ କରିଥିଲେ। ଏହି ପୂଜା ମଣ୍ଡପ ସହିତ ପ୍ରଜାପିତା ବ୍ରହ୍ମକୁମାରୀ ଅନୁଷ୍ଠାନର ଅନୁଗତମାନେ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ପ୍ରତିଷ୍ଠା କରି ଶ୍ରଦ୍ଧାଳୁମାନଙ୍କୁ ଆଧାତ୍ମିକ ମାର୍ଗରେ ଚାଲିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସୁବାସ ଚନ୍ଦ୍ର ସାହୁ, ସମ୍ପାଦକ ପ୍ରଭାକର ସାହୁ, କୋଷାଧକ୍ଷ କିରଣ ବେହେରା, ପ୍ରେମାନନ୍ଦ ସାହୁ, ପ୍ରକାଶ କୁମାର ସାହୁ ଓ ମହାଦେବ କମିଟି ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଭସାଣି ସମୟରେ ବିଳମ୍ବିତ ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ନେଇ ତିନିକୋଣିଆ ବଗିଚାଠାରେ ଅଟକି ରହିଥିବା ମେଢ଼। (ଫଟୋ: ରାଜକିଶୋର ମହାନ୍ତି)

# ପୁରୁଷ ବନ୍ଧୁଙ୍କୁ ଆକ୍ରମଣ କରି ଯୁବତୀଙ୍କୁ ଅପହରଣ

**ବଳାତ୍କାର ପରେ ହତ୍ୟା ଅଭିଯୋଗ ଆଣିଲେ ଯୁବକ**

**ତ୍ରିଶୂଳିଆ, ୪।୧୦(ତୁଷାର କାନ୍ତ ବେହେରା):**

କଟକ ଜିଲା ନରାଜ ବ୍ୟାରେଜ ନିକଟରେ ଶୁକ୍ରବାର କେତେଜଣ ଦୁର୍ବୃତ୍ତ ସଂଘବଦ୍ଧ ଆକ୍ରମଣ କରି ଜଣେ ଯୁବତୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ପାଖରୁ ଛଡ଼ାଇ ନେଇଛନ୍ତି। ଏପରି କି ଉକ୍ତ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରି ନଦୀରେ ଫିଙ୍ଗି ଦେଇଥିବା ନେଇ ପୁରୁଷ ବନ୍ଧୁ ଅଭିଯୋଗ ଆଣିଛନ୍ତି। ବ୍ୟାରେଜ ଛକରେ ଏକ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜରେ ଜଣେ ଯୁବକ ରକ୍ତ ଜୁଡୁବୁଡୁ ଉଲଗ୍ନ ଅବସ୍ଥାରେ ବାଟରେ ଯାଉଥିବା ଲୋକଙ୍କୁ ସାହାଯ୍ୟ ମାଗୁଥିବା ଦେଖିବାକୁ ମିଳିଛି। ଏହି ଘଟଣା ପ୍ରଚାରିତ ହେବା ପରେ ଗୁରୁତର ଯୁବକଙ୍କୁ ପୋଲିସ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ଥାନାର ଉଭୟ ପାର୍ଶ୍ୱରେ ଥିବା ଗୋଡ଼ିସାହି ଫାଣ୍ଡି କିମ୍ବା ସିଡିଏ ସେକ୍ଟର ପୋଲିସ ନିକଟରେ କୌଣସି ଠିକ୍ ତଥ୍ୟ ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଜଣେ ଯୁବକ ତାଙ୍କ ବାନ୍ଧବୀଙ୍କ ସହ ଏକ ବାଇକ୍‌ରେ ନରାଜ ବ୍ୟାରେଜ ନିକଟକୁ ଆସିଥିଲେ। ସେଠାରେ ଉଭୟେ କଥା ହେଉଥିବାବେଳେ କେତେଜଣ ଦୁର୍ବୃତ୍ତ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ସହ ତାଙ୍କ ନିକଟରୁ ବାନ୍ଧବୀଙ୍କୁ ଛଡ଼ାଇ ନେଇଥିଲେ। ଯୁବକଜଣକ ନରାଜ ବ୍ୟାରେଜ ଛକ ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଲୋକମାନଙ୍କୁ ସାହାଯ୍ୟ ମାଗୁଥିବା ସିସିଟିଭିରେ ଦେଖିବାକୁ ମିଳୁଛି। ତେବେ ଉକ୍ତ ଯୁବକଙ୍କ କଥାରେ ତାଳମେଳ ରହୁ ନ ଥିବା ମଧ୍ୟ ଦେଖିବାକୁ ମିଳିଛି। କେତେବେଳେ ତାଙ୍କ ବାନ୍ଧବୀଙ୍କୁ ଦୁର୍ବୃତ୍ତମାନେ ଛଡ଼ାଇ ନେଇ ଅପହରଣ କରିଥିବା କହୁଥିବାବେଳେ ଆଉ କେତେବେଳେ ବାନ୍ଧବୀ ଅନ୍ୟମାନଙ୍କ ସହ ମିଶି ତାଙ୍କୁ ଆକ୍ରମଣ କରିଥିବା ମଧ୍ୟ କହୁଛନ୍ତି। ଯୁବକଙ୍କ ମାନସିକ ଅବସ୍ଥା ଠିକ୍ ନ ଥିବାରୁ ପୋଲିସ କୌଣସି ତଥ୍ୟ ଉପରେ ଭରସା କରିପାରୁ ନାହିଁ। ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଗୋଡ଼ିସାହି ଫାଣ୍ଡି ପୋଲିସ କହିଛି।

# ମେଲାଣି ନେଲେ ମା'ଦୁର୍ଗା



ତିଗିରିଆରେ ମେଢ଼ଗୁଡ଼ିକୁ ଭସାଣି ପାଇଁ ନିଆଯାଉଛି।

**ସାଲେପୁର/ବାଙ୍କୀ/ତିଗିରିଆ,୪।୧୦ (ଅରବିନ୍ଦ ଭୂୟାଁ/ଶୁଭେନ୍ଦୁ ମହାପାତ୍ର/ଜାଫର ଖାଁ):**

ତିଗିରିଆ ବ୍ଲକ ନୂଆପାଟଣାରେ ଦୁର୍ଗାଙ୍କ ଭସାଣି ଉତ୍ସବ ଶନିବାର ସମ୍ପନ୍ନ ହୋଇଯାଇଛି। ଏହି ଉତ୍ସବ ପାଇଁ ୪ ବଜାର ପୂଜା କମିଟିର ସଭାପତି, ସମ୍ପାଦକ, ଅନ୍ୟାନ୍ୟ କର୍ମକର୍ତ୍ତା, ୯ ମୌଜାର ମୁରବୀଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ, ସ୍ଥାନୀୟ ଜନସାଧାରଣଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୂର୍ବ ପରମ୍ପରା ଅନୁଯାୟୀ ପ୍ରଥମେ ଦୁର୍ଗା ବଜାର, ପରେ ଚଣ୍ଡୀ ବଜାର, ମଙ୍ଗଳା ବଜାର ଓ ସର୍ବଶେଷରେ କଳାପାଟ ବଜାର ମେଢ଼ ବାଜା, ବାଣ, ନୃତ୍ୟ ଗୀତର ତାଳେ ତାଳେ ଜେମାଦେଈପୁର ପଞ୍ଚାୟତସ୍ଥିତ ପଙ୍କାଳ ଛକ ନିକଟରେ ପହଞ୍ଚିଥିଲେ। ସେଠାରୁ ସମସ୍ତ ମେଢ଼ ଜେମାଦେଈପୁରର ମଙ୍ଗଳା ବଜାର, ଦୁର୍ଗା ବଜାର, ଚଣ୍ଡୀ ବଜାର ଓ କଳାପାଟ ବଜାର ଅତିକ୍ରମ କରି ଶେଷରେ ମା' କଳାପାଟଙ୍କ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବା ପରେ ମଙ୍ଗଳାବଜାର ପୂଜା କମିଟିକୁ ଛାଡି ଅନ୍ୟ ସମସ୍ତ ବଜାର କମିଟି ତରଫରୁ ସମସ୍ତ ମୂର୍ତ୍ତୀଙ୍କୁ ତିଗିରିଆ ଓ ବଡମ୍ବାର ମିଳନ ସ୍ଥଳରେ ଥିବା ପୋଲିଆରେ ବିସର୍ଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ନୂଆପାଟଣା ୪ ବଜାର ପୂଜା କମିଟିର ସଭାପତି ପ୍ରକାଶ କୁମାର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚଣ୍ଡୀ ବଜାର ପୂଜା କମିଟିର ସମ୍ପାଦକ ଧ୍ରୁବ ଚରଣ ଦାସ, ଦୁର୍ଗା ବଜାର ପୂଜା କମିଟିର ସଭାପତି ଚିତ୍ତରଞ୍ଜନ ସାହୁ, ସମ୍ପାଦକ ଅଭୟ କୁମାର ସାହୁ, ମଙ୍ଗଳା ବଜାର ପୂଜା କମିଟି ସଭାପତି ଜୈନୁଲ ଖାଁ, ସମ୍ପାଦକ ରାଜକିଶୋର ବାରିକ, ପ୍ରମୁଖ ସଦସ୍ୟ ପ୍ରଦୀପ ସାଥୁଆ, କଳାପାଟ ବଜାର କମିଟିର ସଭାପତି ଗଙ୍ଗାଧର ସାହୁ, ସମ୍ପାଦକ ତପନ କୁମାର ମାଝୀଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମସ୍ତ ଅତିଥି ଓ ପୂଜା କମିଟିର ସଭାପତିଙ୍କ ଦ୍ୱାରା ସମ୍ପାଦକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ଶେଷ ପାଇଁ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ ମିଳିଥିବା ସହଯୋଗ ଲାଗି ସମସ୍ତ ଯାତ୍ରା କମିଟିର କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ତିଗିରିଆ ଥାନା ଅଧିକାରୀ, କର୍ମଚାରୀ ଉପସ୍ଥିତ ରହିବା ସହ ଅତିରିକ୍ତ ଫୋର୍ସ ମୁତୟନ କରାଯାଇଥିଲା।

ସେହିପରି ବାଙ୍କୀ ପୂର୍ବ ଉପଖଣ୍ଡର ଡମପଡା ଏବଂ ତାଳବସ୍ତ ପଞ୍ଚାୟତରେ ଦଶହରା ପର୍ବ ଓ ଭସାଣି ଉତ୍ସବ ଶେଷ ହୋଇଛି। ଡମପଡାରେ ଦୁର୍ଗା, ହର ପାର୍ବତୀ, ମା' ଲକ୍ଷ୍ମୀଙ୍କ ପରି ଅନ୍ୟ ଦେବା ଦେବୀଙ୍କର ୨୦ଟି, ଦୁଲଣାପୁର, ଅରପୁର, ତାଳବସ୍ତ ପଞ୍ଚାୟତରେ ଛୋଟ ବଡ଼ ହୋଇ ପ୍ରାୟ ପଚାଶରୁ ଅଧିକ ମେଢ଼ ବିଭିନ୍ନ ସାହିରେ ପୂଜା ପାଇଥିଲେ। ଏଥିସହ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଦଶହରା ପର୍ବ ପାଳନ ପରେ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ ହୋଇଛି। ପାରମ୍ପରିକ ବାଜା ବାଣ ଘଣ୍ଟ ବଜାଇ ଜଗତଜନନୀ ମା'ଙ୍କୁ ମେଲାଣି ଦିଆଯାଇଛି। ଆଇନ୍ ଶୃଙ୍ଖଳା ପରିସ୍ଥିତି ରକ୍ଷା ପାଇଁ ବାଙ୍କୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏତଦବ୍ୟତୀତ ବିଭିନ୍ନ ପୂଜାମଣ୍ଡପ ମୁରବିମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଭସାଣି ଯାତ୍ରା ସମ୍ପନ୍ନ କରିଥିଲେ।

ସାଲେପୁର ଅଞ୍ଚଳରେ ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ସାଲେପୁର ହାଟ ନିକଟ ପୂଜା ମଣ୍ଡପରେ ପୂଜା ପାଉଥିବା ମା' ଦୁର୍ଗା, ମାଛୁଆତି ମା' ଦୁର୍ଗା, ରୋଧପୁର ମା' ଦୁର୍ଗା, ବେଲହୁଡ଼ା ମା' ଦୁର୍ଗାଙ୍କୁ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଇଥିଲେ। ଏହାପରେ ମା'ଙ୍କୁ ବିସର୍ଜନ କରାଯାଇଥିଲା। ଭସାଣି ଉତ୍ସବ ଦେଖିବା ପାଇଁ ବହୁ ସଂଖ୍ୟାରେ ଜନସମାଗମ ହୋଇଥିଲା। ଏହି ଅବସରରେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ତହସିଲଦାର ଜୟନ୍ତ କୁମାର ଜୟସିଂହ, ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଆଇଆଇସି ଅନୀତା ସାହୁ ପ୍ରମୁଖ ଉପସ୍ଥିତ ରହିବା ସହ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ଛକ ସ୍ଥାନରେ ଫୋର୍ସ ମୁତୟନ କରାଯାଇଥିଲା।



ସାଲେପୁରରେ ମା' ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରା।

# ମା' ବାପା ହେଲେ ପ୍ରଥମ ଈଶ୍ୱର

**ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ**

**ବାଙ୍କୀ, ୪।୧୦(ଶୁଭେନ୍ଦୁ ମହାପାତ୍ର)**

ବାଙ୍କୀର ଅଗ୍ରଣୀ ଯୁବ ଅନୁଷ୍ଠାନ ଆଦର୍ଶ ଯୁବ ପରିଷଦର ପରିଚାଳନା ଓ ଭାରତ ସରକାରଙ୍କ ଯୁବ ଓ କ୍ରୀଡା ମନ୍ତ୍ରଣାଳୟ ମୋ ଭାରତ, କଟକର ସହଯୋଗରେ ଡମପଡ଼ା ବ୍ଲକ ଅନ୍ତର୍ଗତ କୁଶପଙ୍ଗୀ ପଞ୍ଚାୟତ ଅଧୀନ ଇନ୍ଦୁମତୀ ପାଟଣାରେ ଅବସ୍ଥିତ ବୃଦ୍ଧାଶ୍ରମ ପରିସରରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ହୋଇଯାଇଛି। ପରିଷଦର ଆବାହକ ଅକ୍ଷୟ କୁମାର ସାମଲଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ କେଶବ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଯୁବ ସଙ୍ଗଠକ ତଥା ବ୍ୟଙ୍ଗ କବି ଜଗମୋହନ ରାଉତ, ମହିଳା ସଙ୍ଗଠିକା ସ୍ନେହାଞ୍ଜଳି ବିଶ୍ୱାଳ, ଯୁବ ସାମାଜିକ କର୍ମୀ ତଥା ଶ୍ରୀରାମ କମିଟି ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ, ବରିଷ୍ଠ ସଂଯୋଜକ ଶଶୀଭୂଷଣ ତ୍ରିପାଠୀ, ଗୀତାଞ୍ଜଳି ବେହେରା, ପ୍ରଶିକ୍ଷକ ଲଲାଟେନ୍ଦୁ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ। ମା' ବାପା ହେଲେ ପ୍ରଥମ ଈଶ୍ୱର, ସେମାନଙ୍କୁ ପ୍ରଥମେ ପୂଜା କରିବାର ଆବଶ୍ୟକତା ରହିଛି। ଆଜିର ଯୁବପିଢ଼ିମାନେ ପଥଭ୍ରଷ୍ଟ ହୋଇ ଅସାମାଜିକ କାର୍ଯ୍ୟ କରୁଛନ୍ତି। ପୁଅ ଓ ବୋହୂମାନେ ଶାଶୁ ଶ୍ୱଶୁରଙ୍କୁ ଭଲପାଇବା ଓ ସ୍ନେହ ଶ୍ରଦ୍ଧା ଦେବା ଉଚିତ ବୋଲି ଅତିଥିମାନେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦାସକାଠିଆ, କବିତା ଓ ହରିନାମ ମାଧ୍ୟମରେ ସଚେତନତା ଓ ଆଧାତ୍ମିକତା ପରିବେଶ ସୃଷ୍ଟି ହୋଇଥିଲା। ପରିଶେଷରେ ପରିଷଦର ସଭାପତି ନିରଞ୍ଜନ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

No.O-803

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/30-2025-26/BPR**

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 30-2025-26/BPR | Road Works under MMSY-IMPROVEMENT TO EXISTING RD ROADS | 13 Nos | From Rs.271.43 Lakhs to Rs.757.15 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/20-2025-26/BPR | 13.10.2025 at 10.00 A.M. | 27.10.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website : www.tendersodisha.gov.in

Sd./- K. Ch. Khatua
Chief Construction Engineer
R.W.Circle, Berhampur

OIPR-25071/11/0137/2526

No.O-839

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNDARGARH**
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com

**No. Tender Online - RWCCESNG - 15 of 2025-26, Letter No. 2251 / Dtd. 23.09.2025**

**e-Procurement NOTICE**

1. Type of the Work : Bridges, 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 15 of 2025-26 | 06.10.2025 11:00 A.M. | 23.10.2025 5:00 P.M. | 22.10.2025 5:00 P.M. | 24.10.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh

OIPR-25133/11/0071/2526

**Govt.of Jharkhand**
**Department of Mines and Geology District- Lohardaga.**

[अल्पकालीन पुर्न निविदा (द्वितीय)]
**Notice Inviting E-Auction for Allocation of Sand ghats**
**(Through E-Procurement mode over https://www.jharkhandtenders.gov.in)**

The Jharkhand Sand Mining Rules, 2025 में उल्लेखित प्रावधानों के तहत Category-2 के बालूघाट / बालूघाटों के समूह की ई–नीलामी निम्न कार्यक्रमानुसार करायी जाएगी :–

1. ई–नीलामी कार्यक्रम:–

| NIT No. MINES/ LOHARDAGA/ SAND | बालूघाट या बालूघाटों के समूह जिसे एक इकाई बालू घाट मानते हुए नीलामी किया जाना है, की विवरणी। | निविदा दस्तावेज बिक्री शुल्क (5,000 / –रू0+GST in RCM Mode) जमाकर निविदा दस्तावेज डाउनलोड प्रारंभ करने की तिथि | ई–नीलामी से पूर्व प्री– बीड बैठक एवं प्रशिक्षण का समय एवं स्थान | अग्रधन राशि जमा तथा निविदा दस्तावेज अपलोड करने की अंतिम तिथि एवं समय | तकनीकी निविदा की जिला स्तरीय समिति द्वारा जाँच / मूल्यांकन कर सफल निविदादाताओं की सूची सिस्टम में अपलोड करने तथा प्रारम्भिक वित्तीय प्रस्ताव के मूल्यांकन की तिथि | ई–नीलामी की तिथि एवं समय |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 5/2025 | GROUP-A 1. गितिलगढ–खरता 2. डोबा 3. कोलसिमरी–डोबा 4. लावागाई–नदीनगडा 5. हरमू–भक्सो 6. कैमो–भक्सो 7. बरगांव–कैमो 8. जुरिया–तिगरा | 06.10.2025 | | 07.10.2025 03:00 PM एवं 10.10.2025 01:00 PM | 13.10.2025 5:00 PM | 14.10.2025 को 10:00 बजे पूर्वाहन से 5:00 बजे अपराह्न तक |
| 6/2025 | GROUP-B 1. डांडू–मेढो 2. एकागुडी–मेढो 3. सेन्हा–मेढो 4. जोगना–मेढो 5. उगरा–भड़गांव | | | | | |

2. बालूघाट / बालूघाटों के समूह की विस्तृत विवरणी जिला के वेबसाईट पर उपलब्ध है।
3. बालूघाट / बालूघाटों के समूह की ई–नीलामी प्रक्रिया, ई–प्रोक्योरमेंट पोर्टल www.jharkhandtenders.gov.in से करायी जाएगी।
4. ई–नीलामी में भाग लेने वाले व्यक्तियों / कम्पनी / फर्म / HUF को ई–प्रोक्योरमेंट पोर्टल https://www.jharkhandtend ers.gov.in पर निबंधन कराना अनिवार्य होगा।
5. एतद् संबंधी समस्त सूचना (यथा– नीलामी कार्यक्रम, सुरक्षित जमा राशि, अग्रधन राशि इत्यादि) विस्तृत रूप से जिला के वेबसाईट एवं ई–प्रोक्योरमेंट पोर्टल पर उपलब्ध है।
6. एतद् संबंधी समस्त सूचना हेतु ई–प्रोक्योरमेंट हेल्पडेस्क एवं जिला खनन कार्यालय से सम्पर्क किया जा सकता है।
7. बालू घाट का तात्पर्य है कि The Jharkhand Sand Mining Rules, 2025के नियम–3 के तहत जिला सर्वेक्षण प्रतिवेदन (बालू) में चिन्हित Category-2 Sand ghat/Sand Bearing Land/River Stream होगा।
8. निविदादाता द्वारा ई–पोरक्योमेंट / ई–नीलामी पोर्टल से निविदा दस्तावेज के साथ BoQ Templet (For Intital Price Offer) प्राप्त किया जाएगा। BoQ (.xls) प्रारूप में अपलोड किया जाएगा।
9. एतद संबंधी समस्त सूचना https://www.jharkhandtenders.gov.in एवं जिले के website पर उपलब्ध है।

कार्यपालक अभियंता, लघु सिंचाई प्रमण्डल, लोहरदगा
जिला कोषागार पदाधिकारी, लोहरदगा
जिला खनन पदाधिकारी, लोहरदगा
अपर समाहर्ता लोहरदगा
उप निदेशक, खान दक्षिणी छोटानागपुर अंचल, राँची
उपायुक्त, लोहरदगा

PR.NO.363264 Lohardaga(25-26):D

**ADVERTISEMENT FOR TENDER FOR SUPPLY OF COMPUTER CONSUMABLE ITEMS FOR THE BHIMA BHOI MEDICAL COLLEGE & HOSPITAL, BALANGIR**

**No.E-421** : Sealed Tender is invited from organization/ firms/Agencies for **"Supply of Computer Consumable items"** to Bhima Bhoi Medical College & Hospital, Balangir. The Tender Paper completed in all respect should be submitted separately for the services to the undersigned on or before dt.17.10.2025 up to 05.30 P.M. in the office of the Superintendent, BBMC&H, Balangir. The details and terms & condition can be downloaded from http://bbmchbalangir.odisha.gov.in, https://balangir.odisha.gov.in & www.dmetodisha.gov.in

Sd./- Superintendent
Bhima Bhoi Medical College & Hospital, Balangir

OIPR-10141/11/0051/2526

# ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ରୋଗୀ ହନ୍ତସନ୍ତ

**ବାଣପୁର,୪।୧୦(ଦିଲୀପ କୁମାର ସ୍ୱାଇଁ)**




**ଗମ୍ଭାରୀମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

- ଖାଲିପଡ଼ିଛି ଡାକ୍ତର ପଦବୀ
- ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି

ସାଧାରଣ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯାଇଛି। ହେଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟସେବା ପାଇଁ ରୋଗୀ ହନ୍ତସନ୍ତ ହେଉଛନ୍ତି। ଏଭଳି ଦୃଶ୍ୟ ବାଣପୁର ବ୍ଲକ୍ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବହୁ ପୁରାତନ ହୋଇଥିବା ବେଳେ ଏହା ଉପରେ ୬ଟି ପଞ୍ଚାୟତର ବାସିନ୍ଦା ନିର୍ଭର କରିଥାନ୍ତି। ଏଠାରେ ଦୁଇଜଣ ଡାକ୍ତର ଏବଂ ଜଣେ ଫାର୍ମାସିଷ୍ଟ ରହିଛନ୍ତି। ଜଣେ ଦନ୍ତ ବିଭାଗ ଏବଂ ଆଉ ଜଣେ ଆୟୁଷ ବିଭାଗର ଡାକ୍ତରଙ୍କ ଦ୍ୱାରା ଏଠାରେ ଚିକିତ୍ସା ଚାଲିଛି। ଠିକ୍ ଭାବେ ସ୍ୱାସ୍ଥ୍ୟସେବା ମିଳୁ ନ ଥିବା ବେଳେ ରାତିରେ ଆସୁଥିବା ରୋଗୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଦାବି ହେଉଛି।

ମିଳିଥିବା ସୂଚନା ମୁତାବକ, କିଛିଦିନ ପୂର୍ବେ ତୋଟାଗାଁ ଗ୍ରାମର ଗୋବିନ୍ଦ ପ୍ରଧାନଙ୍କ ଗ୍ୟାଷ୍ଟ୍ରିକ୍ ସମସ୍ୟା ଥିବାରୁ ଚିକିତ୍ସା ପାଇଁ ରାତି ୧୦ଟାରେ ଗମ୍ଭାରୀମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ଉକ୍ତ ସମୟରେ କାର୍ଯ୍ୟରତ ଥିବା ଡାକ୍ତର ଓପିଡି ରୁମ ମୁଖ୍ୟ ଦ୍ୱାର ବନ୍ଦ କରି ବିଶ୍ରାମ ନେଉଥିଲେ। ପରେ ଡାକ୍ତର ଜଣଙ୍କ କବାଟ ଖୋଲିଥିଲେ। ତେବେ ଡାକ୍ତର ଜଣଙ୍କ ତାଙ୍କୁ ଦୁର୍ବ୍ୟବହାର କରିଥିଲେ ବୋଲି ପ୍ରଧାନ ଅଭିଯୋଗ ଆଣିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇଜଣ ଡାକ୍ତର ରହିଥିବାରୁ ଶତାଧିକ ରୋଗୀଙ୍କୁ ସେବା ଯୋଗାଇବା ସମ୍ଭବ ହେଉନାହିଁ। ରୋଗୀମାନେ ଡାକ୍ତରୀ ପରାମର୍ଶ ପାଇଁ ଦୀର୍ଘ ସମୟ ଧରି ଲମ୍ବାଧାଡ଼ିରେ ଛିଡା ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଡାକ୍ତରମାନେ ବିଭିନ୍ନ କମ୍ପାନୀର ଔଷଧ ଲେଖୁଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁଥିବା ଔଷଧ ନେବାରୁ ରୋଗୀମାନେ ବଞ୍ଚିତ ହେଉଛନ୍ତି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିସ୍ରା ପରୀକ୍ଷାକୁ ବାଦ୍‌ଦେଲେ ଅନ୍ୟ କୌଣସି ପରୀକ୍ଷା ହେଇପାରୁନାହିଁ, ଫଳରେ ରୋଗୀମାନେ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ପାଥୋଲୋଜିରେ କାର୍ଯ୍ୟରତ କାଳୁ ଚରଣ ବିଶ୍ୱାଳ କହିଛନ୍ତି ଯେ, ୨୦୦୯ ମସିହାର ମାଇକ୍ରୋସ୍କୋପ ଅପଡେଟ ନ ଥିବାରୁ ଠିକ୍ ଭାବେ କାମ କରୁନାହିଁ। ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଲିଖିତଭାବେ ଜଣାଇଛି। ଅନ୍ୟପକ୍ଷରେ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସଞ୍ଜୟ କୁମାର ମହାନ୍ତି କହିଛନ୍ତି ଯେ, ଦୁର୍ବ୍ୟବହାର ସମ୍ପର୍କରେ ତଦନ୍ତ କାରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପାଥୋଲୋଜି ବିଭାଗକୁ ନୂତନ ମାଇକ୍ରୋସ୍କୋପ ଯୋଗାଇ ଦିଆଯିବ। ଡାକ୍ତର ପଦବୀ ପୂରଣ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ମହାନ୍ତି କହିଛନ୍ତି।

# ‘ଏଇ ସହକାର’ ଶାରଦୀୟ ସଂଖ୍ୟା ଲୋକାର୍ପିତ


ଅତିଥିମାନଙ୍କ ଦ୍ୱାରା ଏଇ ସହକାର ପତ୍ରିକା ଉନ୍ମୋଚନ କରାଯାଉଛି।

**କୃଷ୍ଣପ୍ରସାଦ,୪।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)**

କବିତା ମଣିଷକୁ ରୂପାନ୍ତରିତ କରେ, ବାଉଁଶକୁ ବଇଁଶୀରେ ବଦଳାଇଦିଏ। ଜଣେ ଅସୁର କବିତାର କାଶତଣ୍ଡୀ ସ୍ପର୍ଶରେ ଆସିଲେ ଦେବୀ ଉପାସନାରେ ମଗ୍ନ ହୋଇଯାଏ। ଏଇ ସହକାର ସାହିତ୍ୟ ପତ୍ରିକାର ଶାରଦୀୟ ସଂଖ୍ୟା ଲୋକାର୍ପଣ ଅବସରରେ ଉପସ୍ଥିତ ଅତିଥିମାନେ ଏହା କହିଛନ୍ତି। ସ୍ଥାନୀୟ ସ୍ୱଦେଶ ଛାତ୍ରାବାସ ପରିସରରେ ମାନସିଂହ ସାହିତ୍ୟ ସଂସଦ ନନ୍ଦଳା ଦ୍ୱାରା ଆୟୋଜିତ ଲୋକାର୍ପଣ ଉତ୍ସବ ଏବଂ କବିତା ପାଠୋତ୍ସବରେ ଶିକ୍ଷାବିତ୍ ଚଣ୍ଡେଶ୍ୱର ମହାପାତ୍ର ଅଧ୍ୟକ୍ଷତା କରି ଲେଖକମାନେ ନିଜ ଲେଖାରେ ସାମାଜିକ ପ୍ରତିବଦ୍ଧତା ପ୍ରକାଶ କରିବା ଉଚିତ ବୋଲି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କବି ଓ ସମାଲୋଚକ ଡ. ଦିଲୀପ କୁମାର ସ୍ୱାଇଁ କବିତା ଆଞ୍ଚଳିକତାରୁ ବିଶ୍ୱମୁଖିନତା ଆଡ଼କୁ ଅଗ୍ରସର ହେବା ଉଚିତ ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଡା. ରାଜେନ୍ଦ୍ର କୁମାର ବେହେରା ଯୋଗଦେଇ କବିତା ମାଧ୍ୟମରେ ମଣିଷର କାରୁଣ୍ୟ ଅମୃତରେ ପରିଣତ ହୋଇଯାଏ ବୋଲି ମତ ଦେଇଥିଲେ। ଗୀତ ଓ କବିତା ଜୀବନର ଦୁଇଟି ଧାର ବୋଲି ସେ ମତବ୍ୟକ୍ତ କରି ଲୋକାର୍ପିତ ପତ୍ରିକାର ବିଶେଷତ୍ୱ ବିଶ୍ଳେଷଣ କରିଥିଲେ। ପତ୍ରିକାର ସମ୍ପାଦକ କବି ଲଳିତ କୁମାର ସ୍ୱାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ। ଆୟୋଜିତ କବିତା ପାଠୋତ୍ସବରେ କବି ସନ୍ନ୍ୟାସୀ ନାୟକ, କାମଦେବ ମହାରଣା, ଗିରିଜା ଶଙ୍କର ସେଠୀ, କୁମାର ବାଳକୃଷ୍ଣ, ରାଧାମୋହନ ପୂଜାହାରୀ, ଶିବାନୀ ଜେନା, ଝରଣା ସାହୁ, ଉମେଶ ବେହେରା, ନିରଞ୍ଜନ ମହାରଣା, ନାରାୟଣ ସାହୁ, ପ୍ରଶାନ୍ତ ମଲ୍ଲିକ, ସୌମ୍ୟରଞ୍ଜନ ମଲ୍ଲିକ, ସତ୍ୟ ପ୍ରସାଦ ପଟ୍ଟନାୟକ, ପବିତ୍ର ମୋହନ ପ୍ରଧାନ ପ୍ରମୁଖ କବିତା ପାଠ କରିଥିଲେ। କବି ଶ୍ୟାମ ପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ପାଲା ଗାୟକ ବିଶ୍ୱନାଥଙ୍କ ପରଲୋକ

**ବେଗୁନିଆ,୪।୧୦(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମର ବିଶିଷ୍ଟ ପାଲା ଗାୟକ ବିଶ୍ୱନାଥ ସାହୁ (୮୯)ଙ୍କ ପରଲୋକ ହୋଇଯାଇଛି। ସେ ଲୋକକଳା ପାଲା ସହ ଦାସକାଠିଆ ଏବଂ ପ୍ରବଚକ ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିବାରୁ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ କୃପାସିନ୍ଧୁ ଓ ଗୋପବନ୍ଧୁ ମୁଖାଗ୍ନି ଦେଇଥିଲେ।

# ଯାତ୍ରୀ ପ୍ରତୀକ୍ଷାଳୟ ପାଲଟିଛି ଗୋଦାମ

**ନିରାକାରପୁର,୪।୧୦ (ମାନାସ ଚନ୍ଦ୍ର ପଟ୍ଟନାୟକ)**



ରାମେଶ୍ୱର ଛକଠାରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟ।

୧୬ ନମ୍ବର ଜାତୀୟ ରାଜପଥର ଅନେକ ସ୍ଥାନରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯାଇଛି। କେଉଁଠାରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ହୋଇଥିବା ବେଳେ ଆଉ କେତେକ ସ୍ଥାନରେ ଗୋଟିଏ ପାର୍ଶ୍ୱରେ ନିର୍ମାଣ କରାଯାଇଛି। ତେବେ ବସ୍‌ଗୁଡ଼ିକ ଉକ୍ତ ସ୍ଥାନରେ ନ ରହି ୨ରୁ ୩ଶହ ମିଟର ପୂର୍ବରୁ ନଚେତ ପରେ ରହୁଛି। ଫଳରେ ଯାତ୍ରୀମାନେ ହଇରାଣ ହେବା ସହ ଉକ୍ତ ପ୍ରତୀକ୍ଷାଳୟରେ ବସ୍‌କୁ ଅପେକ୍ଷା କରୁ ନ ଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଏହି ଯାତ୍ରୀ ପ୍ରତୀକ୍ଷାଳୟରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ଏଥିସହ କେତେକ ଯାତ୍ରୀ ପ୍ରତୀକ୍ଷାଳୟ କବାଡ଼ିଆଙ୍କ ଗୋଦାମ ଗୃହ ପାଲଟିଛି। ଏଭଳି ଦୃଶ୍ୟ ରାମେଶ୍ୱର ଛକଠାରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟରେ ଦେଖିବାକୁ ମିଳିଛି। ଏନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଜବତ

**ବାଲୁଗାଁ,୪।୧୦(ସଂଗ୍ରାମ ପାଇକରାୟ)**

ବାଲୁଗାଁ ଚିଲିକା କୂଳ ସ୍ଥିତ ଯାତ୍ରୀନିବାସ ପଛପାର୍ଶ୍ୱରୁ ଶନିବାର ସକାଳେ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରାଯାଇଛି। ବୃଦ୍ଧଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ବାଲୁଗାଁ ପୋଲିସ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତରେ ମୃତଦେହ ଜବତ କରିଥିଲା। ବୃଦ୍ଧଙ୍କ ବୟସ ଆନୁମାନିକ ୭୦ବର୍ଷ ହେବ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୫) ରୁଜୁକରି ତଦନ୍ତ ଚଳାଇଛି।

# ଅହିଂସାମାର୍ଗ ଅନୁସରଣ କରିବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସ୍ୱେଚ୍ଛାସେବୀ ପିଲାମାନେ।

**ଖୋର୍ଦ୍ଧା,୪।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ ‘ଏ’ରେ ମହାତ୍ମା ଗାନ୍ଧୀ ଏବଂ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ବିଦ୍ୟାଳୟର ସେବା ବିଭାଗ ଦ୍ୱାରା ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ଡ. ନନ୍ଦକିଶୋର ପଟ୍ଟନାୟକ, ଅଧ୍ୟକ୍ଷା ଡା.ଦୀପ୍ତିମୟୀ ମହାନ୍ତି ପ୍ରମୁଖ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଛାତ୍ରୀଛାତ୍ର ରାମଧୂନ ଓ ବୈଷ୍ଣବ ଜନତୋ ସଙ୍ଗୀତ ଗାନ କରିଥିଲେ। ଅହିଂସାମାର୍ଗ ଅନୁସରଣ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସ୍କାଉଟ ଗାଇଡ, କବ୍ ଓ ବୁଲ୍‌ବୁଲ୍ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଗାଇଡ୍ କ୍ୟାପ୍ଟେନ ରଚିତା ପଟ୍ଟନାୟକ, ସ୍କାଉଟମାଷ୍ଟର ନୃସିଂହ ପ୍ରସାଦ ସିଂହ, କବ୍ ମାଷ୍ଟର ପ୍ରତାପ ଚନ୍ଦ୍ର ଦାଶ ସଂଯୋଜନା କରିଥିଲେ। ସେବା ବିଭାଗର ସୁବୋଧ ମହାପାତ୍ର, ଲଳିତ ନାରାୟଣ ମହାପାତ୍ର, ଭାଗ୍ୟଲକ୍ଷ୍ମୀ ନନ୍ଦ, ସୁନିତା ପଟ୍ଟନାୟକ, ରୋମା ମହାନ୍ତି, ପ୍ରଜ୍ଞା ପାରମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**କୃଷ୍ଣପ୍ରସାଦ (କୈଳାସ ଚନ୍ଦ୍ର ପଟ୍ଟନାୟକ):** କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ ସହିତ ପ୍ରଧାନମନ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଚାଲିଥିବା ସେବା ପକ୍ଷ ଉଦ୍‌ଯାପିତ ହୋଇଯାଇଛି। ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳଙ୍କ ନେତୃତ୍ୱରେ ଅଲଣ୍ଡା ପଞ୍ଚାୟତ ତିଛିଣି ବୀଣାପାଣି ୟୁଥ୍ କ୍ଲବ୍ ପରିସରରେ ଏକ ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ତାଳଗୁଡ଼ ନିଗମ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ମୁଖ୍ୟ ବକ୍ତା ୩୫ ମୌଜା ପରିଚାଳନା କମିଟି ପୂର୍ବତନ ସଭାପତି ଦାମୋଦର ବିଶ୍ୱାଳ, ସମ୍ମାନିତ ଅତିଥି ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ଯୋଗେନ୍ଦ୍ର ନାଥ ପଲେଇ, ସୁବାସ ଚନ୍ଦ୍ର ଜେନା, ଶଙ୍କର୍ଷଣ ପଲେଇ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଧର ପଲେଇ ସେବା ପକ୍ଷ ଅବସରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

**ଜଟଣୀ,୪।୧୦(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ୟୁଥ୍ ଫେଡରେଶନ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀ ପାର୍କ ପରିସରେ ଏକ ସ୍ମୃତିଚାରଣ ସଭା ହୋଇଥିଲା। ଅନୁଷ୍ଠାନର ସଭାପତି ଅନନ୍ତ ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ମନମୋହନ ରାଉତରାୟଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପରେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସେହିପରି ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ ଖୋର୍ଦ୍ଧାରୋଡ ଶାଖା କାର୍ଯ୍ୟାଳୟଠାରେ ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ସଂଘ ସଭାପତି ବି.କେ. ସାମଲ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବିଜୟ ରାମ ମହାନ୍ତିଙ୍କ ସମେତ ଅନ୍ୟ ସଦସ୍ୟ ଗାନ୍ଧିଜୀଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ଦାସ ଓ ସୁରେନ୍ଦ୍ର ନାୟକ ଶାସ୍ତ୍ରୀଙ୍କ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ସହ ସମ୍ପାଦକ ସୌଦାଗର ମହାନ୍ତି, ଶରତ ମହାନ୍ତି, ଗଙ୍ଗାଧର ସେଠୀ, ବିଘ୍ନରାଜ ପାତ୍ର, ଅରୁଣ ମହାନ୍ତି, ଆର୍.ଆପନା, ନୀଳମଣି ଭୂୟାଁ, ପୀତବାସ ସାହୁ, ବିଦେଶୀ ତ୍ରିପାଠୀ, ଜଗଦୀଶ ଦାଶ, ଅବନି ମାଝୀ, ବି.କେ. ପ୍ରଧାନ, ପି.କେ. ଦେଓ , ସୁବାଷ ଚନ୍ଦ୍ର ଡାକୁଆ, ସୁମନ ପଟ୍ଟନାୟକ, ଜୟନ୍ତୀ ମହାରଣା, ପ୍ରଣତି ସ୍ୱାଇଁ, କୁମୁଦିନୀ ଦାସ, ପଦ୍ମିନୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଉଲ୍ଲାସ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

## ଭାଜପା ପକ୍ଷରୁ ଚାରାରୋପଣ

**ବୋଲଗଡ଼,୪।୧୦(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ଆରିକମାସ୍ଥିତ ମହିଳା ଗୋଷ୍ଠୀ ପରିଚାଳନା ସଂଘ ଦ୍ୱାରା ପରିଚାଳିତ ବରିଷ୍ଠ ନାଗରିକ ସେବାଶ୍ରମଠାରେ ଭାଜପା ପକ୍ଷରୁ କମ୍ବଳ ଓ ଶୁଖିଲା ଖାଦ୍ୟ ବଣ୍ଟନ ସହିତ ଅନୁଷ୍ଠାନ ସମ୍ମୁଖ ରାସ୍ତାପାର୍ଶ୍ୱରେ ଚାରାରୋପଣ କରାଯାଇଛି। ଖୋର୍ଦ୍ଧା ଜଲା ଭାଜପାର ପୂର୍ବତନ ସାଧାରଣ ସମ୍ପାଦକ ଅଧିବକ୍ତା ଲୋତକ ବିନ୍ଦୁ ପଟ୍ଟନାୟକଙ୍କ ନେତୃତ୍ୱରେ ବହୁ ଭାଜପା କର୍ମୀ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ସେବାଶ୍ରମ ମୁଖ୍ୟ କାର୍ଯ୍ୟନିର୍ବାହୀ ରବୀନ୍ଦ୍ର ନାଥ ମହାପାତ୍ର ଓ ଅଧ୍ୟକ୍ଷା ମଞ୍ଜୁଲତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନ୍ତେବାସୀଙ୍କୁ କମ୍ବଳ ସହ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ପରେ ସେବାଶ୍ରମ ସମ୍ମୁଖ ରାସ୍ତା ଉଭୟପାର୍ଶ୍ୱରେ ଚାରାରୋପଣ କରାଯାଇଥିଲା। ବୋଲଗଡ଼ ମଣ୍ଡଳ ସଭାପତି ସଞ୍ଜୟ ବେହେରା, ସମ୍ପାଦକ ଚଇ ପଟ୍ଟନାୟକ, ଅଶୋକ ରାଉତ, ନିରଞ୍ଜନ କର, ଦୀପନ ବିଶ୍ୱାଳ, ଶଶାଙ୍କ ଭୁଜବଳ, ଲକ୍ଷ୍ମୀଧର ବଳିଆରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଗାନ୍ଧୀ ଜୟନ୍ତୀ ପାଳିତ

**ଯାଁଳା (ବୁଲା ବାରିକ):** ପାତ୍ରପଡ଼ା ସ୍ଥିତ ଗାନ୍ଧୀ ଚଉତରାଠାରେ ଗାନ୍ଧୀ ସ୍ମୃତି ସ୍ମାରକୀ କମିଟି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। କର୍ପୋରେଟର ରଶ୍ମି ରଞ୍ଜନ ପାଟଶାଣୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଜଗବନ୍ଧୁ ସାହୁ ଯୋଗଦେଇଥିବା ବେଳେ ଅତିଥିଭାବେ ଭାରତୀୟ ଜୀବନ ବୀମା ନିଗମର ବରିଷ୍ଠ ଅଧିକାରୀ ପ୍ରମୋଦ ପ୍ରଧାନ ଉପସ୍ଥିତ ଥିଲେ। ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ୧୬ଜଣ ବୟୋଜ୍ୟେଷ୍ଠଙ୍କୁ ‘ବରିଷ୍ଠ ନାଗରିକ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ୧୦ ସଫେଇ କର୍ମଚାରୀଙ୍କୁ ନୂତନ ବସ୍ତ୍ର ବଣ୍ଟନ କରାଯାଇଥିଲା। ଗାନ୍ଧୀ ସ୍ମୃତି ସ୍ମାରକୀ କମିଟିର ସଭ୍ୟ ଜାନକୀ ବଲ୍ଲଭ ପଟ୍ଟନାୟକ, ଦୁଃଶାସନ ରଥ, ଗଗନ ବିହାରୀ ଦାଶ, ଅଭିମନ୍ୟୁ ଚମ୍ପତି, ରବୀନ୍ଦ୍ର ନାଥ ସାହୁ, ପ୍ରମୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସାରସ୍ୱତ ସାଧକ ସତ୍ୟାନନ୍ଦଙ୍କ ଜୟନ୍ତୀ ଉତ୍ସବ

**ଖୋର୍ଦ୍ଧା,୪।୧୦(ପ୍ରଭାତ ପାଣିଗ୍ରାହୀ)**

ସାରସ୍ୱତ ସାଧକ ତଥା ବେଗୁନିଆର ପୂର୍ବତନ ବିଧାୟକ ସତ୍ୟାନନ୍ଦ ଚମ୍ପତିରାୟଙ୍କ ୯୯ତମ ଜୟନ୍ତୀ ସ୍ଥାନୀୟ ଶ୍ୟାମା ମାଧବ ବାସନ୍ତୀ ଦେବୀ ପାଠାଗାର ସଭାଗୃହରେ କବି ସତ୍ୟାନନ୍ଦ ଚମ୍ପତିରାୟ ସ୍ମୃତି ସଂସଦ ସଭାପତି ସତ୍ୟବାଦୀ ବଳିୟାରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, କାଳିଚରଣ ଜୟସିଂହ, ଖବରଦାତା ପଦ୍ମନାଭ ବିଶ୍ୱାଳ, ଇଂ.ଶିଶିର ନାୟକ, ମାର୍ଗଦର୍ଶୀ ସମ୍ପାଦକ ଉମାଶଙ୍କର ପ୍ରସାଦ, ଶୁଭଦତ୍ତ ଚମ୍ପତିରାୟ ପ୍ରମୁଖ ଯୋଗଦେଇଥିଲେ। ସତ୍ୟାନନ୍ଦ ଏକାଧାରରେ ଜଣେ ସାରସ୍ୱତ ସାଧକ, ସ୍ୱାଭିମାନୀ ଓଡ଼ିଆ, ଝଙ୍କାର, ଦୈନିକ ସ୍ୱାଭିମାନ, ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ, ବେଦାନ୍ତ ପ୍ରଚାର ସମିତିର ପ୍ରତିଷ୍ଠାତା ସମ୍ପାଦକ ଥିଲେ ବୋଲି ମତପ୍ରକାଶ ପାଇଥିଲା। ସତ୍ୟାନନ୍ଦଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବା ପାଇଁ ଇଂ.ନାୟକ ଦାବି କରିଥିଲେ। ବରିଷ୍ଠ ଖବରଦାତା ପଦ୍ମନାଭ ବିଶ୍ୱାଳଙ୍କୁ କବି ସତ୍ୟାନନ୍ଦ ଚମ୍ପତିରାୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କାଳିଚରଣ ଜୟସିଂହ, ଗୋବିନ୍ଦ ଚନ୍ଦ୍ର ମହାରଣା, ପ୍ରସନ୍ନ ଶ୍ରୀଚନ୍ଦନ, ଡା. ବାସୁଦେବ ପାତ୍ର, ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ଡ.ବୃନ୍ଦାବନ ପଣ୍ଡା, ଡ.ଚପଳା ପଣ୍ଡା, ବାଣୀଦତ୍ତ ଚମ୍ପତିରାୟ, ରାଜେନ୍ଦ୍ର ନରେନ୍ଦ୍ର, ନାରାୟଣ ଦାସ, ସୁବାସ ସାମନ୍ତରାୟ, ଭଗବାନ ପଶ୍ଚିମକବାଟ, ସୁଧୀର ମାନସିଂହ, ଇତିଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କୃଷ୍ଣଚନ୍ଦ୍ର ହରିଚନ୍ଦନ ସ୍ୱାଗତ ଭାଷଣ, ପ୍ରଫେସର ମନମୋହନ ବଳିୟାରସିଂହଧନ୍ୟବାଦଦେଇଥିଲେ।


No.O-803

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/30-2025-26/BPR**

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 30-2025-26/BPR | Road Works under MMSY-IMPROVEMENT TO EXISTING RD ROADS | 13 Nos | From Rs.271.43 Lakhs to Rs.757.15 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding From | To |
|---|---|---|---|
| Chief Construction Engineer, R.W.Circle, Berhampur | Online Tender/20-2025-26/BPR | 13.10.2025 at 10.00 A.M. | 27.10.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website : www.tendersodisha.gov.in

Sd./- K. Ch. Khatua
Chief Construction Engineer
R.W.Circle, Berhampur

OIPR-25071/11/0137/2526



No.O-839

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNDARGARH**
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com

**No. Tender Online - RWCCESNG - 15 of 2025-26, Letter No. 2251 / Dtd. 23.09.2025**

**e-Procurement NOTICE**

1. Type of the Work : Bridges, 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding From | To | Last Date & Time of Seeking Tender Clarification | Date & Time of opening of tender Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 15 of 2025-26 | 06.10.2025 11:00 A.M. | 23.10.2025 5:00 P.M. | 22.10.2025 5:00 P.M. | 24.10.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh

OIPR-25133/11/0071/2526



**Govt.of Jharkhand**
**Department of Mines and Geology District- Lohardaga.**

[अल्पकालीन पुर्न निविदा (द्वितीय)]

**Notice Inviting E-Auction for Allocation of Sand ghats**
**(Through E-Procurement mode over https://www.jharkhandtenders.gov.in)**

The Jharkhand Sand Mining Rules, 2025 में उल्लेखित प्रावधानों के तहत Category-2 के बालूघाट / बालूघाटों के समूह की ई–नीलामी निम्न कार्यक्रमानुसार करायी जाएगी :–

1. ई–नीलामी कार्यक्रम:–

| NIT No. MINES/ LOHARDAGA/ SAND | बालूघाट या बालूघाटों के समूह जिसे एक इकाई बालू घाट मानते हुए नीलामी किया जाना है, की विवरणी। | निविदा दस्तावेज बिक्री शुल्क (5,000/–रू0+GST in RCM Mode) जमाकर निविदा दस्तावेज डाउनलोड प्रारंभ करने की तिथि | ई–नीलामी से पूर्व प्री– बीड बैठक एवं प्रशिक्षण का समय एवं स्थान | अग्रधन राशि जमा तथा निविदा दस्तावेज अपलोड करने की अंतिम तिथि एवं समय | तकनीकी निविदा की जिला स्तरीय समिति द्वारा जाँच/मूल्यांकन कर सफल निविदादाताओं की सूची सिस्टम में अपलोड करने तथा प्रारम्भिक वित्तीय प्रस्ताव के मूल्यांकन की तिथि | ई–नीलामी की तिथि एवं समय |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 5/2025 | GROUP-A 1. गितिलगढ–खरता 2. डोबा 3. कोलसिमरी–डोबा 4. लावागाई–नदीनगडा 5. हरमू–भक्सो 6. कैमो–भक्सो 7. बरगांव–कैमो 8. जुरिया–तिगरा | 06.10.2025 | | 07.10.2025 03:00 PM एवं 10.10.2025 01:00 PM | 13.10.2025 5:00 PM | 14.10.2025 को 10:00 बजे पूर्वाहन से 5:00 बजे अपराह्न तक |
| 6/2025 | GROUP-B 1. डांडू–मेढो 2. एकागुडी–मेढो 3. सेन्हा–मेढो 4. जोगना–मेढो 5. उगरा–भड़गांव | | | | | |

2. बालूघाट / बालूघाटों के समूह की विस्तृत विवरणी जिला के वेबसाईट पर उपलब्ध है।
3. बालूघाट / बालूघाटों के समूह की ई–नीलामी प्रक्रिया, ई–प्रोक्योरमेंट पोर्टल www.jharkhandtenders.gov.in से करायी जाएगी।
4. ई–नीलामी में भाग लेने वाले व्यक्तियों / कम्पनी / फर्म / HUF को ई–प्रोक्योरमेंट पोर्टल https://www.jharkhandtend ers.gov.in पर निबंधन कराना अनिवार्य होगा।
5. एतद् संबंधी समस्त सूचना (यथा– नीलामी कार्यक्रम, सुरक्षित जमा राशि, अग्रधन राशि इत्यादि) विस्तृत रूप से जिला के वेबसाईट एवं ई–प्रोक्योरमेंट पोर्टल पर उपलब्ध है।
6. एतद् संबंधी समस्त सूचना हेतु ई–प्रोक्योरमेंट हेल्पडेस्क एवं जिला खनन कार्यालय से सम्पर्क किया जा सकता है।
7. बालू घाट का तात्पर्य है कि The Jharkhand Sand Mining Rules, 2025के नियम–3 के तहत जिला सर्वेक्षण प्रतिवेदन (बालू) में चिन्हित Category-2 Sand ghat/Sand Bearing Land/River Stream होगा।
8. निविदादाता द्वारा ई–पोरक्योमेंट / ई–नीलामी पोर्टल से निविदा दस्तावेज के साथ BoQ Templet (For Intital Price Offer) प्राप्त किया जाएगा। BoQ (.xls) प्रारूप में अपलोड किया जाएगा।
9. एतद संबंधी समस्त सूचना https://www.jharkhandtenders.gov.in एवं जिले के website पर उपलब्ध है।

कार्यपालक अभियंता, लघु सिंचाई प्रमण्डल, लोहरदगा
जिला कोषागार पदाधिकारी, लोहरदगा
जिला खनन पदाधिकारी, लोहरदगा
अपर समाहर्ता लोहरदगा
उप निदेशक, खान दक्षिणी छोटानागपुर अंचल, राँची
उपायुक्त, लोहरदगा

PR.NO.363264 Lohardaga(25-26):D



**ADVERTISEMENT FOR TENDER FOR SUPPLY OF COMPUTER CONSUMABLE ITEMS FOR THE BHIMA BHOI MEDICAL COLLEGE & HOSPITAL, BALANGIR**

**No.E-421** : Sealed Tender is invited from organization/ firms/Agencies for **"Supply of Computer Consumable items"** to Bhima Bhoi Medical College & Hospital, Balangir. The Tender Paper completed in all respect should be submitted separately for the services to the undersigned on or before dt.17.10.2025 up to 05.30 P.M. in the office of the Superintendent, BBMC&H, Balangir. The details and terms & condition can be downloaded from http://bbmchbalangir.odisha.gov.in, https://balangir.odisha.gov.in & www.dmetodisha.gov.in

Sd./- Superintendent
Bhima Bhoi Medical College & Hospital, Balangir

OIPR-10141/11/0051/2526

# କପିଳେନ୍ଦ୍ରଦେବଙ୍କ ଶାସନକାଳର ଶିଳାଲିପି ପୁନଃ ଆବିଷ୍କୃତ

## ଆନ୍ଧ୍ରପ୍ରଦେଶର ଚିନ୍ତାପଲ୍ଲୀପାଡୁ ଗ୍ରାମରୁ ମିଳିଲା

ଭୁବନେଶ୍ୱର, ୪।୧୦(ସୌମ୍ୟରଞ୍ଜନ ରାଉତ)

ଗଜପତି ମହାରାଜା କପିଳେନ୍ଦ୍ରଦେବଙ୍କ ଶାସନକାଳ ୧୫ଶହ ଶତାବ୍ଦୀର ଗୋଟିଏ ଶିଳାଲିପି ଶୁକ୍ରବାର ଲୋକଲୋଚନକୁ ଆସିଛି। ରିଡସ୍କଭର ଲଷ୍ଟ ହେରିଟେଜ୍ ଗ୍ରୁପ୍ ପକ୍ଷରୁ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲା ଭଟ୍ଟିପ୍ରୋଲୁ ମଣ୍ଡଳ ଅନ୍ତର୍ଗତ ଚିନ୍ତାପଲ୍ଲୀପାଡୁ ଗ୍ରାମରୁ ଏହାର ପୁନଃ ଆବିଷ୍କାର ହୋଇଛି। ଏହି ପ୍ରତ୍ନତାତ୍ତ୍ୱିକ ଶିଳାଲିପିଟି ଗଜପତି କପିଳେନ୍ଦ୍ରଙ୍କ ଆତ୍ମୀୟ ତଥା କୋଣ୍ଡବିଡୁର ପ୍ରାଦେଶିକ ଶାସକ ଗଣଦେବ ରାଉତରାୟ ମହାପାତ୍ରଙ୍କ ସମ୍ବନ୍ଧୀୟ ବୋଲି ଜଣାପଡିଛି। ହେରିଟେଜ ଗ୍ରୁପ୍‌ର ୩ ସଦସ୍ୟ ଦୀପକ କୁମାର ନାୟକ, ରବୀନ୍ଦ୍ର କୁମାର ରଣା ଓ ବିକ୍ରମ କୁମାର ନାୟକ ଏହି ଐତିହ୍ୟ ଅନୁସନ୍ଧାନ କାର୍ଯ୍ୟରେ ସାମିଲ ଥିଲେ। ସର୍ଭେ ଟିମ୍ ସଦସ୍ୟ ରବୀନ୍ଦ୍ର କହିଛନ୍ତି, ଏହି ଶିଳାଲିପିର ସୂଚନା ପ୍ରଥମେ ୧୯୧୭ ମସିହାର 'ଆନୁଆଲ୍ ରିପୋର୍ଟ ଅନ୍ ସାଉଥ୍ ଇଣ୍ଡିଆନ୍ ଇପିଗ୍ରାଫି'ରେ ପ୍ରକାଶିତ ହୋଇଥିଲା। ଗଜପତି କପିଳେନ୍ଦ୍ର ଦେବଙ୍କ ଶାସନ କାଳ ଶକାବ୍ଦ ୧୩୭୬ ବା ଖ୍ରୀଷ୍ଟାବ୍ଦ ୧୪୫୪ରେ ଏକ ହନୁମାନ ସ୍ତମ୍ଭରେ ଏହା ସଂସ୍କୃତ ଭାଷା ଓ ତେଲୁଗୁ ଲିପିରେ ଉତ୍କୀର୍ଣ୍ଣ କରାଯାଇଥିଲା। ଶିଳାଲିପିଯୁକ୍ତ ହନୁମାନ ସ୍ତମ୍ଭଟି ପରବର୍ତ୍ତୀ ସମୟରେ ଚିନ୍ତାପଲ୍ଲିପାଡୁ ଗ୍ରାମର ରାମ ମନ୍ଦିର ସମ୍ମୁଖରେ ସ୍ଥାପିତ ହୋଇଥିବା ଦେଖାଯାଇଛି। ୧୯୧୭ର ବାର୍ଷିକ ରିପୋର୍ଟରୁ ଶିଳାଲେଖଟିରେ ଗଣଦେବ ରାଉତରାୟଙ୍କ ନାମ ଉଲ୍ଲେଖ ଥିବା ସ୍ପଷ୍ଟ ହୋଇଛି। ସ୍ତମ୍ଭର ଅଧିକାଂଶ ଅଂଶ ସିମେଣ୍ଟ ତଳେ ପୋତି ହୋଇ ରହିଥିବାରୁ କେବଳ କିଛି ଧାଡି କ୍ଷୟପ୍ରାପ୍ତ ଅକ୍ଷର ବର୍ତ୍ତମାନ ଦୃଶ୍ୟମାନ ହେଉଛି। ସ୍ତମ୍ଭରେ ହନୁମାନ, ଗରୁଡ଼ ଏବଂ ସୂର୍ଯ୍ୟ-ଚନ୍ଦ୍ରଙ୍କ ଚିହ୍ନ ଖୋଦିତ ହୋଇଛି ବୋଲି ସେ କହିଛନ୍ତି। ଐତିହ୍ୟ ଗବେଷକ ଦୀପକ କହିଛନ୍ତି, ଶାସକ ଗଣଦେବଙ୍କ ନାମ ୧୪୫୫ ମସିହାର କୋଣ୍ଡବିଡୁର ଏକ ତାମ୍ରଶାସନରେ ମଧ୍ୟ ଉଲ୍ଲେଖିତ। ୧୪୫୩ ଖ୍ରୀଷ୍ଟାବ୍ଦ ଅଗଷ୍ଟ ପରେ କପିଳେନ୍ଦ୍ର ଦେବଙ୍କ ଓଡ଼ିଆ ସେନାବାହିନୀ କୃଷ୍ଣା ନଦୀ ଅତିକ୍ରମ କରି କୋଣ୍ଡବିଡୁ ଦୁର୍ଗକୁ ଜୟ କରିଥିଲେ। ଗଜପତି କପିଳେନ୍ଦ୍ରଙ୍କ ସେନାରେ ସାମିଲ ଥିବା ଗଣଦେବ ସୂର୍ଯ୍ୟବଂଶୀ ପରିବାରର ଥିଲେ ଏବଂ ରୁଦ୍ରିଦେବ ପାତ୍ରଙ୍କ ପୁତ୍ର ଥିଲେ। ଯୁଦ୍ଧ କରିବା ସମୟରେ ସେ ଦୁଇଜଣ ତୁରସ୍କ ରାଜପୁତ୍ରଙ୍କୁ ପରାଜିତ କରିଥିଲେ ବୋଲି ଦୀପକ କହିଛନ୍ତି। ଗ୍ରୁପର ପ୍ରତିଷ୍ଠାତା ସଦସ୍ୟ ବିକାଶ କହିଛନ୍ତି, ଏହି ପୁନଃଆବିଷ୍କାର ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ଉଭୟ ରାଜ୍ୟର ପାରସ୍ପରିକ ଇତିହାସ ପାଇଁ ଅମୂଲ୍ୟ। ଆମର ସର୍ଭେ ଟିମ୍ ଦକ୍ଷିଣ ଭାରତରେ ପ୍ରାଚୀନ କଳିଙ୍ଗ ଇତିହାସ ସହ ସମ୍ପୃକ୍ତ ଐତିହାସିକ କୀର୍ତ୍ତିରାଜିର ସନ୍ଧାନ ନିମନ୍ତେ ଅବିରତ ପ୍ରୟାସ କରିଆସୁଛି ଓ ଖୁବ୍‌ଶୀଘ୍ର ଏହି ଅମୂଲ୍ୟ ତଥ୍ୟଗୁଡ଼ିକ ଉପରେ ପର୍ଯ୍ୟବସିତ ଗୋଟିଏ ପୁସ୍ତକ ପ୍ରକାଶ କରାଯିବାକୁ ଆମେ ଯୋଜନା କରୁଛୁ ବୋଲି ସେ ସୂଚନା ଦେଇଛନ୍ତି।


ଆନ୍ଧ୍ରପ୍ରଦେଶର ଚିନ୍ତାପଲ୍ଲୀପାଡୁ ଗ୍ରାମରୁ ପୁନଃ ଆବିଷ୍କୃତ ହୋଇଥିବା ୧୫ଶହ ଶତାବ୍ଦୀର ଶିଳାଲିପି ସହ ରିଡସ୍କଭର ଲଷ୍ଟ ହେରିଟେଜ୍ ଗ୍ରୁପ୍ ଟିମ୍।

# ପୁସ୍ତକ ଅକ୍ଷୟ ପ୍ରଦୀପ ଉନ୍ମୋଚିତ


ଅତିଥିମାନେ ଜଣଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ପୂର୍ବତନ ମନ୍ତ୍ରୀଙ୍କ ୫ମ ଶ୍ରାଦ୍ଧବାର୍ଷିକୀ

ପିପିଲି,୪।୧୦(ଦୁର୍ଗା ମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ପୂର୍ବତନ ମନ୍ତ୍ରୀ ତଥା ୭ଥର ପିପିଲି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରଦୀପ ମହାରଥୀଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ଶନିବାର ପାଳନ ହୋଇଯାଇଛି। ସ୍ୱର୍ଗତ ମହାରଥୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୁସ୍ତକ ଅକ୍ଷୟ ପ୍ରଦୀପ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଭକ୍ତ ଶିରୋମଣି ଦାସିଆଙ୍କ ପୀଠରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଡ. ପ୍ରତିଭା ମହାରଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ବିନାୟକ ରଥ, ମୁଖ୍ୟ ବକ୍ତାଭାବେ ପୂର୍ବତନ ଡିନ୍ ଓୟୁଟି ପି.ଏନ୍.ଜଗଦେବ, ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପୂର୍ବତନ ଅଧ୍ୟକ୍ଷ ଶିବ ପ୍ରସାଦ ମିଶ୍ର, ଜାତୀୟ ଦାନ ଉତ୍ସବ ମୁଖ୍ୟ ବିପିନ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାରଥୀଙ୍କ ଜନପ୍ରିୟତା ଓ ଅପ୍ରତିଦ୍ୱନ୍ଦ୍ୱୀ ନେତା ହେବାର ଲୋକପ୍ରିୟତାକୁ ଭୂୟସୀ ପ୍ରଶଂସା କରିଥିଲେ। ଏଥିସହ ତାଙ୍କର ଆତ୍ମଜୀବନୀର କଥା ସମସ୍ତଙ୍କ ଆଦର୍ଶ ହୋଇରହିବ ବୋଲି ଅତିଥିମାନେ ତାଙ୍କ ଅଭିଭାଷଣରେ ଗୁଣଗାନ କରିଥିଲେ। ସଭା ପ୍ରାରମ୍ଭରୁ ମହାରଥୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ସ୍ମୃତିଚାରଣ କାର୍ଯ୍ୟକ୍ରମରେ ପ୍ରଦୀପ ସେବା ସମ୍ମାନରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗଦାଧର ଦାଶ ଓ ପୂର୍ବତନ ସରପଞ୍ଚ ଶିବବ୍ରହ୍ମପୁର ଭଗିରଥି ପ୍ରଧାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସେହିପରି ଓସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପିପିଲି ବ୍ଲକ ଉଜାଣିପଡା ଗ୍ରାମର ଲୋପାମୁଦ୍ରା ପ୍ରଧାନଙ୍କୁ ମଧ୍ୟ ପ୍ରଦୀପ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ତତ୍‌ସହିତ ପିପିଲି-ଡେଲାଙ୍ଗ ବ୍ଲକର ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଜେନା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବୈରାଗୀ ଜେନା, ଯୁଧିଷ୍ଠିର ସ୍ୱାଇଁ, ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ ପ୍ରସନ୍ନ ସାହୁ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ ବାବୁ, ମହିଳାନେତ୍ରୀ ଉମାମଣି ରଥ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ସ୍ମୃତିସଭାରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ସପ୍ତାହ ପାଳନ

ପୁରୀ,୪।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ମୂକ ଓ ବଧିର ସଂଘ ପକ୍ଷରୁ ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ସପ୍ତାହ ଉପଲକ୍ଷେ ପୁରୀ ଟାଉନ୍ ହଲରେ ଏକ ଭବ୍ୟ ଉତ୍ସବ ଶନିବାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ସାଙ୍କେତିକ ଭାଷାର ଗୁରୁତ୍ୱକୁ ଉଜାଗର କରିବା, ବଧିର ସମୁଦାୟ ପ୍ରତି ସଚେତନତା ସୃଷ୍ଟି କରିବା ଏବଂ ସାମାଜିକ କଳଙ୍କକୁ ଦୂର କରିବା। ପୁରୀ ମୂକ ଓ ବଧିର ସଂଘର ସାଧାରଣ ସମ୍ପାଦକ ରବିନାରାୟଣ ଦାଶ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି, ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କୁ ଉନ୍ନୀତ କରିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥ ଯୋଗଦେଇ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ କାଉନ୍‌ସିଲର କୃଷ୍ଣଚନ୍ଦ୍ର ପଣ୍ଡା, ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଗୌରହରି ପ୍ରଧାନ ଏବଂ ସଂଘର ଜ୍ୟେଷ୍ଠ ସଦସ୍ୟ ଶ୍ରୀପତି ନାରାୟଣ ଯୋଶୀ ପ୍ରମୁଖ ଯୋଗଦେଇଥିଲେ। ବିଶେଷତଃ ଛୋଟ ଶିଶୁମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ଶୁଣିବା ଓ କହିବାରେ ଅକ୍ଷମ ହୋଇଥିଲେ ମଧ୍ୟ ଏହି କଳାକାରମାନେ ନୃତ୍ୟ ଓ ଅନ୍ୟାନ୍ୟ ପରିବେଷଣରେ ଅସାଧାରଣ ସମନ୍ୱୟ ଓ ଉତ୍ସାହ ପ୍ରଦର୍ଶନ କରିଥିଲେ।

# ହବିଷିଆଳି ମା'ଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ପୁରୀ,୪।୧୦(ଅଜିତ୍ କୁମାର ମହାନ୍ତି)

କାର୍ତ୍ତିକ ମାସରେ ପୁରୀ ଆସିବାକୁ ଥିବା ହବିଷିଆଳି ମା'ମାନେ ନିର୍ବିଘ୍ନ ଭାବେ ରହିବା ସହିତ ଭକ୍ତିଭାବରେ କିପରି ପୁଷ୍କରିଣୀରେ ସ୍ନାନ କରିପାରିବେ ସେ ନେଇ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ପରିଚାଳନାମୂଳକ ବ୍ୟବସ୍ଥା କରାଯାଇଛି। ପୁରୀ ସହରର ୫ଟି ସ୍ଥାନରେ ହବିଷିଆଳି ମା'ମାନଙ୍କ ପାଇଁ ରହଣି ବ୍ୟବସ୍ଥା ହୋଇଛି। ବୃନ୍ଦାବତୀ ନିବାସ, ନରେନ୍ଦ୍ରକୋଣ, ରେଲ୍‌ୱେ ପର୍ଯ୍ୟଟକ କମ୍ପ୍ଲେକ୍ସ, ରେଲ୍‌ୱେ କଲ୍ୟାଣ ମଣ୍ଡପ, ବଗଲା ଧର୍ମଶାଳା ଓ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ, ମୋଚିସାହିର ଏହି ସ୍ଥାନଗୁଡ଼ିକରେ ପୋଲିସ ପକ୍ଷରୁ ସୁରକ୍ଷା, ଶୃଙ୍ଖଳା ଓ ସୁବିଧା ନିମନ୍ତେ ବ୍ୟବସ୍ଥା କରାଯାଇଛି। ନରେନ୍ଦ୍ର ପୁଷ୍କରିଣୀ, ଶ୍ୱେତଗଙ୍ଗା, ମାର୍କଣ୍ଡେଶ୍ୱର, ଓ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀଗୁଡ଼ିକରେ ସ୍ନାନ କରିବା ପାଇଁ ଭକ୍ତଙ୍କ ସଂଖ୍ୟା ବଢ଼ିବ। ସେଥିପାଇଁ ପ୍ରତ୍ୟେକ ପୁଷ୍କରିଣୀରେ ସ୍ୱତନ୍ତ୍ର ପୋଲିସ ବ୍ୟବସ୍ଥା କରାଯାଇଛି। ଏନେଇ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ପୋଲିସ ସର୍ବଦା ଭକ୍ତଙ୍କ ସେବାରେ ପ୍ରତିବଦ୍ଧ। ସମସ୍ତ ଭକ୍ତଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରିବାକୁ ସମସ୍ତ ଫୋର୍ସ ଓ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦାୟିତ୍ୱରେ ଜଣେ ଅତିରିକ୍ତ ଏସ୍‌ପି, ୬ ଡିଏସ୍‌ପି, ୫ ଇନ୍ସପେକ୍ଟର, ୬ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୬ କନଷ୍ଟେବଲ, ୧୮ ମହିଳା କନଷ୍ଟେବଲ, ଜଣ ମହିଳା ଗୃହରକ୍ଷୀଙ୍କ ସମେତ ୬ ସେକ୍ସନ ଫୋର୍ସ ନିୟୋଜିତ ରହିବେ।

# ପୁରୀ ଶିଶୁ ମଙ୍ଗଳ ସମିତି ପୁରସ୍କୃତ

ପୁରୀ,୪।୧୦(ଅଜିତ୍ କୁମାର ମହାନ୍ତି)

## 'ଅଷ୍ଟମ ପ୍ଲାନ୍ ଇଣ୍ଡିଆ ଇମ୍ପାକ୍ଟ ଆୱାର୍ଡ-୨୦୨୫

ପୁରୀ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଡା. ଅଜିତ କୁମାର ମହାପାତ୍ର ବାଳିକାଙ୍କ ଅଧିକାର ସୁରକ୍ଷା ଓ ସଶକ୍ତୀକରଣ କ୍ଷେତ୍ରରେ କରିଥିବା ଦୃଷ୍ଟାନ୍ତମୂଳକ କାର୍ଯ୍ୟ ପାଇଁ ସର୍ବଭାରତୀୟ ସ୍ତରରେ 'ଅଷ୍ଟମ ପ୍ଲାନ୍ ଇଣ୍ଡିଆ ଇମ୍ପାକ୍ଟଆୱାର୍ଡ-୨୦୨୫ର ପ୍ରଥମ ରନର୍ସ ଅପ୍ ହୋଇଛନ୍ତି। ଏହି ସଫଳତା ପାଇଁ ଡା. ମହାପାତ୍ରଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟୁଛି। ଗତବର୍ଷ ଡା. ମହାପାତ୍ରଙ୍କ ସକ୍ରିୟ ନେତୃତ୍ୱରେ ପୁରୀ ଶିଶୁ ମଙ୍ଗଳ ସମିତି ଦେଶରେ ପ୍ରଥମ ସ୍ଥାନ ଅଧିକାର କରି 'ସପ୍ତମ ପ୍ଲାନ୍ ଇଣ୍ଡିଆ ଇମ୍ପାକ୍ଟଆୱାର୍ଡ-୨୦୨୪' ଜିତିଥିଲା, ଯାହା ପୁରୀ ଜିଲା ଏବଂ ସମଗ୍ର ଓଡ଼ିଶା ପାଇଁ ଏକ ଗୌରବ ରୂପେ ପରିଗଣିତ ହୋଇଥିଲା। ରାଜ୍ୟ ସ୍ତରରେ ପୁରୀ ଶିଶୁ ମଙ୍ଗଳ ସମିତି, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି, ରୋଟାରି ଇଣ୍ଟରନ୍ୟାଶନାଲ ଭଳି ଅନେକ ସଂଗଠନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ବିଭିନ୍ନ ସମ୍ମାନ ପ୍ରାପ୍ତ କରିଛି। ପୁରୀ ଶିଶୁ ମଙ୍ଗଳ ସମିତି ଏହି ସମସ୍ତ ଉଲ୍ଲେଖନୀୟ ଅବଦାନ ଓ ସଫଳତା ସହିତ ଦେଶରେ ଏକ ଅଗ୍ରଣୀ ଓ ଅନନ୍ୟ ଶିଶୁ ସୁରକ୍ଷା ସଂଗଠନ ଭାବେ ନିଜ ସ୍ଥାନକୁ ସୁଦୃଢ଼ କରିପାରିଛି।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ଦିବସ ପାଳିତ

କଣାସ,୪।୧୦(ବିଭୂତି ଭୂଷଣ ତ୍ରିପାଠୀ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ କଲ୍ୟାଣୀ ପ୍ରକଳ୍ପରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୫ନଂ ଜୋନ୍ ଜିଲାପରିଷଦ ଲତାମଣୀ ଜଗଦ୍ଦେବ, ସିପିଆଇଏମ୍ ସାଧାରଣ ସମ୍ପାଦକ ଗିରୀଶ ଚନ୍ଦ୍ର ମହାରଣା, ସାମାଜିକ କର୍ମୀ ଖଗେଶ୍ୱର ପଲେଇ ଏବଂ ପରିଚାଳନା ପରିଷଦର ସଭ୍ୟ ଜିତେନ୍ଦ୍ର ହରିଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟର କିପରି ଯତ୍ନନେବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରକଳ୍ପର ପରାମର୍ଶଦାତା ସୁଜାତା ବେହେରା ମାନସିକ ରୋଗର କାରଣ, ଲକ୍ଷଣ ଏବଂ ପ୍ରତିକାର ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। ପ୍ରକଳ୍ପ ସଂଯୋଜକ କୃଷ୍ଣଚନ୍ଦ୍ର ନିଶଙ୍କ, ମାନସିକ ସ୍ୱାସ୍ଥ୍ୟ ସପ୍ତାହ ଉପରେ ବକ୍ତବ୍ୟ ରଖିଥଲେ। ପ୍ରକଳ୍ପର ପରାମର୍ଶଦାତା ସୁଜାତା ବେହେରା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।


ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

No.O-803

(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

(At/Po-Ambapua, Near Income Tax Office, Berhampur-760011, Ganjam, Odisha)

(E-Mail : serwbpr2004@yahoo.com, Tel No.: 0680-2404287)

NATIONAL COMPETITIVE BIDDING THROUGH e-Procurement

Bid Identification No. Online Tender/30-2025-26/BPR

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 30-2025-26/BPR | Road Works under MMSY-IMPROVEMENT TO EXISTING RD ROADS | 13 Nos | From Rs.271.43 Lakhs to Rs.757.15 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/20-2025-26/BPR | 13.10.2025 at 10.00 A.M. | 27.10.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website : www.tendersodisha.gov.in

Sd./- K. Ch. Khatua
Chief Construction Engineer
R.W.Circle, Berhampur

OIPR-25071/11/0137/2526


# ଆରୋପ-ପ୍ରତ୍ୟାରୋପରେ ସରିଲା ବୈଠକ

ଅସ୍ତରଙ୍ଗ/କାକଟପୁର,୪।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)


ଅସ୍ତରଙ୍ଗ ପଞ୍ଚାୟତ ସମିତି ସଭାଗୃହ ମଧ୍ୟରେ ଲୋକପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀ, ଅଧିକାରିଣୀ।

## ଅସ୍ତରଙ୍ଗ ପଞ୍ଚାୟତ ସମିତିର ୬ଷ୍ଠ ବୈଠକ

ଅସ୍ତରଙ୍ଗ ପଞ୍ଚାୟତ ସମିତିର ଷଷ୍ଠ ବୈଠକ ଶନିବାର ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତି ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପୂର୍ବ ବୈଠକ ଗତବର୍ଷ ୨୨ ନଭେମ୍ବର ଅନୁଷ୍ଠିତ କାର୍ଯ୍ୟକ୍ରମର ବିବରଣୀ ପାଠ କରାଯାଇଥିଲା। ପରେ ନୂଆଗଡ଼ ସମିତି ସଭ୍ୟ ରାମଚନ୍ଦ୍ର ନାୟକ ସଭା ମଧ୍ୟରେ ଠିଆହୋଇ ପ୍ରଶ୍ନ କରିଥିଲେ, ପୃଷ୍ଠା ୨୨ରେ ଉଲ୍ଲେଖ ଥିବା ୬୦ଲକ୍ଷ ୨୧ହଜାର ୧ଶହ ଟଙ୍କା ୫ଟି ପଞ୍ଚାୟତକୁ ବଣ୍ଟାଯାଇଛି। ତାହା ପୂର୍ବ ବୈଠକରେ ଆଲୋଚନା ହୋଇଥିଲା କି? ଏହାର ଉତ୍ତରରେ ସହକାରୀ ଯନ୍ତ୍ରୀ କହିଥିଲେ, ବିଳମ୍ବ ହୋଇଥିଲା ଶେଷ ସମୟରେ ଜଣାଇଥିଲି। ଏହାପରେ ନୂଆଗଡ଼ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ ପ୍ରଶ୍ନ ରଖିଥିଲେ, ୧୫ ଡିସେମ୍ବର ୨୦୨୧ ମସିହାରେ ୯୬ ଲକ୍ଷ ଟଙ୍କା ପଞ୍ଚାୟତ ସମିତି ଅଗୋଚରରେ ବଣ୍ଟାଯାଇଛି। ମେଗା ପାନୀୟଜଳ ନିମନ୍ତେ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ ଜାରି ରହିଥିବା ବେଳେ ନୂଆଗଡ଼ ଓ ଛୁରିଆନା ପଞ୍ଚାୟତରେ ଓଭରହେଡ୍ ଟାଙ୍କି ନିର୍ମାଣ ଆରମ୍ଭ ହୋଇଛି ବୋଲି ଆରଡବ୍ଲୁଏସ୍‌ଏସ୍ ଯନ୍ତ୍ରୀ ସତ୍ୟଶଙ୍କର ମହାନ୍ତି ସୂଚନା ଦେଇଥିଲେ। କୃଷି ବିଭାଗ ତରଫରୁ ଚାଷୀମାନେ ନିଜ ଫାର୍ମର ପଞ୍ଜୀକରଣ କରନ୍ତୁ ଓ କିଭଳି ଭାବେ ବାଦାମ ଚାଷ ଅଧିକମାତ୍ରାରେ କରିହେବ ସେ ସମ୍ପର୍କରେ ବ୍ଲକ କୃଷି ଅଧିକାରିଣୀ ବି. ଅର୍ପିତା ମତ ରଖିଥିଲେ। ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ କାମଧେନୁ ଯୋଜନାରେ ୭୦ ଶତକଡ଼ା କାର୍ଯ୍ୟକାରୀ ହୋଇଛି। ଯେଉଁମାନେ ଗାଈଗୋରୁ ବୀମା ପାଇପାରୁନାହାନ୍ତି, କମ୍ପାନୀ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଗୁରୁତ୍ୱପୂର୍ଣ୍ଣ ବିଭାଗ ସ୍ୱାସ୍ଥ୍ୟ ହୋଇଥିବା ବେଳେ ପଞ୍ଚାୟତ ସମିତି ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସଞ୍ଜୟ ପ୍ରଧାନ ଅନୁପସ୍ଥିତ ଥିବାବେଳେ ତାଙ୍କ ସ୍ଥାନରେ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଅଭିଷେକ ବେହେରା ଉପସ୍ଥିତ ରହି ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ସମ୍ପର୍କରେ ମତ ରଖିଥିଲେ। ୧୫ ପଞ୍ଚାୟତ ଲୋକପ୍ରତିନିଧିଙ୍କ ଉପସ୍ଥିତିରେ ନୂଆଗଡ଼ ସମିତିସଭ୍ୟ କହିଥିଲେ, ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସାଧାରଣ ଜନତା ହଇରାଣ ହେଉଛନ୍ତି, ମେଡିସିନ ଦିଆଯାଉଛି, କିନ୍ତୁ ଆବଶ୍ୟକ ପରିମାଣର ଦିଆଯାଉନି। ଫଳରେ ଗରିବ ଶ୍ରେଣୀର ଲୋକମାନେ ମେଡିସିନ ଷ୍ଟୋର୍‌ରୁ ଔଷଧ କିଣୁଛନ୍ତି।

ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋଚନା ପରେ ଅପରାହ୍ନ ୧ଟା ୩୦ ମିନିଟ୍ ସମୟରୁ ସଭାଗୃହ ମଧ୍ୟରେ ବିଧାୟକ ତୁଷାରକାନ୍ତି ବେହେରା ଓ ଜଗତ୍‌ସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ସହ ପରସ୍ପର ପରସ୍ପରକୁ ଆକ୍ଷେପ କରିଥିଲେ, ଯାହାଫଳରେ କିଛି ସମୟ ସଭାଗୃହ ଉଚ୍ଚ ଶବ୍ଦ ବାତାବରଣରେ ପ୍ରକମ୍ପିତ ହୋଇଥିଲା। ବୈଠକରେ କାକଟପୁର ନିର୍ବାଚନମଣ୍ଡଳୀ ବିଧାୟକ ତୁଷାରକାନ୍ତି ବେହେରା, ଜଗତ୍‌ସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ସେଠୀ, ବିଡିଓ ସସ୍ମିତା ବେହେରା, ୧ ନଂ. ଜୋନ୍ ଜିଲା ପରିଷଦ ସରସ୍ୱତୀ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ରଙ୍କ ସମେତ ୧୫ଗୋଟି ପଞ୍ଚାୟତ ଲୋକପ୍ରତିନିଧି, ବ୍ଲକ୍‌ର ବିଭିନ୍ନ ବିଭାଗର ଅଧିକାରୀ, ଅଧିକାରିଣୀମାନେ ଉପସ୍ଥିତ ଥିଲେ।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNDARGARH

No.O-839

AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com

No. Tender Online - RWCCESNG - 15 of 2025-26, Letter No. 2251 / Dtd. 23.09.2025

e-Procurement NOTICE

1. Type of the Work : Bridges, 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 15 of 2025-26 | 06.10.2025 11:00 A.M. | 23.10.2025 5:00 P.M. | 22.10.2025 5:00 P.M. | 24.10.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh

OIPR-25133/11/0071/2526


# ଘରେ ପଶି ନାବାଳକ, ମା'ଙ୍କୁ ଆକ୍ରମଣ: ବାପ ପୁଅ କୋର୍ଟ ଚାଲାଣ

ଯୋଗେଶ୍ୱରପୁର, ୪।୧୦ (ରଶ୍ମି ରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଇସାଣପୁର ପଞ୍ଚାୟତ ଆମପଡା ଗ୍ରାମରେ ଘରେ ପଶି ଜଣେ ମହିଳା, ତାଙ୍କ ଝିଅ ଓ ନାବାଳକ ପୁଅଙ୍କୁ ମରଣାତ୍ମକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପରେ ପୋଲିସ ଅଭିଯୁକ୍ତ ବାପା ଓ ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ସନାତନ ନାଥ ଓ ପୁଅ ଅର୍ଜୁନ। ଏନେଇ ପୋଲିସ ମାମଲା (ନଂ.୩୨୪/୨୫)ରୁଜୁ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ହୋଇଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଗୁରୁବାର ଅପରାହ୍ନ ସମୟରେ ଉକ୍ତ ଗ୍ରାମର ସନାତନ ନାଥ ଓ ତାଙ୍କ ୩ ପୁଅ ମିଳିତ ଭାବେ ରଘୁନାଥଙ୍କ ଘରେ ପଶି ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ମାଡ଼ ମାରି ରଘୁନାଥଙ୍କ ହାତ ଭାଙ୍ଗଦେଇଥିବା ବେଳେ ତାଙ୍କ ମା' ଓ ଭଉଣୀଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ଗୋପ ଥାନା ଏସଆଇ ବୁଲୁ ସେଠୀ ଶୁକ୍ରବାର ଘଟଣାସ୍ଥଳକୁ ଆସି ସନାତନ ନାଥଙ୍କ ପୁଅ ଅର୍ଜୁନଙ୍କୁ ଧରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଖସି ପଳାଇଥିଲେ। ଅପରପକ୍ଷେ ସନାତନଙ୍କ ପକ୍ଷରୁ ଥାନାରେ ପାଲଟା ଅଭିଯୋଗ କରାଯାଇଛି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୩୨୫/୨୫)ରୁଜୁ କରିଛି।


ADVERTISEMENT FOR TENDER FOR SUPPLY OF COMPUTER CONSUMABLE ITEMS FOR THE BHIMA BHOI MEDICAL COLLEGE & HOSPITAL, BALANGIR

No.E-421 : Sealed Tender is invited from organization/ firms/Agencies for **"Supply of Computer Consumable items"** to Bhima Bhoi Medical College & Hospital, Balangir. The Tender Paper completed in all respect should be submitted separately for the services to the undersigned on or before dt.17.10.2025 up to 05.30 P.M. in the office of the Superintendent, BBMC&H, Balangir. The details and terms & condition can be downloaded from http://bbmchbalangir.odisha.gov.in, https://balangir.odisha.gov.in & www.dmetodisha.gov.in

Sd./- Superintendent
Bhima Bhoi Medical College & Hospital, Balangir

OIPR-10141/11/0051/2526



Govt.of Jharkhand
Department of Mines and Geology District- Lohardaga.

[अल्पकालीन पुर्न निविदा (द्वितीय)]

Notice Inviting E-Auction for Allocation of Sand ghats
(Through E-Procurement mode over https://www.jharkhandtenders.gov.in)

The Jharkhand Sand Mining Rules, 2025 में उल्लेखित प्रावधानों के तहत Category-2 के बालूघाट / बालूघाटों के समूह की ई–नीलामी निम्न कार्यक्रमानुसार करायी जाएगी :–

1. ई–नीलामी कार्यक्रम:–

| NIT No. MINES/ LOHARDAGA/ SAND | बालूघाट या बालूघाटों के समूह जिसे एक इकाई बालू घाट मानते हुए नीलामी किया जाना है, की विवरणी। | निविदा दस्तावेज बिक्री शुल्क (5,000 / –रू0+GST in RCM Mode) जमाकर निविदा दस्तावेज डाउनलोड प्रारंभ करने की तिथि | ई–नीलामी से पूर्व प्री– बीड बैठक एवं प्रशिक्षण का समय एवं स्थान | अग्रधन राशि जमा तथा निविदा दस्तावेज अपलोड करने की अंतिम तिथि एवं समय | तकनीकी निविदा की जिला स्तरीय समिति द्वारा जाँच / मूल्यांकन कर सफल निविदादाताओं की सूची सिस्टम में अपलोड करने तथा प्रारम्भिक वित्तीय प्रस्ताव के मूल्यांकन की तिथि | ई–नीलामी की तिथि एवं समय |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 5/2025 | GROUP-A 1. गितिलगढ–खरता 2. डोबा 3. कोलसिमरी–डोबा 4. लावागाई–नदीनगडा 5. हरमू–भक्सो 6. कैमो–भक्सो 7. बरगांव–कैमो 8. जुरिया–तिगरा | 06.10.2025 | | 07.10.2025 03:00 PM एवं 10.10.2025 01:00 PM | 13.10.2025 5:00 PM | 14.10.2025 को 10:00 बजे पूर्वाहन से 5:00 बजे अपराह्न तक |
| 6/2025 | GROUP-B 1. डांडू–मेढो 2. एकागुडी–मेढो 3. सेन्हा–मेढो 4. जोगना–मेढो 5. उगरा–भड़गांव | | | | | |

2. बालूघाट / बालूघाटों के समूह की विस्तृत विवरणी जिला के वेबसाईट पर उपलब्ध है।
3. बालूघाट / बालूघाटों के समूह की ई–नीलामी प्रक्रिया, ई–प्रोक्योरमेंट पोर्टल www.jharkhandtenders.gov.in से करायी जाएगी।
4. ई–नीलामी में भाग लेने वाले व्यक्तियों / कम्पनी / फर्म / HUF को ई–प्रोक्योरमेंट पोर्टल https://www.jharkhandtend ers.gov.in पर निबंधन कराना अनिवार्य होगा।
5. एतद् संबंधी समस्त सूचना (यथा– नीलामी कार्यक्रम, सुरक्षित जमा राशि, अग्रधन राशि इत्यादि) विस्तृत रूप से जिला के वेबसाईट एवं ई–प्रोक्योरमेंट पोर्टल पर उपलब्ध है।
6. एतद् संबंधी समस्त सूचना हेतु ई–प्रोक्योरमेंट हेल्पडेस्क एवं जिला खनन कार्यालय से सम्पर्क किया जा सकता है।
7. बालू घाट का तात्पर्य है कि The Jharkhand Sand Mining Rules, 2025के नियम–3 के तहत जिला सर्वेक्षण प्रतिवेदन (बालू) में चिन्हित Category-2 Sand ghat/Sand Bearing Land/River Stream होगा।
8. निविदादाता द्वारा ई–पोरक्योमेंट / ई–नीलामी पोर्टल से निविदा दस्तावेज के साथ BoQ Templet (For Intital Price Offer) प्राप्त किया जाएगा। BoQ (.xls) प्रारूप में अपलोड किया जाएगा।
9. एतद संबंधी समस्त सूचना https://www.jharkhandtenders.gov.in एवं जिले के website पर उपलब्ध है।

कार्यपालक अभियंता, लघु सिंचाई प्रमण्डल, लोहरदगा | जिला कोषागार पदाधिकारी, लोहरदगा | जिला खनन पदाधिकारी, लोहरदगा

अपर समाहर्ता लोहरदगा | उप निदेशक, खान दक्षिणी छोटानागपुर अंचल, राँची | उपायुक्त, लोहरदगा

PR.NO.363264 Lohardaga(25-26):D

# ଯୁବକଙ୍କ ବେକ, ଯୌନାଙ୍ଗ କାଟି ହତ୍ୟାକଲେ ଭିଣୋଇ

ଯାଜପୁର ରୋଡ୍, ୪।୧୦ (ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁରରୋଡ୍ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ବେକ ଓ ଯୌନାଙ୍ଗକୁ କାଟି ଭିଣୋଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ମିଥୁନ ବେହେରା। ଅଭିଯୁକ୍ତ ଭିଣୋଇ କହ୍ନେଇ ବେହେରା ଫେରାର ହୋଇଯାଇଛନ୍ତି। ଏନେଇ ମୃତକଙ୍କ ବଡ଼ଭାଇ ରସିକଙ୍କ ଅଭିଯୋଗ ଅନୁଯାୟୀ ଯାଜପୁର ରୋଡ୍ ଥାନା ପୋଲିସ ନଂ.୫୮୮/୨୦୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଖୁବ୍‌ଶୀଘ୍ର ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ଆଶିଷ କୁମାର ସାହୁ କହିଛନ୍ତି।

ସୂଚନା ଅନୁଯାୟୀ ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୨ ନମ୍ବର ୱାର୍ଡ ପନାସିଆ ଆଦିବାସୀ ବସ୍ତି ରେଲଲାଇନ କଡ଼ରେ ଶନିବାର ଭୋର ସମୟରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟଣା ଘଟିଛି। ଦଶହରା ପୂଜା ଛୁଟି କାଟିବା ପାଇଁ ୨ ଦିନ ତଳେ ଅର୍ଥାତ୍ ଗୁରୁବାର କେନ୍ଦୁଝର ଜିଲା ରାଇସୁଆଁ ଥାନା ଗୁହାଳିଚଟୁଆ ଗ୍ରାମର ମିଥୁନ ବେହେରା(୨୪) ସପରିବାର ବ୍ୟାସନଗର ସହର ପନାସିଆକୁ ଆସିଥିଲେ। ବଡ଼ଭାଇ ରସିକ ବେହେରା ଜଣେ ନିର୍ମାଣ ଶ୍ରମିକ ଭାବେ ଏଠାରେ ରହି କାମ କରୁଥିଲେ। ରସିକଙ୍କ ଭଉଣୀ ରୀନା ବେହେରା କିଛି ବର୍ଷ ତଳେ ରାଜମିସ୍ତ୍ରି କହ୍ନେଇ ବେହେରାଙ୍କୁ ବିବାହ କରିଥିଲେ। କହ୍ନେଇ ନିଶାଗ୍ରସ୍ତ ହେବା ସହ ତାଙ୍କ ଅସାମାଜିକ ଗୁଣ ପାଇଁ ରୀନା ପ୍ରାୟ ୨ବର୍ଷ ତଳୁ ତାଙ୍କୁ ଛାଡି ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିବାହ କରିଛନ୍ତି। କହ୍ନେଇ ଏଥିରେ ଉତ୍କ୍ଷିପ୍ତ ହୋଇ ଅନେକ ସମୟରେ ନିଶାସକ୍ତ ଅବସ୍ଥାରେ ରସିକଙ୍କ ଘରେ ଗଣ୍ଡଗୋଳ କରୁଥିଲେ। ଏପରିକି ରୀନାଙ୍କୁ ଜୀବନରୁ ମାରିଦେବାକୁ ବାରମ୍ବାର ଧମକ ଦେଇଆସୁଥିଲେ। ଅଭିଯୋଗ ଅନୁସାରେ ଶୁକ୍ରବାର ରାତିରେ ସମସ୍ତେ ବସି ଟିଭିରେ ସିନେମା ଦେଖୁଥିଲେ। ଶନିବାର ଭୋର ୪ଟା ବେଳେ କହ୍ନେଇ ଆସି ରସିକଙ୍କ ଘରେ ପହଞ୍ଚିଥିଲେ। ଏହାପରେ ରସିକଙ୍କୁ ବାହାରକୁ ଯାଇ ମଦ ପିଇବାକୁ କହିଥିଲେ। ରସିକ ଫିଲ୍ମ ଦେଖୁଛି କହି ଯିବାକୁ ମନା କରିବା ପରେ ପୂଜା ବୁଲିବାକୁ ଆସିଥିବା ସାନ ଶଳା ମିଥୁନଙ୍କୁ ମଦ ପିଇବାକୁ ଡାକିଥିଲେ। ଘରଠାରୁ କିଛି ବାଟ ଯିବା ପରେ ରେଳଲାଇନ୍ କଡ଼ ନିଛାଟିଆ ସ୍ଥାନରେ କହ୍ନେଇ ବର୍ବରକାଣ୍ଡ ଘଟାଇଥିଲେ। କହ୍ନେଇ ପ୍ରଥମେ ମିଥୁନଙ୍କ ବେକ ଏବଂ ପରେ ଯୌନାଙ୍ଗକୁ ବ୍ଲେଡ୍‌ରେ କାଟି ଦେଇଥିଲେ। ମିଥୁନ ଜୀବନ ବଞ୍ଚାଇବା ପାଇଁ ଘରକୁ ଦୌଡ଼ିଥିଲେ। ଏହି ସମୟରେ ପ୍ରାୟ ୨୦୦ ମିଟର ଯାଏ ରାସ୍ତାରେ ରକ୍ତ ପଡ଼ିଥିଲା। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ମିଥୁନଙ୍କ ମୃତ୍ୟୁ ଘଟିଥିଲା। ଏହାପରେ କହ୍ନେଇ ଫେରାର ହୋଇଯାଇଥିଲେ। ଖବର ପାଇ ଥାନା ଅଧିକାରୀ ଆଶିଷ କୁମାର ସାହୁ, ଏସ୍‌ଆଇ ଲିଙ୍ଗରାଜ ବେହେରା ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛନ୍ତି।

# ମହିଳା ଉଦ୍ଧାର, ଟ୍ରକ୍ ଡ୍ରାଇଭର ଗିରଫ

**ଚରମ୍ପାରୁ ମାନସିକ ବିକୃତ ମହିଳାଙ୍କୁ ଅପହରଣ ଘଟଣା**

**ବଳାତ୍କାର ପରେ ରାସ୍ତାରେ ଛାଡ଼ିଦେଇଥିଲେ**

ଭଦ୍ରକ, ୪।୧୦(ସନାତନ ରାଉତ)


ଗିରଫ ମହମ୍ମଦ ସଦାମ ହୁସେନ।

ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ଚରମ୍ପାରୁ ଜଣେ ମାନସିକ ବିକୃତ ମହିଳାଙ୍କୁ ଅପହରଣ ଘଟଣାରେ ଅପହରଣକାରୀ ଟ୍ରକ୍ ଡ୍ରାଇଭରଙ୍କୁ ଟାଉନ ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ କେନ୍ଦୁଝର ଜିଲା ଝୁମ୍ପୁରାରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡର ମହମ୍ମଦ ସଦାମ ହୁସେନ(୨୪)। ସେ ଉକ୍ତ ମହିଳାଙ୍କୁ ଟ୍ରକ୍ ଭିତରେ ବଳାତ୍କାର କରିବା ପରେ ବରପଦା-ଗଣିଜାଙ୍ଗ ମଝି ରାସ୍ତାରେ ଛାଡ଼ିଦେଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଅଭିଯୁକ୍ତଙ୍କ ସୂଚନା ଆଧାରରେ ପୋଲିସ ପୀଡ଼ିତା ମହିଳାଙ୍କୁ ଶନିବାର ରାନ୍ଦିଆ ନିକଟରୁ ଉଦ୍ଧାର କରିଥିବା ଶନିବାର ଅପରାହ୍ନ ୧ଟାରେ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ବୁଧବାର ବିଳମ୍ବିତ ରାତିରେ ବର୍ଷା ଲାଗି ରହିଥିବା ବେଳେ ଚରମ୍ପା ଫାଣ୍ଡି ଛକରେ ରାଜପଥ ପାର୍ଶ୍ୱ ଏକ ଦୋକାନ ବାରଣ୍ଡାରେ ପୀଡ଼ିତା ମହିଳା ଆଶ୍ରୟ ନେଇଥିଲେ। ଏହି ସମୟରେ ଟ୍ରକ୍ ଡ୍ରାଇଭର ହୁସେନ ଜୋରଜବରଦସ୍ତ ଉକ୍ତ ମହିଳାଙ୍କୁ ଟେକି ନେଇଯାଇଥିଲେ। ଅପହରଣ ବେଳର ଦୃଶ୍ୟ ନିକଟସ୍ଥ ଏକ ଦୋକାନରେ ଲାଗିଥିବା ସିସି କ୍ୟାମେରାରେ କଏଦ୍ ହୋଇଥିଲା। ଏହି ଭିଜୁଆଲ ଭାଇରାଲହେବା ପରେ ଭଦ୍ରକ ଏସ୍‌ପି ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନକରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଟାଉନ ଥାନାରେ ଏକ ମାମଲା (ନଂ.୫୮୭/୨୫) ରୁଜୁ ହୋଇଥିଲା। ଭଦ୍ରକ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ନେତୃତ୍ୱରେ ଟିମ୍ ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ଟୋଲ୍‌ଗେଟ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯିବା ସହ ଡ୍ରାଇଭର ମହାସଂଘ ଓ ଟ୍ରକ୍ ମାଲିକ ସଂଘ ସହ ଯୋଗାଯୋଗ କରାଯାଇଥିଲା। ଶେଷରେ କେନ୍ଦୁଝର ଝୁମ୍ପୁରାଠାରେ ଉକ୍ତ ଟ୍ରକ୍‌ର ସନ୍ଧାନ ମିଳିଥିଲା। କେନ୍ଦୁଝର ସଦର ପୋଲିସ ସହାୟତାରେ ଭଦ୍ରକ ଟାଉନ ପୋଲିସ ଅଭିଯୁକ୍ତ ସଦାମଙ୍କୁ ଗିରଫକରି ବିଳମ୍ବିତ ରାତିରେ ଥାନାକୁ ଆଣିଥିଲା। ଟ୍ରକ୍‌କୁ ଜବତ କରାଯାଇ ଟାଉନ ଥାନାରେ ରଖାଯାଇଛି। ସଦାମଙ୍କ ଘର ଝାଡ଼ଖଣ୍ଡରେ ହୋଇଥିବା ବେଳେ ସେ ଝୁମ୍ପୁରାରେ ରହି ଟ୍ରକ୍ ଚଳାଉଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଅତିରିକ୍ତ ଏସ୍‌ପି କହିଛନ୍ତି।

# ଝିଅ ଆଗରେ ସ୍ତ୍ରୀଙ୍କୁ କଚାଡ଼ି ମାରିଦେଲେ

**ସ୍ୱାମୀ ଗିରଫ**

ଔପଦା, ୪।୧୦(ଧରିତ୍ରୀ ପଣ୍ଡା)



ଥାନା ସମ୍ମୁଖରେ ମୃତ ମହିଳାଙ୍କ ବାପ ଘର ଲୋକେ।

ସାମାନ୍ୟ ପାରିବାରିକ ଗଣ୍ଡଗୋଳରୁ ହିତାହିତ ଜ୍ଞାନ ଭୁଲିଗଲେ ସ୍ୱାମୀ। ପିଟି ପିଟି ମନ ଶାନ୍ତ ହେଲାନି। ୩ ବର୍ଷର ଝିଅ ଆଗରେ ସ୍ତ୍ରୀଙ୍କୁ ରାସ୍ତାରେ କଚାଡ଼ି ଦେଲେ। ଶେଷରେ ତାଙ୍କର ପ୍ରାଣବାୟୁ ଉଡ଼ିଗଲା। ଏଭଳି ଏକ ନୃଶଂସ ଘଟଣା ଘଟିଛି ବାଲେଶ୍ୱର ଜିଲା ଔପଦା ଥାନା ତଳକିଆ ପଞ୍ଚାୟତ ପ୍ରତାପପୁର ଗ୍ରାମର ହରିଜନ ସାହିରେ।

୫ବର୍ଷ ପୂର୍ବେ ମୟୂରଭଞ୍ଜ ଅଞ୍ଚଳ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର କୁନୁ ବାଗଙ୍କ ଝିଅ ବିଷମାଙ୍କୁ ନିଶାକର ମାଣ ବିବାହ କରିଥିଲେ। ତାଙ୍କର ୩ ବର୍ଷର ଏକ କନ୍ୟା ସନ୍ତାନ ଅଛି। ନିଶାକର ଶୁକ୍ରବାର ରାତିରେ ସ୍ତ୍ରୀ ବିଷମାଙ୍କୁ କୌଣସି କାରଣରୁ ମାରପିଟ୍ କରିଥିଲେ। ନିର୍ଘୁମ୍ ପିଟିବା ସହ ସ୍ତ୍ରୀଙ୍କୁ ଘରୁ ବାହାରକୁ ଟେକି ଆଣି ରାସ୍ତା ଉପରେ କଚାଡ଼ି ଦେଇଥିଲେ। ବିଷମା ଚିତ୍କାର କରିବାରୁ ପଡ଼ୋଶୀ ଲୋକେ ସେଠାରେ ପହଞ୍ଚିଥିଲେ। ଚେତାଶୂନ୍ୟ ଅବସ୍ଥାରେ ବିଷମାଙ୍କୁ ଉଦ୍ଧାର କରି ନିଶାକର ଓ ତାଙ୍କ ସମ୍ପର୍କୀୟ ପୁତୁରା ଖଇରା ଡାକ୍ତରଖାନାକୁ ନେଇଥିଲେ। ବିଷମାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଆମ୍ବୁଲାନ୍ସ ଯୋଗେ ଭଦ୍ରକ ନିଆଯାଉଥିବା ବେଳେ ବାଟରେ ବିଷମାଙ୍କର ମୃତ୍ୟୁ ହୋଇଥିଲା। ସେଠାରୁ ମୃତଦେହକୁ ଗାଁକୁ ଅଣାଯାଇଥିଲା। ଖବରପାଇ ବାପଘର ଲୋକେ ବିଳମ୍ବିତ ରାତିରେ ଔପଦା ଥାନାରେ ଝିଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୫୮/୨୫) ରୁଜୁ କରି ନିଶାକରଙ୍କୁ ଗିରଫ କରିଥିଲା। ମାଜିଷ୍ଟ୍ରେଟ ପ୍ରଜ୍ଞା ପରମିତାଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ସହ ଔପଦା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ନିଶାକରଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।

# ଉପ ଡାକଘର ତାଲା ଭାଙ୍ଗି ଚୋରି

ଚମ୍ପୁଆ,୪।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଉପ ଡାକଘର ପଛପଟ କବାଟ ତାଲା ଭାଙ୍ଗି ଶୁକ୍ରବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ କବାଟ ତାଡ଼ି ଷ୍ଟାମ୍ପ ବିକ୍ରି ଅର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ନେଇଯାଇଛନ୍ତି। ଏ ନେଇ ପୋଷ୍ଟମାଷ୍ଟର ତପସ୍ୱିନୀ ପାତ୍ର ଚମ୍ପୁଆ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ପୋଷ୍ଟ ଅଫିସ କାର୍ଯ୍ୟ ଶେଷକରି କର୍ମଚାରୀମାନେ ଘରକୁ ଫେରିଥିଲେ। ଶନିବାର ସକାଳେ କର୍ମଚାରୀମାନେ ଡାକଘରେ ପହଞ୍ଚିବା ପରେ ଘର ପଛପଟ କବାଟ ଓ ଗ୍ରୀଲ୍ ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଏ ନେଇ ପୋଷ୍ଟମାଷ୍ଟର ଚମ୍ପୁଆ ଥାନାକୁ ଖବର ଦେଇଥିଲେ। ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ ଓ ଆଇଆଇସି ରମାକାନ୍ତ ମୁଦୁଲି ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଡାକଘର ଅଧିକାରୀଙ୍କ ଉପସ୍ଥିତିରେ କବାଟ ଖୋଲି ଭିତରେ ତଦନ୍ତ କରିଥିଲେ। ଦୁର୍ବୃତ୍ତ ଏକାଧିକ ଆଲମିରା ତାଡ଼ି କାଗଜପତ୍ର, ଷ୍ଟାମ୍ପ ବିକ୍ରି ଅର୍ଥ ରଖାଯାଇଥିବା ବାକ୍ସ ତାଡ଼ି ଟଙ୍କା ନେଇଯାଇଥିବା ଦେଖିବାକୁ ପାଇଥିଲେ।

# ଭୁବନେଶ୍ୱର ବିମାନବନ୍ଦରରୁ ୩.୨୭ କୋଟିର ମାରିଜୁଆନା ଜବତ

**କେରଳ ଯୁବକ ଗିରଫ**

ଭୁବନେଶ୍ୱର, ୪।୧୦(ସତ୍ୟଜିତ ରାଉତ)



ବିମାନ ଯୋଗେ ବିଦେଶରୁ ଭୁବନେଶ୍ୱରକୁ ନିଶାଦ୍ରବ୍ୟ ଚାଲାଣ ବଢ଼ିବାରେ ଲାଗିଛି। ବାରମ୍ବାର ଚଢ଼ାଉ ଏବଂ ଜବତ ସତ୍ତ୍ୱେ ଏହି କାରବାରରେ ରୋକ ଲାଗିପାରୁନାହିଁ। ଭୁବନେଶ୍ୱର ବିମାନବନ୍ଦରରୁ ଶନିବାର ପୁଣି ୩ କୋଟି ୨୭ ଲକ୍ଷ ଟଙ୍କାର ମାରିଜୁଆନା କଷ୍ଟମ୍ସ ବିଭାଗ ଜବତ କରିଛି। ଏହି ଚାଲାଣରେ ସମ୍ପୃକ୍ତ ଜଣେ କେରଳ କନୁରର ମହମ୍ମଦ ନବୀଲଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ଇଣ୍ଡିଗୋ ଫ୍ଲାଇଟ୍(ନଂ. ୬ଇ୧୦୬୬) ଜରିଆରେ ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସିଥିଲେ। କଷ୍ଟମ୍ସ ଅଧିକାରୀମାନେ ଅଭିଯୁକ୍ତଙ୍କ ଲଗେଜ୍ ଯାଞ୍ଚ କରିବା ପରେ ଏହି ଚାଲାଣ ଧରାପଡ଼ିଥିଲା। ଜବତ ମାରିଜୁଆନାର ଓଜନ ୩ କେଜି ୨୭୦ଗ୍ରାମ ଥିଲା। ତେବେ ଏହି କାରବାରରେ ଅନ୍ୟ କାହାର ସମ୍ପୃକ୍ତି ରହିଛି ସେନେଇ ତଦନ୍ତ କରାଯାଉଛି। ଅଗଷ୍ଟରେ ମଧ ବିମାନବନ୍ଦରରେ ଦମ୍ପତିଙ୍କ ପାଖରୁ ୪ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱର ଏୟାରପୋର୍ଟରୁ ଗତ ୬ମାସ ମଧ୍ୟରେ ୪୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ମାରିଜୁଆନା ଜବତ ହୋଇଥିବାବେଳେ ୮ରୁ ଉର୍ଦ୍ଧ୍ୱ ଅଭିଯୁକ୍ତ ଗିରଫ ହୋଇଛନ୍ତି।

## Business

# ପ୍ରତି ପରିବାର ୫୦୦୦ ଟଙ୍କାର ଖଦି କିଣିବାକୁ ଆହ୍ୱାନ




ଭୁବନେଶ୍ୱର,୪।୧୦(ଅନୁରାଧା ମହାରଣା)

- ୩୩.୬୬ କୋଟିର କେଭିଆଇସି ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ
- ରୋହତକରେ 'ଖଦି କାରିଗର ମହୋତ୍ସବ'
- କାରିଗରଙ୍କୁ ୨,୨୯୮ ମେଶିନ, ଟୁଲ୍‌କିଟ୍ ପ୍ରଦାନ

ହରିୟାଣାର ରୋହତକଠାରେ ଅନୁଷ୍ଠିତ 'ଖଦି କାରିଗର ମହୋତ୍ସବ'ରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହା ଯୋଗଦେଇ ଦେଶର ପ୍ରତ୍ୟେକ ପରିବାର ୫୦୦୦ ଟଙ୍କା ମୂଲ୍ୟର ଖଦି କିଣିବାକୁ ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା ଦେଶ ଆତ୍ମନିର୍ଭରଶୀଳତା ଆଡ଼କୁ ଅଗ୍ରସର ହେବ ବୋଲି ସେ କହିଛନ୍ତି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶାହା ଖଦି କାରିଗରମାନଙ୍କୁ ମେଶିନ ଏବଂ ଟୁଲ୍‌କିଟ୍ ବଣ୍ଟନ କରିଛନ୍ତି। ଏହି ଅବସରରେ ଶାହା ହରିୟାଣାର କାରିଗରମାନଙ୍କୁ ୨,୨୯୮ ମେଶିନ ଏବଂ ଟୁଲ୍‌କିଟ୍ (ବୈଦ୍ୟୁତିକ କୁମ୍ଭାର ଚକ, ଚରଖା, ସିଲେଇ ମେଶିନ, ଧୂପକାଠି, ଚମଡ଼ା ମରାମତି ଟୁଲ୍‌କିଟ୍, ମୋବାଇଲ ଏବଂ ଏସି ମରାମତି ଟୁଲ୍‌କିଟ୍ ଆଦି) ବଣ୍ଟନ କରିଛନ୍ତି। ଏହାସହ ୫ ଜଣ ବରିଷ୍ଠ ଖଦି କାରିଗରଙ୍କୁ ମଧ ସମ୍ମାନିତ କରାଯାଇଛି। ଆଭାସି ମାଧ୍ୟମରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଦେଶବ୍ୟାପୀ ୩୩.୬୬ କୋଟି ଟଙ୍କା ବ୍ୟୟରେ ଅନେକ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ପ୍ରକଳ୍ପକୁ ସମର୍ପିତ, ଶିଳାନ୍ୟାସ ଏବଂ ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରେ ନୂଆଦିଲ୍ଲୀର କନ୍ନଟ ପ୍ଲେସ୍‌ରେ ଥିବା 'ଖଦି ଗ୍ରାମୋଦ୍ୟୋଗ ଭବନ'କୁ 'ଖଦି ମଲ୍'ଭାବରେ ନବୀକରଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ଉତ୍ତର ପ୍ରଦେଶର ଗୋରଖପୁରଠାରେ କେଭିଆଇସି ଡିଭିଜନାଲ ଅଫିସର ନବନିର୍ମିତ କୋଠାର ଉଦ୍‌ଘାଟନ କରାଯାଇଛି। ଖଦି କାରିଗରଙ୍କ ପାଇଁ ୭୬୨ଟି ନବନିର୍ମିତ କର୍ମଶାଳା, ସାରା ଦେଶରେ ୩୫ଟି ନବୀକରଣ ହୋଇଥିବା ବିକ୍ରୟ କେନ୍ଦ୍ର ଏବଂ ମହାରାଷ୍ଟ୍ରର ୱାର୍ଦ୍ଧାରେ ଜୈବିକ କପା କେନ୍ଦ୍ରୀୟ ସ୍ଲାଇଭର ପ୍ଲାଣ୍ଟର ଉଦ୍‌ଘାଟନ କରାଯାଇଛି। ଏହାସହ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (ପିଏମ୍‌ଜିପି) ଅଧୀନରେ ୩୦୧ କୋଟି ଟଙ୍କାର ମାର୍ଜିନ ମନି ସବ୍‌ସିଡି ବଣ୍ଟନ କରାଯାଇଛି। ୭୪୧.୧୬ କୋଟି ଟଙ୍କା ନିବେଶ ସହ ୮୩୧୦ ନୂତନ ପିଏମ୍‌ଜିପି ୟୁନିଟ୍‌ର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଶାହା କହିଛନ୍ତି, ଖଦି ଏବଂ ଗ୍ରାମୋଦ୍ୟୋଗ ଉତ୍ପାଦର ବିକ୍ରୟ ୩୩,୦୦୦ କୋଟିରୁ ବୃଦ୍ଧି ପାଇ ୧,୭୦,୦୦୦ କୋଟି ଟଙ୍କା ହୋଇଛି। ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସାଇନି, ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ଏବଂ ଯୋଜନା ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ ସିଂହ, କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ କ୍ରିଷନ ପାଲ ଗୁର୍ଜର ମଧ ଏହି ଅବସରରେ ଯୋଗଦେଇଥିଲେ। କେଭିଆଇସିର ସିଇଓ ରୂପ ରାଶୀ ଧନ୍ୟବାଦ ଦେଇଥିଲେ।

# ପାର୍ବଣରେ ହିରୋ ମୋଟୋକର୍ପରେ ଦୁଇ ଚକିଆ ଯାନର ଚାହିଦା

ଭୁବନେଶ୍ୱର,୪।୧୦
(ଅନୁରାଧା ମହାରଣା)



ପାର୍ବଣ ସମୟରେ ଭାରତୀୟ ଅଟୋ ବଜାରରେ ଦୁଇ-ଚକିଆ ଯାନର ଚାହିଦା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ହିରୋ ମୋଟୋକର୍ପ ଏହି ଉତ୍ସବ ସମୟରେ ଗ୍ରାହକଙ୍କ ଉତ୍ସାହ ଓ ବିକ୍ରୟରେ ବଡ଼ ବୃଦ୍ଧି ଦେଖିଛି। ନୂତନ ଜିଏସ୍‌ଟି ହ୍ରାସ ଯୋଗୁଁ ୧୦୦ ସିସି ଓ ୧୨୫ ସିସି କମ୍ୟୁଟର ସେଗମେଣ୍ଟରେ ଦୁଇ ଚକିଆ ଯାନ କିଣିବା ସହଜ ହୋଇଛି, ଯାହା ଗ୍ରାହକଙ୍କ ମନରେ ଅଧିକ ଆଗ୍ରହ ସୃଷ୍ଟି କରିଛି। କମ୍ପାନୀର ଶୋ'ରୁମଗୁଡ଼ିକ ଗତବର୍ଷ ତୁଳନାରେ ୫୦%ରୁ ଅଧିକ ଗ୍ରାହକଙ୍କ ଭିଡ଼ ଦେଖାଦେଇଛି। ହିରୋ ମୋଟୋକର୍ପର ଚିଫ୍ ବିଜ୍‌ନେସ୍ ଅଫିସର (ଇଣ୍ଡିଆ ବିଜ୍‌ନେସ୍ ୟୁନିଟ) ଆଶୁତୋଷ ବର୍ମା କହିଛନ୍ତି, ନବରାତ୍ରିର ପ୍ରଥମ ଦିନରୁ ଗ୍ରାହକଙ୍କ ଶୋ'ରୁମ ଆଗମନ ଓ ଯାନ କ୍ରୟ ଗତବର୍ଷ ତୁଳନାରେ ଦ୍ୱିଗୁଣିତ ହୋଇଛି। ଇଏମ୍‌ଆଇ ସୁବିଧା ଓ ନୂତନ ମଡେଲଗୁଡ଼ିକ ଏହି ଚାହିଦାକୁ ଆହୁରି ବଢ଼ାଇଛି। ହିରୋ ମୋଟୋକର୍ପ ଡେଷ୍ଟିନି ୧୧୦, ଜୁମ ୧୬୦, ଗ୍ଲାମର ଏକ୍ସ ୧୨୫ ଓ ଏଚ୍‌ଏଫ୍ ଡିଲକ୍ସ ପ୍ରୋ ଭଳି ନୂତନ ମଡେଲ ସହିତ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ଆଣିଛି। କମ୍ପାନୀର 'ଆୟା ତ୍ୟୋହାର, ହିରୋ ପେ ସୱାର' ଅଭିଯାନ ଗ୍ରାହକଙ୍କୁ ରିହାତି, ପୁରସ୍କାର ଓ ସୁନା ମୁଦ୍ରା ଭଳି ଉପହାର ପ୍ରଦାନ କରୁଛି। ଏହା ସହିତ ଅନ୍‌ଲାଇନ ପ୍ଲାଟଫର୍ମରେ ଗ୍ରାହକଙ୍କ ଅନୁସନ୍ଧାନ ୩ ଗୁଣରୁ ଅଧିକ ବଢ଼ିଛି। ଏହି ଉତ୍ସବ ସମୟର ଚାହିଦା ପୂରଣ ପାଇଁ ହିରୋ ମୋଟୋକର୍ପ ନିଜର ଯୋଗାଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରୁଛି ଏବଂ ଲୋକପ୍ରିୟ ମଡେଲ ଓ ନୂତନ ରଙ୍ଗ ବିକଳ୍ପ ଉପଲବ୍ଧ କରାଉଛି।

# ଆଜି ଆଲେନ୍ ଟାଲେଣ୍ଟେକ୍ସ ପଞ୍ଜୀକରଣ ଶେଷ ତାରିଖ



ଭୁବନେଶ୍ୱର,୪।୧୦

ଆଲେନ୍‌ଟାଲେଣ୍ଟେକ୍ସ ପରୀକ୍ଷା ପଞ୍ଜୀକରଣ ପାଇଁ ଅକ୍ଟୋବର ୫ ଶେଷ ତାରିଖ ରହିଛି। ଆଲେନ୍ ଫିରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ସ୍କଲାରଶିପ ଏବଂ ନଗଦ ପୁରସ୍କାର ଜିତିବାର ସୁଯୋଗ ପାଇଁ ଆସନ୍ତା ୧୨ ଅକ୍ଟୋବରରେ ଅନୁଷ୍ଠିତ ହେବ। ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍‌ର ଭାଇସ୍ ପ୍ରେସିଡେଣ୍ଟ ତଥା ଟାଲେଣ୍ଟେକ୍ସର ନ୍ୟାଶନାଲ ହେଡ୍ ପଙ୍କଜ ଅଗ୍ରୱାଲ କହିଛନ୍ତି, ଏହି ପରୀକ୍ଷା ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, କର୍ନାଟକ, କେରଳ, ମଧ୍ୟପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ, ସିକ୍କିମ, ତାମିଲନାଡୁ, ତେଲଙ୍ଗାନା, ତ୍ରିପୁରା, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ଅନୁଷ୍ଠିତ ହେବ। ଛାତ୍ରୀଛାତ୍ରମାନଙ୍କୁ ଅଭ୍ୟାସ ପାଇଁ ଟେଷ୍ଟ ପେପର ଆଲେନ୍‌ର ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯିବ। ପରୀକ୍ଷାର ସିଲାବସ୍ ଏନ୍‌ସିଇଆର୍‌ଟି ଆଧାରିତ ହେବ। ପରୀକ୍ଷାରେ ବର୍ତ୍ତମାନ ଯାଏଁ ୧୮.୨୫ ଲକ୍ଷ ଛାତ୍ରୀଛାତ୍ର ଅଂଶଗ୍ରହଣ କରିସାରିଛନ୍ତି। ୫ମରୁ ୧୦ମ ଛାତ୍ରୀଛାତ୍ର ଅନ୍‌ଲାଇନ ଓ ଅଫ୍‌ଲାଇନ ମୋଡ୍‌ରେ ପରୀକ୍ଷା ଦେଇପାରିବେ। ଜାତୀୟ ଓ ରାଜ୍ୟସ୍ତରୀୟ ର୍‍ୟାଙ୍କ୍ ସହ ୨.୫୦ କୋଟି ଟଙ୍କାର ନଗଦ ପୁରସ୍କାର ଏବଂ ୨୫୦ କୋଟି ଟଙ୍କାର ସ୍କଲାରଶିପ ପାଇବେ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଏକ ପୃଥକ୍ କମ୍ପିଟିଭ ସକ୍ସେସ୍ ଇଣ୍ଡେକ୍ସ (ସିଏସ୍‌ଆଇ) ମଧ ପ୍ରଦାନ କରାଯିବ।

# ମାଲାବାରର ସୋଲିଟେୟାର ଜୁଏଲେରି ପ୍ରଦର୍ଶନୀ




ଭୁବନେଶ୍ୱର,୪।୧୦(ଅନୁରାଧା ମହାରଣା)

ସୁନା ଓ ହୀରା ଜୁଏଲେରି ରିଟେଲର ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ପକ୍ଷରୁ ଭୁବନେଶ୍ୱର ଶହୀଦନଗର ଷ୍ଟୋରରେ ସୋଲିଟେୟାର ଜୁଏଲେରି ପ୍ରଦର୍ଶନୀ କରାଯାଇଛି। ଏଥିରେ ଦୁର୍ଲଭ ଓ ମୂଲ୍ୟବାନ୍ ସୋଲିଟେୟାର ଜୁଏଲେରିର ଅପୂର୍ବ ସଂଗ୍ରହ ପ୍ରଦର୍ଶିତ ହେଉଛି। ଏହା ଗ୍ରାହକଙ୍କ ପାଇଁ ଏକ ସ୍ୱତନ୍ତ୍ର ଅନୁଭବ ଆଣିବ ବୋଲି ଷ୍ଟୋର ପକ୍ଷରୁ ଆଶା କରାଯାଉଛି। ଶନିବାର ଆଣ୍ଡ ଡାଏମଣ୍ଡସର ଗ୍ରାହକ ଏବଂ ମ୍ୟାନେଜମେଣ୍ଟ ଷ୍ଟାଫ୍‌ଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ପ୍ରଦର୍ଶନୀ ଅକ୍ଟୋବର ୧୨ ପର୍ଯ୍ୟନ୍ତ ଚାଲିବ। ଉକ୍ତ ପ୍ରଦର୍ଶନୀରେ ଅନନ୍ୟ ଡିଜାଇନ ସହ ମନମୁଗ୍ଧକର ହୀରା ସୋଲିଟେୟାରର କଲେକ୍ସନ ରହିଛି। ଏହା ସୌନ୍ଦର୍ଯ୍ୟ, ଦୁର୍ଲଭତା ଏବଂ ଦାୟିତ୍ୱପୂର୍ଣ୍ଣ ସୋର୍ସିଂରେ ନିଶ୍ଚିତତା ପ୍ରଦାନ କରୁଛି। ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ ଏମ୍.ପି. ଅହମ୍ମଦୀ କହିଛନ୍ତି, ଆମେ ଆମ ଗ୍ରାହକଙ୍କୁ କେବଳ ଉଚ୍ଚମାନର ହୀରା ଜୁଏଲେରି ପ୍ରଦାନ କରୁଛୁ, ଯାହା ଆମ ବ୍ରାଣ୍ଡର ବିଶ୍ୱାସ ଓ ନିର୍ଭରଯୋଗ୍ୟତାର ପ୍ରମାଣ। ଏହି ସ୍ୱତନ୍ତ୍ର ଶୋ' ମାଧ୍ୟମରେ ଆମେ ସମସ୍ତ ଗ୍ରାହକଙ୍କୁ ଏକ ଅସାଧାରଣ ଜୁଏଲେରି କିଣାକିଣି ଅନୁଭବ ପ୍ରଦାନ କରିବାକୁ ଆଶା ରଖୁଛୁ। ସୋଲିଟେୟାର ଶୋ'ରେ ଗ୍ରାହକମାନେ ବିଭିନ୍ନ ଆକୃତି, ଆକାର ଓ ରଙ୍ଗରେ ଶତାଧିକ ହୀରା ଦେଖିପାରିବେ ଏବଂ ନିଜର ସ୍ୱତନ୍ତ୍ର ସ୍ମୃତିକୁ ପ୍ରତିଫଳିତ କରୁଥିବା ଜୁଏଲେରି ବାଛିପାରିବେ।

# ରେଳ ଯୋଗେ କଶ୍ମୀର ଉପତ୍ୟକାରେ ପହଞ୍ଚିଲା ଅଟୋମୋବାଇଲର ପ୍ରଥମ ବ୍ୟାଚ୍

ଭୁବନେଶ୍ୱର,୪।୧୦

କଶ୍ମୀର ଉପତ୍ୟକାରେ ରେଳ ଯୋଗେ ଅଟୋମୋବାଇଲର ପ୍ରଥମ ବ୍ୟାଚ୍ ପହଞ୍ଚିଛି। ଶୁକ୍ରବାର ୧୦୦ରୁ ଅଧିକ ଯାନବାହନ ନେଇ ଟ୍ରେନ୍ ଉପତ୍ୟକାର ଅନନ୍ତନାଗ ଗୁଡସ୍ ଟର୍ମିନାଲରେ ପହଞ୍ଚିଥିଲା। ଏହି ରେକ୍ ହରିୟାଣାର ମାନେସରରୁ ଆରମ୍ଭ ହୋଇଥିଲା ଏବଂ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ବିଶ୍ୱର ସର୍ବୋଚ୍ଚ ରେଳ ସେତୁ - ପ୍ରତୀକାତ୍ମକ ଚେନାବ ଆର୍ଚ ବ୍ରିଜ୍ ପାରକରିଥିଲା। ଉଧମପୁର-ଶ୍ରୀନଗର-ବାରମୂଲା ରେଳ ସଂଯୋଗ (ୟୁଏସ୍‌ବିଆର୍‌ଏଲ୍) ପ୍ରକଳ୍ପ ଦ୍ୱାରା ଏହି ସଫଳତା ମିଳିଥିବା ଭାରତୀୟ ରେଳପଥ ପକ୍ଷରୁ କୁହାଯାଇଛି। ଏହି ପ୍ରକଳ୍ପ କଶ୍ମୀର ଉପତ୍ୟକାକୁ ଦେଶର ଅନ୍ୟାନ୍ୟ ଅଂଶ ସହ ରେଳ ଦ୍ୱାରା ସଂଯୋଗ କରିଛି। ଦଶନ୍ଧି ଧରି ବିଚ୍ଛିନ୍ନତାକୁ ଶେଷକରି ଏହାକୁ ପ୍ରକୃତ ଅର୍ଥରେ ଜାତୀୟ ରେଳ ଗ୍ରୀଡ୍‌ର ଅଂଶ କରିଛି। ୟୁଏସ୍‌ବିଆର୍‌ଏଲ ଲିଙ୍କ୍ କାର୍ଯ୍ୟକାରୀ ହେବା ସହ ବନ୍ଦେ ଭାରତ ଏକ୍ସପ୍ରେସ୍ ପ୍ରଥମ ଥର ପାଇଁ ଉପତ୍ୟକାରେ ପହଞ୍ଚିଥିଲା, ଯାହା ଲୋକଙ୍କୁ ଏକ ଆଧୁନିକ ଏବଂ ଦ୍ରୁତ ଯାତ୍ରା ଅନୁଭୂତି ପ୍ରଦାନ କରିଥିଲା। ଏହାପରେ ସେପ୍ଟେମ୍ବର ୧୫ରେ ଭାରତୀୟ ରେଳପଥ ଉପତ୍ୟକାରେ ସେଓ ଚାଷୀମାନଙ୍କ ପାଇଁ ଉତ୍ସର୍ଗୀକୃତ ପାର୍ସଲ ଟ୍ରେନ୍ ସେବା ପରିଚାଳନା କରିଥିଲା। ବଡଗାମ୍ ଏବଂ ଦିଲ୍ଲୀ ମଧ୍ୟରେ ଦୈନିକ ସମୟସାରଣୀ ସହ ଟ୍ରେନ୍ ସେବା ଆରମ୍ଭ କରାଯାଇଥିଲା। ଏହାଦ୍ୱାରା କଶ୍ମୀରରୁ ସେଓ ସବୁଠାରୁ ଅନୁକୂଳ ବାଣିଜ୍ୟ ସମୟରେ ରାଜଧାନୀର ପାଇକାରୀ ବଜାରରେ ପହଞ୍ଚିବା ସମ୍ଭବ ହୋଇପାରିଛି। ଏହାସହ କୃଷକମାନଙ୍କ ଆୟ ବୃଦ୍ଧି ପାଇଛି, ସଡ଼କ ପରିବହନ ଉପରେ ନିର୍ଭରଶୀଳତା ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ ପାଇଛି।

# ମହିଳା ବିଶ୍ୱକପ୍‌ରେ ଆଜି ଭାରତ-ପାକିସ୍ତାନ

## ନୋ-ହ୍ୟାଣ୍ଡସେକ୍ ନୀତିକୁ ନେଇ ଚର୍ଚ୍ଚା



ଭାରତୀୟ ମହିଳା କ୍ରିକେଟ ଦଳର ଅଭ୍ୟାସ।

**କଲମ୍ବୋ,୪ା୧୦**

ଚଳିତ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ନିକଟରେ ଶେଷ ହୋଇଥିବା ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ୩ ମ୍ୟାଚ୍‌ରେ ଭାରତୀୟ ପୁରୁଷ ଖେଳାଳିମାନେ ହାତ ନ ମିଳାଇବାକୁ ନେଇ ବିବାଦ ହୋଇଥିବାରୁ ଏହି ମ୍ୟାଚ୍‌କୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ଭାରତୀୟ ପୁରୁଷ ଖେଳାଳିଙ୍କ ଭଳି ମହିଳା ଖେଳାଳିମାନେ ମଧ୍ୟ ପ୍ରତିପକ୍ଷ ଖେଳାଳିଙ୍କ ସହ ହାତ ମିଳାଇବେ ନାହିଁ ବୋଲି ଆଶା କରାଯାଉଛି। ତେବେ ଦୁର୍ବଳ ପାକିସ୍ତାନ ବିପକ୍ଷରେ ଭାରତକୁ ଫେଭରାଇଟ୍ ବିବେଚନା କରାଯାଉଛି। କାରଣ ମହିଳା କ୍ରିକେଟରେ ଦୁଇ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ୨୭ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଥିବା ବେଳେ ଭାରତ ୨୪-୩ ବ୍ୟବଧାନରେ ଆଗରେ ରହିଛି। ପାକିସ୍ତାନ ଟି୨୦ ଫର୍ମାଟରେ ୩ ମ୍ୟାଚ୍ ଜିତିଥିବା ବେଳେ ଦିନିକିଆ ଫର୍ମାଟରେ କଦାପି ଭାରତକୁ ହରାଇ ପାରି ନାହିଁ। ପାକିସ୍ତାନ ବିପକ୍ଷରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୧୧ ଦିନିକିଆ ମ୍ୟାଚ୍‌ରେ ଭାରତୀୟ ଦଳର ୧୦୦ ପ୍ରତିଶତ ରେକର୍ଡ ରହିଛି। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଉଭୟ ଦଳର ପ୍ରଦର୍ଶନ ସମ୍ପୂର୍ଣ୍ଣ ଭିନ୍ନ ରହିଥିଲା। ଭାରତ ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୫୯ ରନରେ ପରାସ୍ତ କରିଥିବା ବେଳେ ପାକିସ୍ତାନ ୭ ଉଇକେଟରେ ବାଂଲାଦେଶଠାରୁ ପରାସ୍ତ ହୋଇଛି। ଟୁର୍ନାମେଣ୍ଟରେ ପ୍ରତ୍ୟେକ ଦଳ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିସାରିଥିବା ବେଳେ ଭାରତ ଚତୁର୍ଥ ସ୍ଥାନରେ ରହିଛି। ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଭାରତ ୧୨୪ ରନରେ ପ୍ରମୁଖ ୬ ଉଇକେଟ ହରାଇବା ସତ୍ତ୍ୱେ ୪୭ ଓଭରରେ ୨୫୦ରୁ ଊର୍ଦ୍ଧ୍ୱ ସ୍କୋର କରିଥିଲା। ଏଣୁ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ମ୍ୟାଚ୍‌କୁ ଓହ୍ଲାଇବ। କଲମ୍ବୋର ଅର୍ଦ୍ଧପେସର ଖେଳାଯାଇଥିବା ବାଂଲାଦେଶ ଓ ପାକିସ୍ତାନ ମ୍ୟାଚ୍‌ରେ ଅତ୍ୟଧିକ ସିମ୍ ମୁଭମେଣ୍ଟ ଦେଖିବାକୁ ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ଭାରତ ରେଣୁକା ସିଂ ଠାକୁରଙ୍କ ଭଳି ଆଗ୍ରାଧିତ୍ର ପେସରଙ୍କୁ ଖେଳାଇପାରେ। ଭାରତୀୟ ଦଳର ବ୍ୟାଟିଂ ଶକ୍ତିଶାଳୀ ଥିବାବେଳେ ପାକିସ୍ତାନର ମୁଖ୍ୟ ଚିନ୍ତା ହେଉଛି ବ୍ୟାଟିଂ। ପାକିସ୍ତାନ ଦଳକୁ ଗୋଟିଏ ଭେନ୍ୟୁରେ ସମସ୍ତ ମ୍ୟାଚ୍ ଖେଳିବାର ଫାଇଦା ମିଳିପାରେ। କିନ୍ତୁ ଭାରତ ଭଳି ଶକ୍ତିଶାଳୀ ଦଳକୁ ହରାଇବାକୁ ହେଲେ ପାକିସ୍ତାନ ଦଳକୁ ଅସାଧାରଣ ପ୍ରଦର୍ଶନ କରିବାକୁ ପଡ଼ିବ।

# ଅଷ୍ଟ୍ରେଲିଆ ଜିତିଲା ଚାପେଲ-ହାଡ୍‌ଲୀ ସିରିଜ

**ମାଉଣ୍ଟ ମଙ୍ଗାନୁଇ (ନ୍ୟୁଜିଲାଣ୍ଡ), ୪ା୧୦ (ଏପି)**

ମିଚେଲ ମାର୍ଶଙ୍କ ପ୍ରଥମ ଟି୨୦ ଶତକ ସହାୟତାରେ ଅଷ୍ଟ୍ରେଲିଆ ୩ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଚାପେଲ-ହାଡ୍‌ଲୀ ସିରିଜକୁ ୨-୦ରେ ଜିତି ନେଇଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଅଷ୍ଟ୍ରେଲୀୟ ଅଧିନାୟକ ମାତ୍ର ୫୦ ବଲ୍‌ରୁ ତାଙ୍କର ଶତକ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ନ୍ୟୁଜିଲାଣ୍ଡ ଇନିଂସ:** ୨୦ ଓଭରରେ ୧୫୬/୯ (ଟିମ୍ ସିଫର୍ଟ-୪୮, ମାଇକେଲ ବ୍ରେସ୍‌ୱେଲ-୨୬, ଜେମ୍ସ ନିଶାମ-୨୫, ଟିମ୍ ରବିନସନ-୧୩; ସିନ୍ ଆବଟ-୩/୨୫, ଜାବିଅର ବାର୍ଟଲେଟ୍-୨/୨୫, ଜୋସ ହାଜେଲଉଡ୍-୨/୨୬)। **ଅଷ୍ଟ୍ରେଲିଆ ଇନିଂସ:** ୧୮ ଓଭରରେ ୧୬୦/୭ (ମିଚେଲ ମାର୍ଶ-୧୦୩*, ମିଚେଲ ଓଏନ-୧୪, ସିନ ଆବଟ-୧୩*; ଜେମ୍ସ ନିଶାମ-୪/୨୬, ଜାକବ ଡୁଫି-୨/୨୯)।

# ଭିନୁ ମଙ୍କଡ଼ ଟ୍ରଫି ପାଇଁ ଓଡ଼ିଶା ଦଳ



ଖବରଦାତା ସମ୍ମିଳନୀରେ ନଟରାଜ ବେହେରା ଓ ପ୍ରଭଞ୍ଜନ ମଲ୍ଲିକ

**ଭୁବନେଶ୍ୱର, ୪ା୧୦ (ତପନ ସ୍ୱାଇଁ):** ବିସିସିଆଇ ଘରୋଇ କ୍ରିକେଟ ୨୦୨୫-୨୬ ସିଜନ ୧୯ ବର୍ଷରୁ କମ୍ ଭିନୁ ମଙ୍କଡ଼ ଟ୍ରଫି ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଓଡ଼ିଶା ଦଳ ଶନିବାର ଘୋଷିତ ହୋଇଛି। ଓଡ଼ିଶା ଜୁନିୟର ଚୟନ କମିଟି ଅଧ୍ୟକ୍ଷ ନଟରାଜ ବେହେରା ଓ ମୁଖ୍ୟ କୋଚ୍ ପ୍ରଭଞ୍ଜନ ମଲ୍ଲିକଙ୍କ ଦ୍ୱାରା ଘୋଷିତ ୧୮ ଜଣିଆ ଦଳରେ ସମିତ ବେଜଙ୍କୁ ଅଧିନାୟକ ମନୋନୀତ କରାଯାଇଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚ ଅକ୍ଟୋବର ୯ରେ ହରିୟାଣାର ଲାହଲିଠାରେ ଗୁଜରାଟ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ସୁଲତାନପୁରରେ ୧୧ରେ ଆନ୍ଧ୍ର ଏବଂ ୧୩ରେ ବିଦର୍ଭକୁ ଭେଟିବ। ଏହାପରେ ୧୫ରେ ଲାହଲିରେ ଗୋଆ ଏବଂ ୧୭ରେ ଝାଡ଼ଖଣ୍ଡ ସହିତ ଖେଳିବ।

**ଓଡ଼ିଶା ଦଳ:** ସମିତ ବେଜ (ଅଧିନାୟକ), ଶୁଭାଶିଷ ମଲ୍ଲିକ, ପଙ୍କଜ ମୋହାନ୍ତି, ଆୟୁଷ ଚାନ୍ଦ, ପ୍ରୟାଣ ପି. ସାମଲ, ବିଶ୍ୱଜିତ ପ୍ରଧାନ, ଆଦିତ୍ୟ ଆନନ୍ଦ, ରୁଦ୍ର ପି. ମଲ୍ଲିକ, ଅଭିରୁପ ଦାସ, ମୃତ୍ୟୁଞ୍ଜୟ ମହାପାତ୍ର, ପ୍ରୀୟାଂଶୁ ମହାନ୍ତି, କ୍ରିଷ୍ଣା ମହାନ୍ତି, ଶିବୁନ ନନ୍ଦ, ଜଗଜ୍ୟେ ଜେନା, ଅର୍ଣ୍ଣବ ଶତପଥୀ, ବିଦ୍ୟମ ତପସ୍ୱୀ, ପୀୟୂଷ ମନ୍ତ୍ରୀ, ସୟଦ ଟି. ଅହମଦ। **ଷ୍ଟାଣ୍ଡବାଇ:** ରାଜ ଯାଦବ, ଅର୍ପିତ ଏସ୍. ମହାନ୍ତି, ସାର୍ଥକ ଏସ୍. ପ୍ରକାଶ, ସ୍ୱାଗତ ଏସ୍. ମିଶ୍ର, ଶାଶ୍ୱତ ରାଉତ, ଅର୍ନବ ପଟ୍ଟନାୟକ, ବୈଭବ ମହାନ୍ତି, ଆଦିତ୍ୟ ରାୟ, ଚନ୍ଦୀପ ଏସ୍. ରିଅର, ନିରବ ଅଗ୍ରୱାଲ।

## ମହିଳା କ୍ରିକେଟ ବିଶ୍ୱକପ୍

# ଅଷ୍ଟ୍ରେଲିଆ-ଶ୍ରୀଲଙ୍କା ମ୍ୟାଚ୍ ବାତିଲ

**କଲମ୍ବୋ, ୪ା୧୦ (ପି.ଟି.)**

ଲଗାଣ ବର୍ଷା ଯୋଗୁ ଶନିବାର ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ମହିଳା କ୍ରିକେଟ ବିଶ୍ୱକପ୍ ମ୍ୟାଚ୍‌କୁ ବାତିଲ କରିଦିଆଯାଇଛି। ଏପରି କି ମ୍ୟାଚର ଟସ୍ ପଡ଼ି ନ ଥିଲା। ଟୁର୍ନାମେଣ୍ଟର ନିୟମାନୁସାରେ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ଗୋଟିଏ ଲେଖାଏ ପଏଣ୍ଟ ବାଣ୍ଟି ନେଇଛନ୍ତି। ଅଷ୍ଟ୍ରେଲିଆ ବର୍ତ୍ତମାନ ଦୁଇଟି ଗେମ୍‌ରୁ ୩ ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଘରୋଇ ଦଳ ସମାନ ସଂଖ୍ୟକ ମ୍ୟାଚ୍‌ରୁ ଗୋଟିଏ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ଅଛି। ଅଷ୍ଟ୍ରେଲିଆ ଏଠାରେ ଅକ୍ଟୋବର ୮ରେ ଏହାର ପରବର୍ତ୍ତୀ ମ୍ୟାଚ୍ ପାକିସ୍ତାନ ବିପକ୍ଷରେ ଖେଳିବାକୁ ଥିବାବେଳେ ଆର୍. ପ୍ରେମଦାସା ଷ୍ଟାଡିୟମରେ ଇଂଲଣ୍ଡ-ଶ୍ରୀଲଙ୍କା ମୁକାବିଲା ହେବ। ଶନିବାର ମ୍ୟାଚ୍ ପୂର୍ବରୁ ଅଷ୍ଟ୍ରେଲିଆ ଏହାର ଉଦ୍‌ଘାଟନୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୮୯ ରନ୍‌ରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଶ୍ରୀଲଙ୍କା ଗୁଆହାଟୀଠାରେ ଭାରତ ବିପକ୍ଷ ଏହାର ଓପନିଂ ମ୍ୟାଚ ଡିଏଲ୍‌ଏସ୍ ପଦ୍ଧତିରେ ୫୯ ରନ୍‌ରେ ପରାଜିତ ହୋଇଛି।

# କୁକୁରଙ୍କ ପ୍ରତି ଭୟ ରହିବା ଦରକାର: କେନିଆ କୋଚ୍

**ନୂଆଦିଲ୍ଲୀ,୪ା୧୦(ପି.ଟି.)**

ଜବାହରଲାଲ ନେହେରୁ ଷ୍ଟାଡିୟମରେ ଟ୍ରେନିଂ ବେଳେ ବୁଲାକୁକୁର କାମୁଡ଼ିଦେବା ଘଟଣା ସମ୍ପର୍କରେ କେନିଆ କୋଚ୍ ଡେନିସ ମାରାଗିଆ ଘଟଣା ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି। ଆୟୋଜକଙ୍କଠାରୁ ଆଶ୍ୱାସନା ପାଇବା ସତ୍ତ୍ୱେ ଅସୁରକ୍ଷିତ ଅନୁଭବ କରୁଥିବା ସେ ପ୍ରକାଶ କରିଛନ୍ତି। ଚଳିତ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ୱାର୍ମ-ଅପ୍ ଟ୍ରାକ୍ ପାଖରେ ଶୁକ୍ରବାର ଡେନିସଙ୍କୁ କୁକୁର କାମୁଡ଼ି ଦେଇଥିଲା। ଅନ୍ୟ ଏକ ଘଟଣାରେ ଜଣେ ଜାପାନିଜ କୋଚ୍ କୁକୁର କାମୁଡ଼ାର ସମ୍ମୁଖୀନ ହୋଇଥିଲେ। "କୁକୁର କାମୁଡ଼ିବା ପରେ ମୋତେ ହସ୍ପିଟାଲ ନିଆଯାଇଥିଲା। ଇଞ୍ଜେକଶନ ଦିଆଯାଇଥିଲା ଏବଂ ବର୍ତ୍ତମାନ ମୁଁ ଠିକ୍ ଅଛି। ଆମେ ପ୍ରାକ୍ଟିସ କରୁଥିଲୁ। କୁକୁରଟି ମୋ ପଛପଟୁ ଆସିଥିବାରୁ ମୁଁ ସେହି କୁକୁରକୁ ଦେଖି ପାରି ନ ଥିଲି। ହେଲେ କୁକୁରଟି ମୋ ଗୋଡ଼କୁ କାମୁଡ଼ିଦେବା ପରେ ଯନ୍ତ୍ରଣା ଅନୁଭବ କରିଥିଲି। ଏଭଳି ଘଟଣା ଘଟିବା ପରେ କୁକୁରଙ୍କୁ ଭେନ୍ୟୁରୁ ହଟାଇବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଥିବା ମୁଁ ଦେଖିପାରୁ ନାହିଁ। ଏବେ ଏକ କୁକୁର ଯାଉଥିବା ମୁଁ ଦେଖିଥିଲି। କୁକୁରମାନଙ୍କୁ ହଟାଇବାକୁ ଅନୁରୋଧ କରିଥିଲି। ମୋତେ ଔଷଧ ନେବାର ଥିବାରୁ ମୁଁ କେନିୟା ଫେରି ପାରିବି ନାହିଁ। ଏଭଳି କିଛି ଘଟଣା ଘଟିବା ପରେ ମନରେ ଭୟ ରହିବା ଦରକାର" ବୋଲି ମାରାଗିଆ କହିଛନ୍ତି।

**କୁକୁରଧରାଳୀ ଦଳ ମୁତୟନ**

ବିଦେଶୀ କୋଚ୍‌ଙ୍କ ଅଭିଯୋଗ ପରେ ମ୍ୟୁନିସିପାଲ କର୍ପୋରେଶନ ଅଫ୍ ଦିଲ୍ଲୀ (ଏମ୍‌ସିଡି) ମିଳିତ ସହଯୋଗରେ ଭେନ୍ୟୁ ନିକଟରେ ଦୁଇଟି କୁକୁରଧରାଳୀ ଦଳକୁ ସ୍ଥାୟୀ ଭାବେ ମୁତୟନ କରାଯାଇଛି। ଆୟୋଜକଙ୍କ ପକ୍ଷରୁ ଗତ ୨୧ ତାରିଖରେ ଏମ୍‌ସିଡି ଷ୍ଟାଡିୟମ ନିକଟରୁ କୁକୁରଙ୍କୁ ହଟାଇବା ଲାଗି ଅନୁରୋଧ କରାଯାଇଥିଲା। ଏ ସମ୍ପର୍କରେ ଏମ୍‌ସିଡି ତୁରନ୍ତ ପଦକ୍ଷେପ ନେବା ସହ ଚାମ୍ପିୟନଶିପ୍ ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ଷ୍ଟାଡିୟମ ପରିସରରୁ କୁକୁରମାନଙ୍କୁ ହଟାଇ ଦିଆଯାଇଥିଲା।


**O/O THE DIVISIONAL FOREST OFFICER-CUM-DMU CHIEF**
**SUNDARGARH FOREST DIVISION, SUNDARGARH**
At/PO/Dist - Sundargarh, Pin - 770001, Odisha
**HIRING OF FMU COORDINATOR FOR ODISHA FORESTRY SECTOR DEVELOPMENT PROJECT, PHASE-II (OFSDP-II)**

**No.MM-211** : Divisional Forest Officer-cum-DMU Chief, Sundargarh Forest Division invite application from suitable candidates for the following position under Sundargarh Forest Division, for working in the Odisha Forestry Sector Development Project, Phase-II.

| Forest Division | Name of the Post | Vacancy |
|---|---|---|
| Sundargarh | **FMU-Coordinator** (Training & Process Documentation) | 1 |
| | **FMU-Coordinator** (Micro Planning & Livelihood Support) | 1 |

Interested candidates may obtain Term of Reference and the Application Form from O/o the Divisional Forest Officer-cum-DMU Chief, Sundargarh Forest Division, during the office hours or may download from the website http://**ofsds**.in/. Filled in application complete in all respect along with Bank Draft for Rs.500/- (Five hundred) in favour of Divisional Forest Officer-cum-DMU Chief, Sundargarh, payable at Sundargarh, should reach O/o the Divisional Forest Officer-cum-DMU Chief, Sundargarh on or before 20.10.2025, 5.00 P.M by registry post/ speed post /courier only.

**Sd./- Divisional Forest Officer-cum-DMU Chief**
**Sundargarh Forest Division**
**OIPR-08034/11/0019/2526**

GOVERNMENT OF ODISHA — No. B-579
**OFFICE OF THE SUPERINTENDING ENGINEER**
**GANJAM (R&B) DIVISION NO. II, BERHAMPUR**
Phone/Fax: 0680-2233996, e-mail: sernb2.ganjam@gmail.com
**INVITATION FOR BIDS (IFB) [e-Procurement]**
**TENDER CALL NOTICE**
**Bid Identification No. SC (R&B)-GM-II-16/2025-26**
No. — Dated: 24.09.2025

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Single Cover System to be received in **ONLINE MODE** only for the work as detailed below:
2) Nature of Work : Road Work
3) No. of Work : 01 No.
4) Tender Cost : Rs.6,000/-
5) Class of Contractor : 'B' Class
6) Availability of bid documents in the website : From 06.10.2025 10.00 A.M. to 20.10.2025 4.00 P.M.
7) Date of opening of Bid : 22.10.2025 at 11.30 A.M.
8) The bidders have to participate in ONLINE bidding only. Further details can be seen from the website **https://tendersorissa.gov.in**.
9) The bidders must submit all the original uploaded documents within 03 days from opening of the tender.

**(Sd./- S. Panigrahi)**
**Superintending Engineer**
**Ganjam (R&B) Division No. II**
**OIPR-34080/11/0034/2526**

**DISTRICT PROJECT MANAGEMENT UNIT - ECRICC PROJECT**
**OFFICE OF THE DIVISIONAL FOREST OFFICER**
**PURI WILDLIFE DIVISION, CHAKRATIRTHA ROAD, PURI - 752002**
**Advertisement Notice for Engagement of Subject Matter Specialist-Fishery for "Enhancing Climate Resilience of Indian Coastal Communities (ECRICC)" Project under PURI (WL) Division, Puri**

No. MM-213: CVs in prescribed format are invited from the interested candidates for engagement as **Subject Matter Specialist** (SMS) in **fishery (1 Number)** for the above said project. The SMS will be based at District Project Management Unit (DPMU), O/o. DFO Puri (WL) Puri or at the project location as decided by the DFO Puri (WL). The person will be responsible for implementation of Project activities in the operational area. The initial period of engagement will be 1 (One) year with renewable in nature upon satisfactory performance. The detail ToRs, eligibility criteria, remuneration etc. are available at **www.puri.odisha.gov.in/ https://forest.odisha.gov.in/ https://wildlife.odisha.gov.in** from **5th Oct. 2025 till 15th Oct. 2025**.
The signed copy of the Application Format along with necessary documents must reach the **O/o. DFO Puri (WL) latest by 5 P.M. of 15th Oct. 2025** through **Registered or Speed Post only**. No other mode of communication will be entertained. The incomplete or applications received after due date and time will summarily be rejected and not to be considered for further processing. The date, time and venue of the Selection Process will be intimated ONLY to the shortlisted candidates though E-mail provided by the candidate in the application format.
The undersigned reserves the right to accept or reject any or all applications or to postpone the selection process without assigning any reason thereof.

**Sd./- Divisional Forest Officer**
**Puri Wildlife Division, Puri**
**OIPR-08140/11/0015/2526**

**ROURKELA SMART CITY LIMITED, Rourkela**
**Udit Nagar, Rourkela-769012, Email: rourkelascl@gmail.com**
**BID ID : RSCL/1413/2025** — **DATE : 03/10/2025**
**NOTICE INVITING TENDER NATIONAL COMPETITIVE BIDDING**

**No.C-1201** : The Chief Executive Officer, RSCL invites bids from eligible contractors for the following project :

| Sl. No | Name of the Projects | Estimated Cost of the Project Rs. |
|---|---|---|
| 1 | Storm Water Drainage at P K Das Colony on Percentage Rate Basis | 2.44 Cr. |

The Tender Fees of Rs.11,800/- to be deposited with the bid which is Non-refundable. The complete BID documents can be viewed / downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 06.10.2025 to 23.10.2025 (up to 17:00 Hrs. IST). Pre- Bid Meeting will be held on 10.10.2025 at 12.30 P.M. in the Conference Hall of RSCL. For queries, intending bidder may contact Ar. Sarthak Sourav Rath, Architect, RSCL vide Phone No. 8984353513, Email Id: rourkelascl@gmail.com.

**Sd./- Chief Executive Officer**
**Rourkela Smart City Limited**
**OIPR-13080/11/0040/2526**

GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH**
**WORKS DEPARTMENT**
**Tender call Notice**
E-mail : pwdoffngd34@gmail.com
**Bid Identification No. S.E-Nayagarh (R&B) Division-Online 08/2025-26**
**No.B-575** : The **Superintending Engineer, Nayagarh (R&B) Division, Nayagarh** on behalf of Governor of Odisha inviting percentage rate bid in Single cover system in ONLINE MODE from eligible contractors for construction of Building work as detailed in the table below :

| | | | |
|---|---|---|---|
| 1. | Nature of Work | : | Building Works |
| 2. | No of Work | : | 20 Nos |
| 3. | Tender Cost & EMD | : | To be remitted online through a process as mentioned in DTCN |
| 4. | Class of Contractor | : | As mentioned in DTCN |
| 5. | Available of Bid Document in the Website | : | From **Dt.06.10.2025** 11.00 A.M. to **Dt.16.10.2025** Up to 5.00 P.M. |
| 6. | Date of opening of Bid | : | Dt.17.10.2025 at 11.00 A.M. |
| 7. | The have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum/ Corrigendum/Cancellation of tender can also be seen in the said website. | | |

**Sd./- Superintending Engineer,**
**Nayagarh (R&B) Division, Nayagarh**
**OIPR-34138/11/0027/2526**

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
**Mail id: seccbbsr@gmail.com**
**REQUEST FOR PROPOSAL No. 06 of 2025-26**
**No. 5810 (Estg.)** — **Bhubaneswar the 3rd Oct. 2025**

No. B-580: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites item rate bid for Training Programme of Working Engineers to be received in online bidding, single cover system for improvement works as detailed in **https://tendersodisha.gov.in**. The details of bid documents will be available in the above website from 5.00 P.M. of 06.10.2025 to 5.00 P.M. of 13.10.2025. The bidders must possess compatible Digital Signature Certificate of Class-II or III. Bids received online shall be opened at 5.30 P.M. of 13.10.2025 in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal **www.tendersodisha.gov.in**.
Addendum/Corrigendum, if required, will be available only in the website.

**Sd./- Er. M.K. Mahananda**
**Chief Construction Engineer**
**Central (R&B) Circle, Bhubaneswar**
**OIPR-34156/11/0049/2526**

**OFFICE OF THE SUPERINTENDENT SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT**
Tel. No. 06852 252121 — E-mail : supdtslnmchkpt.od@gov.in
**No. 6454/2025** — **Dated : 04.10.2025**
**CORRIGENDUM**

**No.E-422** : This is to inform all concerned that Annexure-II (Price Schedule) of the Tender Call Notice No-5889/04.09.2025 for Refilling of Medical Gases IP has been replaced with a revised format. Interested bidders are requested to refer to the updated Annexure-II while submitting their bids. Further, the last date for receipt of Tender Papers is hereby extended to 15.10.2025 and the Technical Bid and Financial Bid will be opened on 16.10.2025 at 12.00 P.M (Noon).
All other terms and conditions of the tender remain unchanged.

**Sd./- Superintendent,**
**SLNMCH, Koraput**
**OIPR-10121/11/0041/2526**

No.C-1207
**CUTTACK MUNICIPAL CORPORATION**
**"e" PROCUREMENT NOTICE**
**Tender ID : 2025_ORULB_116784**
**Tender Call Notice No. 13062 (PW) Date : 04.10.2025**
**&**
**Tender ID : 2025_ORULB_116786 (2 Bid)**
Bid Value : Rs.5.65 Lakh to Rs.41.83 Lakhs &
Bid Value : Rs.59.28 Lakhs
Period of Completion : One Calendar Month to Three Calendar Month
Date and Time schedule :

| Start | End | Opening |
|---|---|---|
| 11.00 P.M. on dt.09.10.2025 | 5.00 P.M. on dt.20.10.2025 | 11.00 A.M. on dt.24.10.2025 |

Tender Details : Can be seen from the procurement portal : **www.tendersorissa.gov.in**

**Sd./- Executive Engineer**
**City Division-III, CMC**
**OIPR-13031/11/0227/2526**

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
**HOUSING & URBAN DEVELOPMENT DEPARTMENT, GOVT. OF ODISHA**
**ଜଟଣୀ ପୌର ପରିଷଦ, ଜଟଣୀ**
**OFFICE OF THE MUNICIPAL COUNCIL, JATANI**
ସ୍ଥାନ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା – ୭୫୨୦୫୦
At/P.S.: Jatani, Dist.: Khordha (Odisha), PIN - 752050
E-mail: municipalityjatni@gmail.com, Phone No. 0674-2490826
**No. 5492/Jatni** — **Date: 04.10.2025**
**EXPRESSION OF INTEREST**

No. C-1208: Sealed quotations are invited from registered Architectural Firms/Reputed Firms having valid Income Tax, GST Registration Certificates and Company Registered Certificate for **Preparation of DPR of different projects in respect of Jatni Municipality** in two cover bid. The cover 1 will contains technical bids and the cover 2 will contains the price bid. After evaluation of technical bid the financial bid of qualified bidders will be opened. The rate should be inclusive of all taxes, conveyance etc. complete in all respect. The tender paper will be available in Jatni Municipality Office on payment of Rs.1000/- (Rupees one thousand) and EMD of Rs.3,000/- (Rupees Three Thousand) in shape of Bank Draft/Cheque/Card transaction in favour of Executive Officer, Jatni Municipality payable at Jatni. The quotation will be received on or before Dt.16.10.25 at 3.00 P.M. and the bid will be opened at 4.00 P.M. in the presence of the bidders or their authorized representative. The details of quotation schedule available in office of undersigned or downloaded from **www.khordha.nic.in / www.jatnimunicipality.in**.
The undersigned reserves all rights to accept/reject any or all EOI without assigning any reason thereof.

**Sd./- Executive Officer, Jatni Municipality**
**OIPR-13041/11/0053/2526**

**ODISHA TOURISM DEVELOPMENT CORPORATION LIMITED**
**(A GOVT. OF ODISHA UNDERTAKING)**
PANTHANIVAS (OLD BLOCK) : LEWIS ROAD : BHUBANESWAR-14
**INVITATION FOR BIDS (IFB)**
**Letter No.2000, Date : 03.10.2025**
**No.CAD-1927**
**NOTICE INVITATION FOR BIDS (NIFB)**
**E-Procurement Notice No. BP-I/20/2025-26 dt.03.10.2025**

1. Nature of Work : Civil, P.H, Interior & Electrical Works
2. Total No. of Works : 11 Nos.
3. Value of Works : From Rs.81,06,438.00 to 7,96,18,944.00
4. Bid Security : As per NIT
5. Class of Contractor : As per NIT
6. Period of Completion : 02 (Two) to 18 (Eighteen) Months
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of Opening of Tender |
|---|---|---|---|---|
| Superintending Engineer O.T.D.C., Ltd., Bhubaneswar | BP-I/20/2025-26 Dt.03.10.2025 | From 10.10.2025 | To 27.10.2025 | **11.30** Hours **of dt.28.10.2025** in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website **www.etenderodisha.gov.in**

**Sd./- Superintending Engineer**
**O.T.D.C. Ltd., Bhubaneswar**
**OIPR-37002/11/0119/2526**

PUBLIC SERVICE COMMISSION ODISHA
**ODISHA PUBLIC SERVICE COMMISSION CUTTACK**
**NOTICE**
**No. 7021 / P.S.C., Dt. 04.10.2025**
**(1R-15-24/25) (DR-V)**
**Assistant Professor (Stage-I) in Physics**
**(Advertisement No.27 of 2023-24)**

**No.D-** : It is for information of all concerned that, document verification of **116 (One hundred sixteen)** candidates having PPSAN mentioned below for the post of **Assistant Professor (Stage-I) in "Physics"**, pursuant to Advertisement No.27 of 2023-24 shall be held from **14.10.2025 to 18.10.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 14.10.2025 | 10.30 AM | P220088579, P240297893, P240301354, P240303070, P240309094, P240290893, P240313012, P220077808, P240306894, P230187139, P240300691, P240299270, P230178622 & P240305058 **= 14 Candidates** |
| | 2.30 PM | P240312943, P230179707, P240296281, P230179095, P240296291, P230176205, P240300264, P240308129, P240309075 & P230179913 **= 10 Candidates** |
| 15.10.2025 | 10.30 AM | P220039482, P240307976, P240307110, P230159159, P230176864, P240311016, P230177719, P240311903, P240306413, P240313284, P240302156, P240309710, P230175842 & P220082075 **= 14 Candidates** |
| | 2.30 PM | P240311132, P230187567, P230186134, P240296210, P230176204, P240313307, P230182899, P230186966, P240306432 & P230091128 **= 10 Candidates** |
| 16.10.2025 | 10.30 AM | P240301665, P240306758, P220084711, P240302431, P230174021, P240301761, P240304934, P230174072, P240305585, P240302159, P240311857, P230176106, P240308911 & P240306052 **= 14 Candidates** |
| | 2.30 PM | P240305907, P220088022, P230180376, P230181689, P240307902, P240301113, P230179133, P230186656, P220076692 & P240303840 **= 10 Candidates** |
| 17.10.2025 | 10.30 AM | P230178620, P240298115, P240308072, P240302719. P240308113, P240248669, P240302293, P240302766, P240303360, P230156379, P230181788, P230180846, P230182540 & P230174686 **= 14 Candidates** |
| | 2.30 PM | P230140402, P230150982, P240312113, P240303722, P230176138, P230106768, P230108411, P240307932, P230091974 & P240308933 **= 10 Candidates** |
| 18.10.2025 | 10.30 AM | P220075141, P240305755, P240312370, P230174707, P240255158, P240264675, P230178510, P240302755, P240297939, P240298470, P220041658, P240296232, P230180837 & P240238964 **= 14 Candidates** |
| | 2.30 PM | P230169078, P240296567, P240303838, P230159906, P240297468 & P220034408 **= 06 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in**.
The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.
**Note: -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**OIPR-12002/11/0324/2526** — **Sd/- Secretary**

## ୮ରେ ଭାରତ ଆସିବେ ଷ୍ଟାର୍ମର

ନୂଆଦିଲ୍ଲୀ,୪।୧୦(ପି.ଟି.): ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଆସନ୍ତା ୮ ତାରିଖରୁ ଦୁଇଦିନିଆ ଭାରତ ଗସ୍ତରେ ଆସିବେ। ଗତବର୍ଷ ଜୁଲାଇରେ ଷ୍ଟାର୍ମର କ୍ଷମତାକୁ ଆସିବା ପରେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ। ଏହା ଦୁଇ ଦେଶର ସମ୍ପର୍କକୁ ଆଗକୁ ବଢ଼ାଇ ନେବାରେ ବହୁମୂଲ୍ୟ ସୁଯୋଗ ସୃଷ୍ଟି କରିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୯ ତାରିଖରେ ଷ୍ଟାର୍ମର ମୁମ୍ବାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ।

### ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଦିଲ୍ଲୀରେ ଆଜି



ଛଟ୍ ପୂଜା ପ୍ରସ୍ତୁତି ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଓ ଉପମୁଖ୍ୟମନ୍ତ୍ରୀ ପରଭେଶ୍ ବର୍ମା ଶନିବାର ବୋଟ୍ ଯୋଗେ ଯମୁନା ନଦୀ ଘାଟଗୁଡ଼ିକର ସ୍ଥିତି ପରିଦର୍ଶନ କରୁଛନ୍ତି। ଏହି ଅବସରରେ ଉଭୟ ଯମୁନା ଘାଟର ସଫେଇ ଏବଂ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅନୁଧ୍ୟାନ କରୁଛନ୍ତି। **(ଫଟୋ: ଚମନ ଗୌତମ)**

# ୟୁପିଆଇ ପେମେଣ୍ଟରେ ୧.୨୫ ଗୁଣା ଶୁଳ୍କ

### ନଭେମ୍ବର ୧୫ରୁ ନୂଆ ଫାସ୍‌ଟାଗ୍ ନିୟମ

ନୂଆଦିଲ୍ଲୀ,୪।୧୦

ଗାଡ଼ିଗୁଡ଼ିକରୁ ଟୋଲ୍ ଫି ଆଦାୟ କ୍ଷେତ୍ରରେ ନଭେମ୍ବର ୧୫ରୁ ନୂଆ ନିୟମ ଲାଗୁ ହେବାକୁ ଯାଉଛି। ବୈଧ ଫାସ୍‌ଟାଗ୍ ନ ଥିବା ଗାଡ଼ି ପାଇଁ ନଗଦ କାରବାର କରୁଥିବା ଚାଳକଙ୍କୁ ୨ ଗୁଣା ଶୁଳ୍କ ଦେବାକୁ ପଡୁଥିବାବେଳେ ୟୁପିଆଇ ଜରିଆରେ ପେମେଣ୍ଟ କଲେ ନିୟମିତ ଦେୟର ୧.୨୫ ଗୁଣା ଦେବାକୁ ହେବ। ଫାସ୍‌ଟାଗ୍ ନଥିବା ୟୁଜରମାନଙ୍କ ପାଇଁ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ନ୍ୟାଶନାଲ ହାଇୱେଜ୍ ଫି ନିୟମାବଳୀ, ୨୦୦୮ରେ ପରିବର୍ତ୍ତନ କରାଯାଇ ସେମାନଙ୍କ ଦେୟ ପୈଠ ମାଧ୍ୟମ ଆଧାରରେ ଭିନ୍ନ ଶୁଳ୍କ ଧାର୍ଯ୍ୟ କରାଯାଇଛି। ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ଏବଂ ଟୋଲ୍ ପ୍ଲାଜାରେ ଭିଡ଼ ହ୍ରାସ କରିବା ଏହାର ଲକ୍ଷ୍ୟ। ଉଦାହରଣ ସ୍ୱରୂପ ଯଦି ବୈଧ ଫାସ୍‌ଟାଗ୍ ଥିବା ଗାଡ଼ି ପାଇଁ ୟୁଜର ଦେୟ ୧୦୦ ଟଙ୍କା ହୋଇଥାଏ, ତେବେ ଫାଷ୍ଟାଗ୍ ନ ଥିବା ଗାଡ଼ି ପାଇଁ ନଗଦ ଆକାରରେ ୨୦୦ ଟଙ୍କା ଏବଂ ୟୁପିଆଇରେ ପୈଠ କଲେ ୧୨୫ ଟଙ୍କା ଦେବାକୁ ପଡ଼ିବ। ଏହା ଶୁଳ୍କ ସଂଗ୍ରହ ପ୍ରକ୍ରିୟାକୁ ସୁଦୃଢ଼ କରିବା ସହ ଟୋଲ୍ ଆଦାୟରେ ସ୍ୱଚ୍ଛତା ବଢ଼ାଇବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇପାରନ୍ତି ସାନେ ତାକାଇଚି

### ଶାସକ ଦଳର ନୂଆ ନେତା ନିର୍ବାଚିତ

ଟୋକିଓ,୪।୧୦



ସାନେ ତାକାଇଚି

ପୂର୍ବତନ ଅର୍ଥନୈତିକ ସୁରକ୍ଷା ମନ୍ତ୍ରୀ ସାନେ ତାକାଇଚିଙ୍କୁ ଜାପାନର ଶାସକ ଦଳ ଶନିବାର ନୂଆ ନେତା ନିର୍ବାଚିତ କରିଛି। ଶାସକ ଦଳର ଅଧ୍ୟକ୍ଷ ହୋଇଥିବାରୁ ସେ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ଲିବେରାଲ ଡେମୋକ୍ରାଟିକ୍ ପାର୍ଟିର ନେତା ନିର୍ବାଚନରେ ତାକାଇଚି ପୂର୍ବତନ ପ୍ରଧାନମନ୍ତ୍ରୀ ଜୁନିଚିରୋ କୋଇଜୁମିଙ୍କ ପୁଅ ତଥା କୃଷିମନ୍ତ୍ରୀ ଶିଞ୍ଜିରୋ କୋଇଜୁମିଙ୍କୁ ପରାସ୍ତ କରିଛନ୍ତି।

ଲିବେରାଲ ଡେମୋକ୍ରାଟମାନଙ୍କ ନୂଆ ଅଧ୍ୟକ୍ଷ ତାକାଇଚି ପୁରୁଷପ୍ରାଧାନ୍ୟ ଦଳର ଜଣେ ଅତ୍ୟନ୍ତ ରକ୍ଷଣଶୀଳ ନେତ୍ରୀ। ମହିଳାମାନଙ୍କ ଅଗ୍ରଗତିରେ ଏହା ବାଧକ ହୋଇପାରେ ବୋଲି ସମାଲୋଚକମାନେ କହିଛନ୍ତି। ୬୪ ବର୍ଷୀୟା ତାକାଇଚି ପୂର୍ବତନ ବ୍ରିଟିଶ ପ୍ରଧାନମନ୍ତ୍ରୀ ମାର୍ଗାରେଟ୍ ଥାଚରଙ୍କ ଜଣେ ପ୍ରଶଂସକ ଏବଂ ଜାପାନ ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ରକ୍ଷଣଶୀଳ ଦୃଷ୍ଟିଭଙ୍ଗୀର ସମର୍ଥକ। ୧୯୯୩ରେ ପ୍ରଥମେ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିବା ତାକାଇଚି ଦଳ ଓ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି।

# ‘ଜୁବିନ୍‌ଙ୍କୁ ବିଷ ଦିଆଯାଇଥିଲା’

■ବ୍ୟାଣ୍ଡମେଟ୍‌ଙ୍କ ଚାଞ୍ଚଲ୍ୟକର ଅଭିଯୋଗ

■ତଦନ୍ତ ପାଇଁ ନ୍ୟାୟିକ କମିଶନ ଗଢ଼ିଲେ ଆସାମ ସରକାର

■ବ୍ୟବଚ୍ଛେଦ ରିପୋର୍ଟ ଫେରାଇଦେଲେ ଜୁବିନ୍‌ଙ୍କ ସ୍ତ୍ରୀ

ଗୁଆହାଟୀ,୪।୧୦

ଖ୍ୟାତନାମା ଗାୟକ ଜୁବିନ୍ ଗର୍ଗଙ୍କୁ ସିଙ୍ଗାପୁରରେ ବିଷ ଦିଆଯାଇଥିଲା ବୋଲି ତାଙ୍କ ବ୍ୟାଣ୍ଡମେଟ୍ ଶେଖରଜ୍ୟୋତି ଗୋସ୍ୱାମୀ ଚାଞ୍ଚଲ୍ୟକର ଅଭିଯୋଗ କରିଛନ୍ତି। ଜୁବିନ୍‌ଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମା ଏବଂ ଇଭେଣ୍ଟ ମ୍ୟାନେଜର ଶ୍ୟାମକାନୁ ମହାନ୍ତ ତାଙ୍କୁ ବିଷ ଦେଇଥିଲେ, ଯେଉଁଥିପାଇଁ ତାଙ୍କର ମୃତ୍ୟୁ ଘଟିଲା ବୋଲି ଗୋସ୍ୱାମୀ ତଦନ୍ତକାରୀ ଅଫିସରଙ୍କୁ କହିଥିବା ଜଣାପଡ଼ିଛି। ଜୁବିନ୍ ମୃତ୍ୟୁ ମାମଲାର ତଦନ୍ତ ପାଇଁ ଆସାମ ସରକାର ଜଣିକିଆ ନ୍ୟାୟିକ କମିଶନ ଗଠନ କରିଛନ୍ତି। ଗୌହାଟୀ ହାଇକୋର୍ଟରେ ବିଚାରପତି ଜଷ୍ଟିସ୍ ସୌମିତ୍ର ସାଇକିଆଙ୍କ ନେତୃତ୍ୱରେ ଗଠିତ କମିଶନ ୬ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବେ।

ଜୁବିନ୍‌ଙ୍କ ବ୍ୟବଚ୍ଛେଦ ରିପୋର୍ଟ ପୋଲିସ ଶନିବାର ତାଙ୍କ ସ୍ତ୍ରୀ ଗରିମାଙ୍କୁ ହସ୍ତାନ୍ତର କରିଥିବାବେଳେ ସେ ଏହାକୁ ଫେରାଇ ଦେଇଛନ୍ତି। ଜୁବିନ୍ ସେପ୍ଟେମ୍ବର ୧୯ରେ ସିଙ୍ଗାପୁରରେ ଏକ ଦ୍ୱୀପ ନିକଟରେ ସନ୍ତରଣ କରୁଥିବାବେଳେ ରହସ୍ୟଜନକ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ନର୍ଥଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ ସଙ୍ଗୀତ ପରିବେଷଣ ପାଇଁ ଜୁବିନ୍ ସିଙ୍ଗାପୁର ଯାଇଥିଲେ। ମହାନ୍ତ ଓ ତାଙ୍କ କମ୍ପାନୀ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି ମାମଲାରେ ଜୁବିନ୍‌ଙ୍କ ମ୍ୟାନେଜର, ବ୍ୟାଣ୍ଡର ୨ ସଦସ୍ୟ ଗୋସ୍ୱାମୀ ଏବଂ ଅମ୍ରିତପ୍ରଭା ମହାନ୍ତଙ୍କ ସମେତ ୪ ଜଣଙ୍କୁ ପୋଲିସ ଗିରଫ କରିବା ପରେ ସେମାନଙ୍କୁ ରିମାଣ୍ଡରେ ନେଇଥିଲା।



ଜୁବିନ୍ ଗର୍ଗ

ସନ୍ତରଣ ବେଳେ ଜୁବିନ୍ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ସହ ବୁଡ଼ିଯିବା ଅବସ୍ଥାକୁ ଆସିଯାଇଥିଲେ। ଏଭଳି ସମୟରେ ତାଙ୍କ ମ୍ୟାନେଜର ସିଦ୍ଧାର୍ଥ ‘ଜାବୋ ଦେ, ଜାବୋ ଦେ’ (ତାଙ୍କୁ ଯିବାକୁ ଦିଅ) ବୋଲି କହୁଥିବା ଶୁଣାଯାଇଥିଲା। ଜୁବିନ୍ ଜଣେ ଦକ୍ଷ ସନ୍ତରଣକାରୀ ହୋଇଥିବାରୁ ବୁଡ଼ିଯାଇ ମୃତ୍ୟୁ ହୋଇ ନ ଥାଇପାରେ ବୋଲି କୁହାଯାଉଛି। ଗୋସ୍ୱାମୀଙ୍କ ଅଭିଯୋଗ ଅନୁଯାୟୀ, ସିଦ୍ଧାର୍ଥ ଏବଂ ଶ୍ୟାମକାନୁ ମହାନ୍ତ ଗାୟକଙ୍କୁ ବିଷ ଦେଇଥିଲେ ଓ ଷଡ଼ଯନ୍ତ୍ରକୁ ଲୁଚାଇବା ପାଇଁ ଜାଣିଶୁଣି ବିଦେଶୀ ସ୍ଥାନକୁ ବାଛିଥିଲେ। ନୌକାଭ୍ରମଣ ବେଳର ଭିଡିଓ କାହା ସହ ଶେୟାର ନ କରିବାକୁ ସିଦ୍ଧାର୍ଥ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଗୋସ୍ୱାମୀ କହିଛନ୍ତି। ନୌକା ଚାଳକଙ୍କଠାରୁ ସିଦ୍ଧାର୍ଥ ଜବରଦସ୍ତ ଏହାର ନିୟନ୍ତ୍ରଣ ନିଜ ହାତକୁ ନେଇଥିଲେ।

# ବିହାରରେ ୬୨,୦୦୦ କୋଟିର ପ୍ରକଳ୍ପ ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୪।୧୦

ବିଧାନସଭା ନିର୍ବାଚନ ହେବାକୁ ଥିବା ବିହାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୬୨,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ଯୁବକେନ୍ଦ୍ରିକ ଇନିସିଏଟିଭ୍ ଓ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ରାଜ୍ୟରେ ଆର୍‌ଜେଡି ଶାସନ କାଳରେ ଦେଖାଦେଇଥିବା ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଯୋଗୁ ବହୁ ସଂଖ୍ୟାରେ ବିହାରୀ ଯୁବବର୍ଗ ବାହାର ରାଜ୍ୟକୁ ଚାଲିଯାଇଛନ୍ତି। ନୀତୀଶ କୁମାରଙ୍କ ସରକାର ସ୍ଥିତିରେ ଉନ୍ନତି ଆଣିବା ସହ ରାଜ୍ୟକୁ ପ୍ରଗତି ପଥରେ ନେଇଯାଇଥିବା କହି ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୁରୀ ଠାକୁରଙ୍କ ଜନନାୟକ ସମ୍ମାନକୁ କେତେଜଣ ଚୋରି କରିବାକୁ ଉଦ୍ୟମ କରୁଥିବା କହି ପ୍ରଧାନମନ୍ତ୍ରୀ ପରୋକ୍ଷରେ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛନ୍ତି। ୬୦ ହଜାର କୋଟି ଟଙ୍କା ବ୍ୟୟରେ ପିଏମ୍-ସେତୁ (ପ୍ରଧାନମନ୍ତ୍ରୀ ସ୍କିଲିଂ ଆଣ୍ଡ୍ ଏମ୍ପ୍ଲଏବିଲିଟି ଟ୍ରାନ୍ସଫର୍ମେଶନ ଥ୍ରୋ ଅପ୍‌ଗ୍ରେଡେଡ୍ ଆଇଟିଆଇ)ର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ। ବିହାରର ଯୁବବର୍ଗଙ୍କୁ ରାଜ୍ୟ ଭିତରେ ନିଯୁକ୍ତି ସୁନିଶ୍ଚିତ କରାଇବା ଏହି ଯୋଜନାର ଲକ୍ଷ୍ୟ।

# ଟ୍ରମ୍ପ୍‌ଙ୍କ ଅସ୍ତ୍ରବିରତି ଯୋଜନାରେ ହଁ ଭରିଲା ହମାସ୍

### ଇସ୍ରାଏଲ ଆକ୍ରମଣରେ ୬୧ ପାଲେଷ୍ଟିନୀୟ ମୃତ

ଗାଜା ସିଟି/ୱାଶିଂଟନ୍,୪।୧୦

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଗାଜା ଅସ୍ତ୍ରବିରତି ଯୋଜନାକୁ ନେଇ ସଶସ୍ତ୍ର ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍ ସହମତି ପ୍ରକାଶ କରିଛି। ରବିବାର ଆମେରିକୀୟ ସମୟ ସନ୍ଧ୍ୟା ୬ଟା ସୁଦ୍ଧା ତାଙ୍କ ୨୦ ସୂତ୍ରୀ ପିସ୍ ପ୍ଲାନ୍‌କୁ ଗ୍ରହଣ ନ କଲେ ହମାସ୍ ପରିଣାମ ଭୋଗିବ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଥିଲେ, ଯାହାକୁ ହମାସ୍ ମାନିନେଇଛି। ଟ୍ରମ୍ପ୍‌ଙ୍କ ଗାଜା ଅସ୍ତ୍ରବିରତି ଯୋଜନାକୁ ନେଇ ହମାସ ସହମତି ପ୍ରକାଶ କରିବା ପରେ ଏହା କବଳରେ ଥିବା ଅବଶିଷ୍ଟ ୪୮ ଇସ୍ରାଏଲୀ ପଣବନ୍ଦୀ ଆଗାମୀ ୩ ଦିନ ମୁକ୍ତ ହେବା ନେଇ ଆଶା ସୃଷ୍ଟି ହୋଇଛି। ଇସ୍ରାଏଲ୍ ମଧ୍ୟ ବିଭିନ୍ନ ଜେଲରେ ରଖିଥିବା ପାଲେଷ୍ଟିନୀୟମାନଙ୍କୁ ପର୍ଯ୍ୟାୟକ୍ରମେ ଛାଡ଼ିବାକୁ ରାଜି ହୋଇଛି। ଏହାଦ୍ୱାରା ୨ ବର୍ଷ ଧରି ଚାଲିଥିବା ଇସ୍ରାଏଲ୍-ହମାସ୍ ଯୁଦ୍ଧର ଅବସାନ ଘଟିବା ନେଇ ଆଶା ଉଜ୍ଜ୍ୱଳ ହୋଇଛି। ଗାଜା ଷ୍ଟ୍ରିପ୍‌କୁ ସ୍ଥାୟୀ ଶାନ୍ତି ଫେରାଇ ଆଣିବା ଦିଗରେ ଟ୍ରମ୍ପ୍‌ଙ୍କ ଉଦ୍ୟମକୁ ଭାରତ ଦୃଢ଼ ସମର୍ଥନ ଜାରି ରଖିବ କହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ତେବେ ଗାଜା ଅସ୍ତ୍ରବିରତି ଯୋଜନାରେ ହମାସ ରାଜି ହେବା ପରେ ଗାଜା ଉପରେ ବୋମାମାଡ଼ ନ କରିବାକୁ ଟ୍ରମ୍ପ୍ ଇସ୍ରାଏଲକୁ ଅନୁରୋଧ କରିଛନ୍ତି। ଏହାସତ୍ତ୍ୱେ ମଧ୍ୟ ଇସ୍ରାଏଲ ପକ୍ଷରୁ ଶନିବାର ଗାଜା ଷ୍ଟ୍ରିପ୍‌ରେ ଆକ୍ରମଣ କରାଯାଇଛି, ଯେଉଁଥିରେ ୬୧ ଜଣ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଛି।

# ଆରବ ସାଗରରେ ବନ୍ଦର ନିର୍ମାଣ ପାଇଁ ଆମେରିକାକୁ ପାକ୍‌ର ପ୍ରସ୍ତାବ

ନୂଆଦିଲ୍ଲୀ, ୪।୧୦

ଆରବ ସାଗରରେ ଏକ ନୂତନ ବନ୍ଦର ନିର୍ମାଣ କରିବା ପାଇଁ ପାକିସ୍ତାନ ପକ୍ଷରୁ ଆମେରିକାକୁ ପ୍ରସ୍ତାବ ଦିଆଯାଇଛି। ଏନେଇ ବ୍ରିଟିଶ୍ ଖବରକାଗଜ ଫାଇନାନ୍ସିଆଲ ଟାଇମ୍ସରେ ଏକ ରିପୋର୍ଟ ପ୍ରକାଶ ପାଇଛି। ପାକିସ୍ତାନ ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନିରଙ୍କ ପରାମର୍ଶଦାତାମାନେ ଏ ସମ୍ପର୍କରେ ଆମେରିକୀୟ ଅଧିକାରୀମାନଙ୍କୁ ପ୍ରସ୍ତାବ ଦେଇଥିବା ନେଇ ରିପୋର୍ଟରେ କୁହାଯାଇଛି। ପ୍ରସ୍ତାବ ଅନୁଯାୟୀ, ଆମେରିକୀୟ ନିବେଶକମାନେ ଆରବସାଗର ଉପକୂଳରେ ବେଲୁଚିସ୍ତାନ ପ୍ରଦେଶର ଗ୍ୱାଦର ଜିଲାରେ ଥିବା ପାସନି ସହରରେ ଏକ ବନ୍ଦର ଟର୍ମିନାଲ ନିର୍ମାଣ କରିବା ସହ ଏହାକୁ ପରିଚାଳନା କରିବେ। ଏହାଦ୍ୱାରା ପାକିସ୍ତାନର ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ନିକଟରେ ଆମେରିକୀୟ ନିବେଶକମାନେ ସହଜରେ ପହଞ୍ଚିପାରିବେ।

# ଆମେରିକାରେ ଭାରତୀୟ ଛାତ୍ରଙ୍କୁ ଗୁଳିକରି ହତ୍ୟା

ଡଲାସ, ୪।୧୦

ଆମେରିକାର ଟେକ୍ସାସ୍ ରାଜ୍ୟ ଡଲାସ ସହରର ଏକ ଗ୍ୟାସ୍ ଷ୍ଟେଶନରେ କାର୍ଯ୍ୟରତ ଭାରତୀୟ ଛାତ୍ର ଚନ୍ଦ୍ରଶେଖର ପୋଲ (୨୮)ଙ୍କୁ ଶୁକ୍ରବାର ରାତିରେ ଜଣେ ଆତତାୟୀ ଗୁଳିକରି ହତ୍ୟା କରିଛନ୍ତି। ହାଇଦ୍ରାବାଦର ଚନ୍ଦ୍ରଶେଖର ଭାରତରେ ଡେଣ୍ଟାଲ ସର୍ଜରିରେ ଗ୍ରାଜୁଏଶନ କରିବା ପରେ ୨୦୨୩ରେ ଉଚ୍ଚଶିକ୍ଷା ପାଇଁ ଆମେରିକା ଯାଇଥିଲେ। ନିକଟରେ ସେ ଆମେରିକାରେ ନିଜ ମାଷ୍ଟର ଡିଗ୍ରୀ ପୂରା କରି ଏକ ପେଟ୍ରୋଲ ପମ୍ପରେ ପାର୍ଟଟାଇମ୍ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଚନ୍ଦ୍ରଶେଖରଙ୍କ ମୃତଦେହକୁ ଆମେରିକାରୁ ହାଇଦ୍ରାବାଦ ଆଣିବା ପାଇଁ ତାଙ୍କ ପରିବାର ପକ୍ଷରୁ କେନ୍ଦ୍ର ସରକାରଙ୍କୁ ନିବେଦନ କରାଯାଇଛି। ସ୍ଥାନୀୟ ବିଧାୟକ ତଥା ତେଲଙ୍ଗାନାର ପୂର୍ବତନ ମନ୍ତ୍ରୀ ସୁଧୀର ରେଡ୍ଡୀ ଶନିବାର ଚନ୍ଦ୍ରଶେଖରଙ୍କ ଘରକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି।


# Classified Everyday 0674-2580101, 9692975378



MATRIMONIAL

## GROOM WANTED

Brahmin bride B.Tech (CET), Age-27 years, 5'7", Asst. Manager (SBI PO), father Sr. Class-1 Officer (Retd.) groom required Bank Officers, Engineers, Doctors (State/Central Govt. and PSU). Contact: 8280857693. D-2145

ବୟସ 28, Primary School Teacher ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-2179

Govt, ଚାକିରିଆ 58 ବୟସ୍କା, ଜାତିରେ Brahmin Unmrd ଏକାକୀ ରହୁଥିବା ଝିଅଙ୍କୁ Anycasteର ବରପାତ୍ର ଆବଶ୍ୟକ। 7873141286. D-2178

Beautiful Khandayat girl 24+ 5'5" MBA (Hyderabad) serving Tech Mahindra Hyderabad "Sunasansar" 9937512659. D-2188

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



REAL ESTATE

## SALE

ଭୁବନେଶ୍ୱର **NISER, IIT** ଜଟଣୀ ପାଖରେ ପ୍ରସ୍ତାବିତ **BDA 200ft** ରୋଡକୁ ଲାଗି **investment** ପ୍ଲଟ୍ ପୋଜେସନ ଥାଇ **Sqft.- 650/-, 850/-** ବିକ୍ରି ହେଉଛି- **9337166296.** D-1942

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018

Gharabari bounded plot 10000sqft and 2400sqft for sale Adjecent to Meera's courtyard at kurunti, near kuranga footballfield, 200mtrs from Niali- Nakhara SH, Cuttack Sadar. Contact: 7008815552. D-76858

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **(owner)- 9090963952.** D-02

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

Car washing Centre available on lease, Maruti Gypsy King, steel body for sale. Nayapali, Bhubaneswar. Contact No.- 9437637168. D-2184




The massage felt totally professional & comfortable at all times-7978109255. D-76495

## LOST

ମୁଁ କ୍ଷମା ତରଙ୍ଗିନୀ ପୁହାଣ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରୀ ଅଟେ। ମୋର ରୋଲ ନଂ- 11 D IS074 ବର୍ଷ 2014 ର ଛାତ୍ରୀ ଅଟେ। ମୋର ମୂଳ ଟିସି ଓ ଆଚରଣ ପ୍ରମାଣ ପତ୍ର ଯାହା ଉଇ ଦ୍ୱାରା ନଷ୍ଟ ହୋଇଯାଇଅଛି। ଧ-2187

## AFFIDAVIT

I, Mitali Adhaikalam, W/o- Issac Selvom Adhaikalam, resident of Ainthapali, P.O./P.S.- Ainthapali, Dist.- Sambalpur- 768004, Odisha declare by this affidavit No.- 1344 date 25.08.2025 that now onwards I shall be known as Mitali Adaikalam, W/o- Issac Selvom Adaikalam for all future purposes. D-2181

By virtue of an affidavit sworn before the Executive Magistrate, Balangir, No.- 2185 date- 22.9.25, I, Hemraj Agrawal, R/o. At- Nirmala Sharee Centre, In front of Samaleswari Temple, Balangir, P.O./P.S./ Dist.- Balangir- 767001 (Odisha) declare that, I have changed my name from Hemaraj Agrawal to Hemraj Agrawal. Henceforth I shall be known as Hemraj Agrawal for all purposes.
Hemraj Agrawal
D-2182

By virtue of an affidavit sworn before the Executive Magistrate, Boudh, No.- 1384, date- 03/10/25. I, Susanta Naik, R/o- Village/P.O.- Butupali, P.S./Dist.- Boudh, Odisha, PIN- 762014, declare that I have changed my son's name from ADARSHA NAIK to ADARSH NAIK. Henceforth he shall be known as ADARSH NAIK for all purposes.
Susanta Naik
D-2183

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱ କୁନ୍ତଳା ବେହେରା**
ସ୍ୱାମୀ - ସ୍ୱ ଦୈତ୍ୟାରୀ ବେହେରା
୨୧୨୦, କଳ୍ପନା ଏରିଆ, ସବରସାହି ଲେନ୍, ଭୁବନେଶ୍ୱର
ଆଜି ଆପଣଙ୍କର ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମ୍ଳାନ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ
ଧ-୨୧୮୫

### ଚତୁର୍ଦ୍ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ରୀତା ମହାନ୍ତି**
ମଙ୍ଗଳପୁର, ଜଗତ୍‌ସିଂହପୁର
ଆବିର୍ଭାବ: ୧୪।୦୪।୧୯୫୮
ତିରୋଧାନ: ୨୨।୦୯।୨୦୨୫
ମା' ତୋର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୋ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର- ମୁନ୍ନ, ବାପି, ସୋନୁ, ପୁତ୍ରବଧୂ- ଲିଟିଲ, ମଧୁ, ଝିଅ- ରୋଜି, ଲିମା, ରିମା, ସୀମା, ନାତି ଓ ନାତୁଣୀ ଯଥା କ୍ରିଷ୍ଣାକ୍ଷୀ, କ୍ରିଷାଙ୍ଗ, କାବ୍ୟା ଓ କାମ୍ୟା।
ଧ-୨୧୮୬

# ଇମୋଶନାଲ ଇଟିଂ

**ସାଧାରଣତଃ ମଣିଷ ଭୋକ ହେଲେ ଖାଦ୍ୟ ଖାଇଥାଏ। ହେଲେ ଯେବେ ମଣିଷର ମନ କୌଣସି କାରଣରୁ ଭାରାକ୍ରାନ୍ତ ଥାଏ ଅବା ଅବସାଦଗ୍ରସ୍ତ ଥାଏ, ତେବେ ଏହାକୁ ଶାନ୍ତ କରିବା ଲାଗି କେବେକେବେ ମନ ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବାକୁ ଇଚ୍ଛା ପ୍ରକାଶ କରିଥାଏ। ଡାକ୍ତରୀ ଭାଷାରେ ଏହାକୁ ଇମୋଶନାଲ ଇଟିଂ ବା ଷ୍ଟ୍ରେସ୍ ଇଟିଂ ବୋଲି କୁହାଯାଏ। ଯଥା ସମୟରେ ଏହି ଇଚ୍ଛାକୁ ନିୟନ୍ତ୍ରଣ କରା ନ ଗଲେ ଏହା ଅନ୍ୟ ଶାରୀରିକ ସମସ୍ୟାର କାରଣ ସାଜିପାରେ...**



କେବେ ପାଠପଢ଼ା ତ ଆଉ କେବେ ଚାକିରି, ପରିବାର କିମ୍ବା ପ୍ରେମ ବ୍ୟାପାରକୁ ନେଇ ଅନେକ ଯୁବତୀଯୁବକଙ୍କଠାରେ ଟେନ୍‌ଶନ୍, ଷ୍ଟ୍ରେସ୍, ଡିପ୍ରେଶନ୍ ଭଳି ମାନସିକ ସ୍ଥିତି ଦେଖିବାକୁ ମିଳିଥାଏ। ଯେଉଁଥିରୁ ମୁକୁଳିବା ଲାଗି ଅନେକେ ଗୀତ ଶୁଣିବା, ମୁଭି ଦେଖିବା, ବୁଲିବାକୁ ଯିବା, ଗଛ ଲଗାଇବା, ଗପ କିମ୍ବା ଆଧ୍ୟାତ୍ମିକ ବହି ପଢ଼ିବା ଭଳି ବିଭିନ୍ନ ଷ୍ଟ୍ରେସ୍ ଫ୍ରି ଥେରାପି ଆପଣାଇଥା'ନ୍ତି। ହେଲେ ଏମିତିବି ଅନେକେ ଅଛନ୍ତି, ଯେଉଁମାନଙ୍କ ମସ୍ତିଷ୍କ ଏଭଳି ସ୍ଥିତି ବା ନକାରାତ୍ମକ ଭାବନା ଦୂରେଇବା ଲାଗି ବିଭିନ୍ନ ପ୍ରକାରର ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ଯଥା– ପେଷ୍ଟ୍ରୀ, ଆଇସ୍‌କ୍ରିମ୍, ମିଠା, ଚକୋଲେଟ୍, ଚିପ୍ସ କିମ୍ବା ଅନ୍ୟ ଜଙ୍କ୍ ଫୁଡ୍ ଖାଇବାର ଇଚ୍ଛା ପ୍ରକାଶ କରିଥାଏ। କେବେକେବେ ବହୁବାର ଚା କିମ୍ବା କଫି ପିଇବା ଦ୍ୱାରା ବି ସେମାନେ ରିଲାକ୍ସ ଫିଲ୍ କରିଥା'ନ୍ତି। ହେଲେ ଏଭଳି ହାଇ କ୍ୟାଲୋରିଯୁକ୍ତ ଖାଦ୍ୟପେୟ ଭୋକ ମେଣ୍ଟାଇବା ପାଇଁ ନୁହେଁ, ବରଂ ମାନସିକ ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରିଥାଏ, ଯାହାକୁ ଇମୋଶନାଲ୍ ଇଟିଂ ବା ଷ୍ଟ୍ରେସ୍ ଇଟିଂ ବୋଲି କୁହାଯାଇଥାଏ।

**ଉପୁଜାଏ ସ୍ୱାସ୍ଥ୍ୟ ସମସ୍ୟା:** ଷ୍ଟ୍ରେସ୍ ଥିବା ବେଳେ ମନକୁ ହାଲୁକା କରିବା ଲାଗି ଖାଉଥିବା ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ସାଜିଥାଏ। ଏଭଳି ଖାଦ୍ୟରେ ଥିବା ଅଧିକ ଲୁଣ, ତେଲ, ମସଲା ଏବଂ ଫ୍ୟାଟ୍ ଶରୀରରେ ସୁଗାର୍, କୋଲେଷ୍ଟରଲ୍ ଏବଂ ବ୍ଲଡ୍‌ପ୍ରେସର ବଢ଼ାଇଥାଏ, ଯାହାକି ଧୀରେ ଧୀରେ ଅନ୍ୟାନ୍ୟ ଶାରୀରକ ସମସ୍ୟାର କାରଣ ସାଜିଥାଏ।

**ହର୍ମୋନାଲ୍ ପ୍ରଭାବ:** ଷ୍ଟ୍ରେସ୍ ଏବଂ କ୍ରେଭିଙ୍ଗ୍ ବା ଚିନ୍ତାରେ ଥିବା ବେଳେ ଏଭଳି ଖାଦ୍ୟ ପ୍ରତି ଆଗ୍ରହ ବଢ଼ିବା ମଧ୍ୟ ହର୍‌ମୋନ୍ ଅସନ୍ତୁଳନ କାରଣରୁ ହୋଇଥାଏ। କାରଣ ମଣିଷ ଯେତେବେଳେ ମାନସିକ ଚାପରେ ଥାଏ, ଶରୀରରେ କର୍ଟିସୋଲ୍ ନାମକ ଷ୍ଟ୍ରେସ୍ ହର୍‌ମୋନ ସ୍ତର ବୃଦ୍ଧି ପାଇଥାଏ। ଏହି ହର୍‌ମୋନ ଶରୀରରେ ଫାଇଟ୍ ମୋଡ୍ ସକ୍ରିୟ କରିଦିଏ। ମସ୍ତିଷ୍କ ଏହି ବିପଦର ସଂକେତ ପଠାଇବା ମାତ୍ରେ ଶରୀରକୁ ଏହା ସହ ଲଢ଼ିବାର କ୍ଷମତାକୁ ସକ୍ରିୟ କରିବା ଲାଗି ତତ୍‌କ୍ଷଣାତ୍ ଊର୍ଜା ଆବଶ୍ୟକ କରିଥାଏ। ତୁରନ୍ତ ଏହି ଊର୍ଜା ପାଇବା ଲାଗି ମସ୍ତିଷ୍କ ଏଭଳି ହାଇ କ୍ୟାଲୋରିଯୁକ୍ତ ଖାଦ୍ୟର ଡିମାଣ୍ଡ କରିଥାଏ, ଯାହାକୁ ଖାଇବା ପରେ ମସ୍ତିଷ୍କରେ ସେରୋଟୋନିନ୍ ନାମକ ହର୍‌ମୋନ୍‌ର ସ୍ତର ଅସ୍ଥାୟୀ ରୂପେ ବୃଦ୍ଧି ପାଇଥାଏ ; ଯାହାକୁ ଫିଲ୍ ଗୁଡ୍





ହର୍‌ମୋନ୍ ବୋଲି କୁହାଯାଇଥାଏ। ଏହାଦ୍ୱାରା ମନ ତୁରନ୍ତ ଷ୍ଟ୍ରେସ୍ ଫ୍ରି ଅନୁଭବ କରିଥାଏ। ଆଉ ଏହିସବୁ ମସ୍ତିଷ୍କ ମନେରଖିଦିଏ ଏବଂ ପରବର୍ତ୍ତୀ ସମୟରେ ପୁନର୍ବାର ଷ୍ଟ୍ରେସ୍ ଆସିଲେ ଫିଲ୍–ଗୁଡ୍ ବା ରିଲାକ୍ସ ଫିଲ୍ କରିବା ଲାଗି ଏଭଳି ଖାଦ୍ୟର ଡିମାଣ୍ଡ କରିଥାଏ।

**କିପରି ଚିହ୍ନିବେ:** ଭୋକ ଲାଗିବାବେଳେ ପାଟିକୁ ସ୍ୱାଦିଷ୍ଟ ଲାଗୁଥିବାରୁ ଏଭଳି ଖାଦ୍ୟ ଖାଇବାକୁ ଇଚ୍ଛା ହେଉଛି ନା ଭାରାକ୍ରାନ୍ତ ମନକୁ ରିଲାକ୍ସ କରିବା ଲାଗି ମସ୍ତିଷ୍କ ଏଭଳି ଖାଦ୍ୟର ଡିମାଣ୍ଡ କରୁଛି, ଏହା ମଧ୍ୟରେ ଥିବା ପାର୍ଥକ୍ୟ ଚିହ୍ନିବାକୁ ଚେଷ୍ଟା କରନ୍ତୁ।

– ପେଟର ଭୋକ ବା ଶାରୀରିକ ଭୋକ ଧୀରେ ଧୀରେ ବଢ଼ିଥାଏ ଏବଂ ଯେକୌଣସି ପୌଷ୍ଟିକ ଖାଦ୍ୟ ଖାଇବା ଦ୍ୱାରା ଏହା ଶାନ୍ତ ହୋଇଯାଏ। ଥରେ ପେଟ ଭରିଗଲେ ଆଉ ଖାଇବାକୁ ଇଚ୍ଛା ହୁଏ ନାହିଁ କିମ୍ବା ଖାଇବା ପରେ ଏହା କାହିଁକି ଖାଇଲି ଭଳି ଅପରାଧ ବୋଧ ଅନୁଭବ ହୁଏ ନାହିଁ।

– ହେଲେ ଅପରପକ୍ଷେ ଭାବନାତ୍ମକ ଭୋକ ବା ଇମୋଶନାଲ୍ ଇଟିଂ କ୍ରେଭିଙ୍ଗ୍ ହଠାତ୍ ଖୁବ୍ ଜୋର୍‌ରେ ବଢ଼ିଥାଏ ଏବଂ କୌଣସି ନିର୍ଦ୍ଦିଷ୍ଟ ଖାଦ୍ୟ ଖାଇବାର ଇଚ୍ଛାକୁ ତୀବ୍ର କରିଥାଏ, ଯାହାକି ପେଟ ଭରିଯିବା ପରେ ମଧ୍ୟ ଶାନ୍ତ ହୋଇ ନ ଥାଏ ଏବଂ ଅଜାଣତରେ ଅଧିକରୁ ଅଧିକ ଖାଇ ହୋଇଯାଏ। ପରେ ଯେବେ ଜାଣିହୁଏ ଏତେ କାହିଁକି ଖାଇଲି, ଏଭଳି ଖାଦ୍ୟ ଅଧିକ ଖାଇବାର ନ ଥିଲା ଭଳି ଭାବନା ଯୋଗୁ ନିଜକୁ ଖରାପ ଲାଗିଥାଏ।

**କିପରି ଦୂରାଇବେ:** କେଉଁ ଭାବନା ନିଜକୁ ଏଭଳି ଖାଦ୍ୟ ପ୍ରତି ପ୍ରେରିତ କରୁଛି, ତାହା ପ୍ରଥମେ ନିଜେ ଜାଣିବାକୁ ଚେଷ୍ଟା କରନ୍ତୁ। ଯେବେ କୌଣସି କାରଣ ପାଇଁ ଚିନ୍ତିତ ଅଛନ୍ତି ଅବା ମନ ଅବସାଦଗ୍ରସ୍ତ ଅଛନ୍ତି ଏବଂ ସେ ସମୟରେ କିଛି ଖାଇବାକୁ ଇଚ୍ଛା ହେଉଛି, ତେବେ ନ ଖାଇ କିଛି ସମୟ ବୁଲାବୁଲି କରନ୍ତୁ, ମ୍ୟୁଜିକ୍ ଶୁଣନ୍ତୁ, ସାଙ୍ଗସାଥୀଙ୍କ ସହ କଥା ହୁଅନ୍ତୁ। ଘରେ ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ରଖନ୍ତୁ ନାହିଁ। ରାତିରେ ଅଧିକ ସମୟ ଚେଇଁ ରହିବା ଏବଂ ଷ୍ଟ୍ରେସ୍ ଫ୍ରି ଫିଲ୍ କରିବା ଲାଗି ଚିପ୍ସ ଆଦି ଖାଇବାଠାରୁ ନିଜକୁ ନିବୃତ୍ତ ରଖନ୍ତୁ। କେଉଁ କଥା ପାଇଁ ଆପଣ ଚିନ୍ତିତ ରହୁଛନ୍ତି ତା'କୁ ଜାଣନ୍ତୁ ଏବଂ ଖାଦ୍ୟ ଦ୍ୱାରା କିଛି ସମୟ ପାଇଁ ଅସ୍ଥାୟୀ ଭାବେ ଏହି ଭାବନା ଦୂରେଇବା ବଦଳରେ ତାହାର ସ୍ଥାୟୀ ସମାଧାନ କରିବାକୁ ଚେଷ୍ଟା କରନ୍ତୁ। ଅତି କମ୍‌ରେ ୭–୮ ଘଣ୍ଟା ଶୁଅନ୍ତୁ। ମାନସିକ ଚିନ୍ତା, ଅବସାଦ ଆଦି ଠାରୁ ଦୂରେଇ ରହିବା ଲାଗି ଯୋଗ, ପ୍ରାଣାୟାମ, ଧ୍ୟାନ ଆଦି ସବୁଠୁ ଭଲ ମାଧ୍ୟମ। ତେଣୁ ପ୍ରତିଦିନ ଯୋଗ ବ୍ୟାୟାମ କରନ୍ତୁ, ଯାହାକି ଆପଣଙ୍କ ଷ୍ଟ୍ରେସ୍ ହର୍‌ମୋନ ନିୟନ୍ତ୍ରଣ କରିବା ସହ ଇମୋଶନାଲ୍ ଇଟିଂ ଇଚ୍ଛାକୁ କମ୍ କରିବ।



## ଜାଣନ୍ତୁ ଦୁନିଆ

# କରଣୀ ମାତା ମନ୍ଦିର



**ଭାରତରେ ଥିବା ବିଭିନ୍ନ ମନ୍ଦିର ଓ ଧାର୍ମିକସ୍ଥଳ ପଛରେ ଅନେକ ଚମତ୍କାରୀ କଥା ଏବଂ ପରମ୍ପରା ଲୁଚି ରହିଛି। ରାଜସ୍ଥାନର ବିକାନେର୍ ଜିଲାରେ ଥିବା କରଣୀ ମାତା ମନ୍ଦିର ମଧ୍ୟ ଏଭଳି କିଛି ନିଆରା ମାନ୍ୟତାକୁ ନେଇ ପୃଥିବୀ ପ୍ରସିଦ୍ଧ। ଜାଣିବା ଏହି ମନ୍ଦିର ସମ୍ପର୍କରେ କିଛି ରୋଚକ ତଥ୍ୟ...**

❖ଏହି ମନ୍ଦିର କରଣୀ ମାତାଙ୍କୁ ସମର୍ପିତ। କୁହାଯାଏ, ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ କରଣୀ ମାତା ନାମକ ଜଣେ ସନ୍ଥ ଥିଲେ ; ଯାହାଙ୍କୁ ମା' ଦୁର୍ଗାଙ୍କ ଅବତାର ବୋଲି ବିଶ୍ୱାସ କରାଯାଏ। ସେ ଜଣେ ତପସ୍ୱିନୀ ଭାବେ ଜୀବନ ବିତାଉଥିଲେ ଏବଂ ତାଙ୍କ ପାଖରେ ଅନେକ ଚମତ୍କାରୀ ଶକ୍ତି ଥିଲା। ତେଣୁ ସେବେଠୁ ତାଙ୍କୁ ମା'ଙ୍କ ଅବତାର ଭାବେ ପୂଜା କରାଯାଉଛି।

❖ଏହି ମନ୍ଦିରରେ ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ମୂଷା ଅଛନ୍ତି, ଯାହାଙ୍କୁ ସ୍ଥାନୀୟ ଭାଷାରେ କାବା କୁହାଯାଏ। ମନ୍ଦିର ପରିସରରେ ଏମାନେ ସ୍ୱତନ୍ତ୍ର ଭାବେ ବୁଲିଥାନ୍ତି। ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ ପାଇଁ ଆସିଲେ ମୂଷାମାନଙ୍କୁ କ୍ଷୀର ଏବଂ ମିଠା ପ୍ରସାଦ ଖାଇବାକୁ ଦେଇଥାନ୍ତି, ଆଉ ସେହି ପ୍ରସାଦକୁ ଖୁବ୍ ପବିତ୍ର ବୋଲି ବିଶ୍ୱାସ କରାଯାଏ।

❖କିମ୍ବଦନ୍ତୀ ଅନୁସାରେ, ସେଠାରେ ଦେଖିବାକୁ ମିଳୁଥିବା ମୂଷାଙ୍କ ଭିତରେ ଥିବା ଧଳା ମୂଷାମାନେ ଅଧିକ ପବିତ୍ର, କାରଣ ଏହାଙ୍କୁ କରଣୀ ମାତାଙ୍କ ଅବତାର ବୋଲି ବିଶ୍ୱାସ କରାଯାଏ। ଯଦି କୌଣସି ଶ୍ରଦ୍ଧାଳୁଙ୍କୁ ଧଳା ମୂଷା ଦେଖିବାକୁ ମିଳିଯାଏ, ତେବେ ତାହା ସୌଭାଗ୍ୟର କଥା ହୋଇଥାଏ।

❖ସେଠାରେ ଥିବା ମୂଷାଙ୍କୁ ଜାଣିଶୁଣି କ୍ଷତି ପହଞ୍ଚାଇବା ତ ଦୂରର କଥା ଭୁଲ୍‌ବଶତଃ ଆଘାତ କଲେ ଗମ୍ଭୀର ପାପ ଲାଗେ ବୋଲି ଗ୍ରହଣ କରାଯାଇଥାଏ। ଭୁଲ୍‌ରେ ସୁଦ୍ଧା କୌଣସି ମୂଷାର ମୃତ୍ୟୁ ଯଦି ଭକ୍ତଙ୍କ ଦ୍ୱାରା ହୋଇଯାଏ, ତେବେ ଏହାର ପ୍ରାୟଶ୍ଚିତ୍ତ ନିମନ୍ତେ ମନ୍ଦିରରେ ଏକ ସୁନା ମୂଷା ଦାନ କରିବାକୁ ପଡ଼ିଥାଏ।

❖କୁହାଯାଏ, କରଣୀ ମାତାଙ୍କର ସବା ସାନ ପୁଅ ଲକ୍ଷ୍ମଣଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଥିଲା। ତେଣୁ ସେ ଲକ୍ଷ୍ମଣ ସହିତ ତାଙ୍କ ବଂଶରେ ପୂର୍ବରୁ ମୃତ୍ୟୁବରଣ କରିଥିବା ଅନେକ ପୁତ୍ରଙ୍କୁ ଜୀବିତ କରିବା ପାଇଁ ଯମରାଜଙ୍କୁ ପ୍ରାଥନା କଲେ। ପ୍ରଥମେ ଯମ ଏକଥାରେ ରାଜି ହୋଇ ନ ଥିଲେ, ହେଲେ ପରବର୍ତ୍ତୀ ସମୟରେ ସେ କରଣୀମାତାଙ୍କୁ ଲକ୍ଷ୍ମଣ ସହ ଅନ୍ୟ ପୁଅମାନଙ୍କୁ ମୂଷା ରୂପରେ ପୁନର୍ଜନ୍ମ ଦେଇଥିଲେ। ସେବେଠୁ ସେହି ମନ୍ଦିରରେ ମୂଷା ରହିଆସୁଛନ୍ତି ଏବଂ ସେମାନଙ୍କର ଖାସ୍ ମହତ୍ତ୍ୱ ବି ରହିଛି।



❖୨୦ ଶତାବ୍ଦୀ ଆରମ୍ଭରେ ବିକାନେରର ମହାରାଜା ଗଙ୍ଗା ସିଂହ ଏହି ମନ୍ଦିର ନିର୍ମାଣ କରାଇଥିଲେ। ଏହାର ଦ୍ୱାରରେ ଚାନ୍ଦିର କବାଟ ଲଗାଯାଇଛି, ଯେଉଁଥିରେ ଦେବୀଙ୍କ ବିଷୟରେ ବିଭିନ୍ନ କଥା ଖୋଦିତ ରହିଛି। ଏହି ମନ୍ଦିରକୁ ଧଳା ମାର୍ବଲରେ ମୋଗଲ୍ ଶୈଳୀରେ ପ୍ରସ୍ତୁତ କରାଯାଇଛି।

## ଏ ସପ୍ତାହର ପ୍ରଶ୍ନ ?

୧– ନିକଟରେ ଆଗ୍ନେୟ ଉଦ୍‌ଗିରଣ ପାଇଁ ଚର୍ଚ୍ଚାରେ ଥିବା ବ୍ୟାରେନ୍ ଆଇସ୍‌ଲାଣ୍ଡ .......... ସମୁଦ୍ରରେ ଅବସ୍ଥିତ ?

୨– ଆଦି ଯୁବ ଫେଲୋଶିପ୍ ଏବଂ ଆଦି କର୍ମଜୀବୀ ଭଲ୍ୟୁଣ୍ଟିଅର୍ସ ପ୍ରୋଗ୍ରାମ୍ ........... ପକ୍ଷରୁ ଆରମ୍ଭ କରାଯାଇଛି ?

୩– ପୃଥିବୀର ସବୁଠୁ ବଡ଼ ସରକାରଙ୍କ ଦ୍ୱାରା ପାଣ୍ଠି ପ୍ରଦାନ କରାଯାଉଥିବା ହେଲ୍‌ଥ ଇନସ୍ୟୁରାନ୍ସ ସ୍କିମ୍ .............. ?

୪– ବିଦେଶରୁ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଟ୍ୟାଲେଣ୍ଟଙ୍କୁ ଆକୃଷ୍ଟ କରିବା ଲାଗି .......... ଦେଶ 'କେ ଭିଜା' ନାମକ ଏକ ସ୍ୱତନ୍ତ୍ର ଭିଜା ଆରମ୍ଭ କରିଛି ?

୫– .......... ଖେଳରେ ଡିସିଜନ୍ ରେଫରାଲ୍ ସିଷ୍ଟମ୍ ବ୍ୟବହାର କରାଯାଏ ?

## ଗତ ଥରର ଉତ୍ତର

୧ ନ୍ୟାଶନାଲ୍ ମେରିଟାଇମ୍ ହେରିଟେଜ୍ କମ୍ପ୍ଲେକ୍ସ।

୨ ଇଣ୍ଡିଆନ୍ ନାଭାଲ୍ ଏୟାର ଷ୍ଟେଶନ୍

୩ ଇଣ୍ଡୋନେସିଆ

୪ ବାଲ୍‌ଟିକ୍ ସି

୫ ଚାଇନା

## ଉତ୍ତର ଦାତା



ପ୍ରଦୀପ କୁମାର ନାଏକ, ବଲାଙ୍ଗୀର



ନିର୍ବିକଳ୍ପ ନାଥ ଘଣ୍ଟେଶ୍ୱର



ମାନସ ପଟ୍ଟନାୟକ, ଭୁବନେଶ୍ୱର

## ଟପ୍ ଟେନ୍ ୧୦

### ପୃଥିବୀର ଦାମୀ ପାଣି ବୋତଲ



୧ .......... ଆକ୍ୱା ଡି କ୍ରିଷ୍ଟାଲୋ ଟ୍ରିବ୍ୟୁଟୋ ଏ ମୋଡିଗ୍ଲିଆନି

୨ .......... ଫିଲିକୋ ଜୁଏଲେରି ୱାଟର

୩ .......... ବେଭର୍ଲୀ ହିଲ୍ସ 90H2O ଡାଇମଣ୍ଡ ଏଡିଶନ୍

୪ .......... ବ୍ଲିଙ୍ଗ୍ H2O

୫ .......... ସାଲ୍‌ବାରୋଇ ପୋଲାର ଆଇସ୍‌ବର୍ଗ ୱାଟର

୬ .......... ଓ ଆମାଜନ୍

୭ .......... ଉସ୍‌ଜେ ସୋର୍ସ

୮ .......... ମାଇନସ୍ ୧୮୧

୯ .......... ବର୍ଗ

୧୦ .......... ବିଏଲ୍‌ଭିଡି

ଯୁବ ପ୍ରତିଭା

# ପାଠ ସହିତ ଖେଳ ଓ ଗୀତରେ ମାହିର ବିଷ୍ଣୁପ୍ରିୟା

ବେଶଭୂଷା ପରିପାଟୀରେ ପୁଅଙ୍କ ପରି ଦିଶୁଥିଲେ ହେଁ କଣ୍ଠରୁ ଶୁଭେ ସୁଲଳିତ ସ୍ୱର । କେବଳ ସଙ୍ଗୀତ ନୁହେଁ, ଖେଳ ସହିତ ପାଠରେ ମଧ୍ୟ ସେ ବେଶ୍ ଆଗୁଆ । ଝିଅମାନେ ସମସ୍ତେ ସ୍କୁଟି ଚଳାଇ ପାରିବେ, କିନ୍ତୁ ବାଇକ୍ ଚଳାଇବାର ମଜା କିଛି ନିଆରା ବୋଲି କହୁଥିବା ଯୁବତୀ ହେଉଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ପଞ୍ଚାୟତ ରିଆ ଅଞ୍ଚଳର ଗୀତାରାଣୀ ଓ ଗୋପାଳ ପ୍ରସାଦ ସାହୁଙ୍କ ବଡ଼ଝିଅ ବିଷ୍ଣୁପ୍ରିୟା ।

ଉଭୟ ମା' ଓ ବାପା ପେସାରେ ଶିକ୍ଷକ। ପିଲାବେଳୁ ବିଷ୍ଣୁପ୍ରିୟାଙ୍କ ଗୀତ ଗାଇବା ପ୍ରତି ଆଗ୍ରହ ଦେଖି ସେମାନେ ସମସ୍ତ ପ୍ରୋତ୍ସାହନ ଯୋଗାଇ ଦେଇଥିଲେ। ପଞ୍ଚମ ଶ୍ରେଣୀରୁ ବିଷ୍ଣୁପ୍ରିୟା ବିଭିନ୍ନ ମଞ୍ଚରେ ଗୀତ ଗାଇବା ଆରମ୍ଭ କରିଥିଲେ । ନିଜ ଆଖପାଖରେ ଅନୁଷ୍ଠିତ ଉତ୍ସବରେ ଗୀତ ଗାଇବା ପାଇଁ ମା' ତାଙ୍କୁ ସାଙ୍ଗରେ ନେଇଯାଉଥିଲେ । ପରେ ଲୋକମାନଙ୍କ ପ୍ରଶଂସା ତାଙ୍କୁ ଗାଇବାର ପ୍ରେରଣା ଯୋଗାଇଥିଲା। ୨୦୨୪ରେ ସିମୁଳିଆ କଲେଜରୁ ଯୁକ୍ତତିନି ପାସ୍ କରିବା ପରେ ସେ ଏବେ ଶିକ୍ଷକତା କରିବା ପାଇଁ ତୁଡିଗଡିଆ ସିଟି ସ୍କୁଲରେ ପାଠ ପଢୁଛନ୍ତି। ଶିକ୍ଷକତାକୁ ଜୀବନର ବ୍ରତ ରଖିଥିବା ବେଳେ ସିନେମାରେ ପ୍ଲେ ବ୍ୟାକ୍ ସିଙ୍ଗର ହେବା ଲକ୍ଷ୍ୟ ବୋଲି ସେ ପ୍ରକାଶ କରନ୍ତି। ମା' ତାଙ୍କର ପ୍ରଥମ ସଙ୍ଗୀତ ଗୁରୁ ହୋଇଥିବା ବେଳେ କଣ୍ଠଶିଳ୍ପୀ ସ୍ନେହଲତା ବେହେରାଙ୍କଠାରୁ ସେ ସଙ୍ଗୀତ ଶିକ୍ଷା କରୁଛନ୍ତି। ରକ୍ ପ୍ୟାଟର୍ନ ସଙ୍ଗ୍‌କୁ ଅଧିକ ଭଲ ପାଉଥିବା ବିଷ୍ଣୁପ୍ରିୟା ସିମୁଳିଆ ଓ ସୋର ମହୋତ୍ସବ ସମେତ ଜି–ସାର୍ଥକ ସିଜିନ ଫୋର୍ 'ମୁଁ ବି ନମିତା ଅଗ୍ରୱାଲ ହେବି'ରେ ଦ୍ୱିତୀୟ ବିଜେତା, ତରଙ୍ଗରେ ପ୍ରସାରିତ ଆମ ଗାଁର ସ୍ୱରରେ ବିଜେତା ମଧ୍ୟ ହୋଇ ପାରିଛନ୍ତି। ସେ ଜି–ସାର୍ଥକରେ ପ୍ରସାରିତ ସାରେଗାମାପା ଲିଟିଲ ଚାମ୍ପସ ଏବଂ ଭଏସ୍ ଅଫ୍ ଓଡ଼ିଶା ଜୁନିୟର ବିଭାଗରେ ନିଜର କଣ୍ଠସ୍ୱରରେ ଦର୍ଶକଙ୍କ ହୃଦୟ ଜିଣି ପାରିଛନ୍ତି। ତେବେ କେବଳ ଏତିକି ନୁହେଁ, ବିଭିନ୍ନ ସ୍ଥାନରେ ସଙ୍ଗୀତ ପରିବେଷଣ କରି ସେ ଶହେରୁ ଊର୍ଦ୍ଧ୍ୱ ସାର୍ଟିଫିକେଟ୍ ଏବଂ ପୁରସ୍କାର ପାଇଛନ୍ତି। ଅଭିନେତା ତଥା କଣ୍ଠଶିଳ୍ପୀ ବାବୁସାନ ମହାନ୍ତି ଏବଂ ନମିତା ଅଗ୍ରୱାଲଙ୍କୁ ସେ ନିଜର ପସନ୍ଦର କଣ୍ଠଶିଳ୍ପୀ ରୂପେ ମାନନ୍ତି। ସେ କେବଳ ସଂଗୀତ କ୍ଷେତ୍ରରେ ନୁହେଁ, କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ସେ ନିଜର ପାରଦର୍ଶିତା ପ୍ରଦର୍ଶନ କରିସାରିଛନ୍ତି ଏବଂ ଜଣେ ମେଧାବୀ ଛାତ୍ରୀ ମଧ୍ୟ। ସେ ଜିଲା ଓ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ମଧ୍ୟ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ତେବେ ଅନ୍ୟମାନଙ୍କଠାରୁ ଡିଫରେଣ୍ଟ ଦେଖାଯିବା ଆଳରେ ସର୍ବଦା ପୁଅ ପିଲାଙ୍କ ପରି ହେୟାର ଷ୍ଟାଇଲ ଓ ପୋଷାକ ପିନ୍ଧିବାକୁ ସେ ପସନ୍ଦ କରନ୍ତି। ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଗୀତ ସୃଷ୍ଟି ହେବା ଆବଶ୍ୟକ ଓ ସଂଗୀତ କ୍ଷେତ୍ରରେ କ୍ୟାରିୟର ଗଢ଼ିବା ଲାଗି ଅନେକ ସୁଯୋଗ ରହିଥିବାରୁ ଏଥିପ୍ରତି ଆଗ୍ରହୀ ପିଲାମାନେ ଛୋଟବେଳୁ ସଙ୍ଗୀତ ସାଧନା କଲେ ଏ କ୍ଷେତ୍ରରେ ବହୁତ ଆଗକୁ ଯାଇପାରିବେ ବୋଲି ସେ ମତବ୍ୟକ୍ତ କରନ୍ତି।



– **ସନ୍ତୋଷ ନାୟକ**

ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୨ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୫ ଅକ୍ଟୋବର, ୨୦୨୫ | Bhubaneswar, Sunday, 5 October, 2025

# ଭାରତର ଇନିଂସ ବିଜୟ

## ପ୍ରଥମ ଟେଷ୍ଟ: ୩ ଦିନରେ ୱେଷ୍ଟଇଣ୍ଡିଜ ପରାସ୍ତ

## ରବୀନ୍ଦ୍ର ଜାଡେଜା ପ୍ଲେୟର ଅଫ୍ ଦି ମ୍ୟାଚ

**ଅହମଦାବାଦ, ୪।୧୦**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଏଠାରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟ ୩ ଦିନରେ ଶେଷ ହୋଇଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଫେଲ୍ ମାରିଥିବା ୱେଷ୍ଟଇଣ୍ଡିଜକୁ ଭାରତ ଏକ ଇନିଂସ ଓ ୧୪୦ ରନରେ ପରାସ୍ତ କରିଛି। ଅଲ୍ ରାଉଣ୍ଡ ପ୍ରଦର୍ଶନ ପାଇଁ ରବୀନ୍ଦ୍ର ଜାଡେଜା (୧୦୪* ରନ, ୪/୫୪) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଭାରତ ଏହି ଟେଷ୍ଟରୁ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଲାଗି ୧୨ ପଏଣ୍ଟ ହାସଲ କରିଥିବାବେଳେ ୨ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।

ତୃତୀୟ ଦିବସ ସକାଳେ ଭାରତ ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୪୪୮/୫ରେ ହିଁ ଇନିଂସ ଘୋଷଣା କରିଥିଲା। ତେବେ ପ୍ରଥମ ଇନିଂସ ପରି ଦ୍ୱିତୀୟ ଇନିଂସରେ ମଧ୍ୟ ୱେଷ୍ଟଇଣ୍ଡିଜ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୪୬ ରନରେ ଅଲ୍ଆଉଟ ହୋଇଯାଇଥିଲା। ଭ୍ରମଣକାରୀ ଦଳର ଇନିଂସ ମାତ୍ର ୪୫.୧ ଓଭର ତିଷ୍ଠି ଥିବାବେଳେ ଆଲିକ ଆଥାନାଜେ ସର୍ବାଧିକ ୩୮ ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଜାଡେଜା ୪ଟି, ମହମ୍ମଦ ସିରାଜ ୩ଟି, କୁଲଦୀପ ଯାଦବ ୨ଟି ଏବଂ ୱାଶିଂଟନ ସୁନ୍ଦର ଗୋଟିଏ ଉଇକେଟ ନେଇ ୱେଷ୍ଟଇଣ୍ଡିଜର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଟେଷ୍ଟରେ ମୋଟ ୧୭ଟି ଇନିଂସ ବିଜୟ ଦେଖିବାକୁ ମିଳିଛି। ବିଂଶ ଶତାବ୍ଦୀରେ ୱେଷ୍ଟଇଣ୍ଡିଜ ୯ ଥର ଇନିଂସ ବିଜୟୀ ହୋଇଥିବାବେଳେ ଏକବିଂଶ ଶତାବ୍ଦୀରେ ଭାରତ ଅବଶିଷ୍ଟ ୮ ଥର ଯାକ ଇନିଂସ ବିଜୟ ହାସଲ କରିଛି। ଏଥିରୁ ଟେଷ୍ଟ କ୍ରିକେଟରେ ୱେଷ୍ଟଇଣ୍ଡିଜର ପତନ ସ୍ପଷ୍ଟ ବାରି ହୋଇପଡୁଛି। ଗତ ୧୫ଟି ଇନିଂସରେ ୱେଷ୍ଟଇଣ୍ଡିଜ ମାତ୍ର ୨ ଥର ୨୦୦ ରନ ଅତିକ୍ରମ କରିବାକୁ ସକ୍ଷମ ହୋଇଛି।



ଉଇକେଟ ନେବାପରେ ଉଲ୍ଲସିତ ମହମ୍ମଦ ସିରାଜ।



ରବୀନ୍ଦ୍ର ଜାଡେଜା (ଡାହାଣ)ଙ୍କୁ ଅଧିନାୟକ ଶୁବମନ ଗିଲ୍ଙ୍କ ବଧେଇ।

ଭାରତ ମାଟିରେ ୱେଷ୍ଟଇଣ୍ଡିଜ ଗତ ୫ଟି ଯାକ ଟେଷ୍ଟରେ ପରାଜିତ ହୋଇଛି। ସବୁଯାକ ମ୍ୟାଚ ତୃତୀୟ ଦିବସରେ ହିଁ ଶେଷ ହୋଇଛି। ଏଥିରୁ ଭାରତ ୪ଟିରେ ଇନିଂସ ବିଜୟ ଏବଂ ଗୋଟିଏରେ ୧୦ ଉଇକେଟରେ ବିଜୟ ହାସଲ କରିଛି।

ଏହାକୁ ମିଶାଇ ଘରୋଇ ମାଟିରେ ଜାଡେଜା ସର୍ବାଧିକ ୧୦ ଥର ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଜିତିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଅନିଲ କୁମ୍ବଲେ ୯ ଏବଂ ବିରାଟ କୋହଲି ଓ ସଚିନ ତେନ୍ଦୁଲକର ୮ ଥର ଲେଖାଏ ଏହି ସଫଳତା ପାଇଛନ୍ତି। ଓଭରଅଲ୍ ସଚିନ ସର୍ବାଧିକ ୧୪ଥର ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି। ରାହୁଲ ଦ୍ରାଭିଡ ଓ ଜାଡେଜା ୧୧ଥର ଏବଂ ରବିଚନ୍ଦ୍ରନ ଅଶ୍ୱିନ ଓ କୋହଲି ୧୦ ଥର ଲେଖାଏ ଏହି ସଫଳତା ପାଇଛନ୍ତି।

### ସଂକ୍ଷିପ୍ତ ସ୍କୋର

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୬୨/ଅଲ୍ଆଉଟ। ଭାରତ ପ୍ରଥମ ଇନିଂସ: ୪୪୮/୫ (ଘୋଷଣା)। ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୧୪୬/ଅଲ୍ଆଉଟ (ଆଲିକ ଆଥାନାଜେ-୩୮, ରବୀନ୍ଦ୍ର ଜାଡେଜା-୪/୫୪, ମହମ୍ମଦ ସିରାଜ-୩/୩୧, କୁଲଦୀପ ଯାଦବ-୨/୨୩, ୱାଶିଂଟନ ସୁନ୍ଦର-୧/୧୮)।

# ଭାରତୀୟ ଦିନିକିଆ ଦଳରେ ବଡ଼ ପରିବର୍ତ୍ତନ

## ଜାଡେଜା ବାଦ୍, ନଜରରେ ରୋହିତ-କୋହଲି

**ଅହମଦାବାଦ,୪।୧୦(ପି.ଟି.)**

ଯୁବ ବ୍ୟାଟର ଶୁବମନ ଗିଲ୍ ଭାରତୀୟ ଦିନିକିଆ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ସ୍ଥାନ ନେଇଛନ୍ତି। ଆସନ୍ତା ୧୯ ତାରିଖରୁ ଅଷ୍ଟ୍ରେଲିଆରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଓ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳାଯିବ। ଉଭୟ ସିରିଜ୍ ଲାଗି ଶନିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଶ୍ରେୟସ ଆୟରଙ୍କୁ ଦିନିକିଆ ଦଳର ଉପ ଅଧିନାୟକ ଦାୟିତ୍ୱ ଦିଆଯାଇଥିବା ବେଳେ ରୋହିତ ଓ ବିରାଟ କୋହଲି ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଦୁଇ ଷ୍ଟାର ବ୍ୟାଟର ଟେଷ୍ଟ ଓ ଟି୨୦ ଫର୍ମାଟରୁ ଅବସର ନେଇସାରିଛନ୍ତି। ପ୍ରିମିୟର ପେସର ଯଶପ୍ରୀତ ବୁମରାଙ୍କୁ ଦିନିକିଆ ସିରିଜ୍ରୁ ବିଶ୍ରାମ ଦିଆଯାଇଥିବା ବେଳେ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ଅନ୍ୟପକ୍ଷରେ ଭେଟେରାନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଦିନିକିଆ ଦଳରୁ ବାଦ୍ ପଡ଼ିଛନ୍ତି। ନିକଟରେ ଶେଷ ହୋଇଥିବା ଏସିଆ କପ୍ରେ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଉଭୟ ଦିନିକିଆ ଓ ଟି୨୦ ଦଳରୁ ବାଦ୍ ଦିଆଯାଇଛି। ତାଙ୍କ ଅନୁପସ୍ଥିତିରେ ନୀତୀଶ କୁମାର ରେଡ୍ଡୀଙ୍କୁ ଦଳରେ ସାମିଲ କରାଯାଇଛି। ଏହା ବ୍ୟତୀତ ଏସିଆ କପ୍ ଜିତିଥିବା ଟି୨୦ ଦଳରେ ବିଶେଷ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଦିନିକିଆ ସିରିଜ୍ର ୩ ମ୍ୟାଚ୍ ଯଥାକ୍ରମେ ସିଡ୍ନୀ, ଆଡିଲେଡ୍ ଓ ମେଲବୋର୍ନରେ ଖେଳାଯିବ।

### ଭାରତୀୟ ଦିନିକିଆ ଦଳ

ଶୁବମନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପ ଅଧିନାୟକ), ଅକ୍ଷର ପଟେଲ, ଲୋକେଶ ରାହୁଲ (ଉଇକେଟ କିପର), ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ ସିରାଜ, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା, ଧ୍ରୁବ ଜୁରେଲ (ଉଇକେଟ କିପର), ଯଶସ୍ୱୀ ଜୟସ୍ୱାଲ।



ରୋହିତ ଶର୍ମା

ବିରାଟ କୋହଲି

## ‘ଜାଡେଜା ଦିନିକିଆ ଯୋଜନାରେ ଅଛନ୍ତି’

ସ୍ପିନ ବୋଲିଂ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍ ଲାଗି ଘୋଷିତ ଭାରତୀୟ ଦଳରୁ ବାଦ୍ ପଡ଼ିଛନ୍ତି। ହେଲେ ସେ ଏବେ ଭାରତୀୟ ଦିନିକିଆ ଦଳର ଯୋଜନାରେ ରହିଥିବା ଏବଂ ତାଙ୍କୁ ଅଷ୍ଟ୍ରେଲିଆର କଣ୍ଡିଶନକୁ ଦୃଷ୍ଟିରେ ରଖି ଦଳରୁ ବାଦ୍ ଦିଆଯାଇଥିବା ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଶନିବାର କହିଛନ୍ତି।

ଅଷ୍ଟ୍ରେଲିଆରେ ଚୂଡ଼ାନ୍ତ ଏକାଦଶରେ ଦୁଇ ବାମହାତୀ ସ୍ପିନରଙ୍କୁ ଖେଳାଇବା ଅସମ୍ଭବ। କିନ୍ତୁ ଜାଡେଜା ସମ୍ପୂର୍ଣ୍ଣ ଭାବେ ଦିନିକିଆ ଦଳର ଯୋଜନାରେ ଅଛନ୍ତି। ତାଙ୍କୁ ଦଳରେ ସ୍ଥାନ ପାଇବା ପାଇଁ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ। ସେ ଚାମ୍ପିୟନ୍ସ ଟ୍ରଫି ଦଳରେ ଥିଲେ। କାରଣ ସେଠାକାର କଣ୍ଡିଶନକୁ ଦେଖି ଆମେ ଅତିରିକ୍ତ ସ୍ପିନରଙ୍କୁ ଦଳରେ ସାମିଲ କରିଥିଲୁ। କିନ୍ତୁ ଅଷ୍ଟ୍ରେଲିଆ ଟୁର ଲାଗି ଦଳରେ ସନ୍ତୁଳନ ରକ୍ଷା କରିବା ପାଇଁ ଆମେ ଦଳରେ କେବଳ ଜଣେ ବାମହାତୀ ସ୍ପିନରଙ୍କୁ ସାମିଲ କରିପାରିବୁ। ଦଳରେ ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବ ସ୍ଥାନ ପାଇଛନ୍ତି। ମୋ ମତରେ ଭାରତୀୟ ଦଳକୁ ଆଉ ସ୍ପିନରର ଆବଶ୍ୟକତା ନାହିଁ। କିନ୍ତୁ ଜାଡେଜା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ; କାରଣ ସେ ଦଳ ପାଇଁ ପ୍ରତ୍ୟେକ ବିଭାଗରେ ବ୍ୟାଟ, ବଲ ଓ ଫିଲ୍ଡିଂରେ ଭଲ ପ୍ରଦର୍ଶନ କରିଛନ୍ତି ବୋଲି ଅଗରକର ଦଳ ଘୋଷଣା ଲାଗି ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

### ଭାରତୀୟ ଟି୨୦ ଦଳ

ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ଶୁବମନ ଗିଲ୍ (ଉପ ଅଧିନାୟକ), ତିଲକ ବର୍ମା, ନୀତୀଶ କୁମାର ରେଡ୍ଡୀ, ଶିବମ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂ, ହର୍ଷିତ ରାଣା, କୁଲଦୀପ ଯାଦବ, ସଞ୍ଜୁ ସାମସନ (ଉଇକେଟ କିପର), ରିଙ୍କୁ ସିଂ ଓ ୱାଶିଂଟନ ସୁନ୍ଦର।





PRICE: ¯Ex-showroom, New Delhi of base variant in Lakh & up to 2 decimal points only. Range of Amaze includes 2nd generation and above. *TOTAL BENEFITS: T&C Apply. Amount includes applicable cash, exchange, corporate, extended warranty or any other applicable offer/ benefits. Available for limited period on select model and in select cities. Stock without benefits is also available. ^SCRATCH & WIN: T&C Apply. Not applicable for Tamil Nadu state. Scheme valid for limited period until stock available and in select cities only. Stock without offer is also available. Eligible customer shall be entitled to avail the Voucher/ Gift / Prize upon fulfilment of the T&C mentioned on scheme coupon available at authorized dealership. Voucher/ Gift / Prize cannot be substituted, exchanged, encashed or transferred. For more details, visit Honda Dealership. $FREE 7 YEAR WARRANTY: Standard 3 Year Warranty + Extended coverage for 4th to 7th Year from the date of purchase. Applicable on select models only. ¤10 YEAR ANYTIME WARRANTY: Extendable up to the maximum age of 10 years or 120000 kilometers by renewing every year and is applicable from the date of purchase of car. Please refer owner's manual and Warranty Document for more details. #CNG: Govt. approved CNG retrofitment kit is provided by third party. CNG Kit warranty and any other related terms and conditions are applicable as specified by third party. Applicable on select models only. Black glass appearance on vehicle is due to lighting effect. Alpha-Bold Plus Grille is not a standard fitment and an optional genuine accessory. Actual vehicle color, features, and specifications may vary from those shown and might not be part of standard fitment. Please check the availability of grades, colors, features, and offers at authorized dealerships. Honda Cars India Limited reserves the right to change or withdraw any colour, grade, feature, offers/ scheme or benefits without any prior notice. Scrappage benefits applicable on select models subject to receipt of valid certificate of deposit issued by RVSF. Honda SENSING (ADAS) cannot substitute human acumen and vigilance while driving. Honda Cars India Limited urges drivers to follow traffic rules which are meant to keep them safe on roads. For more information, please visit our authorized dealership or www.hondacarindia.com. For corporate sales enquiry please write to corporatesales@hondacarindia.com.

**AUTHORISED DEALERSHIPS** BHUBANESWAR: Central Honda (Unit-9) - 8657588464,9078000333, Highway Honda (Rudrapur) - 8657588896, Highway Honda (Lewis Road) - 8657589227, Highway Honda (Patia) - 8657589228, ANGUL: Central Honda - 8657588465, BALASORE: Highway Honda -8657731130, CUTTACK: Highway Honda - 8657589226, JAJPUR: Highway Honda (Panikoili) - 8657588901, ROURKELA: Krishna Honda (Beldihi) - 8657588922, SAMBALPUR: Central Honda - 8657588467,7682857806.


1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ